**ସଂକ୍ଷେପରେ**

## ପଞ୍ଚାୟତ ନିର୍ବାଚନରେ ଭାଗ ନେବ ଆପ୍

### ସବୁ ଆସନରେ ପ୍ରାର୍ଥୀ ଦେବ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** ଓଡ଼ିଶାରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଭାଗ ନେବ। ସବୁ ଆସନରେ ପ୍ରାର୍ଥୀ ବି ଦେବ। ଦୁଇଦିନିଆ ଓଡିଶା ଗସ୍ତରେ ଥିବା ଆପ୍‌ର ରାଜ୍ୟସଭା ସଦସ୍ୟ ତଥା ରାଜ୍ୟ ପ୍ରଭାରୀ ସଞ୍ଜୟ ସିଂ ଏନେଇ ବୁଧବାର ସୂଚନା ଦେଇଛନ୍ତି। ଦଳୀୟ କର୍ମୀଙ୍କ ସହ ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏନେଇ ଘୋଷଣା କରିଛନ୍ତି। ସଞ୍ଜୟ କହିଛନ୍ତି, ରାଜ୍ୟର ମୌଳିକ ସମସ୍ୟାକୁ ନେଇ ଆମ ଦଳ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବ। ପଞ୍ଚାୟତ ନିର୍ବାଚନରେ ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ସମସ୍ତ ଜିଲା ଗସ୍ତ କରିବେ। ସମସ୍ତ ଜିଲା ସଭାପତିଙ୍କୁ ପ୍ରାର୍ଥୀ ଚୟନ ପାଇଁ ଦାୟିତ୍ୱ ବଣ୍ଟନ କରିବେ। ସେପଟେ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ଆପ୍ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ରାଜ୍ୟରେ ଏତେ ଖଣିଜ ଥିଲେ ମଧ ରାଜ୍ୟ ସରକାର କୋଇଲାର କୃତ୍ରିମ ଅଭାବ ସୃଷ୍ଟି କରୁଥିବା ସଞ୍ଜୟ ଅଭିଯୋଗ କରିଛନ୍ତି। ସରକାର ଲୋକଙ୍କ ସୁବିଧା ପାଇଁ ସରକାରୀ ପ୍ରତିଷ୍ଠାନମାନ ପ୍ରତିଷ୍ଠା କରିଥାନ୍ତି, ହେଲେ ଓଡ଼ିଶା ସରକାର ୧୪୦୦ ସ୍କୁଲ ବନ୍ଦ କରିବାକୁ ଯାଉଛନ୍ତି। ବଢୁଥିବା ବିଜୁଳି ଦର ଏବଂ ସରକାରୀ ସ୍କୁଲ ବନ୍ଦ ନୀତିର ସେ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ମହାଲିଙ୍ଗ ସନ୍‌ସାଇନ୍ ସ୍କୁଲ୍ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାରେ ସଞ୍ଜୟ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେବେ ବିଶ୍ୱରଞ୍ଜନ ମଲ୍ଲିକ

**ବରୀ,୨୭।୧୦(ଡି.ଏନ.ଏ.):** କିଛିଦିନ ତଳେ ଭାଜପାରୁ ଇସ୍ତଫା ଦେଇଥିବା ବରୀ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବିଜୁ ଜନତା ଦଳ(ବିଜେଡି)ରେ ଯୋଗଦେବେ। ଏହି ମିଶ୍ରଣ ପର୍ବ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏନେଇ ବିଶ୍ୱରଞ୍ଜନ ବୁଧବାର ଗଣମାଧମ ଆଗରେ ପ୍ରକାଶ କରିଛନ୍ତି।



ସେ କହିଛନ୍ତି, ଭାଜପାରେ ରହି ବରୀ ଅଞ୍ଚଳର ବିକାଶ କରିବା ସମ୍ଭବ ହେଉ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକ୍ରମରେ ବରୀ ଅଞ୍ଚଳକୁ ସାମିଲ କରିବା କ୍ଷେତ୍ରରେ ଆବଶ୍ୟକତା ରହିଛି। ସେ ଏ ସମ୍ପର୍କରେ ତାଙ୍କ ରାମଚନ୍ଦ୍ରପୁରସ୍ଥିତ ବାସ ଭବନଠାରେ ନିଜ କର୍ମୀଙ୍କୁ ନେଇ ଆଲୋଚନା କରିଥିଲେ। କର୍ମୀମାନେ ତାଙ୍କ ସହ ରହି କାମ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ତେଣୁ ବରୀ ଅଞ୍ଚଳର ବିକାଶ ଓ ବିଜୁ ଜନତା ଦଳର ସଂଗଠନକୁ ମଜଭୁତ କରିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ପାଖରେ ଖବର ନାହିଁ: ସମୀର

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ମମିତା ମେହେର ହତ୍ୟାକାଣ୍ଡକୁ ଇତିମଧ୍ୟରେ ପାଖାପାଖି ୨୦ ଦିନ ବିତିଗଲାଣି।ଏଥିରେ ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ଭୂମିକା ରହିଥିବା ନେଇ ଅଭିଯୋଗ ହେଉଛି। ଏତେସବୁ ଘଟିବା ପରେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମୁଖ୍ୟମନ୍ତ୍ରୀ ଏ ସମସ୍ତ ଘଟଣା ବିଷୟରେ କିଛି ଜାଣି ନ ଥିବା ଭଳି ଲାଗୁଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ମମିତା ହତ୍ୟାକାଣ୍ଡରେ ପୋଲିସର ତଦନ୍ତ, ଲୋକଙ୍କ କଥା ଓ ସ୍ଥିତିରେ ତାଳମେଳ ନାହିଁ। ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଆସୁଛି। କଲେଜର ବିକାଶ ହୋଇଛି ହେଲେ ସେହି ଗାଁର କିଛି ଉନ୍ନତି ହୋଇନାହିଁ। ଲୋକଙ୍କ ମୌଳିକ



ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି (ବାମ) ଓ ପୀତାମ୍ବର ଆଚାର୍ଯ୍ୟ।

ସୁବିଧାକୁ ମନ୍ତ୍ରୀ ଗୁରୁତ୍ୱ ଦେଇନାହାନ୍ତି। ମହାଲିଙ୍ଗ କଲେଜ ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିବାରୁ କଲେଜକୁ ଅହେତୁକ ଅନୁକମ୍ପା ମିଳିଛି। ତେବେ ପୂର୍ବରୁ ଭାଜପା ମଧ ବିଜେଡି ସହ ୯ ବର୍ଷ ଶାସନରେ ଥିଲା। ସେତେବେଳେ ଯଦି କୌଣସି ମନ୍ତ୍ରୀଙ୍କ ନାଁରେ ଦୁର୍ନୀତିର ଅଭିଯୋଗ ଆସିବା ମାତ୍ରେ ମୁଖ୍ୟମନ୍ତ୍ରୀ ତୁରନ୍ତ ମନ୍ତ୍ରୀ ପଦରୁ ତାଙ୍କୁ ବହିଷ୍କାର କରୁଥିଲେ। ନଚେତ୍ ଇସ୍ତଫା ଦେବା ଲାଗି ବାଧ କରାଯାଉଥିଲା। ଏବେକାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ମିଥ୍ୟା ସତ୍ୟପାଠ ପାଇଁ ସେହି ସମୟରେ ମନ୍ତ୍ରୀ ପଦରୁ ବିଦା କରାଯାଇଥିଲା। କିନ୍ତୁ ଏବେ ମୁଖ୍ୟମନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏ ଘଟଣା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବୋଧେ ଖବର ନାହିଁ ଅଥବା ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଖବର ଦିଆଯାଉ ନାହିଁ। ନ ହେଲେ ମୁଖ୍ୟମନ୍ତ୍ରୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନେଇଥାଆନ୍ତେ ବୋଲି ସେ କହିଛନ୍ତି।

ସମୀର ଆହୁରି କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହେଲା। ୧୩ ନମ୍ବର ମୁଦାଲା ଭାବେ ଏଫ୍ଆଇଆର୍‌ରେ ମନ୍ତ୍ରୀଙ୍କ ନାଁ ଥିଲା। ମାତ୍ର ଚାର୍ଜଶିଟ୍ ବେଳକୁ ଆଇନମନ୍ତ୍ରୀଙ୍କ ନାଁକୁ ବାଦ୍ ଦିଆଗଲା। ପରେ ରିଏନ୍‌କ୍ୱାରି ପାଇଁ ସୁପାରିସ ହେବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଲାନାହିଁ। ଗୃହ ଓ ଆଇନ ମନ୍ତ୍ରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ନିଶ୍ଚିତ ଭାବେ ଚିନ୍ତାଜନକ। ଯେଉଁ କଲେଜରେ ଏହି ଘଟଣା ଘଟିଲା ତାହାକୁ ମମିତା ମେମୋରିଆଲ ନାଁରେ ଘୋଷଣା କରାଯାଉ ବୋଲି ସମୀର ଦାବି କରିଛନ୍ତି। ଭାଜପା ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ। ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

## ମମିତାଙ୍କ ପରିବାରକୁ ଭେଟିବେ ସୂର୍ଯ୍ୟେୱାଲା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାକୁ ନେଇ ବର୍ତ୍ତମାନ କଂଗ୍ରେସ ଏବଂ ଭାଜପାର କେନ୍ଦ୍ରୀୟ ନେତାଙ୍କୁ ଓଡ଼ିଶାରେ ଦେଖିବାକୁ ମିଳିବ। ଏହି କ୍ରମରେ ଏଆଇସିସି ସାଧାରଣ ସମ୍ପାଦକ ରଣଦୀପ ସୂର୍ଯ୍ୟେୱାଲା ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସୂର୍ଯ୍ୟେୱାଲା ସକାଳ ୯ଟାରେ ପହଞ୍ଚିବା ପରେ କଣ୍ଟାବାଞ୍ଜି ଯାଇ ସେଠାରୁ ମମିତାଙ୍କ ପରିବାରକୁ ଭେଟିବାକୁ ଯିବେ। ତାଙ୍କ ସହ ଏଆଇସିସି ସମ୍ପାଦକ ପ୍ରଣବ ଝା, ରୁଦ୍ର ରାଜୁ, ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ ଯିବେ। ସେଠାରୁ ଫେରି କଂଗ୍ରେସ ଭବନଠାରେ ସେ ଏକ ଖବରଦାତା ସମ୍ମିଳନୀ କରି ନୂଆଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ଚେଲ୍ଲା କୁମାର କିନ୍ତୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି।

ସେହିପରି ଭାଜପା କେନ୍ଦ୍ରୀୟ ଦଳ ମଧ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ



ରଣଦୀପ ସୂର୍ଯ୍ୟେୱାଲା

### ୨୯ରେ ଆସିବ ଭାଜପା କେନ୍ଦ୍ରୀୟ ଟିମ୍

ନଡ୍ଡାଙ୍କ ନିର୍ଦ୍ଦେଶରେ ମମିତାଙ୍କ ପରିବାରକୁ ଭେଟିବା ପାଇଁ ଆସୁଥିବା ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସୂଚନା ଦେଇଥିଲେ। ତେବେ ଭାଜପା ମହିଳା ମୋର୍ଚ୍ଚା ଅଧକ୍ଷା ବନିତା ଶ୍ରୀନିବାସନଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ୨୯ ତାରିଖରେ ଓଡ଼ିଶା ଆସିବେ। ଏହି ହତ୍ୟାକାଣ୍ଡର ତଥ୍ୟ ସଂଗ୍ରହ ଲାଗି ବନିତାଙ୍କ ସହ ସୁନିତା ଦୁଗଲ ଏବଂ ବିଧାୟିକା ରୂପା ମିତ୍ର ଚୌଧୁରୀ ମଧ ଆସୁଥିବା ସୂଚନା ମିଳିଛି।

## ସଦସ୍ୟତା ବୃଦ୍ଧିକୁ କଂଗ୍ରେସର ଗୁରୁତ୍ୱ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ତୃଣମୂଳସ୍ତରରୁ ନିଜ ସ୍ଥିତି ସୁଦୃଢ କରିବା ପାଇଁ ଅଣ୍ଟା ଭିଡିଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଆୟୋଜିତ ପିସିସି ବୈଠକରେ ଏନେଇ ନିଷ୍ପତ୍ତି ପରେ ରାଜ୍ୟ କଂଗ୍ରେସ ସଦସ୍ୟତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛି। ତେଣୁ କଂଗ୍ରେସ ତା'ର ରାଜ୍ୟସ୍ତରୀୟ ସଭ୍ୟ ସଂଗ୍ରହ ଅଭିଯାନ ଆସନ୍ତା ନଭେମ୍ବର ୧ରୁ ଆରମ୍ଭ କରିବାକୁ ଯାଉଛି। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଛନ୍ତି, ଆସନ୍ତା ୧ ତାରିଖ ସୋମବାର ପୂର୍ବାହ୍ନ ୧୧ ଟାରେ କଂଗ୍ରେସ ଭବନଠାରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର

### ରାଜ୍ୟରେ ୧୦ ଲକ୍ଷ ସଭ୍ୟ ସଂଗ୍ରହ ଲକ୍ଷ୍ୟ

ଏହି ଅଭିଯାନର ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ଏଆଇସିସି ସମ୍ପାଦକ ଜି ରୁଦ୍ର ରାଜୁ, ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ସମସ୍ତ ବିଧାୟକ ଓ ଏମପିଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହିବେ। ସମଗ୍ର ରାଜ୍ୟରେ ୧୦ ଲକ୍ଷ ନୂତନ ସଭ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଯଜ୍ଞେଶ୍ୱର ସୂଚନା ଦେଇଛନ୍ତି। ଅପରପକ୍ଷେ ମମିତା ମେହେରଙ୍କ ହତ୍ୟା ଘଟଣାରେ ପୀଡ଼ିତାକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ତା'ର ସଂଗ୍ରାମ ଜାରି ରଖିବ ବୋଲି ଯଜ୍ଞେଶ୍ୱର କହିଛନ୍ତି।

## 'ଛାତ୍ର ରାଜନୀତି ପାଇଁ ଆତ୍ମବିଶ୍ୱାସ ଆବଶ୍ୟକ'



ଶିବିରରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତି, ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟ ନେତୃବୃନ୍ଦ।

ପୁରୀ ଅଫିସ,୨୭।୧୦

ଛାତ୍ର ସଂଗଠନକୁ ମଜଭୁତ୍ କରିବା ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପୁରୀଠାରେ ଦୁଇ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଶିବିରରେ ଯୋଗଦେଇ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ, ଛାତ୍ର ଜୀବନରେ ରାଜନୀତି ପାଇଁ ଦୃଢ଼ ଆତ୍ମବିଶ୍ୱାସର ଆବଶ୍ୟକତା ପଡ଼ିଥାଏ। ଦଳ ବିରୋଧରେ ହେଉଥିବା ଅପପ୍ରଚାରକୁ

### ବିଜୁ ଛାତ୍ର ଜନତା ଦଳର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରୋକିବା ସହ ତୃଣମୂଳସ୍ତରରେ ଦଳକୁ ଲୋକାଭିମୁଖୀ କରିବାରେ ଛାତ୍ରମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଲଢେଇ କରି ଅଧିକାର ସାବ୍ୟସ୍ତ କରିବା ଛାତ୍ରଙ୍କର ଆଭିମୁଖ୍ୟ ହେବା ଦରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସେ ଛାତ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଛାତ୍ର ନେତାମାନେ ସମର୍ପଣ ଓ ସେବା ମନୋଭାବ ରଖି ରାଜନୀତି କରିବା ଆବଶ୍ୟକ। ଯାହାଫଳରେ ରାଜ୍ୟର ସାମୂହିକ ବିକାଶ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ବିଧାୟକ ବ୍ୟୋମକେଶ ରାୟ, ଉମାକାନ୍ତ ସାମନ୍ତରାୟ, ରୁଦ୍ରପ୍ରତାପ ମହାରଥୀ ଓ ଶୌଭିକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟର ଛାତ୍ର ସଂଗଠନ ଆଗାମୀ ଦିନରେ କିଭଳି ସକ୍ରିୟ ଭାବେ କାର୍ଯ୍ୟ କରିବ, ସେ ନେଇ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିପର୍ଯ୍ୟୟ ମୁକାବିଲା ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ମଧ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ରାଜ୍ୟ ଛାତ୍ର ସଂଗଠନର ଛାତ୍ରନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଯୁବ ବିଜେଡିର ପ୍ରଶିକ୍ଷଣ ଶିବିର ଏକ ପିକ୍‌ନିକ୍ : ଯୁବ କଂଗ୍ରେସ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ପୁରୀଠାରେ ଆୟୋଜିତ ହୋଇଥିବା ଯୁବ ବିଜେଡ଼ିର ପ୍ରଶିକ୍ଷଣ ଶିବିରକୁ ନେଇ କଂଗ୍ରେସ କଟାକ୍ଷ କରିଛି। ଏହି ଶିବିର ଏକ ପିକ୍‌ନିକ୍ ଛଡ଼ା ଆଉ କିଛି ନୁହେଁ ବୋଲି ବୁଧବାର ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। ପାତ୍ର କହିଛନ୍ତି, ପଞ୍ଚାୟତ ଓ ପୌର ନିର୍ବାଚନରେ କିପରି ଅର୍ଥ ବିନିମୟରେ ଭୋଟ ଆଣିହେବ ତାହାର ପ୍ରଶିକ୍ଷଣ ଦିଆଯାଉଛି। ଗତ ୨୧ ବର୍ଷ ଭିତରେ ବିଜେଡ଼ି ନେତାମାନେ ଓଡ଼ିଶାର ଦାରିଦ୍ର୍ୟ, ବେକାରି, ନାରୀ ନିର୍ଯାତନା ଓ ବଳାତ୍କାର, ଦୁର୍ନୀତି ଓ ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଦେୟ, କୃଷକ ସମସ୍ୟା, ଅପପୁଷ୍ଟି, ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀ କରଣ ଓ ସରକାରୀ ଶିକ୍ଷାର ଅଧୋଗତି ଏବଂ ପ୍ରଶାସନରେ ଦୁର୍ନୀତି ପ୍ରସଙ୍ଗରେ ଦିନେ ହେଲେ ମୁହଁ ଖୋଲି ନାହାନ୍ତି। ତିତିଲି, ହୁଦହୁଦ୍, ଫନୀ, ଫାଇଲିନ, ଅମ୍ଫାନ ଆଦି ପ୍ରାକୃତିକ ଦୁର୍ବିପାକ ସମୟରେ ଯୁବ ବିଜେଡ଼ିର ଦେଖା ମିଳିନାହିଁ। କେବଳ ନିର୍ବାଚନ ସମୟରେ ଓ ଦଳୀୟ ର୍‍ୟାଲିରେ ଯୁବ ବିଜେଡ଼ିର ଉପସ୍ଥିତି ଥାଏ। ମାତ୍ର ଓଡ଼ିଶାର ସାଧାରଣ ଜନତା ଓ ଯୁବକମାନଙ୍କର ସମସ୍ୟା ପ୍ରସଙ୍ଗରେ ଯୁବ ବିଜେଡ଼ି ନୀରବ ରହିଥାଏ। ଏହାର ପ୍ରତିକ୍ରିୟାରେ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦିକା ଦେବସ୍ମିତା ଦାସ କହିଛନ୍ତି, ପ୍ରଶିକ୍ଷଣ ଶିବିରରେ ଦଳର କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ କିପରି ପହଞ୍ଚି ପରିବ ସେହି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଛାତ୍ର ଓ ଯୁବ ବିଜେଡି କର୍ମୀ ଲୋକଙ୍କ ନିକଟରେ ସର୍ବଦା ରହିଛି। କଂଗ୍ରେସକୁ ଲୋକେ ଦୂରେଇ ରଖିଛନ୍ତି। ଏହା କେବଳ ମିଡିଆ ନଜରରେ ରହିବା ପାଇଁ ଛାତ୍ର କଂଗ୍ରେସ ମନ୍ତବ୍ୟ ଦେଇଥିବା ଦେବସ୍ମିତା କହିଛନ୍ତି।

## ଦିଲ୍ଲୀରେ ଉଠିଲା ପ୍ରତିବାଦର ସ୍ୱର




ଦିଲ୍ଲୀରେ ଓଡିଆ ଛାତ୍ର, ଗବେଷକ କ୍ୟାଣ୍ଡେଲ ଶୋଭାଯାତ୍ରା କରୁଛନ୍ତି।

ଭବାନୀପାଟଣା,୨୭।୧୦(ସ୍ୱ.ପ୍ର)

ମମିତା ମେହେର ହତ୍ୟା ଘଟଣାକୁ ନେଇ ପ୍ରତିବାଦର ସ୍ୱର ଏବେ ଦିଲ୍ଲୀରେ ଦେଖିବାକୁ ମିଳିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାନୀୟ ଓଡିଆ ଛାତ୍ର, ଗବେଷକ, ପ୍ରଫେସରମାନେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ଧାରଣା ଦେବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ଓଡିଶାରେ ଏପରି ଘଟଣା ରାଜ୍ୟର ନାମକୁ ଖରାପ କରୁଛି। ତେବେ ମମିତା ହତ୍ୟା ଘଟଣାର ସିବିଆଇ ତଦନ୍ତ ସହ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ପାଇଁ ଦାବି କରାଯାଇଥିଲା। ସରକାର ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଦିଲ୍ଲୀରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିରେ ଲୋକେଶ ଦୁର୍ଗା, ସର୍ବେଶ୍ୱର ପ୍ରଧାନ, ସୁମନ୍ତ ସାହୁ, ଡେଭିସ୍ ସାହା, ଜ୍ଞାନଦତ୍ତ ଚୌହାନ, ବିନୟ ପାତ୍ର, ଅଫ୍ ତାବ ଆଲମ, ରଜତ ସାହୁ, ଗଣେଶ ପାତ୍ର ପ୍ରମୁଖ ସାମିଲ ଥିଲେ।

## ମେହେର ସମାଜର ୪ କି.ମି. ପ୍ରତିବାଦ ଶୋଭାଯାତ୍ରା

ଜୁନାଗଡ,୨୭।୧୦(ଡି.ଏନ୍.ଏ.)

ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ନେଇ ବୁଧବାର ରାଜରାସ୍ତାକୁ ଓହ୍ଲାଇଛି କଳାହାଣ୍ଡି ମେହେର ସମାଜ। ଉକ୍ତ ସମାଜ ପକ୍ଷରୁ ଜୁନାଗଡ ବ୍ଲକ ବଳଦିଆମାଳଠାରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୪ କିଲୋମିଟର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ଜରିଆରେ ଦିଆଯାଇଥିଲା । ବିଡିଓ ଉପସ୍ଥିତ ନ ଥିବାରୁ ପିଏ ରାଜେନ୍ଦ୍ର ଭୋଇ ଏହା ଗ୍ରହଣ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ମେହେରଙ୍କ ନେତୃତ୍ୱରେ ଶ୍ରୀବତ୍ସ ମେହେର, ପରକ୍ଷିତ ମେହେର, ବିପିନ ବିହାରୀ ମେହେର, ବନମାଳି ମେହେର, ରାମେଶ୍ୱର ମେହେର, ଶିଶିର ମେହେର, ଅକ୍ଷୟ ମେହେର, ପ୍ରଦୀପ ମେହେରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ଥିଲେ।

# ଷଡ଼ଯନ୍ତ୍ର ଉପରୁ ପରଦା ହଟୁନି

*ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ଇତିମଧ୍ୟରେ ୨୦ ଦିନ ବିତିଗଲାଣି। ଏତେଦିନ ପରେ ମଧ ପୋଲିସ ଏହି ହତ୍ୟା ଘଟଣାର ପ୍ରକୃତ ଷଡ଼ଯନ୍ତ୍ର ଉପରୁ ପରଦା ହଟାଇ ପାରୁନାହିଁ। ଏବେବି ଅନେକ ରହସ୍ୟଜନକ ଦିଗ ପୋଲିସ ପାଇଁ ଅପହଞ୍ଚ ହୋଇଯାଇଛି। ଫଳରେ ଏହି ଘଟଣା ଦିନକୁ ଦିନ ଜଟିଳ ହେବାରେ ଲାଗିଛି।*

### ମମିତା ମେହେର ହତ୍ୟାକାଣ୍ଡ

ବଲାଙ୍ଗୀର ଅଫିସ, ୨୭।୧୦

ପରକୀୟା ପ୍ରୀତି ପ୍ରଘଟ ଭୟରେ କଳାହାଣ୍ଡି ଜିଲା ମହାଲିଙ୍ଗ ଘରୋଇ ସ୍କୁଲର ପରିଚାଳନା ସଭାପତି ଗୋବିନ୍ଦ ସାହୁ ଅଧକ୍ଷା ମମିତା ମେହେରଙ୍କୁ ହତ୍ୟା କରିଥିଲେ ବୋଲି ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଦୀପକ କୁମାର ଖବରଦାତା ସମ୍ମିଳନୀରେ କହିଥିଲେ। ମମିତାଙ୍କୁ ହତ୍ୟା ଲାଗି ଗୋବିନ୍ଦ ସୁଚିନ୍ତିତ ଯୋଜନା କରିଥିବା କହିଥିଲେ। ଏହି ଷଡଯନ୍ତ୍ରରେ ଗୋବିନ୍ଦ ଏବଂ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡୀ (ରାଧେ) ସାମିଲ ଥିବା ଉଲ୍ଲେଖ କରିଥିଲେ। ଏପରି କି ସନ୍ଦେହରେ ଅଟକ ରଖି ପଚରାଉଚରା କରାଯାଇଥିବା ଜେସିବି ଡ୍ରାଇଭର ପୁଷ୍କର ଭୋଇ ଓ ମୁନ୍‌ସୀ ଗୁପ୍ତେଶ୍ୱର ତାଣ୍ଡୀଙ୍କୁ ରାଜସାକ୍ଷୀ କରାଯାଇଛି। ଏହି ଘଟଣାରେ ଗୋବିନ୍ଦ ଓ ରାଧେ ସମ୍ପୃକ୍ତ ଥିବାରୁ ଉଭୟଙ୍କୁ ଗିରଫ କରାଯାଇଛି। ଏଥିରେ ଅନ୍ୟ କାହାରି ସାମିଲ ନାହିଁ ବୋଲି ଡିଆଇଜି ଦୀପକ କୁମାର କହିଥିଲେ।

ମମିତା ହତ୍ୟା ଘଟଣାରେ ପରକୀୟା ପ୍ରୀତି ପ୍ରଘଟ ଭୟ ହିଁ ଏହାର କାରଣ ବୋଲି ପୋଲିସ କହୁଥିବାବେଳେ ଏନେଇ ସବିଶେଷ ସୂଚନା ଦେଇନାହିଁ। ଗୋବିନ୍ଦଙ୍କ କେଉଁ ପରକୀୟା ପ୍ରୀତି ବିଷୟରେ ମମିତା ଜାଣିଥିଲେ, ଏପରି କ'ଣ ପ୍ରଘଟ ହୋଇଗଲେ ଗୋବିନ୍ଦ ଅସୁବିଧାରେ ପଡୁଥିଲେ ସେନେଇ ମଧ ପୋଲିସ ସୂଚନା ଦେଇନାହିଁ। ମମିତା କେବଳ ଗୋବିନ୍ଦଙ୍କ ବିଷୟରେ ଜାଣିଥିଲେ ନା' ଆଉ କାହା ସମ୍ପର୍କରେ ଜାଣିଥିଲେ ଏଭଳି ଅନେକ ଦିଗ ଏବେବି ରହସ୍ୟାବୃତ୍ତ ହୋଇ ରହିଯାଇଛି। ଟିଟିଲାଗଡ଼ ବାରାକ୍‌ରେ ପୋଲିସ ସୁରକ୍ଷା ବଳୟରୁ ପ୍ରାୟ ୪୦ଘଣ୍ଟା ପାଇଁ ଗୋବିନ୍ଦ ଫେରାର ହେବା ଓ ପରେ ଆଖୁ କିଆରିରୁ ଗିରଫ ହେବା ବି ଏକ ସୁପରିକଳ୍ପିତ କାହାଣୀ ଭଳି ମନେହେଉଛି। ଅପରାଧର ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତ ଗୋବିନ୍ଦଙ୍କୁ ଭରପୂର ସୁଯୋଗ ଦିଆଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ମନେ ହେଉଛି। ଗତ ଅଗଷ୍ଟ



ମାସରେ ଗୋବିନ୍ଦ ମମିତାଙ୍କ ଗାଁ ଝରଣୀ ଯାଇ ତାଙ୍କ ଘରେ ଭେଟି ଆଲୋଚନା କରିଥିଲେ। ଏହାପରେ ଗତ ସେପ୍ଟେମ୍ବର ୨୦ ଓ ୨୧ ଦୁଇଦିନ ମମିତା ଘରୁ ମହାଲିଙ୍ଗ ଯାଉଛି କହି ବାହାରିଥିଲେ। ସେଠାରୁ ଫେରିବା ପରେ ମମିତାଙ୍କ ପରିବାର ଲୋକେ କିଛି ସନ୍ଦେହଜନକ ବିଷୟ ଜାଣିଥିଲେ କି ସେନେଇ ମଧ କିଛି ସ୍ପଷ୍ଟ ହେଉ ନାହିଁ। ଏପରି କି ମମିତାଙ୍କ ଲାପ୍‌ଟପ୍, ପେନ୍‌ଡ୍ରାଇଭ ଏବଂ ଫୋନ୍‌ରେ ଅନେକ ଆପତ୍ତିଜନକ ଘଟଣାର ପ୍ରମାଣ ଥିବା କଥା ଆଲୋଚନା ହେଉଛି। ପୋଲିସ ମମିତାଙ୍କ ଲାପ୍‌ଟପ୍ ନେଇ ତଦନ୍ତ କରିଥିଲେ ମଧ ପେନ୍‌ଡ୍ରାଇଭ ସମ୍ପର୍କରେ ଜାଣି ନ ଥିବା ସୂଚନା ଦେଇଛି। ଏପରି କି ମୋବାଇଲ ସମ୍ପର୍କରେ କିଛି ଜାଣି ନ ଥିବା କହୁଛି। ଯେଉଁ କଥା ପାଇଁ ମମିତାଙ୍କୁ ହତ୍ୟା କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି ସେହି ବିଷୟଟି କେତେ ଗମ୍ଭୀର ତାହା ଏପର୍ଯ୍ୟନ୍ତ ପୋଲିସ ଠିକ୍ କରି କହୁନାହିଁ।

ମହାଲିଙ୍ଗ କଲେଜକୁ ବଡ଼ବଡ଼ିଆ ନେତାମନ୍ତ୍ରୀ ଆସୁଥିଲେ। ଅଭିଯୁକ୍ତ ଗୋବିନ୍ଦଙ୍କ ସହ ସେମାନଙ୍କ ଘନିଷ୍ଠ ସମ୍ପର୍କ ଥିଲା। ପାୱାର କରିଡର ଭିତରେ ଥିବା ଗୋବିନ୍ଦ ପରକୀୟା ପ୍ରୀତି ପ୍ରଘଟ ଘଟଣାରେ ଭୟଭୀତ ହୋଇ ଏତେବଡ଼ ହତ୍ୟାକାଣ୍ଡ ଯୋଜନା ରଚିଲେ ନା ଏହା ଭିତରେ ଆଉ କିଛି ଗମ୍ଭୀର ରହସ୍ୟ ରହିଛି ତାକୁ ପୋଲିସ ଉନ୍ମୋଚନ କରୁ ନାହିଁ। ପୋଲିସର ଏଭଳି କାର୍ଯ୍ୟଧାରା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏହି ଘଟଣାକୁ କେବଳ ଅପହରଣ ଓ ହତ୍ୟାରେ ସୀମିତ କରିଦେଇ ଅନ୍ୟଦିଗକୁ ଲୁଚାଇ ଦେଇ ପ୍ରମାଣ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି। କିଛି ଲୋକଙ୍କୁ ସୁରକ୍ଷା ଦେଉଥିବା ଚର୍ଚ୍ଚାରୁ ରାଜ୍ୟ ରାଜନୀତି ସରଗରମ ରହିଛି। ପ୍ରତିପକ୍ଷ ରାଜନୈତିକ ଦଳଗୁଡ଼ିକ ପୋଲିସ ତଦନ୍ତରେ ସନ୍ତୁଷ୍ଟ ନ ହୋଇ ନୀରପେକ୍ଷ ସଂସ୍ଥା କିମ୍ବା ସିବିଆଇ ତଦନ୍ତ ଜିଦ୍ ଧରିଛନ୍ତି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର, ଗିରଫ ଦାବି

ଝାରସୁଗୁଡ଼ା ଅଫିସ,୨୭।୧୦

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଦର୍ଶାଇ ତାଙ୍କୁ ବହିଷ୍କାର ଓ ଗିରଫ ଦାବିରେ ବୁଧବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଝାରସୁଗୁଡ଼ା ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାୟକଙ୍କ ଅଧକ୍ଷତାରେ ଶତାଧିକ ନେତା ଓ କର୍ମୀ ଶୋଭାଯାତ୍ରାରେ ତାରିଣୀ ମନ୍ଦିର ସମ୍ମୁଖରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ସରକାର ଓ ପୋଲିସର ଅପରାଗତାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ପରେ ଶତାଧିକ ଆନ୍ଦୋଳନକାରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସମସ୍ତ ଥାନା ଘେରାଉ ସାଙ୍ଗକୁ ଝାରସୁଗୁଡ଼ା ବନ୍ଦ ଡାକରା ଦିଆଯିବ ବୋଲି ଯୁବମୋର୍ଚ୍ଚା ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ମହିଳା ମୋର୍ଚ୍ଚା, ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚା, ସଂଖ୍ୟାଲଘୁ ମୋର୍ଚ୍ଚା, ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ରୀନା ପଟେଲ, ବିମଳେନ୍ଦୁ ଭୋଳ, ବିଶ୍ୱଜିତ ଷଡଙ୍ଗୀ, ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ପ୍ରେମସେନ ରାଏ, ଅମରେନ୍ଦ୍ର ରାଏ, ନେତାଜୀ ପଟ୍ଟନାୟକ, ସଞ୍ଜୟ ସିଂହ, ବଳବିନ୍ଦର ସିଂହ ପ୍ରମୁଖ ନେତା ଓ କର୍ମୀ ଯୋଗଦେଇଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ପୋଲିସ-ଭାଜପା କର୍ମୀ ମୁହାଁମୁହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୫୫,୬୩,୬୦୧ | ୪୯,୮୩,୮୬୨ | ୨୨,୨୫,୬୧,୩୭୭ |
| ଭାରତ | ୩,୪୨,୨୭,୨୨୦ | ୪,୫୬,୩୫୪ | ୩,୩୫,୯୯,୪୮୪ |
| ଓଡ଼ିଶା | ୧୦,୩୯,୮୧୮ | ୮୩୧୮(+୫୩) | ୧୦,୨୭,୧୦୮ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପିଲାଙ୍କୁ ଭୁବନେଶ୍ୱରରେ ଛାଡି ଫେରୁଥିବା ବେଳେ ଦୁର୍ଘଟଣା ମାଆ, ବାପା ମୃତ

ମାଲକାନଗିରି,୨୭।୧୦ (ଡି.ଏନ.ଏ.): ମାଲକାନଗିରି ଜିଲା ୩୨୬ନମ୍ବର ଜାତୀୟ ରାଜପଥର ଏମଭି-୧୪ ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଏବଂ ତାଙ୍କ ପଛରେ ବସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏମପିଭି-୭୧ ଗ୍ରାମର ଅଞ୍ଜନା ସରଦାର ଓ ନିଲିଗୁଡା ଗ୍ରାମର ଏ. ବାଞ୍ଚାମି। ଉଭୟେ ଭୁବନେଶ୍ୱରରେ ପିଲାଙ୍କ ପାଠପଢ଼ା ପାଇଁ ସେମାନଙ୍କୁ ମାଲକାନଗିରି ବସଷ୍ଟାଣ୍ଡରେ ଛାଡ଼ି ଘରକୁ ଫେରୁଥିବା ବେଳେ ଏମଭି-୧୪ ଗ୍ରାମ ନିକଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣା ସ୍ଥଳରେ ଅଞ୍ଜନାଙ୍କ ମୃତ୍ୟୁ ହୋଇଯାଇଥିଲା। ବାଞ୍ଚାମିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଦୁହିଁଙ୍କ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ‘ସଂକ୍ରମଣ ବଢ଼ୁଥିବା ରାଜ୍ୟ ପ୍ରତି ସତର୍କ ରୁହ’

**ସର୍ଭିଲାନ୍ସକୁ ଅଧିକ ଗୁରୁତ୍ୱ ଦେଲେ ଡିଏମ୍‌ଇଟି**

- ରାଜ୍ୟରୁ ଆଉ ୫୪୯ ଆକ୍ରାନ୍ତ ଚିହ୍ନଟ
- କରୋନାରେ ନାବାଳକଙ୍କ ମୃତ୍ୟୁ



ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ଦେଶରେ ଏବେ କରୋନା ସଂକ୍ରମଣ ସେତେ ଅଧିକ ନ ଥିଲେ ବି କିଛି ରାଜ୍ୟରେ ବଢୁଥିବା ଦେଖାଯାଉଛି। ଓଡ଼ିଶାରେ କିନ୍ତୁ ସଂକ୍ରମଣ ସ୍ଥିର ରହିଛି। ଗତ ୭ ଦିନ ଭିତରେ ଦୈନିକ ଆକ୍ରାନ୍ତ ସଂଖ୍ୟା ପ୍ରାୟ ୪୦୦ରୁ ୬୦୦ ଭିତରେ ରହୁଛି। ଯେପର୍ଯ୍ୟନ୍ତ କରୋନାପୂର୍ଣ୍ଣ ରୂପେ ପ୍ରତିହତ ନ ହୋଇଛି ସେ ପର୍ଯ୍ୟନ୍ତ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ ବୋଲି ଡିଏମ୍‌ଇଟି ସି.ବି.କେ. ମହାନ୍ତି କହିଛନ୍ତି। ସେ କହିଛନ୍ତି, ସଂକ୍ରମଣ ବଢ଼ିବାର ମୁଖ୍ୟତଃ ଦୁଇଟି କାରଣ ରହିଛି। ଗୋଟେ ହେଲା ଲୋକମାନେ କିପରି ନିୟମ ମାନୁଛନ୍ତି ଓ ଆଉଗୋଟେ ହେଲା ଭୂତାଣୁର ଗୁଣସୂତ୍ର ପରିବର୍ତ୍ତନୟ। ଅନ୍ୟ ରାଜ୍ୟକୁ ଯାତ୍ରା କରିବା ପାଇଁ ଯେହେତୁ ସେତେଟା କଟକଣା ନାହିଁ, ତେଣୁ ଏ ଦିଗ ଉପରେ ମଧ୍ୟ ଲୋକଙ୍କୁ ସତର୍କ ରହିବାକୁ ପଡ଼ିବ। ଓଡ଼ିଶାରେ ସର୍ଭିଲାନ୍ସକୁ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ ଉପରେ ଆହୁରି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ତେବେ ଆମେ ଏସବୁ କ୍ଷେତ୍ର ପାଇଁ ପ୍ରସ୍ତୁତ ଅଛୁ ବୋଲି ଡିଏମ୍‌ଇଟି କହିଛନ୍ତି।

ସେପଟେ ରାଜ୍ୟରେ ୫ଦିନ ପରେ ପୁଣି ୫୦୦ ଉପରେ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୭୨,୦୯୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୩ ଜିଲାରୁ ୫୪୯ଜଣ ପଜିଟିଭ୍ ବାହାରିଛନ୍ତି। ୦ରୁ ୧୮ ବର୍ଷ ବୟସ୍କର ୭୦ଜଣ ରହିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୭୬%କୁ ବୃଦ୍ଧି ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ କେବଳ ୫୪% ରହିଛନ୍ତି। ଏହି ଜିଲାରେ ସର୍ବାଧିକ ୨୯୬ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୫୦ଜଣ ଓ ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ ଭିତରେ ରହିଛି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୩୯,୮୧୮ରେ ପହଞ୍ଚିଛି।

ସେପଟେ କରୋନାରେ ଆଉ ୨ଜଣଙ୍କର ମୃତ୍ୟୁ ଘଟିଛି। ଅନୁଗୋଳ ଓ କେନ୍ଦୁଝରରୁ ଜଣେ ଲେଖାଏ ରହିଛନ୍ତି। ତେବେ କେନ୍ଦୁଝରର ମୃତକ ଜଣକ ୧୫ବର୍ଷୀୟ ନାବାଳକ। ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ। ତାଙ୍କର କରୋନା ଯୋଗୁ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୩୧୮କୁ ବୃଦ୍ଧି ପାଇଛି। ସେହିଭଳି ବୁଧବାର ରାଜ୍ୟରେ ୩୩୪ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦,୨୭,୧୦୮ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୪,୩୩୯ଜଣ ସକ୍ରିୟ ରୋଗୀ ରହିଛନ୍ତି।

# ରାଜ୍ୟ ସରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଟିସ

**ବାଣ ବିକ୍ରି ମାମଲା**



କଟକ ଅଫିସ,୨୭।୧୦

ହାଇକୋର୍ଟରେ ବାଣ ବିକ୍ରି ମାମଲାର ଶୁଣାଣି ବୁଧବାର ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଦୀପାବଳିରେ ବାଣବିକ୍ରି ଓ ଫୁଟା ଉପରେ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୩୦ ତାରିଖରେ ରୋକ ଲଗାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅଲ୍ ଓଡ଼ିଶା ଫାୟାର ୱାର୍କସ ଡିଲର୍ସ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଜନଜୀବନ ସୁରକ୍ଷା ଓ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ଉକ୍ତ ପିଟିଶନକୁ ଖାରଜ କରିଦେଇଥିଲେ। ଏହି ଆସୋସିଏଶନ ଏକ ପଞ୍ଜୀକୃତ ସଂସ୍ଥା ନୁହେଁ ଓ ଏହି ପ୍ରସଙ୍ଗରେ ସାନି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ମହେଶ ଷ୍ଟୋର, ପ୍ରମିଳା ଏଣ୍ଟରପ୍ରାଇଜେସ୍ ଓ କେତେଜଣ ବାଣ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨୯ରୁ ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା

**ବଙ୍ଗୋପସାଗରରେ ଲଘୁଚାପ**



ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନରୁ ୩.୧ କିଲୋମିଟର ଉପରେ ରହିଛି। ଏହା ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରସ୍ଥଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୯ରୁ ୩୧ ତାରିଖ ମଧ୍ୟରେ ରାଜ୍ୟର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଜଗପତି, ଗଞ୍ଜାମ, ପୁରୀ, ରାୟଗଡ଼ା, କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ହାତୀ ଦାନ୍ତ ଜବତ, ଶିକାରୀ ଗିରଫ

**ଏସ୍‌ଟିଏଫ୍, ବନ ବିଭାଗର ମିଳିତ ଚଢ଼ାଉ**



ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଅନୁଗୋଳ ବନବିଭାଗ ସହାୟତାରେ ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା ରାଣିବନ୍ଧ ଗ୍ରାମର ସୁଦର ନାୟକ। ତାଙ୍କଠାରୁ ଗୋଟିଏ ହାତୀ ଦାନ୍ତ ଜବତ ହୋଇଛି। ତେବେ ଅଭିଯୁକ୍ତ ଜଣଙ୍କୁ ଏସ୍‌ଟିଏଫ୍ ଅନୁଗୋଳ ବନବିଭାଗକୁ ହସ୍ତାନ୍ତର କରିଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଆନ୍ଥୁଲିଆ ନିକଟରେ ହାତୀ ଦାନ୍ତ ଡିଲ୍ ହେବାନେଇ ଏସ୍‌ଟିଏଫ୍ ଖବର ପାଇଥିଲା। ଏନେଇ ଏସ୍‌ଟିଏଫ୍‌ର ଏକ ଟିମ୍ ଅନୁଗୋଳ ବନବିଭାଗକୁ ଜଣାଇଥିଲା। ବନବିଭାଗ ଓ ଏସ୍‌ଟିଏଫ୍ ଟିମ୍‌ର ସଦସ୍ୟମାନେ ସେଠାରେ ପହଞ୍ଚି ପୂର୍ବରୁ ଛକି ରହିଥିଲେ। ଅଭିଯୁକ୍ତ ଏକ ବ୍ୟାଗରେ ହାତୀ ଦାନ୍ତ ପୂରାଇ ସେହି ସ୍ଥାନକୁ ଆସିଥିଲେ। ସେଠାରେ ସେ ଗ୍ରାହକଙ୍କୁ ଦେବାକୁ ଅପେକ୍ଷା କରିଥିବାବେଳେ ପୂର୍ବରୁ ଛକି ରହିଥିବା ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଉଲ୍ଲେଖଯୋଗ୍ୟ, ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ୧୮ ବାଘ ଛାଲ, ୧୦ଟି ହାତୀ ଦାନ୍ତ, ୨ ହରୀଣ ଚମଡ଼ା, ୫ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ କମିଶନ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୬ ତାରିଖରେ ସର୍ବଦଳୀୟ ବୈଠକ ବସିବ। ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ସମସ୍ତ ରାଜନୈତିକ ଦଳଗୁଡ଼ିକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଜିଲ୍ଲା ପରିଷଦଗୁଡ଼ିକର କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ ହେବ। ନିୟମାନୁସାରେ ୫ ବର୍ଷର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସାଧାରଣ ନିର୍ବାଚନ ହେବା ଆବଶ୍ୟକ।

ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳମାନଙ୍କର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ସର୍ବଦଳୀୟ ବୈଠକରେ ରାଜନୈତିକ ଦଳମାନଙ୍କର ସଭାପତି, ସମ୍ପାଦକ କିମ୍ବା ଦଳ ତରଫରୁ ପ୍ରାଧିକୃତ ପ୍ରତିନିଧିମାନେ ଯୋଗ ଦେଇପାରିବେ। କରୋନା କଟକଣା କାରଣରୁ ପ୍ରତ୍ୟେକ ରାଜନୈତିକ ଦଳରୁ ଜଣେ କିମ୍ବା ୨ ଜଣ ପ୍ରତିନିଧି ବୈଠକରେ ଯୋଗଦେବାକୁ କମିଶନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।



**ଆଜିର ମନ୍ତବ୍ୟ**

"କୋଭିଡ୍-୧୯ ଟିକା କାହାଣୀର 'ଜୁମଲା' ଭର୍ସନ ଲୋକଙ୍କ ଜୀବନ ରକ୍ଷା କରିବ ନାହିଁ। ଦେଶରେ ଏବେ ବି ବହୁ ଲୋକଙ୍କୁ ଟିକା ଦିଆଯାଇ ନାହିଁ **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ମରୁ ବାଳ ଜନନୀ,**
**ନ ମରୁ ବୁଢ଼ା ଘରଣୀ।**

ମା' ହିଁ ଶିଶୁର ଗୁରୁଦାୟିତ୍ୱ ବହନ କରିଥାଏ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମା' ହାତରେ ନ୍ୟସ୍ତ ଥିବାବେଳେ ବାଲ୍ୟ କାଳରେ ମାଆକୁ ହରାଇଥିବା ସନ୍ତାନ ଅବହେଳିତ ହେଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ବୃଦ୍ଧାବସ୍ଥାରେ ପତ୍ନୀକୁ ହରାଇଥିବା ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରିବା ସହ ଅନେକ ଦୁଃଖ କଷ୍ଟ ପାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ଲାଗିବାର ଗୁଡ଼ି,**
**ବାରଖଣ୍ଡି ଭୁଡ଼ି।**

ଯେଉଁ ଲୋକର କାମ କରିବାକୁ ଇଚ୍ଛା ନ ଥାଏ, ସେ ନାନା ପ୍ରକାର ବାହାନା ଦେଖାଇଥାଏ। କାମ କରିବାକୁ ଅମଙ୍ଗ ହେଉଥିବା ବ୍ୟକ୍ତି ଚଢ଼ା ମଜୁରି ଦାବି କରିବା ଭଳି ଅଯୌକ୍ତିକ କଥା କହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

କରୋନା ମହାମାରୀ ଥମିଛି। ଦୀର୍ଘଦିନ ଧରି ଜୀବନଜୀବିକାକୁ ନେଇ ସଂଘର୍ଷ କରୁଥିବା କଳାକାରମାନେ ମଞ୍ଚକୁ ଯିବାକୁ ଚାହିଁ ବସିଛନ୍ତି। ଏପଟେ କରୋନାର କୋପ ଭିତରେ ଧୁନ୍ଦି ହେଉଥିବା ଶିଶୁଠାରୁ ବଡ଼ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମନକୁ ଟିକେ ହାଲ୍‌କା କରିବା ପାଇଁ ମଞ୍ଚ ବି ଖୋଜୁଛନ୍ତି। ଏପରିସ୍ଥଳେ ଦର୍ଶକଙ୍କୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଭେଟି ଦେବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଅଣ୍ଟା ଭିଡିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା କରାଯାଇଛି। ସ୍ଥିତି ଅନୁକୂଳ ହେଲେ ନଭେମ୍ବରରୁ ଉତ୍ସବ ମୁଖରିତ ହେବ ମଞ୍ଚ। ରାଜ୍ୟର ବିଭିନ୍ନ ଜିଲାରେ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ ଏକାଡେମୀ।



ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ପ୍ରଥମଥର ଲାଗି ରାଜ୍ୟର ଉପାନ୍ତ ଅଞ୍ଚଳ ମାଲକାନଗିରି ଜିଲାରେ ଅନୁଷ୍ଠିତ ହେବ 'ରାଜ୍ୟସ୍ତରୀୟ ମେଘ ଉତ୍ସବ'। ଏଥିପାଇଁ ନଭେମ୍ବର ୧ ଓ ୨ ତାରିଖକୁ ସ୍ଥିର କରାଯାଇଛି। ଉତ୍ସବରେ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ସହିତ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ତାଳବାଦ୍ୟ, ସୁଗମ ସଙ୍ଗୀତ ଆଦି ପରିବେଷଣ କରାଯିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଶହେ ଜଣ କଳାକାର ଏଥିରେ ଅଂଶ ଗ୍ରହଣ କରିବେ। ସେହିପରି ଏହି ମହୋତ୍ସବରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନ କରାଯିବ। ପୂର୍ବରୁ ଚଳିତ ମାସ ୩ ଓ ୪ ତାରିଖରେ ଏହି ଉତ୍ସବ ଆୟୋଜନ ହେବାର ଥିଲା। ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। କେବଳ ସେତିକି ନୁହେଁ, ଆସନ୍ତା ୯ ଓ ୧୦ ତାରିଖରେ ନ୍ୟାଶନାଲ ଟ୍ରାଇବାଲ୍

### ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଜୋର୍‌ଦାର ପ୍ରସ୍ତୁତି

- ୧ରୁ ମେଘ ଉତ୍ସବ, ୯ରୁ ନ୍ୟାଶନାଲ ଟ୍ରାଇବାଲ୍ ଫେଷ୍ଟିଭାଲ
- ଦୁଇଟି ସ୍ଥାନରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ
- ଡିସେମ୍ବରରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧'

ଫେଷ୍ଟିଭାଲ ମଧ୍ୟ ଆୟୋଜନ କରାଯିବ। ଇଷ୍ଟର୍ଣ୍ଣ ଜୋନ୍ କଲ୍‌ଚରାଲ୍ କାଉନ୍‌ସିଲ (ଇଜେଡ୍‌ସିସି)ର ମିଳିତ ଆନୁକୂଲ୍ୟରେ ବାରିପଦାର ରାଇରଙ୍ଗପୁରଠାରେ ଏହି ଦୁଇଦିନିଆ ମହୋତ୍ସବରେ ରାଜ୍ୟରୁ ୬ଟି ଓ ରାଜ୍ୟ ବାହାରରୁ ୪ଟି ଦଳ ଅଂଶ ଗ୍ରହଣ କରିବେ। ଝାଡ଼ଖଣ୍ଡର ଷଢେଇକଳା ସହିତ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଆସାମ ଏବଂ ପଞ୍ଜାବର ଲୋକନୃତ୍ୟ ଆଦି ଦେଖିବାକୁ ମିଳିବ। ଏଥିସହ ମୟୂରଭଞ୍ଜ, କେନ୍ଦୁଝରର ଜୁଆଙ୍ଗ, ବାଲେଶ୍ୱରରୁ ଭୂମିଆଁ ଓ ସୁନ୍ଦରଗଡରୁ ଓରାଙ୍ଗମାନେ ଲୋକନୃତ୍ୟ ପରିବେଷଣ କରିବେ। ଖୁବ୍‌ଶୀଘ୍ର ଆଉ ୨ଟି ଜିଲାରେ ଟ୍ରାଇବାଲ୍ ଫେଷ୍ଟିବାଲ ନେଇ ନିଷ୍ପତ୍ତି ହେବ। ସେହିପରି ୧୭ ଓ ୧୮ ତାରିଖରେ ରାଉରକେଲା ଓ ବ୍ରହ୍ମପୁରଠାରେ ଚିଲ୍‌ଡ୍ରେନ୍ ଥିଏଟର ଫେଷ୍ଟିଭାଲ ହେବ। ସ୍କୁଲରୁ ପିଲାଙ୍କୁ ନାଟକ ପ୍ରଶିକ୍ଷଣ ସହ ପ୍ରଦର୍ଶନ କରାଯିବ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଜିଲାରେ ଏହି ଥିଏଟର କରିବା ନେଇ ଯୋଜନା କରାଯାଇଛି। ସେହିପରି ୨୮ ଓ ୨୯ ତାରିଖରେ ରାୟଗଡାରେ 'ଲୋକ ନାଟକ ମହୋତ୍ସବ' ଅନୁଷ୍ଠିତ ହେବ। ଏ ସମସ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ୨ଶହ ଲୋକଙ୍କ ମଧ୍ୟରେ ଆୟୋଜନ କରାଯିବ। ନଭେମ୍ବରରେ ରାଜଧାନୀ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଡିସେମ୍ବରରେ ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ 'ଲିଜେଣ୍ଡସ୍ ଅଫ୍ ଓଡ଼ିଶା ସିରିଜ୍-୧' ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଧାରିତ ନାଟକ ପ୍ରଦର୍ଶନ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚୋରି ବାଇକ୍‌ରେ ବୁଲି ଲୁଟୁଥିଲେ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ): ଯୁବତୀ ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ଚୋରି ବାଇକ୍‌ରେ ବୁଲି ବୁଲି ସୁନାଚେନ ଓ ମୋବାଇଲ୍ ଫୋନ୍ ଲୁଟୁଥିଲେ। ଏଭଳି ଏକ ଲୁଟେରା ଗ୍ୟାଙ୍ଗ୍‌କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଧରିଛି। ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଗୋଡ଼ି ଗ୍ରାମର ଲକ୍ଷ୍ମଣ ସାହୁ ଓରଫ ଲିଖିଲ୍(୨୩), ସୁଶିଲ କୁମାର ରାଣା(୧୯), ଖାରବେଳନଗର ଥାନା ଶାସ୍ତ୍ରୀ ନଗରର ପ୍ରଦୀପ ସାହୁ, ନୟାପଲ୍ଲୀ ଥାନା ବେହେରା ସାହିର ବବୁଲ ସାମନ୍ତରାୟ, ପୁରୀ ଜିଲା ସତ୍ୟବାଦୀ ଥାନା ପଥୁରିଆସାହିର ଗୋପୀନାଥ ଦାସ ଓରଫ ବାପି(୩୯)। ଏମାନଙ୍କଠାରୁ ୨୪ଟି ସୁନା ଚେନ୍, ୬ଟି ମୋବାଇଲ ଓ ୨ଟି ବାଇକ ଜବତ କରାଯାଇଛି। ଖୋର୍ଦ୍ଧା, ପୁରୀ ସମେତ ବିଭିନ୍ନ ଜିଲାରେ ଏମାନେ ଲୁଟ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଇନ୍‌ଫୋସିଟି ଓ ବଡ଼ଗଡ଼ ଥାନାରେ ଦୁଇଟି ପୃଥକ ମାମଲା (ନଂ.୨୧୯/୨୧), (ନ.୨୯୦/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ଗୋଟିଏ ବାଇକରେ ଦୁଇଜଣ ଲେଖାଏ ଯାଇ ଲୁଟ୍ କରୁଥିଲେ। ପୋଲିସ କବଳରୁ ବର୍ତ୍ତିବା ପାଇଁ ସେ ବାଇକରେ ଜାଲ୍ ନମ୍ବର ପ୍ଲେଟ ଲଗାଉଥିଲେ। ଏକାଧିକ ଅଭିଯୋଗ ପରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଏହି ଲୁଟେରାଙ୍କ ଗତିବିଧି ଉପରେ ନଜର ରଖିଥିଲା। ଗୋପିନାଥ ଓ ନିଖିଲ୍ ମଙ୍ଗଳବାର ବଡ଼ଗଡ଼ ଥାନ କଳ୍ପନା ଛକ ନିକଟରେ ଲୁଟ୍ ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ସହଯୋଗୀମାନଙ୍କୁ ଧରିବାକୁ ସଫଳ ହୋଇଥିଲା।

# ଠିକା କର୍ମଚାରୀ ହେଲେ ଇନିସିଆଲ ଆପଏଣ୍ଟିଜ୍

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

### ଗ୍ରୁପ୍ ସି ଓ ଡି ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶିତ

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ଏଣିକି ସରକାରୀ କ୍ଷେତ୍ରରେ ପ୍ରାରମ୍ଭିକ ନିଯୁକ୍ତି(ଇନିସିଆଲ ଆପଏଣ୍ଟିଜ) ଭାବେ ବିବେଚନା କରାଯିବ। ସେମାନଙ୍କୁ ଆଉ ଠିକା କର୍ମଚାରୀ କୁହାଯିବ ନାହିଁ। ଏ ନେଇ ଗ୍ରୁପ୍ ସି ଓ ଡି କର୍ମଚାରୀଙ୍କ ପାଇଁ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଅକ୍ଟୋବର ୧୧ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ ଦିଆଯାଇଥିଲା। ଏହି ବିଜ୍ଞପ୍ତି ପରେ କର୍ମଚାରୀମାନଙ୍କୁ ମିଳୁଥିବା ଦରମାରୁ ନିଯୁକ୍ତିର ପ୍ରଥମ ବର୍ଷରୁ ୫୦% ଅଧିକ ଦରମା ପ୍ରଦାନ କରାଯିବ। ୬ ବର୍ଷ ପରେ ସେମାନଙ୍କର ଚାକିରି ନିୟମିତ ହେବ। ଏଥିପାଇଁ ରାଜ୍ୟ ସରକାର ୨୫୦ କୋଟି ଟଙ୍କା ଅଧିକ ବ୍ୟୟଭାର ବହନ କରିବେ। ଏହାଛଡ଼ା ପୂର୍ବରୁ ଠିକା କର୍ମଚାରୀମାନଙ୍କ ଚିକିତ୍ସା ଖର୍ଚ୍ଚ ମିଳୁ ନ ଥିଲା। ଏଣିକି ସେମାନଙ୍କୁ ରାଜ୍ୟ ସରକାର ମେଡିକାଲ ଖର୍ଚ୍ଚ ପ୍ରଦାନ କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ପ୍ରକାରର ସମସ୍ୟାକୁ କେନ୍ଦ୍ରକରି ମାନସିକ ଦ୍ୱନ୍ଦ୍ୱ ଲାଗିରହିବ। ସଭାସମିତିରେ କିଛି ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ। ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି,ଏଣୁ ସତର୍କ ରହିବା ଭଲ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ହୋଇପାରେ।

**ବୃଷ** ଆଜି ଠିକ୍‌ଠାକ୍ ଥିବା କାମ ଶେଷ ସମୟରେ ବିଗିଡ଼ି ଯିବାର ବହୁ ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କହିବେ ବହୁତ, କଲାବେଳକୁ ସେମାନଙ୍କ ଦେଖା ମିଳି ନ ପାରେ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀଙ୍କ ସମ୍ପର୍କ ଦିଗରୁ ଲାଭବାନ ହେବେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଅର୍ଥ ସମ୍ପର୍କିତ ଝମେଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ମିଳିବ।

**କର୍କଟ** ଆଜି ଅନେକ କାଳ୍ପନିକ ଆଶା ମନରେ ଉଜ୍ଜୀବିତ କରି ଭ୍ରାନ୍ତିଯୁକ୍ତ ହୋଇପାରନ୍ତି। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ କିନ୍ତୁ ମାନସିକ ଶାନ୍ତି ହରାଇବା ସହ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ସହ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

**ସିଂହ** କୌଶଳରେ କାମ ହାସଲ କରିବା ସହ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ। ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ଗଡ଼ବଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** ଆଜି ଯାହା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରାରେ ଦୁଃଚିନ୍ତା ବଢ଼ିପାରେ। କଠୋର ପରିଶ୍ରମ କିମ୍ବା ବିଶେଷ ଭମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଅବହେଳା ହେତୁ ସଫଳତା ପାଇବା କଷ୍ଟକର ହେବ। କେତେକ କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ଆପଣଙ୍କ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆର୍ଥିକ ଅଭିବୃଦ୍ଧି ନିମିତ୍ତ ତତ୍ପରତା ପ୍ରକାଶ କରିବେ ଓ ପାଇବେ।

**ବିଛା** ସାଧାରଣ କଥାରେ ଝଗଡ଼ା ସଙ୍ଗକୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ମଧ୍ୟାହ୍ନ ପରେ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ଉପକୃତ ହୋଇପାରନ୍ତି।

**ଧନୁ** ଅନ୍ୟମାନଙ୍କ ସକାଶେ ଯେତେ ଉଦାର ମନୋଭାବ ପୋଷଣ କଲେ ମଧ ସେମାନଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବପର ହେବନାହିଁ। ଶାରୀରିକ ସୁସ୍ଥତା ଫେରିପାଇବେ। ରାଜନୈତିକ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ସୁଫଳ ମିଳିବ।

**ମକର** ପରିବାରରେ ଭୁଲ୍ ବୁଝାମଣା ନେଇ ଅଶାନ୍ତି ଓ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କୌଣସି ଅସୁବିଧା ହେବ ନାହିଁ। ତୀର୍ଥାଟନରେ କିମ୍ବା ବାହାର ଜାଗାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ** କାର୍ଯ୍ୟ କ୍ଷେତ୍ରରେ ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସକାଳ ସମୟରେ ବହୁ ପ୍ରତୀକ୍ଷିତ ଶୁଭଖବରଟି ପାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**ମୀନ** ଦୀର୍ଘଦିନର ଅଭିଳାଷ ପୂରଣ ହେବା ସଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହୋଇଯିବ। ଗତକାଲିଠାରୁ ଚେଷ୍ଟା କରୁଥିବା କାମଗୁଡ଼ିକ ଆଜି ଅପରାହ୍ନେ ଠିକ୍ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।


# classifieds

**Everyday 0674-2580101, 2549302**

### real estate

### SALE

ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168. D-71727

Private plot sale Patrapada near DN Regalia Mall & Infocity-II, Bhubaneswar 999/-sqft., 9437335686, 7008487006. D-22040

Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150. D-22026

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

### healthcare

Ashirvaad Saloon and SPA get good massage for your health tha best therapy. 7077181074. D-71808

Take one hour any therapy just @800 only. Call- 9078484455. D-71430

Refreshing your mind, your body with tha best therapy at Lotus SPA. 8018891951. D-71807

Newly open full body massage ladies and gents. 8327740003. D-71805

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Refreshing your mind and body with the best therapy. 7873794731. D-71191

### AFFIDAVIT

By an affidavit sworn before Executive Magistrate, Bhubaneswar dt. 04.11.2020,I Minati Parida have changed my surname from Parida to Biswal for all purposes after marriage. Henceforth, I shall be known Minati Biswal. Minati Biswal W/o Maheswar Biswal, Sastrinagar, Bhubaneswar -751001. D-22083

Your classified advertisement published in Dharitri will be listed free in Dharitri online edition : www.dharitri.com

### LOST

ମୁଁ ବିନୋଦ କୁମାର ଅଗ୍ରୱାଲ, ପିତା- ଓମ୍ ପ୍ରକାଶ ଅଗ୍ରୱାଲ, ଗ୍ରାମ- ଜୁନାଗଡ଼, ଜିଲ୍ଲା- କଳାହାଣ୍ଡି, ତା୬।୧୦।୨୦୨୦ରିଖ ଦିନ ଗାଡ଼ିରେ ଜୁନାଗଡ଼ରୁ ଭବାନୀପାଟଣାକୁ ଯାତ୍ରା କରିବା ସମୟରେ ଖାତା ନଂ.୨୨୫ର ମୂଳ ବିକ୍ରି କବଲା ନଂ.୩୭୨/୧୯୯୮/୧ ହଜିଯାଇଥିଲା। ଅନେକ ଖୋଜାଖୋଜି ପରେ ମଧ ଉକ୍ତ ଦସ୍ତାବିଜର ସନ୍ଧାନ ମିଳୁନାହିଁ । ବର୍ତ୍ତମାନ ମୁଁ ଏହି ସମ୍ପତ୍ତିକୁ ବନ୍ଧକ ଦେବାକୁ ଚାହୁଁଛି । ଯଦି କୌଣସି ବ୍ୟକ୍ତି ଉକ୍ତ କବଲା ପାଇଥାନ୍ତି, ତେବେ ୧୫ ଦିନ ମଧ୍ୟରେ ମୋ ସହିତ କିମ୍ବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଡିବି, ଜୁନାଗଡ଼ର ଶାଖା ପରିଚାଳକଙ୍କ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି । ଧ-୨୨୦୭୭

It is hereby informed to general public that I "Debasish Priyabrata" have lost my original B.Tech. Certificate in Unit-6, Ganganagar, Bhubaneswar on date 01.10.2021. Regd No. 0801800214. If found please return to me. Contact: 7735502901. D-71322

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ପେଗାସସ୍: ତଦନ୍ତ ...

ସିଜେଆଇ କହିଥିଲେ, ଯଦି ଆପଣ କୌଣସି ରହସ୍ୟ ରଖିବାକୁ ଚାହାନ୍ତି ତେବେ ଆପଣଙ୍କୁ ଏହାକୁ ନିଜଠାରୁ ମଧ ଲୁଚାଇ ରଖିବାକୁ ପଡ଼ିବ। 'ରିଟ୍ ପିଟିଶନଗୁଡ଼ିକରେ ଆଧୁନିକ କାରିଗରିର ଦୁରୁପଯୋଗ କରିବା ନେଇ ତଥାକଥିତ ଆଶଙ୍କା' ସମ୍ପର୍କରେ ଓରୱେଲିୟନ୍ ଚିନ୍ତା କରାଯାଇଛି ଯେ, ଆପଣ ଯାହା ଶୁଣନ୍ତି, ଯାହା ଦେଖନ୍ତି ତାକୁ ଦେଖନ୍ତୁ ଏବଂ ଆପଣ କ'ଣ କରନ୍ତି ତାହା ଜାଣନ୍ତୁ। ନାଗରିକଙ୍କ ପ୍ରିଭେସି ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତା ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଥିବାରୁ ଏହାର ତଦନ୍ତ କରାଇବାକୁ ଆମେ ବାଧ୍ୟ। ଖଣ୍ଡପୀଠ ଆହୁରି କହିଥିଲେ, ଏହି ପ୍ରସଙ୍ଗରେ ଆବେଦନକାରୀମାନେ କେତେକ ପ୍ରମାଣର ରେକର୍ଡ ଉପସ୍ଥାପନ କରିଛନ୍ତି। ସେସବୁକୁ ଅନୁଧାନ କଲେ କେନ୍ଦ୍ର ସରକାର ତାକୁ ଖଣ୍ଡନ କରି ନ ଥିବା ସ୍ପଷ୍ଟ ବୁଝାପଡୁଛି। ଭାରତ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା 'ସୀମିତ ସତ୍ୟପାଠ'ରେ କେବଳ ଉପରଠାଉରିଆ ଭାବେ ଅଭିଯୋଗକୁ ମିଛ ବୋଲି କୁହାଯାଇଛି, ଯାହାକି ପର୍ଯ୍ୟାପ୍ତ ନୁହେଁ। ଏପରି କି ସତ୍ୟପାଠରେ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ ପାଇଁ କ୍ୟାବିନେଟ ସେକ୍ରେଟାରିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଶୁଣାଣି ବେଳେ ଜଣେ ଆବେଦନକାରୀ ଅନୁରୋଧ କରିଥିଲେ। ଏଭଳି ସ୍ଥିତିରେ ଆବେଦନକାରୀମାନେ ଆଣିଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ ଦାବିକୁ ଗ୍ରହଣ କରିବା ବ୍ୟତୀତ ଆମ ପାଖରେ କୌଣସି ବିକଳ୍ପ ନାହିଁ। ଏହି ମାମଲାରେ କେନ୍ଦ୍ରକୁ ଅନେକ ଥର ସୁଯୋଗ ଦିଆଯାଇଥିଲା। ସମସ୍ତ ତଥ୍ୟ ସମ୍ବଳିତ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର 'ଜାତୀୟ ନିରାପତ୍ତା ପ୍ରତିରକ୍ଷା' ଆଳ ଦେଖାଇ ଆବଶ୍ୟକ ରେକର୍ଡ ଦସ୍ତାବିଜ ଦାଖଲ କରିନାହାନ୍ତି। ସରକାରଙ୍କ ଏପରି ଆଚରଣକୁ ଦେଖିଲେ ଆଉ ଅଧିକ କିଛି ନିର୍ଦ୍ଦେଶ ଦେବା ଅମୂଳକ ମନେହେଉଛି। ଏପରି କଲେ କେବଳ ବିଳମ୍ବ ହେବା ହିଁ ସାର। ଖଣ୍ଡପୀଠ ଆହୁରି କହିଥିଲେ, ଜାତୀୟ ସ୍ୱାର୍ଥରେ ବା ଜାତୀୟ ନିରାପତ୍ତା ଲାଗି ଆତଙ୍କବାଦ, ଅପରାଧ ଓ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ସଂଗୃହୀତ ତଥ୍ୟ ସମେତ ବିଭିନ୍ନ ପ୍ରକାର ସର୍ଭିଲାନ୍ସକୁ ବିଶ୍ୱ ଗ୍ରହଣ କରିଥାଏ। ଜାତୀୟ ସୁରକ୍ଷା ଉଦ୍ଦେଶ୍ୟରେ ରାଷ୍ଟ୍ରର ଏପରି କାର୍ଯ୍ୟକୁ ଆବେଦନକାରୀ ବିରୋଧ କରୁନାହାନ୍ତି। କିନ୍ତୁ ସେମାନଙ୍କ ଅଭିଯୋଗ ହେଉଛି ନାଗରିକଙ୍କ ବିରୋଧରେ ସ୍ପାଏୱେରର ସମ୍ଭାବ୍ୟ ଦୁରୁପଯୋଗ ଏବଂ ପ୍ରିଭେସି ଅଧିକାରର ଉଲ୍ଲଂଘନ। ଏଭଳି ସ୍ଥଳେ ନିଜ କାର୍ଯ୍ୟକୁ ନେଇ କେନ୍ଦ୍ର ସରକାର ନିଜେ ତଦନ୍ତ କରାଇଲେ ତାହା ଜାତୀୟ ସୁରକ୍ଷା ପ୍ରତି ଉପହାସ ହେବ।

### ସନ୍ଦିଗ୍ଧ ମହିଳାଙ୍କ...

ଆକ୍ଟିଭ ଥିବା ଜଣାପଡ଼ିଛି ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ଗତ ସେପ୍ଟେମ୍ବରରେ ଆଇଟିଆରର ୫ କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଝାମ୍ପୁରା ଗ୍ରାମର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରି ଓ ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚ୍ଚିନ କୁମାର। ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୭ ଦିନିଆ ରିମାଣ୍ଡରେ ଆଣି କଟକ ମୁଖ୍ୟାଳୟରେ ଜେରା କରିବା ପରେ କୋର୍ଟରେ ହାଜର କରିଥିଲା। ସୋସିଆଲ୍ ମିଡିଆରେ ୭ଟି ଆକାଉଣ୍ଟ ଖୋଲି ସମ୍ପୃକ୍ତା ମହିଳା ଅଭିଯୁକ୍ତଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ସେଥିରୁ ୪ଟି ଫେସବୁକ୍ ଆକାଉଣ୍ଟ ପାକିସ୍ତାନରୁ ଅପରେଟ୍ ହେଉଥିବା ଜଣାପଡିଥିଲା। ପ୍ରକ୍ସି ଆଇପି ଜରିଆରେ ଉକ୍ତ ମହିଳା ଲୋକେଶନ ଲୁଚାଉଥିଲେ। ପାକିସ୍ତାନରୁ ଅପରେଟ କରୁଥିଲେ ମଧ ଆମେରିକା, ଜର୍ମାନୀ, ଭାରତର ଆଇପି ଦର୍ଶାଉଥିଲେ।

### ନଭେମ୍ବରରେ ...

ପର୍ଯ୍ୟନ୍ତ ସ୍କୁଲ୍ ଖୋଲିବା ନେଇ ବିଚାରବିମର୍ଶ କରିବେ। ସ୍ଥିତିକୁ ଦେଖି ସରକାର ଆବଶ୍ୟକ ନିଷ୍ପତ୍ତି ନେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି। ଯଦିଓ ମହାମାରୀ ସଙ୍କଟରେ ଅନଲାଇନ୍ କ୍ଲାସ୍ ବ୍ୟବସ୍ଥା ହୋଇଛି। ତେବେ ଦୁର୍ଗମ ଅଞ୍ଚଳରେ ନେଟୱାର୍କ ସମସ୍ୟା ଏବଂ ଅନେକ ଛାତ୍ରୀଛାତ୍ରଙ୍କର ମୋବାଇଲ ନ ଥିବାରୁ ଅନଲାଇନ ପାଠ ପଢା ଶତପ୍ରତିଶତ ସଫଳ ହୋଇପାରିନି।

# ଓଲଟିଲା ଯାତ୍ରୀବାହୀ କ୍ୟାଣ୍ଟର, ୧୫ ଆହତ

କୋଣାର୍କ, ୨୭।୧୦(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ କୋଣାର୍କ-କାକଟପୁର ମୁଖ୍ୟରାସ୍ତାର ଗୟଳ ଛକଠାରେ ବୁଧବାର ଏକ ଯାତ୍ରୀବାହୀ କ୍ୟାଣ୍ଟର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ, ଷୋଳପୁଅ ନାମକ ଯାତ୍ରୀବାହୀ କ୍ୟାଣ୍ଟର(ନଂ.ଓଆର୧୩ଏ ୪୩୦୫) କାକଟପୁରଠାରୁ ୩୫ଜଣ ଯାତ୍ରୀଙ୍କୁ ନେଇ ସନ୍ଧ୍ୟା ସମୟରେ ପୁରୀ ଅଭିମୁଖେ ଯାଉଥିଲେ। ହେଲେ ଗୟଳ ଛକଠାରେ କ୍ୟାଣ୍ଟରଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଧାନ ବିଲକୁ ଓଲଟି ପଡିଥିଲା।

## ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କେନ୍ଦୁଝର ଏଡିଏମ୍ ଥିବା ସନ୍ତୋଷ କୁମାର ନାୟକଙ୍କୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ସୁବ୍ରତ କୁମାର ପଣ୍ଡାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଯୁଗ୍ମ ସଚିବ ଅଜୟ କୁମାର ନାୟକଙ୍କୁ କଟକସ୍ଥିତ କନ୍‌ସୋଲିଡେଶନ ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ଘରେ ପହଞ୍ଚିବ ମାଇଗ୍ରେଶନ ସାର୍ଟିଫିକେଟ

ସମ୍ବଲପୁର,୨୭।୧୦(ବ୍ୟୁରୋ)



ଅନ୍‌ଲାଇନ ସେବା ଉଦ୍‌ଘାଟନ କରୁଛନ୍ତି ଏସ୍‌ୟୁ କୁଳପତି ।

### ଏସ୍‌ୟୁରେ ଅନ୍‌ଲାଇନ ସେବା ଉଦ୍‌ଘାଟନ

■ ଉପକୃତ ହେବେ ୧୦ ଜିଲାର ୨୨୨ କଲେଜ ଛାତ୍ରୀଛାତ୍ର

■ ରାଜ୍ୟରେ ଦ୍ୱିତୀୟ ବିଶ୍ୱବିଦ୍ୟାଳୟ

ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ଛାତ୍ରୀଛାତ୍ରଙ୍କୁ ଆଉ ବିଶ୍ୱବିଦ୍ୟାଳୟ ଆସି ଧାଡ଼ିରେ ଛିଡା ହୋଇ ଆବେଦନ କରିବାକୁ ପଡ଼ିବ ନାହିଁ। ଅନ୍‌ଲାଇନରେ ଆବେଦନ କରିବା ପରେ ସେମାନଙ୍କ ଘରେ କିମ୍ବା ଦିଆଯାଇଥିବା ଠିକଣାରେ ସାର୍ଟିଫିକେଟ ପହଞ୍ଚିଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପରିସରରେ ବୁଧବାର ଅନ୍‌ଲାଇନ ସେବା ଉଦ୍‌ଘାଟନ ଅବସରରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଏହା କହିଥିଲେ। ସେ ଆହୁରି କହିଥିଲେ, ଏସ୍‌ୟୁ ଅଧୀନରେ ୧୦ ଜିଲାରେ ୨୨୨ କଲେଜ ରହିଛି। ଛାତ୍ରୀଛାତ୍ର ପାସ୍ କରିବା ପରେ ଓ ଅନ୍ୟ କଲେଜରେ ନାମ ଲେଖାଇଲେ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। କେତେକ ଜିଲାର କଲେଜ ବିଶ୍ୱବିଦ୍ୟାଳୟଠାରୁ ୩ଶହ କି.ମି. ଦୂରରେ ରହୁଛି। ସାର୍ଟିଫିକେଟ ପାଇଁ ପିଲାମାନେ ଆସିଲେ ଦିନଟିଏ ବିତିଯାଉଥିଲା। ପୁଣି ଫି' ଦେବାଠାରୁ ଆରମ୍ଭ କରି ଆବେଦନ କରିବା ନେଇ ସମସ୍ୟା ଭୋଗୁଥିଲେ। ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମାଇଗ୍ରେଶନ ସାର୍ଟିଫିକେଟ ଆବେଦନ କରିବା ପାଇଁ ସ୍ୱତନ୍ତ୍ର ସାଇଟ୍ ରହିଛି। ପିଲାମାନେ ମୋବାଇଲ ନମ୍ବର ଓ ମେଲ୍ ଆଇଡି ଦେଇ ଆବେଦନ କରିପାରିବେ। ଆବଶ୍ୟକ ପଡୁଥିବା ଫି' ମଧ୍ୟ ଅନ୍‌ଲାଇନରେ ଦେଇପାରିବେ। ସାର୍ଟିଫିକେଟ ପ୍ରସ୍ତୁତ କରି କର୍ତ୍ତୃପକ୍ଷ ଘରକୁ ପଠାଇବା ବ୍ୟବସ୍ଥା କରିବେ। ଯଦି ଜଣେ ଛାତ୍ର ଚାହିଁବେ ସେମାନେ ଏସ୍‌ୟୁ ଆସି ସାର୍ଟିଫିକେଟ ନେଇପାରିବେ। ରାଜ୍ୟରେ ଏହି ସେବା ପ୍ରଥମେ ଓୟୁଏଟି ଭୁବନେଶ୍ୱର ପକ୍ଷରୁ ଦିଆଯାଉଥିବା ବେଳେ ଦ୍ୱିତୀୟ ଅନୁଷ୍ଠାନ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆରମ୍ଭ କରିଛି। ଏ ସମ୍ପର୍କରେ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସୁବିଧା ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କ ପାଖରେ ସୁବିଧାରେ ସେବା ଯୋଗାଇଦେବାକୁ ପ୍ରାଥମିକତା ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷ ସଞ୍ଜିତ ସାହୁ, ପରୀକ୍ଷା ନିୟନ୍ତ୍ରକ ଆର୍.କେ. ପାଣିଗ୍ରାହୀ, ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏସ୍‌ୟୁ ଅଧୀନରେ ଥିବା କଲେଜର ଛାତ୍ରୀଛାତ୍ର ମାଇଗ୍ରେଶନ ସାର୍ଟିଫିକେଟ ସହ ଅନ୍ୟ କାମରେ ଆସିବା ପାଇଁ ସମସ୍ୟା ହେଉଥିଲା। ଅନେକ ଛାତ୍ରୀଛାତ୍ର ଓ ଅଭିଭାବକ ବାରମ୍ବାର ଆସି ଫେରିବାକୁ ପଡୁଥିଲା। ଅନ୍ୟପଟେ ସାର୍ଟିଫିକେଟ ନ ହେବାରୁ ଅନ୍ୟ କଲେଜରେ ନାମ ଲେଖାଇବାରେ ସମ୍ଭବ ହେଉ ନ ଥିଲା। ଅଭିଭାବକମାନେ ଏହାକୁ ନେଇ ଅଭିଯୋଗ ମଧ୍ୟ କରିଆସୁଥିଲେ। ଏ ନେଇ ବିଶ୍ୱବିଦ୍ୟାଳୟରେ ବୈଠକ କରାଯାଇ ଅନ୍‌ଲାଇନ ସେବା ଯୋଗାଇଦେବାକୁ ସ୍ଥିର ହୋଇଥିଲା।

# ଜେନେକ୍ସ ଡାଇଗ୍ନୋଷ୍ଟିକକୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଜେନେକ୍ସ ଡାଇଗ୍ନୋଷ୍ଟିକରେ ନକଲି କୋଭିଡ୍ ରିପୋର୍ଟ ଦିଆଯାଉଛି।ସମାନସାମ୍ପଲଆଇଡିଏବଂଏସ୍‌ଆର୍‌ଏଫ୍‌ଆଇଡିରେଏକାଧିକ ଲୋକଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏଭଳି ଅଭିଯୋଗ ନେଇ ଖବର ପ୍ରକାଶ ପାଇବା ପରେ ଜେନ୍‌ଏକ୍ସ ଡାଇଗ୍ନୋଷ୍ଟିକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବୁଧବାର କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ୩ଦିନ ମଧ୍ୟରେ ଏନେଇ କାରଣ ଦର୍ଶାଇବାକୁ କୁହାଯାଇଛି। ତେବେ ତାଙ୍କ ଲାଇସେନ୍ସକୁ କାହିଁକି ରଦ୍ଦ କରାଯିବନି ଓ ଏପିଡେମିକ୍ ଡିଜିଜ୍ ଆକ୍ଟ ଅନୁଯାୟୀ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ବିଏମ୍‌ସି ଉତ୍ତର ମାଗିଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରା ନ ଯାଏ ତେବେ ଏହାପରେ ଉତ୍ତର ରଖିବାକୁ ଆଉ ସୁଯୋଗ ଦିଆଯିବ ନାହିଁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ତଥାକଥିତ ଦଲାଲ କେବଳ ଆଧାର କାର୍ଡ ନମ୍ବର ନେଇ କୋଭିଡ୍ ରିପୋର୍ଟ ଦେଉଥିଲେ। ଏକାଧିକ ରିପୋର୍ଟରେ ସାମ୍ପଲ ଆଇଡି–୩୪୦୮୫୫୦୦୧ ଏବଂ ଏସ୍‌ଆର୍‌ଏଫ୍ ଆଇଡି–୨୧୩୬୨୦୨୨୭୪୫୫୫ ସମାନ ରହିଥିବାରୁ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି।

# ଦକ୍ଷତା ତାଲିମ ଅନୁଷ୍ଠାନ ପରିଦର୍ଶନ କଲେ ବାଗ୍‌ଚୀ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ବୁଧବାର ଭୁବନେଶ୍ୱରସ୍ଥିତ ଟେକ୍ସୱର ମ୍ୟାନେଜମେଣ୍ଟ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ୍ ସ୍କିଲ୍ ପ୍ରଶିକ୍ଷଣ ସଂସ୍ଥା ପରିଦର୍ଶନରେ ଯାଇଥିଲେ। ଏଠାରେ ସଂକଳ୍ପ ଯୋଜନାରେ ଦକ୍ଷତା ତାଲିମ ନେଉଥିବା ଯୁବତୀଯୁବକଙ୍କ ସହ ସେ ଆଲୋଚନା କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ଢେଙ୍କାନାଳ ଜିଲାର ୩୭ ଜଣ ଯୁବତୀଯୁବକ ସଂକଳ୍ପ ଯୋଜନାରେ ସୁରକ୍ଷା ସେବା ପ୍ରଦାନ ତାଲିମ ନେଉଛନ୍ତି। ସଂକଳ୍ପ ଯୋଜନା ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ଜୀବିକା ପ୍ରୋତ୍ସାହନ ପାଇଁ ଦକ୍ଷତା ହାସଲ ଓ ଜ୍ଞାନ ସଚେତନତା ପ୍ରଦାନ ଭିତ୍ତିକ ଏକ କାର୍ଯ୍ୟକ୍ରମ । ଏହା ମାଧ୍ୟମରେ ଗୁଣାତ୍ମକ ଏବଂ ପରିମାଣିକ ଭାବେ ଉନ୍ନତ ମାନର ସ୍ୱଳ୍ପ ମିଆଦୀ ଦକ୍ଷତା ତାଲିମ ପ୍ରଦାନ କରାଯାଇଥାଏ। ଉକ୍ତ ତାଲିମ ଗ୍ରହଣ ପରେ ତାଲିମପ୍ରାପ୍ତ ଯୁବତୀଯୁବକମାନେ ବିମାନବନ୍ଦର ଏବଂ ରେଲୱେ ଷ୍ଟେଶନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେବା ଯୋଗାଇବେ। ବାଗ୍‌ଚୀ ତାଲିମ ଅନୁଷ୍ଠାନର ଭିତ୍ତିଭୂମି ଦେଖିବା ସହ ପ୍ରଦାନ କରାଯାଉଥିବା ତାଲିମ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ, ପିନାକୀ ପଟ୍ଟନାୟକ ଏବଂ ଟେକ୍ସୱର୍ ମ୍ୟାନେଜମେଣ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ଅଜିତ ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ।

### ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୫-୨୦୨୧-୨୨, ତାରିଖ: ୨୬।୧୦।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ଦକ୍ଷିଣ ପୂର୍ବ ରେଳପଥ, ବଣ୍ଡାମୁଣ୍ଡାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ୦୭ ଗୋଟି ଡିଜି ଇଓଟି କ୍ରେନ୍ ବାର୍ଷିକ ରକ୍ଷଣାବେକ୍ଷଣ ସହିତ ତାହାର ପରୀକ୍ଷଣ ଓ ପ୍ରମାଣୀକରଣ (ଆସେସୋରିଜ୍ ସହିତ) । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୧୦,୮୨,୧୯୩.୮୪ (ଜିଏସ୍‌ଟି ସମେତ)। **ଅମାନତ ରାଶି:** ଶୂନ୍ୟ (ବିଡ୍ ସିକ୍ୟୁରିଟି ଘୋଷଣାନାମା ଦାଖଲ) । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭।୧୧।୨୦୨୧ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସୂଚନା ଓ ବିବରଣୀ:** http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । (PR-375)

### ଭିଜିଲାନ୍ସ ସଚେତନତା ସପ୍ତାହ

Azadi Ka Amrit Mahotsav

**26 ଅକ୍ଟୋବର ଠାରୁ 01 ନଭେମ୍ବର 2021**

**ସ୍ୱାଧୀନ ଭାରତ @ 75 : ଅଖଣ୍ଡତା ସହିତ ଆତ୍ମନିର୍ଭରଶୀଳତା**

**ଗ୍ରାହକମାନଙ୍କୁ ନିବେଦନ**

- ଦୟାକରି ବୈଧ ଦେୟ ଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ ।
- ଯେଉଁ ଅର୍ଥ ରାଶି ପୈଠ କରୁଛନ୍ତି ସେଥିଲାଗି ରସିଦ୍/ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ ।
- ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି କିମ୍ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣ ଦୟାକରି ଆପଣଙ୍କ ଅଭିଯୋଗ **ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଟେଲିଫୋନ୍ ନଂ.0674-2300230, ଫାକ୍ସ ନଂ.0674-2301328** ତଥା ଇ-ମେଲ ଆଇଡ଼ି : **sdgm@ecor.railnet.gov.in** କିମ୍ବା ୱେବ୍‌ସାଇଟ: **http://www.eastcoastrail.indianrailways.gov.in** ଙ୍କ ନିକଟକୁ ପଠାନ୍ତୁ ।
- ଦୟାକରି ଅଭିଯୋଗରେ ସ୍ୱାକ୍ଷର କରିବା ସହିତ ସଠିକ୍ ଠିକଣା ପ୍ରଦାନ କରନ୍ତୁ । ଏ ସମ୍ପର୍କିତ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯାଇ ସେସବୁ ଦିଗରେ ତତ୍‌କ୍ଷଣାତ ଉପଯୁକ୍ତ ପଦକ୍ଷେପ ନିଆଯାଏ । ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି, ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସଂପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, **ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍ 'ଏ', ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023**ଙ୍କ ଠିକଣାରେ ପ୍ରେରଣ କରନ୍ତୁ । ଲଫାପା ଉପରେ **"ଜନହିତ ପ୍ରକଟୀକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧୀନରେ ଅଭିଯୋଗ"** କିମ୍ବା **"PIDPI"** ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ ।
- **PIDPI** (ଜନହିତ ପ୍ରକଟୀକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧୀନରେ ଅଭିଯୋଗ)/ହ୍ୱିସିଲ ବ୍ଲୋଅର ଅଭିଯୋଗଗୁଡ଼ିକର ଦାଖଲ ନିମନ୍ତେ ମାର୍ଗଦର୍ଶିକା ପୂର୍ବ ତଟ ରେଳପଥର ଭିଜିଲାନ୍ସ ୱେବ୍‌ପେଜ୍ **"ଅଭିଯୋଗ ନୀତି"** ଅନ୍ତର୍ଗତ (**https://eastcoastrail.indianrailways.gov.in→About Us→HQ Department→Vigilance Department→Complaint Policy**) ରେ ଉପଲବ୍ଧ ।
- ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲ୍ପ ଲାଇନ୍ ନଂ. **8455885031** ରେ କଲ୍ କରି ସୂଚନା ଦେଇପାରିବେ ।

ଭିଜିଲାନ୍ସ ହେଲ୍ପ ଲାଇନ୍ ନଂ **8455885031**

**ପୂର୍ବ ତଟ ରେଳପଥ**
www.eastcoastrail.indianrailways.gov.in

PR-484/M/21-22

# ଚିକିତ୍ସାଳୟରୁ ବାଇକ୍‌ରେ ବୁହାହେଲା ମୃତଦେହ

ବାଙ୍କୀ,୨୭।୧୦ (ସ୍ୱ.ପ୍ର.)

### କାମରେ ଆସୁନି ମହାପ୍ରୟାଣ ଗାଡ଼ି



କଟକ ଜିଲା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ ପରେ ତାଙ୍କୁ ଘରେ ପହଞ୍ଚାଇବାକୁ ମହାପ୍ରୟାଣ ଗାଡି ଯୋଗା ନ ଯିବାରୁ ବାଇକ୍‌ରେ ପରିବାର ଲୋକେ ମୃତଦେହ ନେଉଥିବା ଦେଖିବାକୁ ମିଳିଥିଲା। ବାଙ୍କୀ ଡମପଡ଼ା ବ୍ଲକ ଡଁସର ଗାଁର ଖମାରପାଟଣାର ସ୍ୱର୍ଗତ ସନ୍ତୋଷ ଲେଙ୍କାଙ୍କ ଭିନ୍ନକ୍ଷମ ପୁଅ ସରୋଜ(୧୯) ମଙ୍ଗଳବାର ଶାରୀରିକ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ପକ୍ଷରୁ ସରୋଜଙ୍କ ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଭିନ୍ନକ୍ଷମ ସରୋଜଙ୍କ ପରିବାର ଲୋକେ ଉପଖଣ୍ଡ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ମୃତଦେହକୁ କିପରି ଘରକୁ ନେବେ ଜଣାଇଥିଲେ। ହେଲେ ଚିକିତ୍ସାଳୟ ଅଧିକାରୀ କହିଲେ, ଆମର ଏଠି ସୁବିଧା ନାହିଁ ଯାହା ଅଛି ତାହା ଚାଲୁନାହିଁ। ପରିବାର ଲୋକେ ଘରୋଇ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଉକ୍ତ ଆମ୍ବୁଲାନ୍ସ ଅଧିକ ଟଙ୍କା ଦାବି କରିବାରୁ ଭଡା ଦେବାକୁ ପରିବାର ଲୋକେ ଅସମର୍ଥ ପ୍ରକାଶ କରିଥିଲେ। ଶେଷରେ ପରିବାର ଲୋକେ ବାଇକ୍ ଯୋଗେ ମୃତଦେହ ନିଜ ଗ୍ରାମକୁ ନେଇଥିଲେ।

ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପଚାରିବାରେ ଏମ୍‌ପିଙ୍କ ପକ୍ଷରୁ ଏକ ମହାପ୍ରୟାଣ ଗାଡି ଯୋଗାଇ ଦିଆଯାଇଛି। ତାହା ଚଳେଇବାକୁ ଚାଳକ ଏବଂ ଇନ୍ଧନର ବ୍ୟବସ୍ଥା କରାଯାଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ସେ କହିଛନ୍ତି।

GOVERNMENT OF INDIA

## Ministry of Education
## Department of Higher Education
## Technical Section – I

### Invitation of Applications for the post of Director, IIT Bhubaneswar

Applications are invited for appointment to the post of Director of Indian Institute of Technology (IIT) Bhubaneswar. The Director of an IIT is the academic and administrative head of the Institution. He/she is expected to have a minimum of 5 years' administrative experience and leadership qualities to head an Institute of National Importance. The candidate/Person should be a Ph.D. with first class or equivalent at the preceding degree, preferably in a branch of Engineering. In exceptional cases, candidates with Science, Mathematics or Management degrees may be considered. He/she should have an outstanding academic record throughout and a minimum of 10 years teching experience as a Professor in a reputed Engineering or Technology Institute or University and should have guided Ph.D. students. The applicant should preferably be less than 60 years of age on the last date of receipt of the applications. The post carries a fixed pay of ₹ 2,25,000/- (Revised) per month, with allowances as per rules.

2. Interested individuals may apply giving their detailed resume in the prescribed format clearly bringing out research, teaching, industry-academia collaborations and administrative achievements, alongwith a two-page justification in support of their candidature, a two-page vision statement for the institution and contact details of at least two distinguished individuals well acquainted with their work. The application typed in the prescribed format along with enclosures may be sent by Registered/Speed Post to **The Under Secretary (TS.1), Department of Higher Education Ministry of Education, Room No. 428 "C" Wing, Shastri Bhawan, New Delhi-110001** so as to reach the Ministry **on or before 10th December, 2021.** The detailed advertisement and the format of application is available on the URL **https://www.education.gov.in/sites/upload_files/mhrd/files/iit_bh.pdf (www.education.gov.in & www.iitsystem.ac.in).**

No. B-517

## OFFICE OF THE SUPERINTENDING ENGINEER, BALASORE (ROADS & BUILDINGS) DIVISION-I

AT/P.O.- PADHUANPADA, BALASORE
Contact No. 06782-262045, Email ID: ee_blsrb@yahoo.co.in

**BID INVITATION NO. SE (R and B) BLS-Divn.-1-30/2021-22**

Letter No. 10188 | Date: 25.10.2021

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites percentage rate bids to be received in **ONLINE MODE** only for road and building works. | | |
| 2 | No. of Work | : | 1 No. |
| 3 | Nature of Work | : | Electrical works of Balasore (R&B) Division-I |
| 4 | Class of Contractor | : | "MV/HT" Electrical Contractors |
| 5 | Approx. value of work | : | Rs.37.92 lakhs |
| 6 | Tender Cost | : | Rs.6,000/- |
| 7 | Availability of Bid documents in the website | : | From 10.00 hours of Dt.29.10.2021 to 16.00 hours of Dt.09.11.2021 |
| 8 | Date of Opening of Bid | : | Dt.10.11.2021 at 11.00 hours |
| 9 | Other details can be seen in the bidding documents from the website: https://tendersorissa.gov.in. | | |

Sd./- Superintending Engineer
Balasore (R&B) Division-I
OIPR-34078/11/0023/2122

GOVERNMENT OF ODISHA | No. B-508

## OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

**INVITATIONS FOR BIDS (IFB)**

e-mail ID: supenger_rbjyp@yahoo.co.in
Phone No.: 06854-231528, Fax No. 06854-231528

**Bid Identification No. C.C.E.J.C. (R&B) - 10/2021-22**

No. 4303 | Date: 22.10.2021

| | | | |
|---|---|---|---|
| 1. | Nature of the Work | : | Building Work |
| 2. | Total No. of Works | : | 01 (One) No. |
| 3. | Estimated Cost | : | Rs.499.16 lakhs |
| 4. | Period of Completion | : | 09 (Nine) Months |
| 5. | Cost of Bid Document | : | Rs.10,000/- each |
| 6. | Bid Security (EMD) | : | Bid Security Declaration (Schedule-K) |
| 7. | Class of Contractor | : | "A" & "Special" Class |
| 8. | Date & time of availability of bid document in the portal | : | From 10.00 hours of 29.10.2021 to 17.00 hours of 11.11.2021 |
| 9. | Last date/time for receipt of bids in the portal | : | 17.00 hours of 11.11.2021 |
| 10. | Opening date of Bid | : | 10.00 hours of 12.11.2021 |
| 11. | Name and address of the Officer Inviting Bid | : | Chief Construction Engineer Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer
Jeypore (R&B) Circle, Jeypore
OIPR-34108/11/0011/2122

GOVERNMENT OF ODISHA | No. O-866

## OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)

E-mail ID: eerwrairangpur@yahoo.com

Letter No. 5944 | Date: 26.10.2021

**"e" Procurement Notice for ROAD Works**
**Bid Identification No. RWDRRP - 17 / 2021-22**

1. Name of the Work : As per Annexure
2. Estimated Cost : Rs.49.21 lakhs (Approximately)
3. Class of Contractor : "A" & "B" Class (of Odisha P.W.D.) or relevant Class of Works License.
4. Period of Completion : 01 (One) Calendar Month
5. Tender Paper Cost : As per Annexure

The details are as follows:

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of Opening of Tender in O/o. E.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| E.E.R.W. Division, Rairangpur | RWDRRP-17/2021-22 | 01.11.2021 at 11.00 A.M. | 11.11.2021 upto 5.00 P.M. | 10.11.2021 upto 5.00 P.M. | 12.11.2021 at 11.30 A.M. |

Further details can be seen from the website **www.tendersodisha.gov.in**.

Sd./- Er. D. Behera
Superintending Engineer, R.W. Division, Rairangpur
OIPR-25107/11/0017/2122

TPNØDL

## TP NORTHERN ODISHA DISTRIBUTION LIMITED

(A Tata Power & Odisha Govt. Joint Venture)
CIN No.: U40106OR2021SGC035951

**NOTICE INVITING TENDER (NIT)** October 27, 2021

**TPNODL invites tenders as per following details:**

| Tender Enquiry No. Work Description | Tender Fee / EMD (Rs.) | Availability of Bid Document | Last Date of Bid Submission |
|---|---|---|---|
| TPNODL/OT/2021-22/091 Dtd.16.10.2021 (Supply, Installation, Testing and Commissioning Of 1ph meter testing bench & 3ph meter testing bench) | Rs.5,000/ Rs.2,00,000 | 28.10.2021 | 12.11.2021; 1500 Hrs |
| TPNODL/OT/2021-22/097 Dtd.27.10.2021 (Construction of Store Shed of Size 28M X 17M at Balia, Balasore) | Rs.5,000/ Rs.2,00,000 | 01.11.2021 | 15.11.2021; 1500 Hrs |

**CORRIGENDUM**

| Tender Enquiry No. | Work Description | Published Date | Revised Due Date & Time of Bid Submission/ Date and time of opening of bids |
|---|---|---|---|
| TPNODL/IT/2021-22/016 Dtd.01.07.2021 | Implementation of Enterprise GIS at TPNODL | 02.07.2021 | 08.11.2021; 1500 Hrs. / 08.11.2021; 15.30 Hrs |

Please visit our website- **www.tpnodl.com** (Tenders) for complete details. All future communication regarding the tenders will be published on our website against each tender.

Query related to corrigendum, please contact to undersign-

HOD- Contracts
(9717393121)

## ODISHA PUBLIC SERVICE COMMISSION

**ADVERTISEMENT No.16 OF 2021-22**

### Recruitment to the posts of Post Graduate Teacher for 17 Nos. of stand-alone Government Higher Secondary Schools under Department of School & Mass Education

WEBSITE - **http://opsc.gov.in**

**No. D-178:-** Online applications are invited from the prospective candidates through the proforma application to be made available on the Website of the Commission (**http://opsc.gov.in**). The link for registration/re-registration and payment of examination fee shall be available from **08.11.2021 to 07.12.2021 (Note: 14.12.2021 is the last date for submission of Registered Online Application)** for recruitment to 335 (Three thirty five) posts of Post Graduate Teacher for 17 nos. of stand-alone Government Higher Secondary Schools under Department of School & Mass Education carrying the pay at Level-10 and Cell-01 of the Pay Matrix under ORSP Rules, 20217 with usual Dearness and other allowances as prescribed by the Government of Odisha from time to time. The posts are temporary but likely to be made permanent.

**2. VACANCY POSITION:** As per requisition filed by the Department of School & Mass Education, Government of Odisha, the discipline-wise vacancy position along with reservation thereof is given below:-

| Sl. No. | Name of the Disciplines | No. of Posts | UR | UR W | SC | SC W | ST | ST W | SEBC | SEBC W | PWD | Ex-Service-men | SP |
|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | (11) | | | |
| 1. | Anthropology | 3 (1-W) | 02 | 01 | -- | -- | -- | -- | -- | -- | 4% of 335 posts = 13 posts | 3% of 335 posts = 10 posts | 1% of 335 posts = 3 posts |
| 2. | Botany | 23 (8-W) | 07 | 04 | 03 | 01 | 03 | 02 | 02 | 01 | | | |
| 3. | Commerce | 26 (9-W) | 08 | 05 | 03 | 01 | 04 | 02 | 02 | 01 | | | |
| 4. | Chemistry | 26 (9-W) | 08 | 05 | 03 | 01 | 04 | 02 | 02 | 01 | | | |
| 5. | Education | 08 (3-W) | 02 | 02 | 01 | -- | 01 | 01 | 01 | -- | | | |
| 6. | English | 43 (14-W) | 14 | 07 | 05 | 02 | 07 | 03 | 03 | 02 | | | |
| 7. | Economics | 23 (8-W) | 07 | 04 | 03 | 01 | 03 | 02 | 02 | 01 | | | |
| 8. | Geography | 05 (02-W) | 01 | 02 | 01 | -- | 01 | -- | -- | -- | | | |
| 9. | Geology | 02 (01-W) | 01 | 01 | -- | -- | -- | -- | -- | -- | | | |
| 10. | History | 16 (05-W) | 05 | 02 | 02 | 01 | 03 | 01 | 01 | 01 | | | |
| 11 | Hindi | 07 (02-W) | 02 | 01 | 01 | -- | 01 | 01 | 01 | -- | | | |
| 12 | Indian Music | 01 | 01 | -- | -- | -- | -- | -- | -- | -- | | | |
| 13. | Logic/Philosophy | 11 (04-W) | 04 | 02 | 01 | 01 | 01 | 01 | 01 | -- | | | |
| 14. | Mathematics | 16 (05-W) | 05 | 02 | 02 | 01 | 03 | 01 | 01 | 01 | | | |
| 15. | Odia | 31 (10-W) | 11 | 05 | 03 | 02 | 05 | 02 | 02 | 01 | | | |
| 16. | Physics | 26 (09-W) | 08 | 05 | 03 | 01 | 04 | 02 | 02 | 01 | | | |
| 17. | Political Science | 20 (07-W) | 07 | 03 | 02 | 01 | 03 | 02 | 01 | 01 | | | |
| 18. | Psychology | 09 (03-W) | 03 | 02 | 01 | -- | 01 | 01 | 01 | -- | | | |
| 19. | Sanskrit | 06 (02-W) | 01 | 02 | 01 | -- | 01 | -- | 01 | -- | | | |
| 20. | Sociology | 02 (01-W) | 01 | 01 | -- | -- | -- | -- | -- | -- | | | |
| 21. | Statistics | 06 (02-W) | 01 | 02 | 01 | -- | 01 | -- | 01 | -- | | | |
| 22. | Zoology | 20 (07-W) | 07 | 03 | 02 | 01 | 03 | 02 | 01 | 01 | | | |
| 23. | Home Science | 04 (04-W) | -- | 02 | -- | 01 | -- | 01 | -- | -- | | | |
| 24. | Telugu | 01 | 01 | -- | -- | -- | -- | -- | -- | -- | | | |
| | | 335 (116-W) | 107 | 63 | 38 | 15 | 49 | 26 | 25 | 12 | | | |

**3. AGE:** A candidate must not be below the age of 21 (twenty one) years and above 32 (thirty two) years for fresh candidates as on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st January, 2000. The maximum age limit will be 45 (forthy fie) years for in-service candidates from the feeder cadre (TGT for Government High Schools under the Department of School & Mass Education of Odisha) as on the 1st day of January 2021.

**4. EDUCATIONAL QUALIFICATION:**

(i) A candidate must have Master's Degree in subject concerned from a recognized University and have possessed two years Post Graduate Master's Course or integrated six years Post Graduate Master's Course from Regional College of Education recognized by the NCERT in the concerned subject;

(ii) A candidate must have B.Ed. or equivalent degree recognized by the National Council for Teacher Education, New Delhi as equivalent with B.Ed. from a recognized University provided that B.Ed. qualification shall not be the mandatory eligibility criteria for the post of Post Graduate Teacher in the subjects where B.Ed. course is not offered.

(iii) Degree or Diploma in Computer Application is desirable qualification subject to production of the certificate in support of above qualification obtained from a recognized University or College or Institution having affiliation to a recognized University.

**N.B.:- B.Ed. qualification** for subjects other than **Botany, Chemistry, English, Economics, Geography, History, Hindi, Mathematics, Odia, Physics, Political Science, Sanskrit and Zoology** shall not be mandatory eligibility criteria for the post of Post Graduate Teacher.

**5. EXAMINATION FEE:**

A candidate is required to pay a non-refundable and non-adjustable fee of **Rs.400/- (Rupees four hundred) only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.**

The link for registration/re-registration and payment of examination fee shall be available from **08.11.2021 to 07.12.2021** (Note: **14.12.2021** is the last date for submission of Registered Online Application.)

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

CUTTACK
DATE- 27.10.2021

Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0121/2122

ଧରିତ୍ରୀ
DHARITRI
ଗୁରୁବାର, ୨୮ ଅକ୍ଟୋବର, ୨୦୨୧

> ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା । – ଶ୍ରୀଅରବିନ୍ଦ





# ବିଶ୍ୱ କ୍ଷୁଧା ସୂଚକାଙ୍କ ଓ ଭାରତ

ରିତିକା ଖେରା

ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ଅର୍ଥନୀତିଜ୍ଞ ମହବୁବ୍ ଉଲ୍-ହକ୍ଙ୍କ ସହିତ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ) ଆରମ୍ଭ କରିଥିଲେ। ହକ୍‌ଙ୍କୁ ଥରେ ସେନ୍ କହିଥିଲେ, ସେ ଏମିତି ଏକ ସୂଚକାଙ୍କ ତିଆରି କରିପାରିବେ ଯାହା ଏକଅଙ୍କ ବିଶିଷ୍ଟ ଏବଂ ଗ୍ରହଣୀୟ ନ ହେଲେ ବି ସତ୍ୟ। ମହବୁବ୍ ଉଲ୍-ହକ୍ ଉତ୍ତର ଦେଇଥିଲେ , ଏମିତି ଏକ ସୂଚକାଙ୍କ ତିଆରି କରନ୍ତୁ ଯାହା ଗ୍ରସ ଡୋମେଷ୍ଟିକ୍ ପ୍ରଡକ୍ଟ( ଜିଏନ୍‌ପି) ଭଳି ଗ୍ରହଣୀୟ ନ ହେଲେ ବି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବ, କିନ୍ତୁ ତାହା ଜିଏନ୍‌ପି ବଦଳରେ ମାନବ ଜୀବନର ଗୁଣବତ୍ତାକୁ ଅଧିକ ସୂଚାଉଥିବ। ସେନ୍ ଏହା ମଧ୍ୟ ଚେତାଇ ଦେଇଥିଲେ ଯେ, ଆମେ ଏହାକୁ ଏପରି କରିବା ନାହିଁ ଯାହା ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ (ଜିଏଚ୍‌ଆଇ)ବା ବିଶ୍ୱ କ୍ଷୁଧା ସୂଚକାଙ୍କ ଠାରୁ ଅଧିକ ଗୁରୁତ୍ୱ ବହନ କରିପାରିବ।

ଖାଦ୍ୟ ଅଧିକାର ଏକ ମୌଳିକ ଅଧିକାର। ବିଶ୍ୱ କ୍ଷୁଧା ସୂଚକାଙ୍କ (ଜିଏଚ୍‌ଆଇ) ର୍ୟାକିଙ୍ଗ୍ ପ୍ରକାଶ ପାଇବା ଦ୍ୱାରା ଭାରତରେ ଏହି ଅଧିକାର ପାଇବାକୁ ସଂଗ୍ରାମ କରୁଥିବା ଲୋକଙ୍କ ଆଡ଼କୁ ଦୃଷ୍ଟି ଦେବା ଲାଗି ଏକ ସୁଯୋଗ ସୃଷ୍ଟି ହୋଇଥାଏ। ଜିଏଚ୍‌ଆଇ କୌଣସି ଏକ ଦେଶର ୪ଟି ମୌଳିକ ସୂଚକର ହାରାହାରିକୁ ନେଇ ପ୍ରସ୍ତୁତ କରାଯାଏ। ଏଥିରେ ପ୍ରତ୍ୟେକ ସୂଚକକୁ ସମାନ ଗୁରୁତ୍ୱ ଦିଆଯାଇଥାଏ। ଗ୍ରହଣ କରୁଥିବା କମ୍ ପୋଷଣ, ୱେଷ୍ଟିଂ(ଉଚ୍ଚତା ଅନୁଯାୟୀ ଓଜନ), ଷ୍ଟଣ୍ଟିଂ (ବୟସ ଅନୁଯାୟୀ ଉଚ୍ଚତା) ଏବଂ ଶିଶୁ ମୃତ୍ୟୁହାରକୁ ଗଣନାକୁ ନେଇ ଜିଏଚ୍‌ଆଇ ପ୍ରସ୍ତୁତ କରାଯାଇଥାଏ। ଷ୍ଟଣ୍ଟିଂ ଏବଂ ୱେଷ୍ଟିଂ ପାଇଁ ଏହା ୨୦୧୬-୨୦ ମଧ୍ୟରେ ଉପଲବ୍ଧ ତଥ୍ୟକୁ ବିଚାରକୁ ନେଇଛି। ଯେହେତୁ ଏଗୁଡ଼ିକର ବାର୍ଷିକ ସର୍ଭେ କରାଯାଏ ନାହିଁ ସେଥିପାଇଁ ଏଭଳି କରାଯାଇଛି। ଭାରତରେ ୨୦୧୯-୨୦ରେ କରାଯାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)ର ୪ର୍ଥ ସର୍ଭେ ଉପରେ ଏହା ନିର୍ଭର କରିଛି। ଯଦିଓ ୨୦୧୯-୨୦ରେ ଏନ୍‌ଏଫ୍‌ଏଚ୍‌ଏସ୍-୫ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଡିସେମ୍ବର ୨୦୨୦ରେ ପ୍ରକାଶ କରାଯାଇଥିଲା। ଅନ୍ୟ ପର୍ଯ୍ୟାୟର ତଥ୍ୟ ଏବେ ସୁଦ୍ଧା ପ୍ରକାଶ କରାଯାଇନାହିଁ। ଠିକ୍ ଭାବେ କ୍ଷୁଧାର ସ୍ଥିତି ବା ହାର ଜାଣିବା ମାମୁଲି କଥା ନୁହେଁ। ଭାରତରେ କେତେକ ସର୍ଭେ କେବଳ ପ୍ରଶ୍ନଗୁଡ଼ିଏ ପଚାରି କ୍ଷୁଧା ସ୍ତର ଆକଳନ କରିବାକୁ ପ୍ରୟାସ କରିଛନ୍ତି। ଲୋକମାନଙ୍କୁ ଭୋକରେ ଶୋଇବାକୁ ବାଧ୍ୟ କରାଯାଉଛି କି କିମ୍ବା ଦିନରେ କୌଣସି ଭୋଜନରୁ ବଞ୍ଚିତ ହେଉଛନ୍ତି କିମ୍ବା କମ୍ ଖାଉଛନ୍ତି କି – ଏଭଳି ପ୍ରଶ୍ନ କରାଯାଇ କ୍ଷୁଧା ସ୍ତର ନିର୍ଣ୍ଣୟ କରାଯାଉଛି। ତେବେ ଏହାକୁ ଆଧାର କରି କ୍ଷୁଧା ଓ ପୋଷକ ପରିଣାମ ଜାଣିବା ଲଗି ଜିଏଚ୍‌ଆଇର ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ସୂଚକାଙ୍କର ମୌଳିକ ତତ୍ତ୍ୱଗୁଡ଼ିକ ଉପରେ ବିତର୍କର ଆବଶ୍ୟକତା ରହିଛି। ଜିଏଚ୍‌ଆଇର ସୀମିତ କାର୍ଯ୍ୟଧାରା ମଧ୍ୟ ଚର୍ଚ୍ଚାରେ ରହିଆସିଛି। କେତେ ଭାଗ ଲୋକ ପୋଷଣ ଅଭାବର ଶିକାର ହେଉଛନ୍ତି ତାହା ଆମେରିକାର ଫୁଡ୍ ଆଣ୍ଡ୍ ଏଗ୍ରିକଲଚର ଅର୍ଗାନାଇଜେଶନ (ଏଫ୍‌ଏଓ)ର ତଥ୍ୟରୁ ଜଣାଯାଏ, ଯାହା ଅବାସ୍ତବ ଧାରଣା ଉପରେ ପର୍ଯ୍ୟବସିତ। ତେବେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏହି ପଦ୍ଧତିକୁ ବିରୋଧ କରି ମନ୍ତବ୍ୟ ଜାରି କରିଲା ପରେ ଚଳିତ ବର୍ଷ କୌଣସି ପ୍ରକାରେ ସମ୍ପୂର୍ଣ୍ଣ ନିଆରା ଭାବେ ଜିଏଚ୍‌ଆଇ ଏହି ସବୁ ର୍ୟାଙ୍କ ସ୍ଥିର କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରକାର ଅନୁଧ୍ୟାନ ପଦ୍ଧତି ଉପରେ ଧ୍ୟାନ ଦେଇଛି।

ଏହା ଉପରେ ସରକାରଙ୍କ ପ୍ରତିକ୍ରିୟା କ'ଣ ରହିଛି ଜାଣିବା। ସରକାର ଦାବି କରିଛନ୍ତି ଯେ, ଜିଏଚ୍‌ଆଇ ରିପୋର୍ଟ ତୃଣମୂଳ ସ୍ତରର ବାସ୍ତବତା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରିଛି। ଏଥିରେ ବହୁ ଅସଙ୍ଗତି ରହିଛି। ଉଦାହରଣ ସ୍ୱରୂପ, ପ୍ରଥମରେ ଏହା କହିଛି ଯେ, କୁପୋଷଣ ବିଜ୍ଞାନଭିତ୍ତିକ ଆକଳନ ପାଇଁ ଉଚ୍ଚତା ଏବଂ ଓଜନ ମାପ କରିବା ଆବଶ୍ୟକ। କିନ୍ତୁ ଏଠାରେ ଗ୍ୟାଲପ୍ ପୋଲ୍ (ଆମେରିକାର ଆନାଲିଟିକ ଓ ଆଡ୍‌ଭାଇଜରି କମ୍ପାନୀ ଯାହା ଜନମତ ସର୍ଭେ କରିଥାଏ)ର ଅନୁଧ୍ୟାନ ପଦ୍ଧତି ଗ୍ରହଣ କରାଯାଇଛି, ଯେଉଁଥିରେ ଲୋକମାନଙ୍କର ମତ ସମ୍ପୂର୍ଣ୍ଣ ଟେଲିଫୋନିକ୍ ବା ଦୂରଭାଷିକ ଆକଳନ ଆଧାରରେ କରାଯାଇଥାଏ। ରିପୋର୍ଟର ପ୍ରଥମାର୍ଦ୍ଧ ଯୁକ୍ତିଯୁକ୍ତ ବା ସତ୍ୟ ମନେହୁଏ। ଏହା ଉଚ୍ଚତା ଏବଂ ଓଜନ ଆଧାରରେ କରାଯାଇଥିବା ୱେଷ୍ଟିଂ ଏବଂ ଷ୍ଟଣ୍ଟିଂରେ ଦୀର୍ଘମିଆଦୀ ତଥା ଭୟଙ୍କର କୁପୋଷଣକୁ ପ୍ରକାଶ କରିଛି। କିନ୍ତୁ ଦ୍ୱିତୀୟ ଭାଗରେ ତାହା ହୋଇନାହିଁ। ସେହି ସମାନ ରିପୋର୍ଟର ଶେଷ ବାକ୍ୟରୁ ଏହା ପ୍ରମାଣିତ ହୋଇଛି। ଉଲ୍ଲେଖ ରହିଛି ଯେ, ଶିଶୁମାନଙ୍କର ୱେଷ୍ଟିଂ ଏବଂ ଷ୍ଟଣ୍ଟିଂର ସ୍ଥିତି ୨୦୨୦ ତୁଳନାରେ ୨୦୨୧ରେ ଅପରିବର୍ତ୍ତିତ ରହିଛି।

ବିଶ୍ୱର ୧୧୬ ଦେଶ ମଧ୍ୟରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ୧୦୧। ଏଭଳି ର୍ୟାଙ୍କ୍‌ରେ ରହିବାରେ ଆମେ ବିବ୍ରତ ହେବା ଉଚିତ ନୁହେଁ କି? ତେବେ ଆମ ର୍ୟାଙ୍କ୍‌ର ଉପରେ ଓ ତଳେ ରହିଥିବା ଦେଶକୁ ଦେଖିଲେ ଉକ୍ତ ପ୍ରଶ୍ନର ଉତ୍ତର ମିଳିଯିବ। ଆମ ପଡ଼ୋଶୀ ତଥା ହିଂସା ଜଡ଼ିତ ଆଫଗାନିସ୍ତାନ ଆମର ଦୁଇଟି ର୍ୟାଙ୍କ ପଛକୁ ଅଛି। ଉତ୍ତର କୋରିଆ, ଯେଉଁଠି ଗଣତନ୍ତ୍ର ନାହିଁ, ତାହା ଆମ ଉପରେ ୯୬ ର୍ୟାଙ୍କ୍‌ରେ ରହିଛି। ଚଳିତ ବର୍ଷ ୱେଷ୍ଟିଂରେ ଭାରତ ବିଶ୍ୱରେ ସବୁଠୁ ଖରାପ ର୍ୟାଙ୍କ୍‌ରେ ସ୍ଥାନିତ ହୋଇଛି। କୁପୋଷଣର ସବୁଠୁ ଶକ୍ତିଶାଳୀ ସୂଚକାଙ୍କ ଭାବେ ଗଣାଯାଉଥିବା ଷ୍ଟଣ୍ଟିଂକୁ ଯଦି ଦେଖିବା ତେବେ ଭାରତ ମଧ୍ୟ ଖରାପ ର୍ୟାଙ୍କ୍‌ରେ ରହିଛି ବୋଲି ଜାଣିପାରିବା।

ପୋଷଣ ବୃଦ୍ଧି କରିବାକୁ ହେଲେ ସାମାଜିକ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କୋଭିଡ୍-୧୯ ମହାମାରୀରେ ଏଭଳି ସହଯୋଗରେ ବାଧା ଆସିବାରୁ ପୋଷଣ ପରିଣାମ ଖରାପ ସ୍ଥିତିରେ ରହିଛି। ପ୍ରଥମ ଲକ୍‌ଡାଉନ ପରଠାରୁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି (କେତେକ ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ଲହର ମଧ୍ୟରେ ଖୁବ୍ କମ୍ ସମୟ ଲାଗି ଖୋଲାଯାଇଛି)। ଫଳରେ ଗୁରୁତ୍ୱପୂର୍ଣ୍ଣ ସମୟରେ ଅତ୍ୟନ୍ତ ସମ୍ବେଦନଶୀଳ ସ୍ୱାସ୍ଥ୍ୟ ଓ ପୋଷଣ ଅଭିଯାନରେ ବାଧା ସୃଷ୍ଟି ହେବାରୁ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଯାଇଛି। ଅନେକ ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରରେ ୬ ବର୍ଷ ବୟସରୁ କମ୍ ପିଲାଙ୍କୁ ଅଣ୍ଡା ଦିଆଯାଇଥାଏ। ଅଣ୍ଡା ପୋଷକ ଉପାଦାନରେ ଭରପୂର। ଦୁର୍ଭାଗ୍ୟବଶତଃ ଭାରତର ଅଧିକାଂଶ ପିଲାଙ୍କୁ ଏହା ମିଳିପାରେ ନାହିଁ। ମହାମାରୀ ସମୟରେ ଅଙ୍ଗନୱାଡ଼ି ବନ୍ଦ ହେବା ଯୋଗୁ ଶିଶୁଙ୍କ ଟିକାକରଣ, ପ୍ରାକ୍ ପ୍ରସବ ଚିକିତ୍ସା (ଏଏନ୍‌ସି)ରେ ବାଧା ଆସିବା ସହ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିଲା ନାହିଁ। ସ୍ୱାଧୀନ ଭାବେ ଗବେଷଣା କରୁଥିବା ଭିପୁଲ ପାଇକ୍ରା ଏବଂ ରାଞ୍ଚି ୟୁନିଭର୍ସିଟିର ଅର୍ଥନୀତି ବିଭାଗର ଭିଜିଟିଂ ପ୍ରଫେସର ଜିନ୍ ଡ୍ରେଜିଙ୍କ ମତରେ ଗତବର୍ଷ ପ୍ରଥମ ଲକ୍‌ଡାଉନରେ ପୂର୍ବ ତୁଳନାରେ ଏହି ସବୁ ସେବା ସମ୍ପୂର୍ଣ୍ଣ ଧୂଳିସାତ ହୋଇଗଲା। ଶିଶୁ ଟିକାକରଣ ୬୫-୭୪% ମଧ୍ୟରେ ରହିଥିଲାବେଳେ ଏଏନ୍‌ସି ପଞ୍ଜୀକରଣ ୭୮-୮୦% ଏବଂ ଚିକିତ୍ସାଳୟରେ ପ୍ରସବ ୭୧ରୁ ୭୮%ରେ ସୀମିତ ରହିଥିଲା।

ମନେରଖିବାକୁ ହେବ ଯେ,ଶିଶୁ ଗର୍ଭରେ ଥିବା ସମୟକୁ ନେଇ ତା'ଜୀବନର ପ୍ରଥମ ୧୦୦୦ ଦିନ ମଧ୍ୟରେ ପୋଷଣର ଯଥେଷ୍ଟ ଆବଶ୍ୟକତା ରହିଛି ଓ ଏହା ସବୁଠୁ ବେଶି ଲାଭଦାୟକ। ସେଥିପାଇଁ ଗର୍ଭଧାରଣ କରିବା ଏବଂ ସ୍ତନ୍ୟପାନ କରୁଥିବା ମହିଳାଙ୍କ ସମେତ ୬ ବର୍ଷରୁ କମ୍ ବୟସର ଶିଶୁଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସୌଭାଗ୍ୟବଶତଃ, ଭାରତରେ ପିଲାମାନଙ୍କ ପାଇଁ ପୋଷଣ ଯୋଗାଇବା ଲାଗି ଏକ ଉପଯୋଗୀ ଢାଞ୍ଚା ରହିଛି। ଅଙ୍ଗନୱାଡ଼ି/ ଆଇଏସ୍‌ଡିଗୁଡ଼ିକରେ ପୋଷଣଯୁକ୍ତ ଖାଦ୍ୟ ଯୋଗାଇବା ସହ ସ୍କୁଲରେ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ୨୦ କୋଟି ପିଲା ଉପକୃତ ହେଉଛନ୍ତି। ୮୦ କୋଟି ଲୋକଙ୍କ ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା ( ପିଡିଏସ) ମଧ୍ୟ ଚାଲୁଛି। ମହାମାରୀ ସମୟରେ ସ୍କୁଲ୍ ଓ ଅଙ୍ଗନୱାଡ଼ି ପ୍ରାୟତଃ ବନ୍ଦ ହୋଇଥିବାବେଳେ ପିଡ଼ିଏସ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟରେ ଲଗାଯାଇପାରିଥାଆନ୍ତା। କିନ୍ତୁ ତାହା ହୋଇନାହିଁ। ହେଲେ ପୋଷଣ ପାଇଁ ଏକ ସ୍ପଷ୍ଟ ବିକଳ୍ପ ରହିଛି। ପିଡିଏସ୍‌କୁ ସମ୍ପ୍ରସାରିତ କରିବା, ସ୍କୁଲ ଓ ଅଙ୍ଗନୱାଡ଼ିରେ ଦିଆଯାଉଥିବା ଖାଦ୍ୟର ମାନ ବୃଦ୍ଧି କରିବା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନା ମାଧ୍ୟମରେ ସବୁଆଡ଼େ ମାତୃତ୍ୱରେ ଦେଖାଯାଉଥିବା ଜଟିଳ ସମସ୍ୟାଗୁଡ଼ିକୁ ସମାଧାନ କରି ସେମାନଙ୍କ ପ୍ରାପ୍ୟ ନିଶ୍ଚିତ ଦରକାର। ପଦକ୍ଷେପ ନ ନେଇ ସରକାର କ'ଣ ପାଇଁ ଅପେକ୍ଷା କରିଛନ୍ତି ତାହା ସ୍ପଷ୍ଟ ହେଉ ନାହିଁ।

**ଆସୋସିଏଟ୍ ପ୍ରଫେସର ( ଇକୋନୋମିକ୍ସ),**
**ଆଇଆଇଟି, ଦିଲ୍ଲୀ**

# ଯୁବବର୍ଗର ଉତ୍ତରଦାୟିତ୍ୱ



ଡ. ଭାରତ ଭୂଷଣ ରଥ

ସମ୍ପ୍ରତି ମୁମ୍ବାଇ ଠାରୁ ଆରମ୍ଭ କରି ଭୁବନେଶ୍ୱର ମହାନଗର ପର୍ଯ୍ୟନ୍ତ ଯୁବ ସମାଜର କାର୍ଯ୍ୟକଳାପକୁ ନେଇ ଜନତା ସ୍ତବ୍ଧ । ଅନେକ ଅସାମାଜିକ କାର୍ଯ୍ୟରେ ଯୁବବର୍ଗର ଭୂମିକା ଆଶାତୀତ ଭାବରେ ବୃଦ୍ଧି ପାଉଛି। ଆମେ ଜାଣୁ ଭାରତର ସର୍ବମୋଟ ଜନସାଧାରଣର ସିଂହଭାଗ ହେଉଛନ୍ତି ଯୁବବର୍ଗ। ଓ ଆଗାମୀ ପ୍ରାୟ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଯୁବବର୍ଗଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେବ। ଭାରତ ସରକାରଙ୍କ ୨୦୧୪ ୟୁଥ ପଲିସିକୁ ଆଧାର କରି ୧୫ ବର୍ଷରୁ ୨୯ ବର୍ଷ ବୟଷ ପର୍ଯ୍ୟନ୍ତ ଯୁବତୀଯୁବକମାନଙ୍କୁ ଯୁବବର୍ଗରେ ସାମିଲ କରାଯାଏ । କିନ୍ତୁ ମୋଟାମୋଟି ଭାବରେ ୧୫ରୁ ୩୫ ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ ଆସୁଥିବା ଯୁବବର୍ଗକୁ ଭାରତରେ ନିଯୁକ୍ତି, ପୁରସ୍କାର ତଥା ବିଭିନ୍ନ କ୍ଷେତ୍ରରେ ଯୁବ ଭାବରେ ସମ୍ମାନିତ କରାଯାଉଛି। ଭାରତ ସରକାର ତଥା ରାଜ୍ୟ ସରକାରଙ୍କର ଅନେକ ଯୋଜନାରେ ଯୁବବର୍ଗର ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି । ଶିକ୍ଷା, କୃଷି, କୁଟୀରଶିଳ୍ପ ତଥା ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଯୁବତୀଯୁବକଙ୍କର ସ୍ୱେଚ୍ଛାକୃତ ଅଂଶଗ୍ରହଣ ପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ତଥା ଅନେକ ସରକାରୀ ସୁବିଧା ସୁଯୋଗ ମଧ୍ୟ ପରିଲକ୍ଷିତ ହୁଏ। ଏ ସମସ୍ତ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଦିଲ୍ଲୀଠାରୁ ପଲ୍ଲୀଯାଏଁ ଯୁବବର୍ଗ ଅତ୍ୟଧିକ ବିଶୃଙ୍ଖଳିତ ଥିବାର ଦୃଷ୍ଟିଗୋଚର ହେଉଛି। ଗଣମାଧ୍ୟମରେ ପ୍ରସାରିତ ପ୍ରତ୍ୟେକଟି ଅସାମାଜିକ କାର୍ଯ୍ୟକଳାପରେ ଯୁବତୀଯୁବକ ସର୍ବାଗ୍ରେ ରହୁଛନ୍ତି। ଗାଁଗୁଡ଼ିକରେ ନିଶାଦ୍ରବ୍ୟ ସେବନ କରି ମା'ବାପାଙ୍କୁ ସର୍ବସ୍ୱାନ୍ତ କରିବା ସହିତ ନିଜେ ରୋଗ ଏବଂ ମାନସିକ ବିଷାଦଗ୍ରସ୍ତ ଜୀବନ ବିତାଉଛନ୍ତି ଅନେକ ଯୁବକ। ବର୍ତ୍ତମାନର ଯୁବବର୍ଗଙ୍କୁ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଜାଣିହୁଏ ଧନସମ୍ପତ୍ତିର ପ୍ରାଚୁର୍ଯ୍ୟରେ ବୁଡ଼ି ରହିଥିବା କିଛି ଯୁବକଯୁବତୀଙ୍କର ଜୀବନରାସ୍ତା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ। ଆଉ କିଛି ଧନସମ୍ପତ୍ତି ଏବଂ ପ୍ରତିଷ୍ଠା ପାଇବା ଉଦ୍ଦେଶ୍ୟରେ ବିପର୍ଯ୍ୟୟ ଆଡ଼କୁ ଗତି କରୁଛନ୍ତି। ବିଶେଷ ଭାବରେ ନିଶାସେବନ ଭାରତର ଯୁବଶକ୍ତିକୁ ଖୁବ୍ କ୍ଷତି ପହଞ୍ଚାଇଛି। ତେବେ ପ୍ରଶ୍ନ ଉଠେ ଏଭଳି ଅପ୍ରୀତିକର ପରିସ୍ଥିତି ପାଇଁ ଦାୟୀ କିଏ? ଏହି ପ୍ରଶ୍ନର ଉତ୍ତର ପଥଭ୍ରଷ୍ଟ ଯୁବତୀଯୁବକଙ୍କ ଆଡ଼କୁ ଯେତିକି ଅଙ୍ଗୁଳି ନିର୍ଦ୍ଦେଶ କରେ, ଅନେକାଂଶରେ ତାଙ୍କର ପିତାମାତାଙ୍କ ଆଡ଼କୁ ମଧ୍ୟ ସମାନ ଭାବରେ ଅଙ୍ଗୁଳି ନିର୍ଦ୍ଦେଶ କରେ।

ଆମେ ଜାଣୁ ଯୁବ ବୟସ ପାଦ ଖସିଯିବାର ସମୟ। ତେଣୁ ନିଜର ପିଲାମାନଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପକୁ ବନ୍ଧୁତ୍ୱପୂର୍ଣ୍ଣ ଶୈଳୀରେ ପିତାମାତାଙ୍କୁ ହିଁ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି। ପୂର୍ବରୁ ପିଲାମାନଙ୍କର ଶାସନ ଦାୟିତ୍ୱ ଉଭୟ ଶିକ୍ଷା ଅନୁଷ୍ଠାନ ଏବଂ ପିତାମାତାଙ୍କ ହାତରେ ରହୁଥିଲା। ବର୍ତ୍ତମାନ ସମୟର ପ୍ରବାହରେ ପିଲାମାନଙ୍କର ଶାସନ କେବଳ ପିତାମାତାଙ୍କ ଉପରେ ନିର୍ଭର କରେ। ଯଦି ମାତାପିତା ଏ ଗୁରୁ ଦାୟିତ୍ୱକୁ ସତର୍କତାର ସହିତ ନ ତୁଲାଇବେ, ତେବେ ପିଲାଟିଏ ସ୍ୱେଚ୍ଛାଚାରୀ ହେବ ନିଶ୍ଚୟ। ବର୍ତ୍ତମାନର ପରିବେଶ ଯୁବବର୍ଗଙ୍କୁ ସ୍ୱେଚ୍ଛାଚାରୀ ହେବାରେ ଅନେକ ପ୍ରକାରର ଇନ୍ଧନ ଯୋଗାଇଥାଏ । ତେଣୁ ଯୁବତୀ ଯୁବକମାନେ ମଧ୍ୟ ନିଜକୁ ସଂଯତ କରିବା ଆବଶ୍ୟକ। ଜୀବନର ଅର୍ଥ ନୁହେଁ କାମନା, ବାସନା ଏବଂ ଧନ ଉପାର୍ଜନ। ଏହି ତତ୍ତ୍ୱକୁ ପିଲାଟିଏ ନିଜ ବାପା ଏବଂ ମା'ଙ୍କଠାରୁ ପ୍ରଥମେ ଶିକ୍ଷା କରିବା ଆବଶ୍ୟକ। ଯୁବବର୍ଗ ସର୍ବଦା ସଂସ୍କାରସମ୍ପନ୍ନ ମହାପୁରୁଷମାନଙ୍କୁ ଅନୁକରଣ କରିବା ସହିତ ଜ୍ଞାନ ପ୍ରଦାୟକ ପୁସ୍ତକ ପଢ଼ିବା ଦରକାର । ଧନ ଏବଂ ଜ୍ଞାନ ଅପେକ୍ଷା ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦେବା ଯୁବକର କର୍ତ୍ତବ୍ୟ ହେଉ । ନିଜକୁ ଠିକ୍ ରାସ୍ତାରେ ରଖିବାର ଇଚ୍ଛାଶକ୍ତି ରଖିଲେ ସ୍ୱତଃ ମାନବର ବିବେକ ତାକୁ ସ୍ୱ ପଥର ପଥିକ କରେଇବ । ଏହାର ପ୍ରମାଣ ସ୍ୱରୂପ ଅନେକ ଯୁବତୀଯୁବକ ଦେଶ ପାଇଁ ଉତ୍ସର୍ଗୀକୃତ ସେବା ଭାବନା ନେଇ କାର୍ଯ୍ୟରତ ଏବଂ ଦେଶ ବିକାଶରେ ସହାୟକ ହୋଇ ପ୍ରଶଂସାର ପାତ୍ର ହେଉଛନ୍ତି । ତେବେ ଯେଉଁମାନଙ୍କ ପାଇଁ ମା', ବାପା, ଦେଶ ତଥା ସମାଜ ନିନ୍ଦିତ ହେଉଛି ସେହି ଯୁବବର୍ଗଙ୍କୁ ପରିବର୍ତ୍ତନ ହେବାର ସମୟ ଆସିଛି । ଯୁବସମାଜ ଚିନ୍ତା କରିବା ଆବଶ୍ୟକ ତାଙ୍କର ବ୍ୟବହାର ନିଜ ଉପରେ ଯେତିକି ପ୍ରଭାବ ପକାଉଛି, ତା'ଠାରୁ ଅଧିକ ପ୍ରଭାବ ସମାଜ ଉପରେ ପଡୁଛି ଏବଂ ସମାଜ ନଷ୍ଟ ହେବା ସହିତ ଉତ୍ତର ପିଢ଼ି କୁରାସ୍ତାକୁ ଆପଣାଉଛି ।

ବିଶ୍ୱର ପ୍ରତ୍ୟେକଟି ରାଷ୍ଟ୍ର ଭାରତର ଯୁବବର୍ଗଙ୍କୁ ଚାହିଁ ରହିଛି । ବିଶ୍ୱ ଭଲଭାବରେ ଜାଣିଛି ଭାରତର ଯୁବବର୍ଗ ଯଦି ନିଜ ଦେଶ ପ୍ରତି ଉତ୍ସର୍ଗୀକୃତ ହୋଇ ଦେଶ ବିକାଶରେ ମନୋନିବେଶ କରିବେ, ତେବେ ଭାରତ ସାମ୍ନାରେ ବିଶ୍ୱ ନତମସ୍ତକ ହେବ । ତେଣୁ ଭାରତର ଯୁବତୀଯୁବକମାନେ ନିଶାଦ୍ରବ୍ୟ ସେବନ ଓ ସନ୍ତ୍ରାସବାଦ ପ୍ରଭୃତି ଅନୈତିକ କାର୍ଯ୍ୟରୁ ଦୂରେଇ ରହି ସଂସ୍କାରଯୁକ୍ତ ଜୀବନ ଜିଇବା ପାଇଁ ସଙ୍କଳ୍ପବଦ୍ଧ ହେବା ବର୍ତ୍ତମାନ ସମୟର ଆହ୍ୱାନ ।

**ଅଧ୍ୟାପକ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶ, ମୋ: ୮୮୯୭୪୨୬୨୪୩**

## ଏଇ ଭାରତରେ

ବାଉଁଶ ଉତ୍ପାଦ ମାଧ୍ୟମରେ କୃଷି ସମସ୍ୟା ସମାଧାନ କରିବା ସହ ୨୦୦ ହସ୍ତଶିଳ୍ପୀଙ୍କୁ ରୋଜଗାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି କେରଳର ଏକ ଦମ୍ପତି। ଶିବରଞ୍ଜନ ଟି ଓ ଶ୍ରୀଲତାଙ୍କ ଉଦ୍ୟମରେ ଏବେ ୱାଏନାଡ ଜିଲାର ଥ୍ରିକାଇପେଟା ବାଉଁଶ ହସ୍ତକଳାର ଗାଁ ଭାବେ ଖ୍ୟାତି ଲାଭ କରିପାରିଛି। ଉକ୍ତ ଦମ୍ପତି ଉରାଭୁ ଇଣ୍ଡିଜେନସ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଷ୍ଟଡି ସେଣ୍ଟର ପ୍ରତିଷ୍ଠା କରି ବାଉଁଶ ଉତ୍ପାଦ ଓ ହସ୍ତକଳାକୁ ଆଗକୁ ନେବାରେ ସକ୍ଷମ ହୋଇଛନ୍ତି। ଏମାନେ ବାଉଁଶରେ ଅଳଙ୍କାର, କଲମ,ଫୁଲକୁଣ୍ଡ ତିଆରି କରୁଛନ୍ତି। ଏହା ସହ ଏମାନଙ୍କ ଦ୍ୱାରା ପ୍ରସ୍ତୁତ କ୍ଲଥ୍ ହ୍ୟାଙ୍ଗର, ଲ୍ୟାମ୍ପଶେଡ୍, ଷ୍ଟୋରେଜ କଣ୍ଟେନର, ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ, ବଟଲ ଓ ଫେସ୍‌ମାକ୍ସ ଆଦିର ବଜାର ଚାହିଦା ଢେର ବେଶି । ବାଉଁଶ ଉତ୍ପାଦ ପାଇଁ ଥ୍ରିକାଇପେଟା ଏବେ ପର୍ଯ୍ୟଟନ କେନ୍ଦ୍ର ପାଲଟିଛି। ଏହି ଗାଁରେ ସମସ୍ତେ କୃଷିଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ବାଉଁଶ ଉତ୍ପାଦ ବ୍ୟବହାର କରୁଛନ୍ତି। ଗାଁରେ ବାଉଁଶରେ ଘର ମଧ୍ୟ କରାଯାଇଛି। ପର୍ଯ୍ୟଟକମାନଙ୍କ ଲାଗି ଏହି ଘରେ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ପର୍ଯ୍ୟଟକମାନେ ଏଠାରେ ରହି ବାଉଁଶରୁ ବିଭିନ୍ନ ଉତ୍ପାଦ ସମ୍ପର୍କରେ ପ୍ରଶିକ୍ଷଣ ନେଉଛନ୍ତି। ଶିବରଞ୍ଜନ ଓ ଶ୍ରୀଲତା ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଦାନରେ ଏହି ଅଭିଯାନ ଚଳାଇଛନ୍ତି। ଦମ୍ପତିଙ୍କ ସଂସ୍ଥାରେ କାର୍ଯ୍ୟ କରୁଥିବା ୨୦୦ ହସ୍ତଶିଳ୍ପୀଙ୍କ ମଧ୍ୟରେ ୯୦ ପ୍ରତିଶତ ମହିଳା ରହିଛନ୍ତି। ୧୭ଟି ସ୍ୱୟଂ ସହାୟିକା ଗୋଷ୍ଠୀର ଏହି ମହିଳାମାନେ ବାଉଁଶ ଉତ୍ପାଦରୁ ଅଧିକ ଲାଭ ପାଉଛନ୍ତି। କେବଳ ଏତିକି ନୁହେଁ ଏମାନେ ପଞ୍ଚାୟତ, ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବାଉଁଶ ଜଙ୍ଗଲ ସୃଷ୍ଟି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୬

- ଇରାନର କ୍ଷମତାସୀନ କଞ୍ଜରଭେଟିଭ କ୍ଲର୍ଜି ରାଷ୍ଟ୍ରପତି ପଦ ପାଇଁ ପାର୍ଲାମେଣ୍ଟ ବାଚସ୍ପତି ଅଲ୍ଲୀ ଆକବର ନାଟେଜା ନୁରୀଙ୍କୁ ମନୋନୀତ କରିଛି।
- ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଥିବା ପ୍ରଚଳିତ ଆଇନକୁ ଦୃଢ଼ କରିବା ତଥା ଶକ୍ତି, ଯୋଗାଯୋଗ, ରେଳବାଇ ଏବଂ କୃଷିର ବିକାଶ ଘଟାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ୬,୧୦୦ କୋଟି ଟଙ୍କାର ରାଜନୈତିକ ଏବଂ ଅର୍ଥନୈତିକ ପ୍ୟାକେଜ ଘୋଷଣା କରିଛନ୍ତି।
- ଝାଡ଼ଖଣ୍ଡ ଏପ୍.ପି. ଲାଞ୍ଚ ମାମଲାରେ ଅଭିଯୁକ୍ତ ୪ ନେତାଙ୍କର ବିପୁଳ ପରିମାଣର ଅର୍ଥ ଜମା ରଖାଯାଇଥିବା ଏକାଧିକ ବ୍ୟାଙ୍କ ଖାତା ସିବିଆଇ ଠାବ କରିବାରେ ସମର୍ଥ ହୋଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 7 | | | | | | | |
| | | 3 | | | | 5 | | |
| | 6 | | 7 | | 2 | 4 | | |
| 7 | | | | | 9 | | | |
| | | | 2 | | | | | |
| 8 | | | | | 5 | | 1 | 9 |
| 3 | 2 | | | | | 6 | 8 | |
| | | 1 | 4 | 7 | | | | 5 |
| | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 2 | 7 | 5 | 9 | 4 | 1 | 8 |
| 7 | 5 | 8 | 4 | 2 | 1 | 9 | 3 | 6 |
| 4 | 1 | 9 | 8 | 3 | 6 | 7 | 5 | 2 |
| 3 | 4 | 5 | 1 | 7 | 8 | 6 | 2 | 9 |
| 1 | 9 | 6 | 3 | 4 | 2 | 8 | 7 | 5 |
| 8 | 2 | 7 | 9 | 6 | 5 | 3 | 4 | 1 |
| 9 | 6 | 4 | 2 | 1 | 3 | 5 | 8 | 7 |
| 5 | 7 | 1 | 6 | 8 | 4 | 2 | 9 | 3 |
| 2 | 8 | 3 | 5 | 9 | 7 | 1 | 6 | 4 |

ଗତକାଲିର ଉତ୍ତର

# ଚୟନାତ୍ମକ ଆକ୍ରୋଶ



ଡ. ଷ୍ଟାଲିନ ମିଶ୍ର

ଭାରତୀୟ ସମାଜ ବଡ଼ ବିଚିତ୍ର। ଏଠାରେ କୌଣସି ଜିନିଷ ଅରାଜନୈତିକ ନୁହେଁ। ନେତାଙ୍କଠାରୁ ଆରମ୍ଭ କରି ଜନତା ଯାଏ ସମସ୍ତେ ଜଣେ ଜଣେ ରାଜନୈତିକ ଚରିତ୍ର। ଆମମାନଙ୍କର କ୍ରିୟା-ପ୍ରତିକ୍ରିୟା, ବିରୋଧ-ସହଯୋଗ, ହାନି-ଲାଭ ସବୁ କିଛି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସମାଜରେ କିଛି ଘଟଣା ବା ଦୁର୍ଘଟଣା ଘଟିଲେ ଜନସାଧାରଣଙ୍କର ପ୍ରତିକ୍ରିୟା ଆସିବା ସ୍ୱାଭାବିକ। ଭଲ କାର୍ଯ୍ୟ ପାଇଁ ପ୍ରଶଂସା ତଥା ନିନ୍ଦନୀୟ କାର୍ଯ୍ୟ ଲାଗି ନିନ୍ଦା ବା ବିରୋଧ ମଧ୍ୟ ସ୍ୱାଭାବିକ କଥା। କିନ୍ତୁ ଆମ ସମାଜରେ ଏଥିରେ ବ୍ୟତିକ୍ରମ ସର୍ବବିଦିତ। ଆମେ ରାଜନୈତିକ କାରଣ ପ୍ରତି ଏତେମାତ୍ରାରେ ପ୍ରଭାବିତ ତଥା ବିବଶ ଯେ ଭଲକୁ ଭଲ ତଥା ଖରାପକୁ ଖରାପ କହିବା ପୂର୍ବରୁ ଏହାର ରାଜନୈତିକ ପରିଣାମ, ହାନିଲାଭ ତଥା ନିଜର ବ୍ୟକ୍ତିଗତ ସ୍ୱାର୍ଥ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆକଳନ କରି ପ୍ରତିକ୍ରିୟା ଦେବାକୁ ଶ୍ରେୟସ୍କର ମନେକରୁ; ଯାହାଦ୍ୱାରା ଅନେକାଂଶରେ ଆମେ ମୂଳ ବିଷୟବସ୍ତୁଠାରୁ ବହୁ ଦୂରକୁ ଚାଲିଯାଉ। ଆମ ଅଜାଣତରେ ଆମେ ଉକ୍ତ ବିଷୟବସ୍ତୁର ଗାମ୍ଭୀର୍ଯ୍ୟତା, ଉପାଦେୟତା, ମର୍ଯ୍ୟାଦା ତଥା ପ୍ରାସଙ୍ଗିକତାକୁ କ୍ଷତି ପହଞ୍ଚାଇଥାଉ। ଏହି ଚୟନାତ୍ମକ ଆକ୍ରୋଶ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ପୀଡ଼ିତାର ଅଶେଷ କ୍ଷତି ସାଧନ କରିଥାଏ। ଆମେ ନିଜ ରାଜନୈତିକ ସମର୍ଥିତ ବିଚାରଧାରାର ପ୍ରରୋଚନାରେ ନିଜ ପ୍ରତିକ୍ରିୟା ଦେବାକୁ ଉଚିତ ମନେକରୁ। ନିଜ ବିବେକକୁ ମାରିବାକୁ ବାଧ୍ୟ ହେଉ। ଅଧିକାଂଶ ଘଟଣାରେ ଆମେ ଅନିଚ୍ଛାକୃତ ଭାବେ ଏପରି ଧାରଣା ସୃଷ୍ଟିକରି ଚାଲୁ; ଯାହାଦ୍ୱାରା ନ୍ୟାୟିକ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ କେବଳ ଗୋଟେ ରାଜନୈତିକ ବିଷୟବସ୍ତୁରେ ସୀମିତ ହୋଇ ରହିଯାଏ।

ଭାରତୀୟ ସମାଜରେ ଆପଣ କେବେ ଦେଖିଛନ୍ତି କି ନିଜ ଦଳୀୟ ନେତାଙ୍କ କୁକୃତ୍ୟକୁ ନିଜ ଦଳୀୟ କର୍ମୀ ବିରୋଧ କରିବାର? ଆମେ ବରଂ ଯଥାସମ୍ଭବ ଘଣ୍ଟ ଘୋଡ଼ାଇବାକୁ ପସନ୍ଦ କରିଥାଉ। ଏପରି ମାନସିକତା ଭାରତ ଛଡ଼ା ଅନ୍ୟ କୌଣସି ଦେଶରେ ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ନେତା ଅନୀତିର ଶିଖରରେ ବସିଥିଲେ ମଧ୍ୟ ଆମେ ରାଜ ଦରବାରର ଭାଟ ସଦୃଶ ଚାଟୁକାରିତାକୁ ପ୍ରାଧାନ୍ୟ ଦେଇଥାଉ। ଏହି ଅନାବଶ୍ୟକ ଚାଟୁକାରିତା ଉଭୟ ନେତା ଓ ସମାଜର ସର୍ବନାଶ କରିବାକୁ ପ୍ରୋତ୍ସାହନ ତଥା ସାମର୍ଥ୍ୟ ପ୍ରଦାନ କରିଥାଏ। ଆମ ସମାଜରେ ଘୃଣ୍ୟରୁ ଘୃଣ୍ୟତମ ଅପରାଧ ପାଇଁ ମଧ୍ୟ ଆମେ ରାଜନୈତିକ କାରଣ ଖୋଜୁ। ପୀଡ଼ିତାକୁ ନ୍ୟାୟ ଦେବା ଅପେକ୍ଷା ଅପରାଧ କିଏ କଲା, ସେ କେଉଁ ରାଜନୈତିକ ଦଳର ଲୋକ, ନିଜ ଦଳର ଲୋକ କି ବିରୋଧୀ ଦଳର, ନିକଟ ଭବିଷ୍ୟତରେ କିଛି ନିର୍ବାଚନ ଅଛି କି ନାହିଁ ଏସବୁ ଦିଗ ପ୍ରତି ଧ୍ୟାନଦେଇ ଆନ୍ଦୋଳନକୁ ଓହ୍ଲାଇବା କ'ଣ ଲଜ୍ଜାଜନକ ବ୍ୟାପାର ନୁହେଁ କି? ଅପରାଧ ଯିଏ ବି କରୁ ସେ ଅପରାଧୀ, ପୀଡ଼ିତା ଶାସକଦଳ ସମର୍ଥିତ ହେଉ ଅବା ବିରୋଧୀଦଳ ସମର୍ଥିତ, ସେ ଜଣେ ପୀଡ଼ିତା ଏବଂ ପୀଡ଼ିତା କିପରି ନ୍ୟାୟ ପାଇବ, ଦୋଷୀ କିପରି ଉପଯୁକ୍ତ ଶାସ୍ତିପାଇବ ଏହାକୁ ସୁନିଶ୍ଚିତ କରିବା ଆମର ଖାଲି ଦାୟିତ୍ୱ ନୁହେଁ, କର୍ତ୍ତବ୍ୟ ମଧ୍ୟ। ଆଜିର ରାଜନୀତିସର୍ବସ୍ୱ ଜନତାଙ୍କୁ ପ୍ରଶ୍ନ ଏହି ମୌଳିକ କର୍ତ୍ତବ୍ୟ ପ୍ରତି ଆମେ କେତେ ସମର୍ପିତ? ଯଦି ଏହି ମୌଳିକ କର୍ତ୍ତବ୍ୟ ପ୍ରତି ଆମ ସମାଜର ୧୦ପ୍ରତିଶତ ଜନତା ସମର୍ପିତ ହୋଇପାରିବେ ତା'ହେଲେ ସମାଜରୁ ଏପରି ଘୃଣ୍ୟ ଅପରାଧ ନିଶ୍ଚିତ କମ୍ କରାଯାଇପାରିବ। ମନେରଖିବା ଉଚିତ ଯେ ରାଜନୀତି ଆମ ଜୀବନର ଏକ ଅଂଶବିଶେଷ ହୋଇପାରେ କିନ୍ତୁ ରାଜନୀତି ଆମ ଜୀବନ ନୁହେଁ ବା ଆମ ଜୀବନର ଏକମାତ୍ର ଲକ୍ଷ୍ୟ ନୁହେଁ।

ଏବେ ମୋର ପ୍ରଶ୍ନ ବିରୋଧ ପ୍ରଦର୍ଶନ କରୁଥିବା ରାଜନେତାମାନଙ୍କୁ। ଅପରାଧୀକୁ ଦଣ୍ଡଦେବାର ଅଧିକାର କାହାର? ନ୍ୟାୟାଳୟ ଓ ନ୍ୟାୟପ୍ରଣାଳୀ ଉପରେ ମିଡ଼ିଆଟ୍ରାଏଲ କି? ଆମ ସମ୍ବିଧାନ କହୁଛି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବାଯାଏ ତାକୁ ଦୋଷୀ କହିବା ଅପରାଧ। ତଦନ୍ତ ପ୍ରକ୍ରିୟା ଚାଲିଥିବାବେଳେ ଏପରି ଚୟନାତ୍ମକ ଆକ୍ରୋଶ ପ୍ରଦର୍ଶନ ତଦନ୍ତ ପ୍ରକ୍ରିୟାରେ ବାଧା ତଥା ନ୍ୟାୟପ୍ରଣାଳୀକୁ ପ୍ରଭାବିତ କରିବା ନୁହେଁ କି? ନିଜ ଦଳସମର୍ଥିତ ବ୍ୟକ୍ତିବିଶେଷ ଯଦି ଆପରାଧିକ କାର୍ଯ୍ୟରେ ନିୟୋଜିତ ହେବା ଦେଖୁଛନ୍ତି ଏହି ସମାନ ଆକ୍ରୋଶ ପ୍ରଦର୍ଶନ କରିବାକୁ ସତ୍‌ସାହସ କାହିଁକି ଦେଖାଇ ପାରୁନାହାନ୍ତି ସେମାନେ। ସେମାନଙ୍କର ନୈତିକ ମୂଲ୍ୟବୋଧ କୁଆଡ଼େ ଯାଉଛି। ଦଳମତ ନିର୍ବିଶେଷରେ ଅପରାଧୀକୁ ସଂରକ୍ଷଣଦେବା ଅପରାଧ ନୁହେଁ କି? କାହାର ସର୍ବନାଶ ଘଟିଥିବାବେଳେ ନିଜର ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ଶବ ଉପରେ ରାଜନୀତି କରିବା ଆମ ଶାଗୁଣାଚରିତ୍ରକୁ ପ୍ରତିପାଦନ କରିଥାଏ। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ସରକାରଙ୍କୁ ଅବା ଶାସକଦଳର କୌଣସି ପ୍ରଭାବଶାଳୀ ନେତାଙ୍କୁ ଅନାବଶ୍ୟକ ଭାବେ ସଂଶ୍ଳିଷ୍ଟ କରାଯାଏ । ଗଣମାଧ୍ୟମ ସଂସ୍ଥା ମଧ୍ୟ ବେଶ୍ କିଛିଦିନ ପାଇଁ ନିଜ ଟି.ଆର.ପି. ବୃଦ୍ଧି ଲୋଭରେ ଏପରି ସମବେଦନଶୀଳ ଘଟଣାକୁ ନେଇ ଆରମ୍ଭକରେ ଆରୋପ ପ୍ରତ୍ୟାରୋପ, ମେଡିଆଟ୍ରାଏଲ, ଚର୍ଚ୍ଚା। ଏସବୁ ମଧ୍ୟରେ ସମସ୍ତେ ଭୁଲିଯାନ୍ତି ଯେ କାହାକୁ ଦୋଷୀ କିମ୍ବା ନିର୍ଦ୍ଦୋଷ ଘୋଷଣା କରିବାର ଅଧିକାର କେବଳ ନ୍ୟାୟାଳୟର।

ଯଦି ସମସ୍ୟା କାହାର ଜୀବନ ମୃତ୍ୟୁର, କାହାର ମାନଅପମାନର, କାହାର ଇଜ୍ଜତ ସ୍ୱାଭିମାନର, ନୈତିକତାର, ନ୍ୟାୟ ପ୍ରଦାନ କରିବାର ତଥା ସମାଜକୁ ବ୍ୟଭିଚାର ମୁକ୍ତକରିବାର, ଜନତାଙ୍କ ଆତ୍ମସମ୍ମାନକୁ ସୁରକ୍ଷିତ ରଖିବାର ତା'ହେଲେ ଏହି ଚୟନାତ୍ମକ ଆକ୍ରୋଶ କ'ଣ ପାଇଁ? ତା'ହେଲେ ଦୋଷୀ ଦଣ୍ଡପାଇବା ଯାଏ, ପୀଡ଼ିତା ନ୍ୟାୟପାଇବା ଯାଏ ସମାଜ ପାପମୁକ୍ତ ହେବା ଯାଏ ଆମ ସଂଗ୍ରାମ, ଆମ ବିକ୍ଷୋଭ ତଥା ଆମ ବିରୋଧାଭାସ କାହିଁକି ଜାରି ରହୁନି। କହିପାରିବେ କି ଆଜିଯାଏ କେହି ଜଣେ ବି ହେଲେ ପୀଡ଼ିତା ଏହି ରାଜନୈତିକ ପ୍ରଣୋଦିତ ଆକ୍ରୋଶ ପ୍ରଦର୍ଶନରୁ ନ୍ୟାୟ ପ୍ରାପ୍ତି କରିପାରିଛି। ଯଦି ନୁହେଁ ତା'ହେଲେ ଏହି ବ୍ୟୟବହୁଳ ରାଜନୈତିକ ନାଟକବାଜି କ'ଣ ପାଇଁ। ଯେଉଁ ନେତାଙ୍କୁ ଆମେ ଆଜି ଖଳନାୟକ ସଜାଉଛନ୍ତି ପରମୁହୂର୍ତ୍ତରେ ନିଜର ବ୍ୟକ୍ତିଗତ ସ୍ୱାର୍ଥସାଧନ ଲୋଭରେ ତାଙ୍କ ଚରଣବନ୍ଦନା କରିବାକୁ ପଛାଉ ନାହୁଁ କାହିଁକି। ଯଦି କଥା ନାରୀ ସମ୍ମାନର, ନାରୀ ସ୍ୱାଭିମାନର ତା'ହେଲେ ଆମ ନୈତିକତା ବିରୋଧୀ ଶାସକ ମଧ୍ୟରେ କାହିଁକି ବିଭକ୍ତ ହେଉଛି। ଯିଏ ଅପରାଧୀକୁ ସଂରକ୍ଷଣ ଦେଉଛି ସେପରି ନେତା ବା ରାଜନୈତିକ ଦଳକୁ ଆମେ ଆଜୀବନ ବାସନ୍ଦ କରିପାରିବାର ସାହସ ଜୁଟାଇ ପାରିବା କି? ଯଦି ସେହି ସାହସ ଜୁଟାଇ ପାରିବା ହୁଏତ ଆମେ ଆମ ସମାଜକୁ ଅପରାଧମୁକ୍ତ କରିପାରିବା। ନ ହେଲେ ଆମେ ଲକ୍ଷେ ବିରୋଧାଭାସ, ଆକ୍ରୋଶ ପ୍ରଦର୍ଶନ, ମହମବତି ଶୋଭାଯାତ୍ରା ତଥା ଚକାଜାମ କଲେ ବିନା ପୀଡ଼ିତା ନ୍ୟାୟପାଇବ ନା ସମାଜରେ ଅପରାଧ କମ ହେବ। କେବଳ ଆମ ଆକ୍ରୋଶ ରାଜନୈତିକ ନାଟକବାଜିରେ ହିଁ ସୀମିତ ରହିଯିବ।

ଆସନ୍ତୁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା, ଦଳମତ ନିର୍ବିଶେଷରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା, ଶାଗୁଣା ଚରିତ୍ର ପରିତ୍ୟାଗ କରିବା,ନ୍ୟାୟ ପ୍ରଣାଳୀକୁ ସ୍ୱଚ୍ଛ କରିବାକୁ ତତ୍ପରହେବା, ସମାଜକୁ ଅପରାଧ ମୁକ୍ତକରିବାକୁ ପ୍ରଯତ୍ନ କରିବା, ଅପରାଧୀଙ୍କୁ ପ୍ରୋତ୍ସାହନ ତଥା ସଂରକ୍ଷଣ ପ୍ରଦାନ କରୁଥିବା ରାଜନେତାଙ୍କୁ ଆଜୀବନ ପରିତ୍ୟାଗ କରିବା, ଚୟନାତ୍ମକ ଆକ୍ରୋଶ ନୁହେଁ ବରଂ ଭୁଲ୍‌କୁ ଭୁଲ୍ ଠିକ୍‌କୁ ଠିକ୍ କହିବାକୁ ସାହସ ଦେଖାଇବା। ନିଜର ରାଜନୈତିକ ହାନି ଲାଭର ଆକଳନରୁ ବିରତ ରହି ସମାଜହିତରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ତତ୍ପର ରହିବା। ନୀତି ଅନୀତିରେ ପ୍ରଭେଦ କରିବାର କ୍ଷମତା ହାସଲ କରିବା, ନିଜ ଘରୁ ସଫାଇ କାର୍ଯ୍ୟ ଆରମ୍ଭକରିବା। ଏହାଦ୍ୱାରା ହୁଏତ ଆମେ ଆମ ସମାଜକୁ ପାପମୁକ୍ତ କରିବାରେ ସମର୍ଥ ହୋଇପାରିବା।

**ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର**
**ମୋ: +୯୧ ୯୩୪୩୯୩୫୩୪୧**

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଗ୍ୟାସ୍ ଦର କମାନ୍ତୁ

ମହାଶୟ,

ଭାରତର ଲୋକସଂଖ୍ୟା ୧୪୦ କୋଟିକୁ ଛୁଇଁଲାଣି। ଏ ଦେଶରେ ଧନୀଙ୍କଠାରୁ ଗରିବଙ୍କ ସଂଖ୍ୟା ଅଧିକ। ବିଦେଶୀମାନେ କୁହନ୍ତି ଭାରତ ଗରିବ ଦେଶ । ତେବେ ଭାରତ ଗରିବ ହେଉ ବା ଧନୀ ହେଉ ବର୍ତ୍ତମାନ ଖାଉଟି ଦ୍ରବ୍ୟର ମୂଲ୍ୟ ଯେପରି ହୁ ହୁ ହୋଇ ବଢ଼ି ଚାଲିଛି, ଧନୀଠାରୁ ଗରିବ ଯାଏଁ ସମସ୍ତେ ଅତିଷ୍ଠ ହୋଇପଡିଲେଣି । ମୁଖ୍ୟତଃ ଜାଲେଣି ଗ୍ୟାସ୍ ହଜାର ଟଙ୍କାକୁ ଛୁଇଁଲାଣି । ଧନୀଠାରୁ ଗରିବ ଯାଏ ସମସ୍ତେ ଗ୍ୟାସ ଉପରେ ନିର୍ଭର କରୁଛନ୍ତି। ଗ୍ୟାସ ଦର ଅତ୍ୟଧିକ ହେବା ଦ୍ୱାରା କେନ୍ଦ୍ର ସରକାରଙ୍କ ଉପରେ ସମସ୍ତେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରି କି କ୍ରୋଧରେ ଭର୍ତ୍ସନା କରୁଛନ୍ତି। ଏଥିରେ କେନ୍ଦ୍ରର ମୋଦି ସରକାର ସଚେତନ ନ ହେବା ଓ ଗ୍ୟାସ ଦର କମାଇବା ପାଇଁ ପଦକ୍ଷେପ ନ ନେବା ଆଗାମୀ ନିର୍ବାଚନରେ ପ୍ରତିବନ୍ଧକ ସୃଷ୍ଟି ହେବାର ନିଶ୍ଚିତ ସମ୍ଭାବନାକୁ ଏଡାଇ ହେବ ନାହିଁ। ଯେକୌଣସି ମତେ କେନ୍ଦ୍ର ସରକାର ଗ୍ୟାସ ଦର କମାଇବା ପାଇଁ ଯତ୍ନବାନ ହୁଅନ୍ତୁ।

**–ରଞ୍ଜନ ମିଶ୍ର, ରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫେରି ଆସିବରେ ପୁରାଣ ଭାରତ ମମ
ଉଠିବ ଘେନି ସେ ନବ ରୂପ ଅନୁପମ
ସବୁ କଳଙ୍କ ଦୂରେ ଯିବ ଖସି
ପୁରାତନ ମାଟି ଉଠିବରେ ହସି
ପରାଚୀର ଭାଲେ ଉକୁଟେ ଆଲୋକ, ନାହିଁ ନାହିଁ
ଆଉ ଡେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଏଚ୍‌ଡିଏଫ୍‌ସି ଏଏମ୍‌ସିର ନୂଆ ଫଣ୍ଡ ଅଫର**

ଏଚ୍‌ଡିଏଫ୍‌ସି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନି ପକ୍ଷରୁ ଏଚ୍‌ଡିଏଫ୍‌ସି ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସ ଫଣ୍ଡର ନୂଆ ଫଣ୍ଡ ଅଫର ବିଷୟରେ ଘୋଷଣା କରାଯାଇଛି। ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସର ପ୍ରଦର୍ଶନ ଅନୁସାରେ ରିଟର୍ଣ୍ଣ ପାଇବାକୁ ଚାହୁଁଥିବା ନିବେଶକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଫଣ୍ଡ ପ୍ରସ୍ତୁତ କରାଯାଇଛି। ନ୍ୟାସନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନେକ୍ସଟ୍ ଟପ୍ ୫୦ କମ୍ପାନିରେ ନିବେଶ କରିବାକୁ ଚାହୁଁଥିବା ନିବେଶକମାନେ ଏହି ଫଣ୍ଡକୁ ବ୍ୟବହାର କରିପାରିବେ। ଏହି ଫଣ୍ଡର ନୂଆ ଫଣ୍ଡ ଅଫର (ଏନ୍ଏଫ୍‌ଓ) ଅକ୍ଟୋବର ୨୨ରେ ଖୋଲିଥିବା ବେଳେ ଅକ୍ଟୋବର ୨୯ରେ ବନ୍ଦ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ମହାମାରୀ ବହୁ କିଛି ଶିଖାଇଦେଲା


ଅଖିଳ ପୋଦ୍ଦାର

**ବ୍ୟବସାୟ ନୀତି ବଜାୟ ରଖି ଗ୍ରାହକଙ୍କ ସ୍ୱାର୍ଥକୁ ଗୁରୁତ୍ୱଦେବା କୌଣସି ବାଣିଜ୍ୟ ଲାଗି ବିଶେଷ ଗୁରୁତ୍ୱ ବହନ କରିଥାଏ। ଗ୍ରାହକଙ୍କୁ ପ୍ରାଥମିକତା ଦେଲେ ସେମାନଙ୍କ ଭିତରେ ଉତ୍ସାହ ବୃଦ୍ଧିପାଇବ। ପ୍ରତିଯୋଗିତାର ଅହଂ ଛାଡ଼ି ସଂହତି ମନୋଭାବ ରଖିବାକୁ ହେବ। ଏହା ବ୍ୟବସାୟ ବୃଦ୍ଧି ତଥା ଆଗାମୀ ପିଢ଼ିକୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିବ ବୋଲି କଟକ ସ୍ଥିତ ହୋଣ୍ଡା ଟୁହ୍ୱିଲର୍ସର ଡିଲର ଉତ୍କଳ ଅଟୋ ସତ୍ୱାଧିକାରୀ ଅଖିଳ ପୋଦ୍ଦାର କୁହନ୍ତି। ବ୍ୟବସାୟ ପରିଚାଳନା ନେଇ ତାଙ୍କ ସହ ଧରିତ୍ରୀର ସାକ୍ଷାତକାର....**

**ପ୍ରଶ୍ନ- ଦୁଇଚକିଆ ଯାନ ଡିଲର ବ୍ୟବସାୟ ପ୍ରତି କିଭଳି ଆକୃଷ୍ଟ ହେଲେ?**
ଉତ୍ତର- ବର୍ତ୍ତମାନ ଲୋକମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବା ଲାଗି ଯାନ ଉପରେ ନିର୍ଭର କରୁଛନ୍ତି। ବ୍ୟକ୍ତି ପିଛା ଯାନର ଆବଶ୍ୟକତା ଢେର ବଢ଼ିଛି। ବଜାରରେ ଦୁଇଚକିଆ ଯାନର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହାହିଁ ଦୁଇଚକିଆ ଯାନ ଡିଲରଶିପ କ୍ଷେତ୍ରରେ ପ୍ରବେଶ କରିବାକୁ ଆକୃଷ୍ଟ କରିଛି ।

**ପ୍ରଶ୍ନ- ବଜାରରେ କିଭଳି ପରିବର୍ତ୍ତନ ଦେଖିଛନ୍ତି?**
ଉତ୍ତର- ବଜାରରେ ଆନୁଷ୍ଠାନିକ ବ୍ୟବସାୟ ଅପେକ୍ଷା ପ୍ରତ୍ୟକ୍ଷ ବିକ୍ରି ଉପରେ ଖାଉଟି ବେଶି ନିର୍ଭରଶୀଳତା ଲକ୍ଷ୍ୟ କରାଯାଉଛି। ବଜାରରେ ପ୍ରତିଯୋଗିତା ରହିଛି। ଖାଉଟିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନକରି ବ୍ୟବସାୟ କରିବାକୁ ପଡୁଛି।

**ପ୍ରଶ୍ନ- ମହାମାରୀ ବ୍ୟବସାୟୀଙ୍କୁ କ'ଣ ଶିଖେଇଲା?**
ଉତ୍ତର- ମହାମାରୀ କ୍ଷତି ପହଞ୍ଚାଇବ ବୋଲି ବ୍ୟବସାୟୀମାନେ କେବେ କଳ୍ପନାକରି ନ ଥିଲେ। ସାରା ବିଶ୍ୱକୁ ଏହା ସଙ୍କଟ ସ୍ଥିତିକୁ ଠେଲିଦେଇଛି। ମହାମାରୀ ବ୍ୟବସାୟୀଙ୍କୁ ସଚ୍ଚୋଟତା ଶିକ୍ଷା ଦେଇଛି । ମହାମାରୀ ବହୁତ କିଛି ଶିଖାଇ ଦେଇଛି।

**ପ୍ରଶ୍ନ- ଯୁବବର୍ଗଙ୍କୁ କ'ଣ ସନ୍ଦେଶ ଦେବେ?**
ଉତ୍ତର- ବର୍ତ୍ତମାନ ପରିବେଶ ପ୍ରତି ବିପଦ ଦେଖାଦେଇଛି। ଯୁବବର୍ଗ ପ୍ରକୃତି ସହ ବନ୍ଧୁତ୍ୱ ସୃଷ୍ଟିକରି ତା'ର ସେବାରେ ବ୍ରତୀ ହେଲେ ସମାଜ ଅଧଃପତନରୁ ରକ୍ଷା ପାଇପାରିବ ।

**ପ୍ରଶ୍ନ- ହୋଣ୍ଡା ସହ ସମ୍ପର୍କ କିଭଳି ଯୋଡ଼ିଲେ?**
ଉତ୍ତର- ଅନ୍ୟ ଯାନଗୁଡ଼ିକ ଅପେକ୍ଷା ଏହା କମ୍ ପ୍ରଦୂଷଣ ସୃଷ୍ଟିକାରୀ। ଏକ ଗ୍ଲୋବାଲ କମ୍ପାନୀ ଭାବେ ଏହାର ସୁନାମ ରହିଛି। ଏହି ବ୍ରାଣ୍ଡ୍ ଗ୍ରାହକଙ୍କ ଦ୍ୱାରା ଆଦୃତ। ଏହାର ପ୍ରଡକ୍ଟଗୁଡ଼ିକ ସ୍ୱତନ୍ତ୍ର। ଏଭଳି ବିଭିନ୍ନ ଦିଗକୁ ବିଚାରକରି ହୋଣ୍ଡା ସହ ଯୋଡ଼ିହୋଇଛୁ।

**ପ୍ରଶ୍ନ- ଉନ୍ନତ ଗ୍ରାହକ ସେବା ବାଣିଜ୍ୟ ପାଇଁ କିଭଳି ଗୁରୁତ୍ୱ ରଖେ।**
ଉତ୍ତର- ବାଣିଜ୍ୟ କ୍ଷେତ୍ରରେ ସେମାନଙ୍କୁ ସେବା ଦେବାର ଉନ୍ନତ ଗ୍ରାହକ ସେବା ହିଁ ଉପଯୁକ୍ତ ମାର୍ଗ।

**ପ୍ରଶ୍ନ- ଅବସର ସମୟରେ କ'ଣ କରନ୍ତି?**
ଉତ୍ତର- କର୍ମମୟ ଜୀବନରେ ଅବସର ଲାଗି ସମୟ କାଢ଼ିବାକୁ ପଡ଼େ। ଅବସର ସମୟରେ ସମାଜ ସେବାରେ ରୁଚି ରଖିଛି।

**ପ୍ରଶ୍ନ- କଟକ ସହରକୁ ଆପଣ ଅନୁଭୂତି?**
ଉତ୍ତର-କଟକ ସହର ଏକ ଆଦର୍ଶ ସହର, ଯେଉଁଠି ଜଗତୀକରଣର ବ୍ୟବସ୍ଥା ଭିତରେ ସାହି ସାହିର ଐକ୍ୟବୋଧର ନିଦର୍ଶନ ମିଳେ। ଏହା ସମଗ୍ର ରାଜ୍ୟର ବ୍ୟବସାୟ,ଶିକ୍ଷା, କ୍ରୀଡ଼ା, ଆଧ୍ୟାତ୍ମିକତା ଏବଂ ଦର୍ଶନର କେନ୍ଦ୍ର ହୋଇ ରହିଆସିଛି ।

# ଅରୁନ୍ଧତୀର ୨ ନୂଆ ଗହଣା ସମ୍ଭାର

ଭୁବନେଶ୍ୱର,୨୭।୧୦



ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ପାର୍ବଣ ଉପଲକ୍ଷେ ୨ ଗହଣା ସମ୍ଭାର ବଜାରକୁ ଆସିଛି। ଭୁବନେଶ୍ୱରସ୍ଥିତ ଜନପଥ ଷ୍ଟୋରରେ ଗହଣାଗୁଡ଼ିକୁ ଉନ୍ମୋଚନ କରାଯାଇଛି। ଏହା ମଧ୍ୟରେ ସୁନା ଗହଣା ସମ୍ଭାର 'ଆଦ୍ୟା' ଏବଂ ହୀରା ଗହଣା ସମ୍ଭାର 'ଆଦ୍ରା' ରହିଛି। ସୂକ୍ଷ୍ମ ଏବଂ କାରୁକାର୍ଯ୍ୟ ଭରା ଏହି ସମ୍ଭାରଗୁଡ଼ିକୁ ବଜାରଠାରୁ ୩୦% କମ୍ ଓଜନରେ ତିଆରି କରାଯାଇଛି। ଗ୍ରାହକଙ୍କ ଚାହିଦାକୁ ସର୍ବଦା ଗୁରୁତ୍ୱ ଦେଉଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କ ଲାଗି ବିସ୍ତୃତ ବର୍ଗର ଡିଜାଇନ ଗହଣା ଉପଲବ୍ଧ ରହିଛି। ଏହା ସହ ବଜାରର ସର୍ବୋତ୍ତମ ଅଫରକୁ ଘୋଷଣା କରାଯାଇଛି।

ଏହି ଅଫର ମାଧ୍ୟମରେ ଗ୍ରାହକ ୩୯୯ ଟଙ୍କାର ଗଢ଼ା ମଜୁରୀରେ ନିୟମିତ ସୁନା ଗହଣା ପାଇପାରିବେ। ଏହା ସହିତ ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରା ମିଳିପାରିବ। ପ୍ରଥମଥର ଲାଗି ପାର୍ବଣ ଋତୁ ଲାଗି ଗହଣା କ୍ରୟ ଯୋଜନା ଜିରୋ ମେକିଂ ଚାର୍ଜ ଫର ଅର୍ନାମେଣ୍ଟ ଘୋଷଣା କରାଯାଇଛି। ବିଗତ ୨୦ ବର୍ଷ ଧରି ନିରନ୍ତର ଭାବେ ଗ୍ରାହକ ସନ୍ତୁଷ୍ଟି କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଅରୁନ୍ଧତୀ ଜୁଏଲର୍ସ ସକ୍ଷମ ହୋଇଛି। ଏହା ଗର୍ବ, ଗୌରବ ଏବଂ ପ୍ରେରଣାଦାୟକ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଆଗାମୀ ଦିନରେ ୫ ଷ୍ଟାର ସେବା ପ୍ରମିସ ସେବା ମାଧ୍ୟମରେ ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ମଜବୁତ କରିବାକୁ ମେହେର ପ୍ରତିଶ୍ରୁତି ଦେଇଛନ୍ତି।

# ଖିମ୍‌ଜୀ ପକ୍ଷରୁ ଧନ୍‌ତେରସ ଅଫର

ଭୁବନେଶ୍ୱର,୨୭।୧୦

KHIMJI ®
Jewellers since 1936

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶୁଭ ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକଙ୍କୁ ସୁନା ଅଳଙ୍କାରର ମୋଟ ମୂଲ୍ୟ ଉପରେ ଫ୍ଲାଟ ୫.୪% ଏବଂ ହୀରା ଉପରେ ଫ୍ଲାଟ ୨୫% ରିହାତି ପ୍ରଦାନ କରୁଛି। ଏସ୍‌ବିଆଇ କ୍ରେଡିଟ କାର୍ଡ ଉପରେ ଅଫର ଅବଧିରେ ଅତିରିକ୍ତ ୫% କ୍ୟାଶବ୍ୟାକ ଉପଲବ୍ଧ ହେବ। ଏହି ଅଫର ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ନଭେମ୍ବର ୧୧ ତାରିଖ ଯାଏ ରହିବ। ଭୁବନେଶ୍ୱର, କଟକ, ଝାରସୁଗୁଡ଼ା, ରାଉରକେଲା ଏବଂ ବ୍ରହ୍ମପୁରରେ ଥିବା ଖିମଜୀ ଜୁଲଲର୍ସ ଷ୍ଟୋରରେ ଗ୍ରାହକ ଏହି ଅଫର ଲାଭ କରିପାରିବେ।

ଅଫର ସମ୍ପର୍କରେ ଖିମଜୀ ଜୁଏଲର୍ସ ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ୧୯୩୬ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଦୀର୍ଘ ୮୬ ବର୍ଷ ଧରି ଓଡ଼ିଶାର ଗ୍ରାହକଙ୍କଠାରୁ ଭଲ ପାଇବା ଏବଂ ବିଶ୍ୱାସ ପାଇଛୁ। ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଏବଂ ସର୍ବୋତ୍ତମ ସେବା ଯୋଗାଣ ଦିଗରେ ପଦକ୍ଷେପ ଜାରି ରହିଛି। ଶୁଭ ଧନତେରସ ଅଫର ମାଧ୍ୟମରେ ଗ୍ରାହକଙ୍କୁ ଅଳଙ୍କାରରେ ବିନିଯୋଗ କରିବାର ସାହାଯ୍ୟ କରିବ। ଉତ୍ସବ ପାଳନ ପାଇଁ ଗ୍ରାହକ ସର୍ବୋତ୍ତମ ମୂଲ୍ୟ ପାଇପାରିବେ ବୋଲି ସେ ମତ ରଖିଛନ୍ତି। ରାଜ୍ୟରେ ଅବସ୍ଥିତ ଖିମଜୀ ଷ୍ଟୋରଗୁଡିକ ଗହଣାର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଅନନ୍ୟ ଡିଜାଇନ, ହଲ୍‌ମାର୍କ ଯୁକ୍ତ ଗହଣା, ଅନୁମୋଦିତ ହୀରା, ରୁପା ଅଳଙ୍କାର ଏବଂ ମୂଲ୍ୟ ଷ୍ଟୋନ ଯୁକ୍ତ ଅଳଙ୍କାର ଯୋଗାଣ କ୍ଷେତ୍ରରେ ଖିମଜୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା ବ୍ୟତୀତ ଷ୍ଟୋରରେ ଅନ୍ତର୍ଜାତୀୟ ବ୍ରାଣ୍ଡର ଘଣ୍ଟା ମଧ୍ୟ ଉପଲବ୍ଧ ରହିଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ମିଳିଛି।

# ଛୋଟ ଏଲ୍‌ପିଜି ସିଲିଣ୍ଡର ବିକ୍ରି ଲାଗି କେନ୍ଦ୍ରର ପ୍ରସ୍ତାବ

ନୂଆଦିଲ୍ଲୀ ,୨୭।୧୦

ରାଶନ ଦୋକାନଗୁଡିକରେ ଛୋଟ ଏଲ୍‌ପିଜି ସିଲିଣ୍ଡରର ରିଟେଲ ବିକ୍ରି ଲାଗି କେନ୍ଦ୍ର ସରକାର ବୁଧବାର ପ୍ରସ୍ତାବ ଦେଇଛନ୍ତି। ସେହିଭଳି ସାରା ଦେଶରେ ରହିଥିବା ପ୍ରାୟ ୫.୨୬ ଲକ୍ଷ ଫେୟାର ପ୍ରାଇସ ଶପ୍ ବା ସାଧାରଣ ବଣ୍ଟନ କେନ୍ଦ୍ର ଗୁଡିକରେ ଆର୍ଥିକ ସେବା ଯୋଗାଣ ଦିଗରେ ମଧ ବିଭିନ୍ନ ପଦକ୍ଷେପ ହାତକୁ ନିଆଯିବ। ଏହି ଶପ୍‌ଗୁଡିକରେ ଆର୍ଥିକ ସେବା ଯୋଗାଣ ଧାରା ତ୍ୱରାନ୍ୱିତ କରିବା ଦିଗରେ ଏଭଳି ଯୋଜନା ଗ୍ରହଣ କରାଯିବ ବୋଲି କୁହାଯାଉଛି। କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟଗୁଡିକର ପ୍ରତିନିଧିଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ବୈଠକରେ ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ, ଅର୍ଥ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଡିସେମ୍ବରରେ ଆଲିଆ-ରଣବୀରଙ୍କ ବିବାହ ଚର୍ଚ୍ଚା



**ମୁମ୍ବାଇ:** ବିବାହ ଋତୁ ଆରମ୍ଭରୁ ବଲିଉଡ୍ ଯୋଡ଼ିକୁ ନେଇ ଚର୍ଚ୍ଚା ଚାଲିଛି। ଅଭିନେତ୍ରୀ କାଟ୍ରିନା କୈଫ ଓ ଭିକି କୌଶଲଙ୍କ ବିବାହ ଚର୍ଚ୍ଚାରେ ଥିବା ବେଳେ ଏବେ ଆଲିଆ ଭଟ୍ଟ-ରଣବୀର କପୁରଙ୍କ ବିବାହକୁ ନେଇ ଆଲୋଚନାର ଜୋର ଧରିଛି। ରଣବୀରଙ୍କ ମା' ନୀତୁ କପୁର ଖୁବ୍‌ଶୀଘ୍ର ଆଲିଆଙ୍କୁ ବୋହୂ କରି ଘରକୁ ଆଣିବେ ବୋଲି କହି ସାରିଲେଣି। ଗତବର୍ଷ ମଧ୍ୟ ଏହି ପ୍ରେମୀଯୁଗଳଙ୍କ ବିବାହ ଖୁବ ଚର୍ଚ୍ଚାରେ ଥିଲା। କିନ୍ତୁ କରୋନା ଯୋଗୁ ବିବାହକୁ ସ୍ଥଗିତ ରଖାଯାଇଥିଲା। ଏବେ ଶୁଣିବାକୁ ମିଳୁଛି, ଏହି ଯୋଡ଼ି ଆସନ୍ତା ଡିସେମ୍ବରରେ ଇଟାଲିରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ତେବେ ଏ ନେଇ ରଣବୀର କିମ୍ବା ଆଲିଆ କୌଣସି ଘୋଷଣା କରିନାହାନ୍ତି। ରଣବୀରଙ୍କ କାକା ରଣଧୀର ବିବାହ ସମ୍ପର୍କରେ କିଛି ଶୁଣି ନ ଥିବା କହିଛନ୍ତି।

ଫୁର୍‌ସତ୍

# ବ୍ରିଟେନ୍‌ରେ ନୂଆ ଟ୍ରେଣ୍ଡ୍ 'ଡାଏଟ୍ ୫:୨'

**ଜଙ୍କ୍ ଫୁଡ୍ ଏବଂ ବାହାର ଖାଦ୍ୟ ଖାଇବାକୁ ଭଲ ପାଉଥିବା ବ୍ରିଟେନବାସୀଙ୍କ ଖାଦ୍ୟପାନୀୟରେ ଲକ୍ଷ୍ୟ କରାଯାଇଛି ପରିବର୍ତ୍ତନ। କରୋନା କାଳରେ ଦୀର୍ଘ ସମୟ ଧରି ଗୃହବନ୍ଦୀ ପରିବେଶ ରହିବା ସେମାନଙ୍କୁ ଅଧିକ ସଚେତନ କରିଛି । ସେମାନେ ନିଜ ହାତରେ ରୋଷେଇ କରି ସୁସ୍ୱାଦୁ ତଥା ସ୍ୱାସ୍ଥ୍ୟପ୍ରଦ ଭୋଜନ କରିବାକୁ ଆଗ୍ରହୀ ହେଉଛନ୍ତି। ସୁପରମାର୍କେଟ ଷ୍ଟୋର 'ଭେଟରୋଜ' ପକ୍ଷରୁ ଖାଦ୍ୟ ଏବଂ ପାନୀୟ ଉପରେ ଜାରି କରାଯାଇଥିବା ରିପୋର୍ଟରେ ଏହି ତଥ୍ୟ ଦର୍ଶାଯାଇଛି।**



**ଲଣ୍ଡନ୍:** କରୋନା ମହାମାରୀ ସମୟରେ ଖାଦ୍ୟପାନୀୟଙ୍କୁ ନେଇ ସଚେତନ ହୋଇଉଠିଛନ୍ତି ବ୍ରିଟେନବାସୀ। ଫୁଡ୍‌ମାର୍ଟ, ବାହାର ଖାଦ୍ୟରୁ ମୁହଁ ଫେରାଇ ଅଧିକାଂଶ ପରିବାର ଏବେ ସ୍ୱାସ୍ଥ୍ୟପ୍ରଦ ଘର ପ୍ରସ୍ତୁତି ଖାଦ୍ୟରେ ମନୋନିବେଶ କରୁଥିବା ଦେଖିବାକୁ ମିଳୁଛି। ଲୋକମାନେ ସପ୍ତାହର ୫ଦିନ ଶାକାହାରୀ ଏବଂ ୨ଦିନ ଆମିଷ ଭୋଜନ କରୁଛନ୍ତି। ଏହାକୁ 'ଡାଏଟ୍ ୫:୨'ରେ ନାମିତ କରାଯାଇଛି।

ସୁପରମାର୍କେଟ ଷ୍ଟୋର 'ଭେଟରୋଜ' ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି, ବାହାର ଖାଦ୍ୟ ଖାଇବାରେ ରୁଚି ରଖୁଥିବା ବ୍ରିଟେନବାସୀଙ୍କୁ କରୋନା ଅଧିକ ସଚେତନ କରାଇଛି। ଦେଶରେ ଯେତେବେଳେ ସଂକ୍ରମଣ ଅଣାୟତ୍ତ ହେଲା, ସେତେବେଳେ ଲାଗୁ କରାଯାଇଥିଲା ଲକ୍‌ଡାଉନ୍‌ଜନିତ କଟକଣା। ଲୋକମାନେ ଗୃହବନ୍ଦୀ ଜୀବନ କାଟିବାକୁ ବାଧ ହେଲେ। ବାହାର ଖାଦ୍ୟ ବନ୍ଦ ହୋଇଯିବା ପରେ ସେମାନଙ୍କ ସୌଖିନ ଜୀବନଯାପନ ଶୈଳୀ ପ୍ରଭାବିତ ହୋଇଥିଲା। ସଂକ୍ରମଣ ଭୟରେ ଲୋକମାନେ ନିଜ ପସନ୍ଦର ସ୍ୟାଣ୍ଡଉଇଚ୍ ମଗାଇବା ମଧ୍ୟ ଛାଡ଼ିଦେଲେ। ଏବେ ସ୍ୟାଣ୍ଡଉଇଚ୍‌ଠାରୁ ଆରମ୍ଭ କରି ସୁସ୍ୱାଦୁ ବ୍ୟଞ୍ଜନ ଘରେ ହିଁ ପ୍ରସ୍ତୁତ ହେଉଛି। ଏବେ ଛୋଟ ଛୋଟ ପାର୍ଟି ପାଇଁ ଘରେ ହିଁ ରୋଷେଇ କରିବାକୁ ଅନେକେ ପସନ୍ଦ କରୁଛନ୍ତି। କେବଳ ସାମ୍ପେନ ବିକ୍ରିରେ ୪୦% ବୃଦ୍ଧି ଘଟିଛି। ଲୋକମାନେ ଫୁଡ୍ ଡେଲିଭେରି ଆପ୍ ଜରିଆରେ ସାମଗ୍ରୀ ମଗାଉଛନ୍ତି। ତେବେ ଏଥିରୁ ଅଧିକାଂଶ ଘରେ ରୋଷେଇ କରିବା ଲାଗି ପ୍ରଯୁଜ୍ୟ। ଲୋକମାନେ ତରଭୁଜ ସମ୍ପର୍କିତ ବ୍ୟଞ୍ଜନ ଏବଂ ଆଇସ୍‌କ୍ରିମ୍‌କୁ ଅଧିକ ପସନ୍ଦ କରୁଛନ୍ତି। ସେହିପରି ଚାଉଳରୁ ପ୍ରସ୍ତୁତ ଜାପାନିଜ୍ ବ୍ୟଞ୍ଜନ ୫୪%, ପରିବା ଏବଂ ମସଲାଜାତୀୟ ସାମଗ୍ରୀ ବିକ୍ରିବାରେ ୪୧% ବୃଦ୍ଧି ଘଟିଛି। ଅପରପକ୍ଷେ ଷ୍ଟୋରରେ ଉପଲବ୍ଧ ରେଡିମେଡ ଉତ୍ପାଦ ଖରିଦ କମିଥିବା ଜଣାପଡ଼ିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି ।
୨% ସୁଧ, ୫୦% ଛାଡ ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
9432985505, 9471160476
Whatsapp: 8797985140

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି।
ସମୟ ଦିବା ୧୦ଟାରୁ ୨ଟା।
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। **କଟକ:** ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। **ଭୁବନେଶ୍ୱର:** ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଡେଣ୍ଟ, ଅଶୋକନଗର। **ପୁରୀ:** ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। **ବାରିପଦା:** ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି

କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

# ଘରକୁ ରଙ୍ଗିନ କରିବ ସ୍ମାର୍ଟ ଡିଭାଇସ୍

**ଲକ୍ଷ୍ନୌ:** ଆବଶ୍ୟକତା ହିଁ ଉଦ୍ଭାବନର ରାସ୍ତା ଦେଖାଇଥାଏ। ଏହି କଥାକୁ ପ୍ରମାଣ କରି ଦେଖାଇଛନ୍ତି ମହିପ ସିଂହ। ଘରକୁ ରଙ୍ଗ କରିବା ପାଇଁ ସେ ଏଭଳି ଏକ ସ୍ମାର୍ଟ ଡିଭାଇସ୍ ତିଆରି କରିଛନ୍ତି, ଯେଉଁଥିରେ ରଙ୍ଗ ଆଦୌ ନଷ୍ଟ ହୁଏନି। ଉତ୍ତରପ୍ରଦେଶ ନଏଡାର ଗୌତମବୁଦ୍ଧନଗରରେ ଥିବା ଆଇଟିଏସ୍ କଲେଜର ପ୍ରଫେସର ମହିପ ସିଂହ ତିଆରି କରିଛନ୍ତି ସ୍ମାର୍ଟ ସେନ୍‌ସ ହ୍ୱାଇଟୱାଶ୍ ଡିଭାଇସ୍। ଏହି ଉପକରଣ ମାଧ୍ୟମରେ ଘରର କାନ୍ଥ ରଙ୍ଗ କରିବା ବହୁତ ସହଜ ହୋଇପାରିବ। ଏମିତି କି ଏଥିରେ ରଙ୍ଗ କରିଲେ ଟିକେ ହେଲେ ବି ରଙ୍ଗ ତଳେ ପଡି ନଷ୍ଟ ହେବ ନାହିଁ କି ଘରକୁ ଅପରିଷ୍କାର କରିବାକୁ ଦେବ ନାହିଁ। ତା' ଛଡ଼ା ରଙ୍ଗ ଲଗାଉଥିବା ବ୍ୟକ୍ତି ଦେହରେ ମଧ୍ୟ ରଙ୍ଗର ଛିଟା ଆଦୌ ପଡ଼ିବ ନାହିଁ। ଏହି ଉପକରଣରେ ସ୍ମାର୍ଟ ମିକ୍ସିଂ ୟୁନିଟ୍ ରହିଛି। ଏହା ବ୍ୟତୀତ ସ୍ମାର୍ଟ ସ୍ପ୍ରେୟର ୟୁନିଟ୍‌ରେ ଏକ ଫୋଲ୍ଡିଂ ରଡ୍ ରହିଛି, ଯାହା ଅଧିକ ୫ ଫୁଟ ଲମ୍ବା ହୋଇପାରିବ। ଏଥିରେ ଅଲଟ୍ରାସୋନିକ୍ ସେନ୍‌ସର ଲାଗିଥିବାରୁ ଠିକ୍ ଭାବରେ ରଙ୍ଗ ଲାଗିଥାଏ। କେତେ ରଙ୍ଗରେ କେତେ ପରିମାଣରେ ପାଣି ମିଶିବ ସବୁ ପଦାର୍ଥର ସମାନ ପରିମାଣକୁ ମେଶିନ ମଧ୍ୟରେ ଆପେ ଆପେ କରାଯାଇଥାଏ। ଏହି ଉପକରଣଟିକୁ ତିଆରି କରିଥିବା ପ୍ରଫେସର ମହିପଙ୍କ କହିବା ଅନୁସାରେ ରଙ୍ଗ ଲଗାଇବା ସମୟରେ ବହୁତ ରଙ୍ଗ ଘରର ତଳେ ପଡ଼ିଯାଏ ଏମିତି କି ରଙ୍ଗ ଲଗାଉଥିବା ବ୍ୟକ୍ତିଙ୍କ ଦେହରେ ଲାଗିଥାଏ। ତେଣୁ ରଙ୍ଗରେ ଥିବା କେମିକାଲ ପ୍ରଭାବରେ ବେଳେବେଳେ ତ୍ୱଚା ମଧ୍ୟ ଖରାପ ହୋଇଥାଏ। ତେଣୁ ଏସବୁ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବାକୁ ଯାଇ ସେ ଏହି ଉପକରଣ ତିଆରି କରିଛନ୍ତି। ଏହି ଉପକରଣଟିକୁ ବଜାରକୁ ଛାଡ଼ିବା ପାଇଁ ଏବେ ମହିପ ଦୁଇଟି କମ୍ପାନୀ ସହିତ କଥାବାର୍ତ୍ତା ଚଳାଇଛନ୍ତି। ବଜାରରେ ଏହି ଉପକରଣ ଉପଲବ୍ଧ ହେଲେ ଲୋକେ କମ୍ ସମୟରେ ଘର ରଙ୍ଗ କରାଇପାରିବେ।



ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ଽ ଇଞ୍ଜିନିୟର ଦେବେନ୍ଦ୍ର କୁମାର ମହାନ୍ତି
ଆବିର୍ଭାବ- ୨୫।୧୧।୧୯୪୨
ତିରୋଧାନ- ୧୭।୧୦।୨୦୨୧
ମୋର ଜ୍ୟେଷ୍ଠ ଭ୍ରାତା ଽଇଞ୍ଜିନିୟର ଦେବେନ୍ଦ୍ର କୁମାର ମହାନ୍ତିଙ୍କର ଏକାଦଶାହ ଉପଲକ୍ଷେ ମୁଁ, ମୋର ପରିବାର, ସମସ୍ତ ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନମାନଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି। ଭାଇ, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ମୋ ପାଖରେ ଚିର ଅବିସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ: ଡଃ ରବୀନ୍ଦ୍ର କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
ଧ-୨୨୦୮୭

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଽବୀର କିଶୋର ମିଶ୍ର
V.S.S. Nagar, Bhubaneswar
ଆବିର୍ଭାବ: ୦୧।୦୭।୧୯୪୦
ତିରୋଧାନ:୧୭।୧୦।୨୦୨୧
ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଗୋଲାପ, ପୁଅ: ସନ୍ଦୀପ, ଝିଅ: ସଞ୍ଜୁ, ରିନୁ, ବ୍ୱାଇଁ: ଟୁଲୁ, ଅକ୍ଷୟ, ଭାଇ: କୁମୁଦ, ଶଳା: ଜୟନ୍ତ, ପୁତୁରା: ଆଲୋକ, ନାତି: ଅଶୋକ, ଡିଶ୍, ନାତୁଣୀ: ମୁନି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୦୭୯

# ଓଡ଼ିଶାର ପ୍ରଥମ ଖେଳରତ୍ନ

ଭୁବନେଶ୍ୱର, ୨୭।୧୦
(କ୍ରୀଡ଼ା ପ୍ରତିନିଧି)

ଟୋକିଓ ପାରାଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିବା ପ୍ରମୋଦ ଭଗତ ଏବେ ଆଉ ଏକ ବଡ଼ ସମ୍ମାନ ପାଇବାକୁ ଯାଉଛନ୍ତି। ପ୍ରମୋଦଙ୍କ ସମେତ ୧୧ ଜଣଙ୍କ ନାମ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛନ୍ତି। ତେଣୁ ପ୍ରମୋଦ ଓଡ଼ିଶାର ପ୍ରଥମ ଖେଳାଳିଭାବେ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ


ପ୍ରମୋଦ ଭଗତ


ବୀରେନ୍ଦ୍ର ଲାକ୍ରା


ଅମିତ ରୋହିଦାସ

## ବୀରେନ୍ଦ୍ର, ଅମିତ ଓଡ଼ିଶାର ଦଶମ ଓ ଏକାଦଶ ଅର୍ଜୁନ

ପ୍ରମୋଦଙ୍କ ସମେତ ଓଡ଼ିଶାର ୯ ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ୧୯୮୦ରେ ସାଇକ୍ଲିଷ୍ଟ ମିନତି ମହାପାତ୍ର ପ୍ରଥମ ଓଡ଼ିଆ ଭାବେ ଏହି ସମ୍ମାନ ପାଇଥିଲେ। ପରେ ୧୯୮୨ରେ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ, ୧୯୯୮ରେ ଆଥଲେଟ୍ ରଚିତା ମିସ୍ତ୍ରି (ପଣ୍ଡା), ୨୦୦୨ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ୨୦୦୭ରେ ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଜ୍ୟୋତି ସୁନୀତା କୁଲୁ, ୨୦୦୯ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଇଗ୍ନେଶ ତିର୍କୀ, ୨୦୧୦ରେ ଭାରୋତ୍ତୋଳକ କେ. ରବିକୁମାର ଏବଂ ୨୦୧୯ରେ ଓଡ଼ିଶାର ପ୍ରଥମ ପାରା ଆଥଲେଟ୍‌ଭାବେ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଥିଲେ। ୨୦୨୦ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ଏବେ ପ୍ରମୋଦ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇ ଓଡ଼ିଶା କ୍ରୀଡ଼ାକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। ସେହିପରି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ(ଯେଉଁମାନେ ପାଇ ନାହାନ୍ତି)ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ଚୟନ କମିଟି ସୁପାରିସ କରିଛି। ତେଣୁ ଭାରତୀୟ ଦଳର ସଦସ୍ୟଭାବେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅର୍ଜୁନ ପୁରସ୍କାର ପାଇବାକୁ ହକ୍‌ଦାର ହୋଇଛନ୍ତି। ତେଣୁ ଓଡ଼ିଶାର ଦଶମ ଓ ଏକାଦଶ ଖେଳାଳିଭାବେ ବୀରେନ୍ଦ୍ର ଓ ଅମିତ ଅର୍ଜୁନ ପୁରସ୍କାର ପାଇବାକୁ ଯାଉଛନ୍ତି।

ବରଗଡ଼ ଜିଲାରେ ଜନ୍ମଗ୍ରହଣ କରିଥିବା ପ୍ରମୋଦଙ୍କ ବାମଗୋଡ ୪ ବର୍ଷ ବୟସରେ ପୋଲିଓରେ ଆକ୍ରାନ୍ତ ହୋଇଥିଲା। କୈଳାସ ଭଗତ ଓ କୁସୁମ ଦେବୀଙ୍କ ୩ ପୁଅ ଏବଂ ୩ ଝିଅ ମଧ୍ୟରୁ ପ୍ରମୋଦ ହେଉଛନ୍ତ ମଝିଆ। ପିଲାଟିବେଳୁ ବ୍ୟାଡମିଣ୍ଟନ ପ୍ରତି ତାଙ୍କର ଦୁର୍ବଳତା ଥିଲା। ସାଙ୍ଗମାନଙ୍କ ସହ ସେ ବ୍ୟାଡମିଣ୍ଟନ ଖେଳଥିଲେ ଓ ନିୟମିତ ଭାବେ ଅଭ୍ୟାସ କରୁଥିଲେ। ଏଥିପାଇଁ ଅବଶ୍ୟ ସେ ବାପାଙ୍କଠାରୁ ମାଡ଼ ଗାଳି ଖାଇଛନ୍ତି। ମାତ୍ର ୧୦ ବର୍ଷ ବୟସରେ ସେ ରାଜ୍ୟସ୍ତରୀୟ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ଆରମ୍ଭ କରିଥିଲେ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସାଧାରଣ ପିଲାଙ୍କ ପରି ଖେଳି ସମସ୍ତଙ୍କୁ ଚକିତ କରିଥିଲେ। ୨୦୦୫ରେ ସେ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ପାଇଁ ବୁର୍ଲା ଯାଇଥିଲେ। ସେଠାରେ ସେ ରାଜ୍ୟର ପ୍ରତିଷ୍ଠିତ ଖେଳାଳି କମଲ ଦାସଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। କମଲ ତାଙ୍କୁ ପାରା ବ୍ୟାଡମିଣ୍ଟନ ଖେଳିବା ଜାରି ରଖିବା ପାଇଁ ଓ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କ ସହ ସାକ୍ଷାତ କରିବା ଲାଗି ପରାମର୍ଶ ଦେଇଥିଲେ। ଶିବ ପ୍ରସାଦଙ୍କୁ ପ୍ରମୋଦ ଅନୁଗୋଳରେ ଦେଖା କରିଥିଲେ ଓ ତାଙ୍କ ଘରେ ରହି ଅଭ୍ୟାସ କରୁଥିଲେ।

୨୦୦୬ ଫେବୃୟାରୀରେ ଦ୍ୱିତୀୟ ଅଲ୍ ଇଣ୍ଡିଆ ପାରା ବ୍ୟାଡମିଣ୍ଟନ ସୁପର ସିକ୍ସ ଟୁର୍ନାମେଣ୍ଟ ଅନୁଗୋଳରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ସେ ଅର୍ଜୁନ ପୁରସ୍କାର ବିଜେତା ରମେଶ ଟିକାରାମଙ୍କୁ ହରାଇ ସାରା ଭାରତୀୟ ପାରା ବ୍ୟାଡମିଣ୍ଟନ ଦଳକୁ ଚକିତ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁ ନ ଥିଲେ। ପ୍ରମୋଦ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟସ୍ତରରେ ୨୮ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଜାତୀୟ ସ୍ତରରେ ମଧ୍ୟ ସେ ୪୮ଟି ପଦକ ହାସଲ କରିଛନ୍ତି।

# ସାମିଙ୍କୁ ସମର୍ଥନ କରିବା ଆବଶ୍ୟକ

ଗୌତମ ଗମ୍ଭୀର

୧୯୫୨ରେ ମୁକ୍ତିଲାଭ କରିଥିବା ହିଟ୍ ଫିଲ୍ମ 'ବାଇଜୁ ବାୱରା'ର ଏକ ଗୀତ 'ମନ ତରପଟ ହରି ଦର୍ଶନ' ବେଶ୍ ଲୋକପ୍ରିୟ ହାସଲ କରିଥିଲା। ଏହା ହିନ୍ଦୁ ତଥା ସନାତନ ଧର୍ମର ଏକ ପ୍ରସିଦ୍ଧ ପ୍ରାର୍ଥନା। ଭଗବାନଙ୍କ ଉଦ୍ଦେଶ୍ୟରେ ଏହି ଭଜନ ସମସ୍ତେ ଗାଇଥାନ୍ତି। କିନ୍ତୁ ଏହି ଗୀତକୁ ଲେଖିଥିଲେ ପ୍ରସିଦ୍ଧ ଉର୍ଦ୍ଦୁ କବି ସକିଲ ବଦାୟୁନୀ। ଏହାର ସଙ୍ଗୀତକାର ଥିଲେ ନୌଶାଦ ଅଲ୍ଲୀ। ଏହାକୁ ଗାଇଥିଲେ ମହମ୍ମଦ ରଫି। ଏହି ୩ ମହାନ୍ କଳାକାର ସମସ୍ତେ ମୁସଲମାନ ଥିଲେ।

ସେହିପରି ୧୯୮୩ ହିଟ୍ ସିନେମା 'କୁଲି' ଫିଲ୍ମର ମୁଖ୍ୟ କଳାକାର ଅମିତାଭ ବଚ୍ଚନ ଜଣେ ମୁସଲମାନ ଇକ୍‌ବାଲ ଅସଲମ ଖାଁର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ସେହିପରି 'ଅମର ଆକବର ଆଣ୍ଟୋନୀ' ସିନେମାରେ ରିଷି କପୁର ଆକବର ଭୂମିକାରେ ଅଭିନୟ କରିଥିଲେ। ମୁସଲମାନ ହୋଇ ମଧ୍ୟ ହରି ଭଜନ ଲେଖିବା,ଗାଇବା ଓ ସଙ୍ଗୀତ ଦେବା ସମ୍ଭବ ହେଉଛି। ସେହିପରି ହିନ୍ଦୁ ହୋଇ ମଧ୍ୟ ମୁସଲମାନ ଭୂମିକାରେ ଅବତୀର୍ଣ୍ଣ ହେଉଥିବା କଳାକାରଙ୍କୁ ଲୋକେ ଗ୍ରହଣ କରୁଛନ୍ତି। ପୂର୍ବରୁ ଏପରି ଏମିତି ଏକାଧିକ ଉଦାହରଣ ରହିଛି। କିନ୍ତୁ ଏବେକାର ସମାଜରେ କଥା ଅଲଗା ହୋଇଛି। ଏବେ ପ୍ରଦର୍ଶନ ଅପେକ୍ଷା ଜାତି, ଧର୍ମକୁ ନେଇ ଟିପ୍ପଣୀ କରାଯାଉଛି ଓ ଗୁରୁତ୍ୱ ଦିଆଯାଉଛି।

ରବିବାର ପାକିସ୍ତାନଠାରୁ ଭାରତ ହାରିଲା। କିନ୍ତୁ ସୋମବାର ଦେଶ ଓ ଦଳ ପ୍ରତି ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ପ୍ରତିଶ୍ରୁତିବଦ୍ଧତା ନେଇ ପ୍ରଶ୍ନ ଉଠିଲା। ଏହା ନିଶ୍ଚିତ ଭାବେ ହାସ୍ୟାସ୍ପଦ କଥା। ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାର ଏକ ନିର୍ଦ୍ଦିଷ୍ଟ ଧର୍ମର ହୋଇଥିବାରୁ ସେମାନେ ଅଧିକ ପ୍ରତିଶ୍ରୁତିବଦ୍ଧ? ଆମେ କେଉଁ ଆଡକୁ ଗତି କରୁଛୁ? ସାମିଙ୍କୁ ଭଲ ଭାବେ ଜାଣିଛି। କୋଲକାତା ନାଇଟ ରାଇଡର୍ସର ନେତୃତ୍ୱ ନେଉଥିବାବେଳେ ତାଙ୍କ ସହ ଖେଳିବା ଓ ମିଶିବାର ସୁଯୋଗ ପାଇଛି। ସେ ଜଣେ କଠିନ ପରିଶ୍ରମୀ ଓ ପ୍ରତିଶ୍ରୁତିବଦ୍ଧ ଦ୍ରୁତ ବୋଲର। କିନ୍ତୁ ରବିବାର ତାଙ୍କ ପ୍ରଦର୍ଶନ ଭଲ ହୋଇ ନ ଥିଲା। ଦୁର୍ଭାଗ୍ୟବଶତଃ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ଯେକୌଣସି ବୋଲରଙ୍କର ଏଭଳି ଖରାପ ଦିନ ଆସିପାରେ। ସାମିଙ୍କୁ ଦୋଷ ଦେବା ବଦଳରେ ପାକିସ୍ତାନକୁ ଆମେ ଅଭିନନ୍ଦନ ଜଣାଇବା ଉଚିତ।

ଆମ ଦେଶରେ ବଲିଉଡ୍ ଓ କ୍ରିକେଟକୁ ଲୋକେ ଅଧିକ ଫଲୋ କରିଥାନ୍ତି। ସାମିଙ୍କୁ ସାରା କ୍ରିକେଟ ଜଗତ ସମର୍ଥନ ଜଣାଇବ ଉଚିତ। ତାଙ୍କୁ ମଧ୍ୟ ସବୁ ମହଲରୁ ସମର୍ଥନ ମିଳିଛି। ସେହିପରି ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡିକକ୍ 'ବ୍ଲାକ ଲାଇଫ ମ୍ୟାଟର୍ସ' ଅଭିଯାନରେ ସାମିଲ ନ ହୋଇ ଆଣ୍ଠୁ ମାଡି ନ ବସିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ଡିକକ୍ କାହିଁକି ଏପରି କଲେ ତାହା ଜାଣିନାହିଁ। ତାଙ୍କ ପାଖରେ ଯଥେଷ୍ଟ କାରଣ ଥିବ। କିନ୍ତୁ ବର୍ଣ୍ଣବୈଷମ୍ୟବାଦ ବିରୋଧରେ ସାମିଲ ନ ହେବା ଏକ ନକାରାତ୍ମକ କଥା। ଆଧୁନିକ ସମାଜରେ ଥିବା ଏଭଳି ସମସ୍ୟା ବିରୋଧରେ ଲଢିବାର ସମୟ ଉପନୀତ ହୋଇଛି।
(ଦୀନେଶ ଚୋପ୍ରା ମିଡିଆ/ ଗେମ୍ ପ୍ଲାନ)




# ରୋଡ୍ରିଗ୍ସେଜ, ମାନ୍ଧନାଙ୍କ ଅର୍ଦ୍ଧଶତକ

ଲାଉସେଷ୍ଟନ,୨୭।୧୦

ଅଷ୍ଟ୍ରେଲିଆ ମହିଳା ଟି୨୦ ଲିଗ୍ ବିଗ୍‌ବାସ୍‌ରେ ଦୁଇ ଭାରତୀୟ ବ୍ୟାଟର ଜେମିମା ରୋଡ୍ରିଗ୍ସେଜ ଓ ସ୍ମୃତି ମାନ୍ଧନା ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ଜେମିମାଙ୍କ ଅର୍ଦ୍ଧଶତକ ବଳରେ ମେଲବୋର୍ନ ରେନେଗେଡ୍ସ ୯ ରନରେ ସ୍ମୃତିଙ୍କ ସିଡନୀ ଥଣ୍ଡରକୁ ହରାଇଛି। ବୁଧବାର ହୋବାର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମେଲବୋର୍ନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରୋଡ୍ରିଗ୍ସେଜ ୫୬ ବଲରୁ ୯ ଚୌକା ସହ ସର୍ବାଧିକ ୭୫ ରନକରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଯୋସେଫାଇନ ଡୁଲେ ୩୭, ଜେସ୍ ଡୁଫିନ ୧୧ ରନ କରିଥିଲେ। ଭାରତର ହରମନପ୍ରୀତ କୌର ମାତ୍ର ୩ ରନ କରି ଆଉଟ ହୋଇଥିଲେ। ବୋଲିଂରେ ସିଡନୀ ତରଫରୁ ସାମନ୍ଥା ବେଟ୍ସ, ଭାରତର ଦୀପ୍ତି ଶର୍ମା, ହାନା ଡାର୍ଲିଂଟନ ଓ କେଟ ପିଟରସନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ସିଡ୍‌ନୀ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ମାନ୍ଧନା ୪୪ ବଲରୁ ୪ ଚୌକା ଓ ୧ ଛକା ସହ ସର୍ବାଧିକ ୬୪ ରନ ସଂଗ୍ରହ କରିଥିଲେ ଓ ଅନ୍ୟମାନେ ତାଙ୍କୁ ସହାୟତା ପ୍ରଦାନ କରିପାରି ନ ଥିଲେ। ଦଳ ତରଫରୁ ଅନ୍ୟତମ ଭାରତୀୟ ବ୍ୟାଟର ଦୀପ୍ତି ଶର୍ମା ଦ୍ରୁତ ଅପରାଜିତ ୨୩ ରନ (୧୦ ବଲ, ୪ ଚୌକା) ସଂଗ୍ରହ କରିଥିଲେ। ବୋଲିଂରେ ମେଲବୋର୍ନ ତରଫରୁ କର୍ଟନୀ ୱେବ୍ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ।



ଜେମିମା ରୋଡ୍ରିଗ୍ସେଜ

## ମହିଳା ବିଗ୍‌ବାସ ଲିଗ୍

ମ୍ୟାଚ୍ ବିଜୟୀ ଇନିଂସ ପାଇଁ ରୋଡ୍ରିଗ୍ସେଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମେଲବୋର୍ନ ରେନେଗେଡ୍ସ ୨୦ ଓଭରରେ ୧୪୨/୫ (ଜେମିମା ରୋଡ୍ରିଗ୍ସେଜ- ୭୫*. ଯୋଶେଫାଇନ ଡୁଲେ- ୩୭, ଦୀପ୍ତି ଶର୍ମା- ୧/୨୩)। ସିଡ୍‌ନୀ ଥଣ୍ଡର ୨୦ ଓଭରରେ ୧୩୩/୫ (ସ୍ମୃତି ମାନ୍ଧନା- ୬୪, ଦୀପ୍ତି ଶର୍ମା- ୨୩, କର୍ଟନୀ ୱେବ- ୩/୨୧)।

# 'ଦେଶ ପାଇଁ ଅଧିକ ପଦକ ଜିତିବା ଲକ୍ଷ୍ୟ'

ଭୁବନେଶ୍ୱର, ୨୭।୧୦(କ୍ରୀଡ଼ା ପ୍ରତିନିଧି): ଖେଳରତ୍ନ ପୁରସ୍କାର ପାଇଁ ଚୟନ କମିଟି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ନାମ ସୁପାରିସ କରିଛି। ଏଥିରେ ସ୍ୱତଃ ଖୁସି ଜାହିର କରିଛନ୍ତି ପ୍ରମୋଦ। ''ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସ୍ୱପ୍ନ ଥିଲା। ତାହା ସାକାର ହୋଇଛି। ଖେଳରତ୍ନ ପାଇଁ ନାମ ସୁପାରିସ ମନୋବଳକୁ ଆହୁରି ବଢ଼ାଇଛି। ଆଗାମୀ ଦିନରେ ଅଧିକ ପଦକ ଜିତିବା ଲକ୍ଷ୍ୟ ରହିଛି'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ପ୍ରମୋଦ। ବିଶ୍ୱ ଚାମ୍ପିୟନ ପ୍ରମୋଦ ୨୦୧୯ରେ ଅର୍ଜୁନ ପୁରସ୍କାର ପାଇଥିଲେ। ୨୦୧୭ରୁ ୨୦୨୧ ମଧ୍ୟରେ ସେ ୩୭ଟି ଅନ୍ତର୍ଜାତୀୟ ପଦକ ପାଇ ସାରିଛନ୍ତି। ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସମ୍ପାଦକ ଲୋକନାଥ ମହାନ୍ତି।


ପୁରସ୍କାର ସହ ଶୁଭମ୍ ଷଡ଼ଙ୍ଗୀ।

# ଶୁଭମ୍-ପ୍ରଣୀଥ ରନର୍ସଅପ୍

**ଭୁବନେଶ୍ୱର, ୨୭।୧୦ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଶୁଭମ୍ ଷଡ଼ଙ୍ଗୀ ଓ ପ୍ରଣୀଥ ଭି.ଦନ୍ତୁଲୁରି ଯୋଡ଼ି ଆନ୍ଧ୍ର ପ୍ରଦେଶର କାକିନଡ଼ାଠାରେ ଏଆଇଟିଏ ଟେନିସ ଟୁର୍ନାମେଣ୍ଟର ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଶୁଭମ୍-ପ୍ରଣୀଥ ଯୋଡ଼ି ଗଣେଷ ଓ ବାଲା ମନୋଜଙ୍କୁ ୬-୨, ୬-୧ ସେଟ୍‌ରେ ହରାଇବାପରେ କ୍ୱାର୍ଟର ଫାଇନାଲରେ ଜୟଦେବ ଓ ନିଶାନ୍ତଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ଶୁଭମ୍-ପ୍ରଣୀଥ ବିଜୟୀ ହୋଇଥିଲେ ହେଁ ଫାଇନାଲରେ ଟପ୍ ସିଡ୍ ସ୍ୱସ୍ତିକ କୋଲେପାଲେ ଓ ନନ୍ଦିପତିଙ୍କଠାରୁ ୪-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ୧୬ ବର୍ଷରୁ କମ୍ ବର୍ଗରେ ମଧ୍ୟ ଶୁଭମ୍ ରନର୍ସଅପ୍ ହୋଇଥିଲେ।




# ଇକୋର୍ସାକୁ ହରାଇ କଟକ 'ଏ' ଚାମ୍ପିୟନ

ଭୁବନେଶ୍ୱର,୨୭।୧୦
(ସ୍ପୋର୍ଟ୍ସବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ କଳାହାଣ୍ଡି କପ୍ ସୁପର ଲିଗ୍ ଟୁର୍ନାମେଣ୍ଟରେ ଏଥର କଟକ ଏ' ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ୨ ଦିନଧରି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କଟକ ଏ' ବୁଧବାର ୮୨ ରନରେ ଇକୋର୍ସାକୁ ହରାଇ ଟାଇଟଲ ହାସଲ କରିଛି। ରେଭେନ୍ସା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ନିର୍ଣ୍ଣାୟକ ମୁକାବିଲାରେ ଟସ୍ ଜିତି କଟକ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇକୋର୍ସା ୫୮.୧ ଓଭରରେ ୧୭୪ ରନକରି ଅଲଆଉଟ ହୋଇଥିଲା। ଜବାବରେ କଟକ ବୁଧବାର ବ୍ୟାଟିଂ ଆରମ୍ଭ କରି ଖେଳ ଶେଷ ବେଳକୁ ୭୦ ଓଭରରେ ୬ ଉଇକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବିପ୍ଳବ ସାମନ୍ତରାୟ ୧୩୨ଟି ବଲ ଖେଳି ୧୦୯ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ସେହିପରି ଅରବିନ୍ଦ କେ. ସିଂ ୩୧ ବଲରୁ ୩୦, ପ୍ରତ୍ୟୁଷ ପ୍ରଧାନ ୮୦ଟି ବଲ୍ ଖେଳି ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇକୋର୍ସା ପକ୍ଷରୁ ଲଗ୍ନଜିତ ସାମଲ ୨, ସୌରଭ ସେହଗଲ ୧ ଓ ପ୍ରଶାନ୍ତ କୁମାର ସାହୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ପକ୍ଷରୁ ଅଙ୍କିତ ଯାଦବ ସର୍ବାଧିକ ଅପରାଜିତ ୯୪ ରନ (୧୪୯) ସଂଗ୍ରହ କରିଥିଲେ। ବୋଲିଂରେ କଟକର ଶୁଭମ ନାୟକ ଓ ଜାମଳା ମହାପାତ୍ର ୩ଟି ଲେଖାଏ, ସିଦ୍ଧାର୍ଥ ସିହ୍ନା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ୟାନେଲ ଅମ୍ପାୟର ଦୁର୍ଗାଦତ୍ତ ଦାସ, ପ୍ରୀତି ରଞ୍ଜନ ବିଜୟ ସିଂ ପରିଚାଳନା କରିଥିବା ବେଳେ ବୀରବର ନାଏକ ଓ ବାସୁ ଶେଖର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ନାୟକ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ଓ ଫୁଟବଲ ଆସୋସିଏଶନ



କଳାହାଣ୍ଡି କପ୍ ଚାମ୍ପିୟନ କଟକ 'ଏ' ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ବିପ୍ଳବଙ୍କ ଶତକ

ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଓଓଏ ସାଧାରଣ ସମ୍ପାଦକ ଅଭିଜିତ ପଲ, ଓସିଏ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହତାବ ଖାଁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ମେମ୍ବର ଶୁଭାଶିଷ ସେନାପତି, ଓସିଏ ମୁଖ୍ୟ କାର୍ଯ୍ୟନର୍ବାହୀ ସୁବ୍ରତ କୁମାର ବେହେରା ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୮/୨୦୨୧ (୮+୮ପୃଷ୍ଠା)    Bhubaneswar, Thursday, October 28/2021 | ପୃଷ୍ଠା-୧

# କାମକୁ ନୁହେଁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍

**ଯାନବାହନର ସୁରକ୍ଷା ଏବଂ ସହଜରେ ଚିହ୍ନଟ ପାଇଁ କରାଯାଇଥିବା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥା ବାଟବଣା ହୋଇଛି। ନୂଆ ଗାଡ଼ିରେ ଲାଗୁଥିବା ନମ୍ବର ପ୍ଲେଟ୍‌ର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ପୁରୁଣା ଗାଡ଼ି ନମ୍ବର ପ୍ଲେଟ୍‌କୁ ବଦଳା ଯାଉ ନାହିଁ। ନୂଆ ଗାଡ଼ିରେ ଲାଗିଥିବା ନମ୍ବର ପ୍ଲେଟ୍‌ଗୁଡ଼ିକ ସହଜରେ ଖୋଲି ଯାଉଥିବାବେଳେ ଏଥିରେ ଥିବା ବାର୍‌କୋଡ କାମ ଦେଉ ନ ଥିବାରୁ ଗାଡ଼ି ସମ୍ପର୍କରେ ମଧ ଜାଣିବା ସହଜ ହେଉନାହିଁ। କେନ୍ଦ୍ର ସରକାର ଆରମ୍ଭ କରିଥିବା ଏହି ବ୍ୟବସ୍ଥା କେବଳ କେତେକ ଘରୋଇ କମ୍ପାନୀକୁ ଫାଇଦା ଦେଉଥିବାବେଳେ ରାଜ୍ୟରେ ନମ୍ବର ପ୍ଲେଟ ବ୍ୟବସାୟ କରି ଚଳୁଥିବା ପ୍ରାୟ ୩୦ହଜାର ଲୋକ ଜୀବିକା ହରାଇ ବସିଛନ୍ତି।**

- **ଘରୋଇ କମ୍ପାନୀ ମାଲାମାଲ**
- **ଜୀବିକା ହରାଇଲେ ୩୦ ହଜାର ଲୋକ**
- **ସୁପ୍ରିମକୋର୍ଟରେ ଝୁଲୁଛି ମାମଲା**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୨୦୦୫ରେ କେନ୍ଦ୍ର ସରକାର ଯାନବାହନଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ନମ୍ବର ପ୍ଲେଟ୍ ନୂଆ ଗାଡ଼ି କିଣିବା ସମୟରେ ଲାଗିକରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଗଡ଼ିପାରିବ ନାହିଁ। ଏଥିପାଇଁ ଗାଡ଼ି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ତେବେ ଏହି ଉଚ୍ଚ ସୁରକ୍ଷାସମ୍ପନ୍ନ ନମ୍ବର ପ୍ଲେଟ୍‌କୁ କୌଣସି ପରିସ୍ଥିତିରେ ଖୋଲାଯାଇ ପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହାଛଡ଼ା ଏହି ନମ୍ବର ପ୍ଲେଟ୍‌ରେ ଥିବା ବାର୍‌କୋଡ୍ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟୱେର ସହିତ ଯୋଡ଼ିହୋଇ ରହିବ। ନମ୍ବର ପ୍ଲେଟ୍ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ।

ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ୨୦୧୯ ମେ' ପହିଲାରୁ ନୂତନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗିବା ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରାସ୍ତା ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ଠାରୁ ସାର୍ଟିଫିକେଟ ପାଇଥିବା ରାଜ୍ୟ ବାହାରର ୨୧ଟି ଭେଣ୍ଡର ନୂତନ ନମ୍ବର ପ୍ଲେଟ୍ ଯୋଗାଉଛନ୍ତି। ଏହି ଭେଣ୍ଡରମାନେ ଶୋ'ରୁମ୍ ମାଲିକଙ୍କଠାରୁ ଦୁଇଚକିଆ ଯାନ ପାଇଁ ନମ୍ବର ପ୍ଲେଟ୍ ଲଗାଇବା ସକାଶେ ୨୨୦ଟଙ୍କା ସହିତ ୧୮ ପ୍ରତିଶତ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)କୁ ମିଶାଇ ୨୭୦ରୁ ୨୮୦ଟଙ୍କା ଏବଂ ୪ ଚକିଆ ଯାନ ପାଇଁ ୪୩୦ ଟଙ୍କା ସହିତ ଜିଏସ୍‌ଟିକୁ ମିଶାଇ ପ୍ରାୟ ୫୫୦ଟଙ୍କା ନେଉଛନ୍ତି। ଶୋ'ରୁମ୍ ମାଲିକମାନେ ଗାଡ଼ି କିଣୁଥିବା ଲୋକଙ୍କଠାରୁ ତାହା ଅସୁଲ କରୁଛନ୍ତି। ବିନା ନମ୍ବର ପ୍ଲେଟ୍‌ରେ ନୂଆ ଗାଡ଼ି ଶୋ'ରୁମ୍ ବାହାରକୁ ନ ଛାଡ଼ିବାକୁ ଡିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା କାର୍ଯ୍ୟକାରୀ ହେବାର ୨ବର୍ଷ ବିତିବାକୁ ବସିଲାଣି। ହେଲେ ଏହାର ଉଦ୍ଦେଶ୍ୟ ସଫଳ ହୋଇପାରୁ ନାହିଁ। ନୂଆ ଗାଡ଼ିରେ ଆସୁଥିବା ନମ୍ବର ପ୍ଲେଟ୍‌କୁ ଅତି ସହଜରେ ବଦଳାଯାଇ ପାରୁଛି। ଏହାକୁ ଗାଡ଼ି ମାଲିକମାନେ ବାହାର କରି ନିଜ ମନମୁତାବକ ନମ୍ବର ପ୍ଲେଟ୍ ଲଗାଇ ବୁଲୁଛନ୍ତି। ଏହାକୁ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ମଧ କରାଯାଉ ନାହିଁ। ଅନ୍ୟପକ୍ଷରେ ପୁରୁଣା ଗାଡ଼ିଗୁଡ଼ିକରେ ନମ୍ବର ପ୍ଲେଟ୍ ମଧ ବଦଳା ଯାଉନାହିଁ। ପୁରୁଣା ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବାକୁ ☞ପୃଷ୍ଠା-୬

## ନନ୍ଦନକାନନରେ ଗାଇଡ୍‌ଙ୍କୁ କାମୁଡ଼ିଲା ଭାଲୁ



ସଫାରି ବୁଲିବାବେଳେ ଗାଇଡ୍‌ଙ୍କୁ ଆକ୍ରମଣ କରିଥିବା ଭାଲୁ।

ବାରଙ୍ଗ,୨୭।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ଏକ ଅଘଟଣ ଦେଖିବାକୁ ମିଳିଛି। ଅପରାହ୍ନ ସମୟରେ ଭାଲୁ ସଫାରିରେ ଯାଇଥିବା ଜଣେ ଗାଇଡ୍ ଭାଲୁକୁ ଖାଦ୍ୟ ଦେଉଥିବାବେଳେ ହଠାତ ଭାଲୁଟି ଗାଇଡ୍‌ଙ୍କ ହାତକୁ କାମୁଡ଼ି ଦେଇଛି। ସୌଭାଗ୍ୟବଶତଃ ଗାଇଡ୍ ଜଣଙ୍କ ବଞ୍ଚିଯାଇଥିଲେ ମଧ ନନ୍ଦନକାନରେ ଏହି ଘଟଣାକୁ ନେଇ ପର୍ଯ୍ୟଟକମାନେ ଆତଙ୍କିତ ହୋଇପଡ଼ିଥିଲେ।

ବୁଧବାର ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଭାଲୁ ସଫାରିକୁ ବାଲିଆ, କାଳିଆ ଓ ବାସନ୍ତୀ ନାମକ ଭାଲୁକୁ ଛଡ଼ାଯାଇଥିଲା। ଅପରାହ୍ନ ସାଢେ ୪ଟାରେ ଓଡି୦୨-ଏଜେଡ୍-୨୭୪୭ନଂ ସଫାରି ବସଟି ପର୍ଯ୍ୟଟକ ନେଇ ଭାଲୁ ସଫାରିକୁ ବୁଲିବାକୁ ଯାଇଥିଲା। ସେହି ବସ୍‌ରେ ଥିଲେ ଦାରୁଠେଙ୍ଗ ଗ୍ରାମର ଟୁଲୁ ବେହେରା ନାମକ ଗାଇଡ୍। ବସ୍‌ଟି ସଫାରି ମଧରେ ଯାଉଥିବା ବେଳେ ରାସ୍ତାକଡ଼ରେ ବାଲିଆ ନାମକ ଅଣ୍ଡିରା ଭାଲୁଟି ବସିଥିଲା। ଏହାଦେଖି ଗାଇଡ୍‌ଜଣଙ୍କ ବସ୍‌ଚାଳକଙ୍କୁ ରୋକିବାକୁ କହିଥିଲେ। ଚାଳକ ବସ୍‌ଟିକୁ ଭାଲୁ ପାଖରେ ରୋକିବା ପରେ ଟୁଲୁ ଧରିଥିବା ଏକ ପଲିଥିନରେ ଥିବା ପନିର ପଛ ସିଟର ଝରକା ବାଟେ ଖାଇବାକୁ ଦେଇଥିଲେ। କିନ୍ତୁ ବାଲିଆ ପଲିଥିନରେ ଥିବା ଖାଦ୍ୟ ସହ ଟୁଲୁଙ୍କ ଡାହାଣହାତ ପାପୁଲିକୁ କାମୁଡ଼ି ଧରିଥିଲା। ଖାଇବାକୁ ଦେଉଥିବାର ମଜା ପର୍ଯ୍ୟଟକମାନେ ଉଠାଉଥିବାବେଳେ ହଠାତ ପରିସ୍ଥିତି ବଦଳିଯାଇଥିଲା। ଟୁଲୁଙ୍କ ଚିତ୍କାର ଶୁଣି ସାଙ୍ଗରେ ଥିବା ସମ୍ପର୍କୀୟ ଆସି ବାଲିଆ ମୁହଁକୁ ଗୋଇଠା ମାରିବାରୁ ଭାଲୁଟି ଛାଡ଼ିଦେଇ ଚାଲିଯାଇଥିଲା। ଏହାପରେ ସଫାରି ବସ୍‌ଟି ପର୍ଯ୍ୟଟକଙ୍କୁ ନେଇ ବାହାରକୁ ପଳାଇଆସିଥିଲା। ସଫାରି ବାହାରକୁଆସିବା ପରେ ଟୁଲୁଙ୍କୁ ସଫାରିର କର୍ମଚାରୀମାନେ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସଫାରି ବୁଲିବା ସମୟରେ ପର୍ଯ୍ୟଟକ ଓ ଗାଇଡ୍ କ'ଣ କରିବେ ଓ ନ କରିବେ ସେନେଇ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ସଫାରିକୁ ଠିକାରେ ନେଇଥିବା ସଂସ୍ଥା ସହ ଗୁରୁବାର ଆଲୋଚନା କରାଯିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।




## ପ୍ରମୋଦ ଭଗତଙ୍କ ନାମ ଖେଳରତ୍ନ ପାଇଁ ସୁପାରିସ

ନୂଆଦିଲ୍ଲୀ, ୨୭।୧୦

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଓ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ସମେତ ୧୧ ଆଥଲେଟ୍‌ଙ୍କ ନାମ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି। ସେହିପରି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ତେଣୁ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

ଟୋକିଓ ପାରାଲିମ୍ପିକ୍ସରେ ପ୍ରମୋଦ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଦ୍ୱିତୀୟ ଭାରତୀୟ ଭାବେ ନୀରଜ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ଜାଭେଲିନ୍ ଥ୍ରୋରେ ସେ ସ୍ୱର୍ଣ୍ଣିମ ସଫଳତା ପାଇ ଦେଶକୁ ଗର୍ବିତ କରିଥିଲେ। ଟୋକିଓରେ ରୌପ୍ୟ ପଦକ ବିଜେତା ରେସଲର ରବି ଦହିୟା, ମହିଳା ବକ୍ସିଂରେ ବ୍ରୋଞ୍ଜ ବିଜୟିନୀ ଲଭଲିନା ବୋରଗୋହେନ, ତାରକା ହକି ଖେଳାଳି ପି.ଆର. ଶ୍ରୀଜେଶ, ମହିଳା ଟେଷ୍ଟ କ୍ରିକେଟ ଅଧିନାୟିକା ମିଥାଲି ରାଜଙ୍କ ନାମ ମଧ ଚୟନ କମିଟି ସୁପାରିସ ☞ପୃଷ୍ଠା-୬



ପ୍ରମୋଦ ଭଗତ

**ବୀରେନ୍ଦ୍ର, ଅମିତ ପାଇବେ ଅର୍ଜୁନ ପୁରସ୍କାର**

## ୧ରୁ ୟୁଜି, ୧୫ରୁ ପିଜି ପ୍ରଥମବର୍ଷ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଥିବାରୁ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲୁଛନ୍ତି। ଏବେ ୟୁଜି (ସ୍ନାତକ) ଓ ପିଜି (ସ୍ନାତକୋତ୍ତର) ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୧ରୁ ୟୁଜି ଓ ୧୫ ତାରିଖରୁ ପିଜି ପ୍ରଥମ ବର୍ଷ ପିଲାଙ୍କ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହେବ। ଏଥିସହ ହଷ୍ଟେଲଗୁଡ଼ିକୁ ଖୋଲିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର ବୁଧବାର ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜର ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ୟୁଜି ଓ ପିଜିରେ ନୂଆକରି ନାମ ଲେଖାଇଥିବା ଛାତ୍ରୀଛାତ୍ର ଶ୍ରେଣୀଗୃହରେ ବସି ପାଠପଢ଼ିବେ। ତେବେ କରୋନା ନିୟମ ଓ କଟକଣା କଡ଼ାକଡ଼ି ପାଳନ କରିବାକୁ ☞ପୃଷ୍ଠା-୬

# ଟିକସ ନ କମାଇ ବୃଥା ଚେଷ୍ଟା

**ଦେଶ ମଧରେ ତେଲ ଦର ହ୍ରାସ ହେବାର ଦେଖାଯାଉନାହିଁ। ଏହାଦ୍ୱାରା ଖାଉଟି ଚାପଗ୍ରସ୍ତ ହୋଇଛନ୍ତି। ବର୍ଦ୍ଧିତ ତେଲ ଦରକୁ ନେଇ ସରକାର ମଧ ଚିନ୍ତାରେ ଥିବା କହୁଛନ୍ତି। ଏ ନେଇ ମଙ୍ଗଳବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ, ଅନ୍ତର୍ଜାତୀୟ ବଜାରର ସ୍ଥିତିକୁ ବିଚାରକୁ ନେଇ ସାଉଦି ଆରବ, ଗଲ୍ଫ ଦେଶ ଏବଂ ରୁଷିଆ ଭଳି ଦେଶର ତେଲମନ୍ତ୍ରୀଙ୍କ ସହ ଆଲୋଚନା କରାଯାଉଛି। ଖାଉଟିଙ୍କ ବୋଝ ହାଲ୍‌କା କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ସେ ମତ ଦେଇଛନ୍ତି। ହେଲେ ଟିକସ ନ କମାଇ ସରକାରଙ୍କ ତେଲ ଦର ନିୟନ୍ତ୍ରଣ ପ୍ରୟାସ ଭୁଆଁ ବୁଲାଇବା ସଦୃଶ ହୋଇଛି। ଆଗାମୀ ଦିନରେ ତେଲ ଦରକୁ ନେଇ ଘୋର ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି।**



**ଚଳିତ ବର୍ଷ ପେଟ୍ରୋଲ ୨୩.୯୭, ଡିଜେଲ ୨୨.୫୫ ଟଙ୍କା ମହଙ୍ଗା**

ଭୁବନେଶ୍ୱର,୨୭।୧୦

୨୦୨୧ କଥା ଦେଖିଲେ ଜାନୁୟାରୀ ପହିଲାରୁ ଅଦ୍ୟାବଧି ପେଟ୍ରୋଲ ୨୩.୯୭ ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ଡିଜେଲ ୨୨.୫୫ ଟଙ୍କା ବଢ଼ିଛି। ଜାନୁୟାରୀ ପହିଲାରେ ନୂଆଦିଲ୍ଲୀରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ଯଥାକ୍ରମେ ୮୩.୯୭ ଟଙ୍କା ଏବଂ ୭୪.୧୨ ଟଙ୍କା ରହିଥିଲା। ବର୍ତ୍ତମାନ ଏହା ୧୦୭.୯୪ ଟଙ୍କା ଏବଂ ୯୬.୬୭ ରହିଛି। ବର୍ତ୍ତମାନ ତେଲ ଚାହିଦା ବଢ଼ୁଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ☞ପୃଷ୍ଠା-୬

## ପୁଣି ବଢ଼ିଲା ତେଲ ଦର

ବୁଧବାର ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧି କରିଛନ୍ତି। ଭୁବନେଶ୍ୱରରେ ପେଟ୍ରୋଲ ୩୫ ପଇସା ବଢ଼ି ୧୦୮.୯୦ ଟଙ୍କା ଏବଂ ଡିଜେଲ ୩୮ ପଇସା ବଢ଼ି ୧୦୫.୪୫ ଟଙ୍କା ଛୁଇଁଛି। କଟକରେ ଦର ଯଥାକ୍ରମେ ୧୦୫.୭୬ ଟଙ୍କା ଏବଂ ୧୦୯.୨୮ ଟଙ୍କା ରହିଛି। ମାଲକାନଗିରିରେ ଦର ୧୧୪.୪୮ ଟଙ୍କା ଏବଂ ୧୧୦.୮୬ ଟଙ୍କା ରହିଥିବା ଜଣାପଡ଼ିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ୩୫ ପଇସା ଲେଖାଏ ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୦୭.୯୪ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ୯୬.୬୭ ଟଙ୍କା ରହିଛି। ସେହିଭଳି ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ପେଟ୍ରୋଲ ଯଥାକ୍ରମେ ୧୧୩.୮୦ ଟଙ୍କା, ୧୦୮.୪୫ ଟଙ୍କା ଏବଂ ୧୦୪.୮୩ ଟଙ୍କାରେ ବିକ୍ରି ହେଉଛି। ଏହି ସ୍ଥାନଗୁଡ଼ିକରେ ଡିଜେଲ ଯଥାକ୍ରମେ ୧୦୪.୭୫ ଟଙ୍କା, ୯୯.୭୮ ଟଙ୍କା ଏବଂ ୧୦୦.୯୨ ଟଙ୍କା ଛୁଇଁଛି। ତେବେ ଚଳିତ ମାସ ୨୭ ଦିନରେ ତେଲ ୨୦ ଥର ବଢ଼ିଛି।

## ବିଶିଷ୍ଟ ଗାନ୍ଧୀବାଦୀ ଏସ୍‌ଏନ୍ ସୁବାରାଓଙ୍କ ପରଲୋକ

**୬୫୪ ଚମ୍ବଲ ଡକାୟତଙ୍କୁ ମୁଖ୍ୟସ୍ରୋତକୁ ଆଣିଥିଲେ**



ଏସ୍‌ଏନ୍ ସୁବାରାଓ

ଜୟପୁର, ୨୭।୧୦

ବିଶିଷ୍ଟ ଗାନ୍ଧୀବାଦୀ ନେତା ଏସ୍.ଏନ୍. ସୁବାରାଓ ଆଉ ନାହାନ୍ତି। ଦୀର୍ଘଦିନର ଅସୁସ୍ଥତା ପରେ ରାଜସ୍ଥାନ ଜୟପୁରସ୍ଥିତ ସୱାଇ ମାନସିଂ ସରକାରୀ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୨ବର୍ଷ ହୋଇଥିଲା। 'ଶ୍ରମଦାନ' ଅଭିଯାନର ପ୍ରବକ୍ତା ଏବଂ ଚମ୍ବଲ ଉପତ୍ୟକାର ଡକାୟତଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ତାଙ୍କ ଅବଦାନ ପ୍ରଶଂସନୀୟ ଥିଲା। ସୁବାରାଓଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

ବାଙ୍ଗାଲୋର ଜନ୍ମିତ ରାଓ ବାଲ୍ୟାବସ୍ଥାରୁ ଦେଖିଥିଲେ ଦେଶ ସ୍ୱାଧୀନତାର ସ୍ୱପ୍ନ। ମାତ୍ର ୧୩ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ କରିଥିଲେ। ରାଜସ୍ଥାନ ସହିତ ତାଙ୍କର ସମ୍ପର୍କ ବେଶ୍ ନିବିଡ଼ ଥିଲା। ଅସୁସ୍ଥ ହୋଇପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପରାମର୍ଶକ୍ରମେ ସେ ସୱାଇ ମାନସିଂ ହସ୍ପିଟାଲରେ ☞ପୃଷ୍ଠା-୬

## ଦୁର୍ଘଟଣାରୁ ବର୍ତ୍ତିଲା ଭିସ୍ତାରା ବିମାନ

- **ଟୁଇଟର କରି ଜଣାଇଲେ ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ**
- **ଖଣ୍ଡନ କଲେ ବିମାନବନ୍ଦର କର୍ତ୍ତୃପକ୍ଷ**

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ବିମାନ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏ ସମ୍ପର୍କରେ ଟୁଇଟ କରି ଜଣାଇଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଭିସ୍ତାରା ୟୁକେ-୭୮୫ ବିମାନ ବୁଧବାର ସକାଳ ୭ଟାରେ ଦିଲ୍ଲୀରୁ ବାହାରି ଭୁବନେଶ୍ୱରରେ ପ୍ରାୟ ୯ଟାରେ ପହଞ୍ଚିଥିଲା। ଏଥିରେ ୧୫୭ଜଣ ଯାତ୍ରୀ ଥିଲେ। ତେବେ ବିମାନ ଅବତରଣ କରିବା ସମୟରେ ଯାତ୍ରୀମାନେ ଥରି ଉଠିଥିଲେ ଏବଂ ଏହା ଏକ ଦୁର୍ଘଟଣାକୁ ଏଡ଼ାଇ ଦେଇଛି। ଦୟାକରି ସମ୍ପୃକ୍ତ ପାଇଲଟଙ୍କ ଦ୍ୱାରା ଅନ୍ୟ କିଛି କାମ କରାନ୍ତୁ, ନଚେତ୍ କିଛି ବଡ଼ ଦୁର୍ଘଟଣା ବି ଘଟିପାରେ। ଏନେଇ ଭିସ୍ତାରା ସଂସ୍ଥା ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏଥିପ୍ରତି ଧ୍ୟାନ ଦେବା ପାଇଁ ଟୁଇଟ୍‌ରେ ସଞ୍ଜୟ ଉଲ୍ଲେଖ କରିଛନ୍ତି। ସଞ୍ଜୟଙ୍କ ଟୁଇଟ୍‌ରେ ସିନ୍ଧିଆ ପ୍ରତିକ୍ରିୟା ରଖି କହିଛନ୍ତି, ଘଟଣାକୁ ଆମ ଦୃଷ୍ଟିକୁ ଆଣିଥିବାରୁ ଧନ୍ୟବାଦ। ଏହି ଘଟଣାର ଅନୁସନ୍ଧାନ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ ☞ପୃଷ୍ଠା-୬




## ମା'ଝିଅଙ୍କୁ ବଞ୍ଚାଇବାକୁ ପଛକୁ ଫେରିଲା ଟ୍ରେନ୍

ରାଞ୍ଚି,୨୭।୧୦(ଆଇଏଏନ୍‌ଏସ୍)

ମା'ଝିଅଙ୍କ ଜୀବନ ବଞ୍ଚାଇବା ପାଇଁ ମଙ୍ଗଳବାର ରାତିରେ ପଛ ଷ୍ଟେଶନକୁ ଫେରିଥିଲା ଓଡ଼ିଶା ଅଭିମୁଖେ ଆସୁଥିବା ଏକ ଟ୍ରେନ୍। ଟ୍ରେନ୍‌କୁ ପଛକୁ ଫେରାଇ ଆଣିବାର ନିଷ୍ପତ୍ତି ନେଇ ଝାଡ଼ଖଣ୍ଡ ଟାଟାନଗର ରେଳଷ୍ଟେଶନ ଅଧିକାରୀମାନେ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକୁ ଟ୍ରେନ୍‌ରେ ଥିବା ଅନ୍ୟ ଯାତ୍ରୀ ସମେତ ବିଭିନ୍ନ ମହଲରୁ ଅଜସ୍ର ପ୍ରଶଂସା ମିଳିଥିବାବେଳେ ମାନବିକତାଠାରୁ ଆଉ କିଛି ବଡ଼ ଧର୍ମ ନାହିଁ ବୋଲି ମତପ୍ରକାଶ ପାଇଛି।




ଆନନ୍ଦବିହାର-ଭୁବନେଶ୍ୱର ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍(୧୨୮୨୦)ର କୋଚ୍ ନଂ. ୫ରେ ରାନୁ ଦାସ ନାମ୍ନୀ ଜଣେ ମହିଳା ବାଲେଶ୍ୱର ଜିଲା ଜଲେଶ୍ୱର ଷ୍ଟେଶନକୁ ଆସୁଥିଲେ। ଟ୍ରେନ୍‌ଟି ବିଳମ୍ବିତ ସନ୍ଧ୍ୟାରେ ଟାଟାନଗର ଷ୍ଟେଶନ ଛାଡ଼ିବା ପରେ ରାନୁଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା ଏବଂ ସେ ଚଳନ୍ତା ଟ୍ରେନ୍‌ରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଫଳରେ ମା'ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡ଼ିଥିଲା। ଏ ସମ୍ପର୍କିତ ଖବର ପହଞ୍ଚିଥିଲା ଟାଟାନଗର ଷ୍ଟେଶନ ଅଧିକାରୀମାନଙ୍କ ନିକଟରେ। ପରବର୍ତ୍ତୀ ରହଣି ଷ୍ଟେଶନ ହିଜ୍‌ଲିରେ ଟ୍ରେନ୍ ପହଞ୍ଚିବା ପାଇଁ ଅତିକମ୍‌ରେ ୨ ଘଣ୍ଟା ଲାଗିଥାନ୍ତା, ଯାହାକି ମା'ଝିଅଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା। ଏହାକୁ ହୃଦୟଙ୍ଗମ କରି ରେଳ ଅଧିକାରୀମାନେ ଟ୍ରେନ୍‌କୁ ପ୍ରାୟ ୨.୫ କି.ମି. ପଛ ଟାଟାନଗର ଷ୍ଟେଶନକୁ ଫେରାଇ ଆଣିବା ପାଇଁ ନିଷ୍ପତ୍ତି ନେଇଥିଲେ। ଟ୍ରେନ୍ ଟାଟାନଗର ଷ୍ଟେଶନକୁ ଫେରିବା ପରେ ସେଠାରେ ପୂର୍ବରୁ ସୂଚନା ପାଇ ଉପସ୍ଥିତ ଥିବା ମେଡିକାଲ ଟିମ୍ ମା'ଝିଅଙ୍କୁ ସୁରକ୍ଷିତ ଭାବେ ନେଇ ଖାସମହଲ ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାନୁ ଏବଂ ନବଜାତ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ଅନ୍ୟପକ୍ଷରେ ମା'ଝିଅଙ୍କୁ ଓହ୍ଲାଇ ଦିଆଯିବା ପରେ ଟ୍ରେନ୍‌ଟି ପୁଣି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା।

**୨୪୨ ଦିନରେ ସର୍ବନିମ୍ନ ସକ୍ରିୟ ମାମଲା**

ଭାରତରେ ଗତ ୨୪ ଘଣ୍ଟା ଭିତରେ ୧୩,୪୫୧ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ମୋଟ କୋଭିଡ୍-୧୯ ମାମଲା ୩,୪୨,୧୫,୬୫୩ରେ ପହଞ୍ଚିଛି। ତେବେ ସକ୍ରିୟ ମାମଲା ସଂଖ୍ୟା ୧,୬୨,୬୬୧କୁ ଖସିଛି ବୋଲି ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯାଇଛି। ଅନ୍ୟପକ୍ଷେ ଦିନକ ଭିତରେ ୫୮୫ ଅକାନ୍ତଙ୍କ ମୃତ୍ୟୁ ଘଟିବା ସହ ମୋଟ ମୃତ୍ୟୁସଂଖ୍ୟା ୪,୫୫,୬୫୩ ଛୁଇଁଛି।

## ସଂକ୍ଷେପରେ

### ପିଲାଙ୍କ ଟିକା ଫାଇଜରକୁ ଅନୁମତି ପାଇଁ ସୁପାରିସ

**ୱାଶିଂଟନ୍, ୨୭।୧୦:** ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ(ଏଫ୍‌ଡିଏ)ର ପରାମର୍ଶଦାତା କମିଟି ୫ରୁ ୧୧ ବର୍ଷ ପିଲାଙ୍କ ପାଇଁ ଫାଇଜର କୋଭିଡ୍ ଟିକାକୁ ଅନୁମତି ପ୍ରଦାନ ନିମନ୍ତେ ସୁପାରିସ୍ କରିଛି। କିଛି ଦିନ ମଧ୍ୟରେ ଏଫ୍‌ଡିଏ ଏହି ସୁପାରିସ୍ ଉପରେ ମୋହର ଲଗାଇପାରେ ବୋଲି ସୂଚନା ରହିଛି। ସେହିପରି ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ରର ପରାମର୍ଶଦାତା ଗ୍ରୁପ୍ ଆସନ୍ତା ସପ୍ତାହରେ ନିଜର ନିଷ୍ପତ୍ତି ଜଣାଇବ। ଫାଇଜରକୁ ସ୍ୱୀକୃତି ମିଳିଲେ ଆମେରିକାରେ ପ୍ରାୟ ୨.୮ କୋଟି ପିଲାଙ୍କୁ କରେନା ତଥା ଡେଲ୍‌ଟା ଭଳି ଘାତକ ଭାରିଆଣ୍ଟଠାରୁ ସୁରକ୍ଷା ମିଳିବ।

### ଚାଇନାର ଭୂ ସୀମା ଆଇନକୁ ଭାରତର ସମାଲୋଚନା

**ନୂଆଦିଲ୍ଲୀ ୨୭।୧୦:** ସୀମା ବୃଦ୍ଧି ମାନସିକତା ରଖି ଚାଇନା ନିକଟରେ ଭୂ ସୀମା ଆଇନ ଆଣିଛି। ଏହାର ଏଭଳି ଏକତରଫା ପଦକ୍ଷେପକୁ ଭାରତ ନିନ୍ଦା କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ବୁଧବାର କହିଛନ୍ତି, ଚାଇନାର ଭୂ ସୀମା ଆଇନ ଚିନ୍ତାର ବିଷୟ। ସୀମା ପରିଚାଳନା ଏବଂ ବିବାଦର ସମାଧାନ ନିମନ୍ତେ ପୂର୍ବରୁ ଥିବା ଦ୍ୱିପାକ୍ଷିକ ଚୁକ୍ତିନାମାକୁ ଏହା ପ୍ରଭାବିତ କରିପାରେ। ଭାରତ-ଚାଇନା ସୀମା ସ୍ଥିତିକୁ ପ୍ରଭାବିତ କଲା ଭଳି କୌଣସି କାର୍ଯ୍ୟ ବେଜିଂ ଏହି ଆଇନ ଅଧୀନରେ କରିବ ନାହିଁ ବୋଲି ଭାରତ ଆଶା ରଖିଥିବା ବାଗ୍‌ଚୀ କହିଛନ୍ତି।

### ମୁକୁଳିଲେ ସୁଦାନ ପ୍ରଧାନମନ୍ତ୍ରୀ


ଅବଦୁଲ୍ଲା ହମ୍‌ଦୋକ୍

**ଖାର୍ଟୁନ, ୨୭।୧୦:** ଶାସନ କବ୍‌ଜାକୁ ନେବା ପାଇଁ ସେନାକୁ ସମର୍ଥନ ନ ଦେବାରୁ ଗୃହବନ୍ଦୀ ଥିବା ସୁଦାନ ପ୍ରଧାନମନ୍ତ୍ରୀ ଅବଦୁଲ୍ଲା ହମ୍‌ଦୋକ୍‌ଙ୍କୁ ମୁକ୍ତ କରିଦିଆଯାଇଛି। ଏଥିସହ ଖୁବ୍‌ଶୀଘ୍ର ଦେଶରୁ ଜରୁରିକାଳୀନ ପରିସ୍ଥିତି ଉଠିବା ସହ ଇଣ୍ଟରନେଟ ସେବା ପୁନଃ ଚାଲିବ ବୋଲି ସେନାମୁଖ୍ୟ ଅବଦେଲ୍ ଫତେହ ଅଲ୍-ବୁର୍‌ହାନ୍ କହିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ସେ ଓ ତାଙ୍କ ସ୍ତ୍ରୀ ଘରକୁ ଫେରିଥିବା ହମ୍‌ଦୋକ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ତେବେ ସେନା ଉଠାଇନେଇଥିବା କେତେଜଣ ମନ୍ତ୍ରୀ ଓ ନାଗରିକ ନେତାଙ୍କୁ ବନ୍ଦୀ ରଖାଯାଇଛି। ସୋମବାର ସୁଦାନ ସେନା ଅନ୍ତରୀଣ ସରକାର ଭଙ୍ଗ କରିବା ସହ ହମ୍‌ଦୋକ୍ ଓ ଅନ୍ୟମାନଙ୍କୁ ଉଠାଇ ନେଇ ଗୃହବନ୍ଦୀ କରିଥିଲା। ତେବେ ପ୍ରଧାନମନ୍ତ୍ରୀଙ୍କୁ ବନ୍ଦୀ ରଖାଯିବା ଖବରକୁ ସେନା ଖଣ୍ଡନ କରିଥିଲା। ସେ ଅଲ୍-ବୁର୍‌ହାନଙ୍କ ଘରେ ସୁରକ୍ଷିତ ଥିବା କୁହାଯାଇଥିଲା।

### ୧ରୁ ଦିଲ୍ଲୀରେ ଖୋଲିବ ସ୍କୁଲ

**ନୂଆଦିଲ୍ଲୀ, ୨୭।୧୦:** ଆସନ୍ତା ୧ ତାରିଖରୁ ଜାତୀୟ ରାଜଧାନୀରେ ସ୍କୁଲ ଖୋଲିବ। କରୋନା ମହାମାରୀ ଯୋଗୁ ୧୯ ମାସ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଛି। ଶ୍ରେଣୀଗୃହରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ପିଲାଙ୍କ ବସିବା ପାଇଁ ବ୍ୟବସ୍ଥା ହେବ। ତେବେ କୌଣସି ପିଲାଙ୍କୁ ସ୍କୁଲ ଆସିବା ପାଇଁ ବାଧ କରାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆ କହିଛନ୍ତି। ଏ ନେଇ ବୁଧବାର ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଏକ ବୈଠକରେ ସିସୋଡିଆ ଏହି ଘୋଷଣା କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ରାଲିରେ ବୋମା ବିସ୍ଫୋରଣ ମାମଲା

### ୯ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ, ୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୩ରେ ପାଟନା ଗାନ୍ଧୀ ମଇଦାନ ରାଲିରେ ବୋମା ବିସ୍ଫୋରଣ ଘଟଣାରେ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରମାଣ ଅଭାବରୁ ଜଣେ ଅଦାଲତ ମୁକ୍ତ କରିଛନ୍ତି। ଆସନ୍ତା ନଭେମ୍ବର ୧ରେ ଦୋଷୀଙ୍କୁ ଦଣ୍ଡବିଧାନ କରାଯିବ। ୨୦୧୩ ଅକ୍ଟୋବର ୨୭ରେ ମୋଦି ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ନିର୍ବାଚନ ପ୍ରଚାର କରୁଥିବାବେଳେ ସିରିଏଲ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଜଣ ଆହତ ହୋଇଥିଲେ। ୨୦୧୪ରେ ଏନ୍‌ଆଇଏ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ସତ ପଦାକୁ ଆସିବା ଜରୁରୀ


ଜଷ୍ଟିସ୍ ଆର୍.ଭି. ରବୀନ୍ଦ୍ରନ୍ | ଆଲୋକ ଜୋଷୀ | ଡ. ସନ୍ଦୀପ ଓବେରଏ


ଡ. ନବୀନ କୁମାର ଚୌଧରୀ | ଡ. ପ୍ରବହରନ ପି. | ଡ. ଅଶ୍ୱିନ ଅନିଲ ଗୁମାସ୍ତେ

- ସାଇବର ବିଶେଷଜ୍ଞଙ୍କୁ ତଦନ୍ତ ଦାୟିତ୍ୱ
- ଅଭିଯୋଗକୁ ଖଣ୍ଡନ କରିନି କେନ୍ଦ୍ର

ନୂଆଦିଲ୍ଲୀ,୨୭।୧୦

ନିଜ ନାଗରିକଙ୍କ ବିରୋଧରେ ଗୁପ୍ତଚରଗିରି କରାଇବା ଲାଗି ଇସ୍ରାଏଲର ଟେକ୍ନୋଲୋଜି ଫାର୍ମ ଏନ୍‌ଏସ୍‌ଓ ଗ୍ରୁପ୍‌ଠାରୁ ପେଗାସସ୍ ସ୍ପାଏୱେର ଆଣି କେନ୍ଦ୍ର ସରକାର ତାକୁ ବ୍ୟବହାର କରିଥିବା ବିଷୟକୁ ଖଣ୍ଡନ କରିନାହାନ୍ତି। ତେଣୁ ଏହାର ସତ ସାମ୍ନାକୁ ଆସିବା ଜରୁରୀ ବୋଲି ସିଜେଆଇ ରମନା କହିଛନ୍ତି। ଉକ୍ତ ସମ୍ବେଦନଶୀଳ ପ୍ରସଙ୍ଗର ତଦନ୍ତ କରାଇବା ପାଇଁ ସୁପ୍ରିମକୋର୍ଟ ଏକ ୩ ଜଣିଆ ବୈଷୟିକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ୮ ସପ୍ତାହ ମଧ୍ୟରେ ତଦନ୍ତ କରି ସର୍ବୋଚ୍ଚ ଅଦାଲତରେ ରିପୋର୍ଟ ଦାଖଲ କରିବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଆର୍.ଭି. ରବୀନ୍ଦ୍ରନ୍‌ଙ୍କ ତତ୍ତ୍ୱାବଧାନରେ ଟେକ୍ନିକାଲ କମିଟି ପରିଚାଳିତ ହେବ। ତାଙ୍କୁ ପୂର୍ବତନ ଆଇଏଏସ୍ ଅଫିସର (୧୯୭୬ ବ୍ୟାଚ୍) ଆଲୋକ ଜୋଷୀ ଏବଂ ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ଷ୍ଟାଣ୍ଡାର୍ଡାଇଜେଶନ/ଇଣ୍ଟରନ୍ୟାଶନାଲ ଇଲେକ୍ଟ୍ରୋ-ଟେକ୍ନିକାଲ କମିଶନ/ଜଏଣ୍ଟ ଟେକ୍ନିକାଲ କମିଟି ସମ୍ପର୍କିତ ସବ୍‌କମିଟି ଅଧ୍ୟକ୍ଷ ଡ. ସନ୍ଦୀପ ଓବେରଏ ସହାୟତା ଦେବେ। ସେହିପରି ଟେକ୍ନିକାଲ କମିଟିରେ ଗାନ୍ଧୀନଗରସ୍ଥିତ ସାଇବର ସୁରକ୍ଷା ଓ ଡିଜିଟାଲ ଫୋରେନ୍‌ସିକ୍ ସାଇନ୍ସ ୟୁନିଭର୍ସିଟିର ପ୍ରଫେସର ଡ. ନବୀନ କୁମାର ଚୌଧରୀଙ୍କୁ ମଧ୍ୟ ରଖାଯାଇଛି। କେରଳର ଅମ୍ରିତପୁରୀସ୍ଥିତ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ (ସ୍କୁଲ ଅଫ୍ ଇଞ୍ଜିନିୟରିଂ) ପ୍ରଫେସର ଡ. ପ୍ରବହରନ ପି. ଏବଂ ଆଇଆଇଟି ବମ୍ବେର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଡ. ଅଶ୍ୱିନ ଅନିଲ ଗୁମାସ୍ତେଙ୍କୁ ମଧ୍ୟ କମିଟିରେ ସ୍ଥାନ ମିଳିଛି। ଏହି ୩ ବିଶେଷଜ୍ଞଙ୍କର ସାଇବର ସୁରକ୍ଷା, ଡିଜିଟାଲ ଫୋରେନ୍‌ସିକ୍, ନେଟ୍‌ୱର୍କ ଏବଂ ହାର୍ଡୱେର ଉପରେ ଅନେକ ଅଭିଜ୍ଞତା ରହିଛି। ଟେକ୍ନିକାଲ ପ୍ୟାନେଲକୁ ସୁପ୍ରିମକୋର୍ଟ ବିସ୍ତୃତ କ୍ଷମତା ଦେଇଛନ୍ତି।

## ପେଗାସସ୍ ଘଟଣାକ୍ରମ



**ଜୁଲାଇ ୧୮:** ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ସାମରିକ ବର୍ଗର ସ୍ପାଏୱେର ପେଗାସସ୍‌କୁ ଭାରତ ସମେତ ବିଭିନ୍ନ ଦେଶର ଖବରଦାତା, ଆକ୍ଟିଭିଷ୍ଟ, ରାଜନେତାଙ୍କ ପଛରେ ଗୁପ୍ତଚରଗିରି ପାଇଁ ଲଗାଯାଇଥିବା ନେଇ ନ୍ୟୁଜ୍ ଆଉଟ୍‌ଲେଟଗୁଡ଼ିକ ପକ୍ଷରୁ ବିଶ୍ୱବ୍ୟାପୀ ରିପୋର୍ଟ କରାଯାଇଥିଲା।

**ଜୁଲାଇ ୨୨:** ଆଇନଜୀବୀ ଏମ୍.ଏଲ୍. ଶର୍ମା ସୁପ୍ରିମକୋର୍ଟରେ ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଇବା ସକାଶେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ନିମନ୍ତେ ପିଟିଶନ ଦାଖଲ କରିଥିଲେ।

**ଜୁଲାଇ ୨୭:** ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର ଏହି ପ୍ରସଙ୍ଗରେ ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଅଗଷ୍ଟ ୫:** ସୁପ୍ରିମକୋର୍ଟରେ ପେଗାସସ୍ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।

**ଅଗଷ୍ଟ ୧୬:** ମିଡିଆ ରିପୋର୍ଟରେ ଅଣାଯାଇଥିବା ଅଭିଯୋଗ ଭିତ୍ତିହୀନ ଓ ଅନୁମାନ ଆଧାରିତ ଦର୍ଶାଇ କେନ୍ଦ୍ର ସରକାର ଏକ ସଂକ୍ଷିପ୍ତ ସତ୍ୟପାଠ ଦାଖଲ କରିଥିଲେ।

**ଅଗଷ୍ଟ ୧୭:** ଆବେଦନଗୁଡ଼ିକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ କରିଥିଲେ।

**ସେପ୍ଟେମ୍ବର ୧୩:** ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ।

**ସେପ୍ଟେମ୍ବର ୨୭:** ସୁପ୍ରିମକୋର୍ଟ ୩ ଜଣିଆ ସାଇବାର ଏକ୍ସର୍ଟ କମିଟି ଗଠନ କଲେ।

## ପୁଣି ଝୁଲିଲା ଆର୍ଯ୍ୟନଙ୍କ ଜାମିନ

ମୁମ୍ବାଇ, ୨୭।୧୦

ମୁମ୍ବାଇ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି ମାମଲାରେ ଗିରଫ ହୋଇଥିବା ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ଜାମିନ ଶୁଣାଣି ପୁଣି ଦିନେ ଘୁଞ୍ଚିଛି। ପୂର୍ବଭଳି ବୁଧବାର ମଧ୍ୟ ବମ୍ବେ ହାଇକୋର୍ଟ ଆର୍ଯ୍ୟନଙ୍କ ଆବେଦନର ଶୁଣାଣିକୁ ଗୁରୁବାର ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଜଷ୍ଟିସ୍ ନୀତିନ ଡବ୍ଲ୍ୟୁ ସାମ୍ବ୍ରେଙ୍କ ଏକକ ଖଣ୍ଡପୀଠ ଆର୍ଯ୍ୟନଙ୍କ ସମେତ ଅନ୍ୟ ଅଭିଯୁକ୍ତ ଅରବାଜ୍ ମର୍ଚ୍ଚାଣ୍ଟ ଏବଂ ମୁନ୍‌ମୁନ୍ ଧମେଚାଙ୍କ ଜାମିନ ଆବେଦନର ଶୁଣାଣି କରୁଥିବାବେଳେ ଗୁରୁବାର ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ତାହାକୁ ସ୍ଥଗିତ ରଖାଯାଇଥିବା କହିଛନ୍ତି। ଦୀପାବଳି ଛୁଟି ପାଇଁ ନଭେମ୍ବର ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ବମ୍ବେ ହାଇକୋର୍ଟ ବନ୍ଦ ରହିବ। ନଭେମ୍ବର ୧୩ ଓ ୧୪ ତାରିଖ ଶନିବାର ଏବଂ ରବିବାର ପଡୁଛି। ଯଦି ଆର୍ଯ୍ୟନଙ୍କୁ ଗୁରୁବାର କିମ୍ବା ଶୁକ୍ରବାର ଜାମିନ ନ ମିଳେ ତେବେ ସେ ନଭେମ୍ବର ୧୫ ପର୍ଯ୍ୟନ୍ତ ଜେଲରେ ରହିବେ। ଡ୍ରଗ୍ସ ମାମଲାରେ ଆର୍ଯ୍ୟନଙ୍କ ସମେତ ଅନ୍ୟମାନଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଗିରଫ କରିଥିଲା। ବୁଧବାର ଶୁଣାଣିବେଳେ ଅର୍‌ବାଜଙ୍କ ଓକିଲ ଅମିତ ଦେଶାଇ ଆର୍ଯ୍ୟନ, ଅର୍‌ବାଜ ଏବଂ ମୁନ୍‌ମୁନ୍‌ଙ୍କ ଗିରଫଦାରି ବେଆଇନ ବୋଲି କୋର୍ଟରେ ଯୁକ୍ତି ବାଢ଼ିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ସେମାନେ କୌଣସି ଷଡଯନ୍ତ୍ରରେ ସାମିଲ ଥିବାର ପ୍ରମାଣ ମିଳିନାହିଁ। ସେହିପରି ଗିରଫ କରିବା ପାଇଁ ସତ୍ୟ ଏବଂ ଉପଯୁକ୍ତ ଆଧାର ଆବଶ୍ୟକ ବୋଲି ଆର୍ଯ୍ୟନଙ୍କ ଓକିଲ ତଥା ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତଗୀ କହିଥିଲେ।

## ୱାଙ୍ଖଡେଙ୍କ ବିରୋଧରେ ଆଉ ଜଣେ ସାକ୍ଷୀ

ମୁମ୍ବାଇ, ୨୭।୧୦

ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଆର୍ଯ୍ୟନଙ୍କୁ ମୁକୁଳାଇବା ପାଇଁ ସେ ଶାହରୁଖ ଖାନ୍‌ଙ୍କଠାରୁ ରାନ୍‌ସମ୍(ମୁକ୍ତି ଅର୍ଥ) ମାଗିଥିଲେ ବୋଲି ସ୍ୱାଧୀନ ସାକ୍ଷୀ ପ୍ରଭାକର ସୈଲ ଅଭିଯୋଗ ଆଣିଥିବାବେଳେ ଏବେ ଆଉ ଜଣେ ଏନ୍‌ସିବି ସାକ୍ଷୀ ୱାଙ୍ଖଡେଙ୍କ ପାଇଁ ସମସ୍ୟା ବଢ଼ାଇଛନ୍ତି। ଶେଖର କାମ୍ବଲେ ନାମକ ଏହି ସାକ୍ଷୀ ଜଣକ କହିଛନ୍ତି, ୱାଙ୍ଖଡେ ତାଙ୍କୁ ମଧ୍ୟ ସାଦା କାଗଜରେ ଦସ୍ତଖତ କରିବାକୁ କହିଥିଲେ। ସେହି କାଗଜ ପରେ ମୁମ୍ବାଇର ଖାର୍‌ଗରରୁ ଗିରଫ ହୋଇଥିବା ଜଣେ ନାଇଜେରିଆ ନାଗରିକଙ୍କ ପଞ୍ଚନାମାରେ ବ୍ୟବହାର କରାଯାଇଥିଲା। ଗତ ରାତିରେ ଅନିଲ ମାନେ ନାମକ ଜଣେ ଏନ୍‌ସିବି ଅଧିକାରୀ ତାଙ୍କୁ ଫୋନ୍ କରି ସେ ବାବଦରେ କିଛି ନ କହିବାକୁ କହିଥିଲେ ବୋଲି ଶେଖର କହିଛନ୍ତି।

## ରାହୁଲଙ୍କ ୩ ପ୍ରଶ୍ନ

ନୂଆଦିଲ୍ଲୀ,୨୭।୧୦

ପେଗାସସ୍ ସ୍ପାଏୱେରକୁ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଲଗାଇ କେନ୍ଦ୍ର ସରକାର ଗଣତନ୍ତ୍ରକୁ ହତ୍ୟା ଉଦ୍ୟମ କରିଥିଲେ। ସୁପ୍ରିମକୋର୍ଟ ଏହାର ପର୍ଦ୍ଦାଫାଶ କରିବା ଲାଗି ୩ ସଦସ୍ୟ ବିଶିଷ୍ଟ ସାଇବର ବିଶେଷଜ୍ଞ କମିଟି ଗଠନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସତ ସାମ୍ନାକୁ ଆସିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଶା ବ୍ୟକ୍ତ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ପେଗାସସ୍ ସ୍ପାଏୱେରକୁ ଲୋକଙ୍କ ବିରୋଧରେ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସୌରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିର୍ଦ୍ଦେଶ ଦେଇଥାଇପାରନ୍ତି। ଗତ ପାର୍ଲାମେଣ୍ଟ ଅଧିବେଶନରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ତଦନ୍ତ ଦାବିରେ ଗୃହକାର୍ଯ୍ୟ ଅଚଳ କରିଦେଇଥିଲେ। ଏହି ବିଷୟକୁ ମନେପକାଇ ରାହୁଲ କହିଛନ୍ତି, ଆମେ ୩ ମୌଳିକ ପ୍ରଶ୍ନ ପଚାରୁଛୁ। ପେଗାସସ୍‌କୁ ଗୁପ୍ତଚରଗିରି କରିବା ଲାଗି କିଏ କ୍ଷମତା ଦେଇଥିଲେ? ଏହାକୁ କାହା ବିରୋଧରେ ବ୍ୟବହାର କରାଯାଇଥିଲା? ଆମ ଦେଶର ଲୋକଙ୍କୁ ନେଇ ତଥ୍ୟ ଅନ୍ୟ ଦେଶ ହାତରେ ଲାଗିଛି କି? ସେହିପରି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଯ୍ୟେୱାଲା ଟୁଇଟ୍ କରି କହିଛନ୍ତି, ଛଦ୍ମ ଜାତୀୟତାବାଦ ହେଉଛି ଭୀରୁ ଫାସିବାଦୀଙ୍କ ପାଇଁ ଶେଷ ଆଶ୍ରୟ। ମୋଦି ସରକାର ଜାତୀୟ ନିରାପତ୍ତା ଆଳରେ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଥିବାବେଳେ ସୁପ୍ରିମକୋର୍ଟଙ୍କ ନିଯୁକ୍ତ କମିଟି ସ୍ପାଏୱେର ଅପବ୍ୟବହାରର ତଦନ୍ତ କରିବ। ସତ୍ୟମେବ ଜୟତେ।



## ଭାଜପା ଧରାପଡ଼ିଗଲା: ଟିଏମ୍‌ସି

ପଣଜୀ,୨୭।୧୦



ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ସ୍ନୁପ୍‌ଗେଟ୍ ପ୍ରସଙ୍ଗରେ ବିତର୍କ ଦାବି କରିଥିବାବେଳେ ଭାଜପା ୨୦ ଦିନ ଧରି ସଂସଦ ଚଳାଇଦେଇ ନ ଥିଲା। ଏବେ ସୁପ୍ରିମକୋର୍ଟ ବିରୋଧୀଙ୍କ ସାମୂହିକ ଆଭିମୁଖ୍ୟକୁ ସମର୍ଥନ କରି ଏକ ତଦନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଭାଜପା ଧରାପଡ଼ିଯାଇଛି ବୋଲି ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ କହିଛନ୍ତି।

## ସୁପ୍ରିମକୋର୍ଟ ରାୟରେ ସରକାରଙ୍କ ଆଭିମୁଖ୍ୟ: ଭାଜପା

ନୂଆଦିଲ୍ଲୀ,୨୭।୧୦

ପେଗାସସ୍ ସଫ୍ଟୱେରର ବ୍ୟବହାରକୁ ନେଇ ତଦନ୍ତ କରାଯାଉ ବୋଲି କେନ୍ଦ୍ର ସରକାର ସତ୍ୟପାଠରେ ଦର୍ଶାଇଥିଲେ। ତେଣୁ ସୁପ୍ରିମକୋର୍ଟ ଏକ ଏକ୍ସପର୍ଟ କମିଟି ଗଠନ କରିବା ପାଇଁ ଦେଇଥିବା ରାୟରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ପ୍ରତିଫଳିତ ହୋଇଥିବା ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ମୁଖପାତ୍ର ସମ୍ବିତ ପାତ୍ର ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି କହିଛନ୍ତି, କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ମିଛ ପ୍ରଚାରକୁ ମୁକାବିଲା କରିବା ପାଇଁ ଏହା ଯଥେଷ୍ଟ। ଆମେ ଯାହା ଚାହୁଁଥିଲୁ ଅଦାଲତ ତାହା କରିଛନ୍ତି।

# କେଉଁ ରାଷ୍ଟ୍ର ବଡ଼ ପକ୍ଷ

**ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀ**

ଗ୍ଲାସ୍‌ଗୋ, ୨୭।୧୦

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ଭାରତ ନୁହେଁ ପୂରା ବିଶ୍ୱରେ ଦେଖିବାକୁ ମିଳିଛି। ଚଳିତ ମାସରେ ଭାରତର ବିଭିନ୍ନ ସ୍ଥାନରେ ଅତ୍ୟଧିକ ବର୍ଷା ସହିତ ବିଶ୍ୱର ଅନେକ ଦେଶରେ ପାଣିପାଗରେ ହଠାତ୍ ପରିବର୍ତ୍ତନ ଯୋଗୁ ବିପୁଳ କ୍ଷୟକ୍ଷତି ହୋଇଛି। ଏହାକୁ ଗୁରୁତ୍ୱ ଦେଇ ଆସନ୍ତା ୩୧ ତାରିଖରୁ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଆୟୋଜନ ହେବାକୁ ଯାଉଛି ଜାତିସଂଘର ଜଳବାୟୁ ସମ୍ମିଳନୀ ବା କୋପ୍୨୬। ବିଶ୍ୱ ତାପନ ଉପରେ ରୋକ୍ ପାଇଁ ୧୯୭ ଦେଶର ଭିନ୍ନ ଯୁକ୍ତି ଓ ଆଗ୍ରହ ଏହି ସମ୍ମିଳନୀରେ ଗୁରୁତ୍ୱ ରଖିଛି। ନିମ୍ନ ପ୍ରଦତ୍ତ ରାଷ୍ଟ୍ରଗୁଡ଼ିକର ପକ୍ଷ ଏଥିରେ ବଡ଼ ଭୂମିକା ଗ୍ରହଣ କରିବ।

**ଚାଇନା:** ବିଶ୍ୱରେ ସର୍ବାଧିକ ଅଙ୍ଗାରକାମ୍ଳ ଉତ୍ସର୍ଜନ ତାଲିକାରେ ରହିଛି ଚାଇନା। ତେଣୁ ଜଳବାୟୁ ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱ କେତେ ସଫଳ ହେବ ତାହା ଚାଇନାର ନିକଟ ଭବିଷ୍ୟତ ଯୋଜନା ଉପରେ ନିର୍ଭର କରେ। ୨୦୩୦ ସୁଦ୍ଧା ଚାଇନା କାର୍ବନ ନିର୍ଗମନ ଶୀର୍ଷକୁ ଛୁଇଁବ ଏବଂ ଏହା ପରେ ଏଥିରେ ହ୍ରାସ ଘଟିବ ବୋଲି ଗତ ବର୍ଷ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କହିଥିଲେ। ୨୦୬୦ ସୁଦ୍ଧା ବେଜିଂ ଶୂନ ଅଙ୍ଗାରକାମ୍ଳ ଉତ୍ସର୍ଜନ ଲକ୍ଷ୍ୟ ହାସଲ କରିବାକୁ ଯୋଜନା ରହିଛି। ଏଥିସହ ୨୦୨୬ରେ କୋଇଲା ଚାଳିତ ପ୍ରକଳ୍ପଗୁଡ଼ିକୁ କୋଇଲା ଯୋଗାଣ ବନ୍ଦ କରିବାକୁ ମଧ୍ୟ ପ୍ଲାନ୍ ରହିଛି। କିନ୍ତୁ ଗତ ସପ୍ତାହରେ ବିଦ୍ୟୁତ୍ ସଙ୍କଟ ସହିତ ଅର୍ଥନୀତିରେ ମନ୍ଥରଗତି ଯୋଗୁ ଚାଇନା ଏ ପର୍ଯ୍ୟନ୍ତ କୌଣସି ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ନ ଥିବା ଏହାର ନୀତି ନିର୍ଦ୍ଧାରଣକାରୀ ଯୁକ୍ତି ବାଢ଼ିଛନ୍ତି। ସେପଟେ ଜଳବାୟୁ ସମ୍ମିଳନୀରେ ଜିନ୍‌ପିଙ୍ଗ୍‌ଙ୍କ ସ୍ଥାନରେ ଉପ-ପରିବେଶ ମନ୍ତ୍ରୀ ଝାଓ ୟିଙ୍ଗ୍‌ମିନ୍ ଉପସ୍ଥିତ ରହିବେ ବୋଲି ସ୍ଥିର ହୋଇଛି। ତେଣୁ ସମ୍ମିଳନୀରେ କୌଣସି ବଡ଼ ପଦକ୍ଷେପ ନିଆଯିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି।

**ଆମେରିକା:** ଅଙ୍ଗାରକାମ୍ଳ ନିର୍ଗମନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି ଆମେରିକା। କିନ୍ତୁ ଶିଳ୍ପବିପ୍ଳବ ପରଠାରୁ ବାୟୁମଣ୍ଡଳରେ ସର୍ବାଧିକ କାର୍ବନ ଉତ୍ସର୍ଜନ କରିବାରେ ଏହି ଦେଶ ସବୁଠୁ ଆଗରେ ରହିଛି। ବିଷାକ୍ତଗ୍ୟାସ୍ ନିର୍ଗମନକୁ ରୋକିବା ପାଇଁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାକୁ ପ୍ୟାରିସ ଚୁକ୍ତିରୁ ବାହାର କରିଦେଇଥିଲେ। ଏହି ବିଶ୍ୱସ୍ତରୀୟ ଉଦ୍ୟମରୁ ଦୂରେଇ ରହିବା ପରେ ଚଳିତ ବର୍ଷ ଆମେରିକା ଜାତିସଂଘ ଜଳବାୟୁ ସମ୍ମିଳନୀରେ ଆଲୋଚନା କରିବ। ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ୟାରିସ ଚୁକ୍ତିରେ ଯୋଗଦାନ କରି ୨୦୩୦ ସୁଦ୍ଧା ଆମେରିକା ଏହାର ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନକୁ ୫୦-୫୨% ହ୍ରାସ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ନିଜର ଘରୋଇ ଜଳବାୟୁ ନୀତି, ସଶକ୍ତ ଆଇନର ଅଭାବ ଯୋଗୁ ଆମେରିକା ଗ୍ଲାସ୍‌ଗୋ ସମ୍ମିଳନୀରେ ଚାଇନା, ଭାରତ, ବ୍ରାଜିଲ ଭଳି ପ୍ରମୁଖ କାର୍ବନ ନିର୍ଗମନକାରୀଙ୍କ ଉପରେ ଚାପ ପକାଇବାରେ ସେତେ ପ୍ରଭାବଶାଳୀ ହୋଇ ନ ପାରେ।

**ବ୍ରିଟେନ:** କୋଇଲା ଶକ୍ତିକୁ ଇତିହାସରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସମ୍ମିଳନୀର ନେତୃତ୍ୱ ନେଉଥିବା ବ୍ରିଟେନ ମନ୍ତ୍ରୀ ଆଲୋକ ଶର୍ମା ପ୍ରକାଶ କରିଛନ୍ତି। ୨୦୫୦ ସୁଦ୍ଧା ବ୍ରିଟେନ୍ ଶୂନ କାର୍ବନ ନିର୍ଗମନ ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛି। ଏଥିସହ ୧୯୯୦ ତୁଳନାରେ ୨୦୨୫ ସୁଦ୍ଧା ସବୁଜଗୃହ ବାଷ୍ପ ୭୮ ପ୍ରତିଶତ ହ୍ରାସ କରିବାକୁ ଚଳିତ ବର୍ଷ ନିଷ୍ପତ୍ତି ନେଇଛି। ଉତ୍ତର ସାଗରରେ ତୈଳ ଓ ଗ୍ୟାସ ଅନୁସନ୍ଧାନକୁ ବନ୍ଦ କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଚାପ ପଡୁଥିବାରୁ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଯଦି ବୋରିସ୍ ଚାପଗ୍ରସ୍ତ ହୋଇ ଏପରି କରନ୍ତି ତେବେ ଆମଦାନୀ ଇନ୍ଧନ ଉପରେ ଦେଶ ଅଧିକ ନିର୍ଭରଶୀଳ ହେବ।

**ୟୁରୋପୀୟ ସଂଘ:** ୨୭ ଦେଶ ସଦସ୍ୟ ଥିବା ୟୁରୋପୀୟ ସଂଘ ବିଶ୍ୱର ମୋଟ ସବୁଜଗୃହ ବାଷ୍ପର ୮ ପ୍ରତିଶତ ନିର୍ଗମନ କରିଥାଏ। କିଛି ବର୍ଷ ହେବ ଏହି ନିର୍ଗମନ ତଳମୁହାଁ ରହିଛି। ୧୯୯୦ ଦଶକ ତୁଳନାରେ ୨୦୩୦ ସୁଦ୍ଧା ଗ୍ରୀନହାଉସ୍ ଗ୍ୟାସ୍ ପରିମାଣକୁ ୫୫ ପ୍ରତିଶତ କମାଇବାକୁ ଏହା ଲକ୍ଷ୍ୟ ରଖିଛି। ଗତ ୨ ବର୍ଷ ହେଲା ୟୁରୋପ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ବ୍ୟାପକମାତ୍ରାରେ କ୍ଷୟକ୍ଷତି ସହୁଛି।

**କମ୍ ବିକଶିତ ଦେଶ:** ଏହି ତାଲିକାରେ ବିଶ୍ୱର ୪୬ ପ୍ରତିଶତ ଗରିବ ଦେଶ ରହିଛନ୍ତି। ଆଫ୍ରିକା, ଏସିଆ-ପାସିଫିକ୍ ଏବଂ କାରିବିଆନ୍ ଭଳି ଦେଶର ପ୍ରାୟ ଶହେ କୋଟିରୁ ଅଧିକ ଲୋକ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟରେ ସର୍ବାଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ତେଣୁ ଏହି ଦେଶଗୁଡ଼ିକୁ ବର୍ଷକୁ ଶହେ ବିଲିୟନ ଡଲାର ସହାୟତା ପ୍ରଦାନ ନିମନ୍ତେ ବିଭିନ୍ନ ଫୋରମ୍, ସଙ୍ଗଠନଗୁଡ଼ିକ ବିକଶିତ ରାଷ୍ଟ୍ରଗୁଡ଼ିକୁ ମନାଇବେ ବୋଲି ଆଶା କରାଯାଉଛି।

**ଦ୍ରୁତ ବିକାଶଶୀଳ ରାଷ୍ଟ୍ର:** ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଭାରତ, ଚାଇନା ଏହି ବ୍ଲକ୍‌ରେ ରହିଥିବାବେଳେ ଧନୀଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ହାସଲ ନିମନ୍ତେ ଅଧିକ ଅବଦାନ ଦେବାକୁ ଦାବି ରଖିଛନ୍ତି। ଧନୀ ରାଷ୍ଟ୍ରଗୁଡ଼ିକ ଜଳବାୟୁକୁ ସର୍ବାଧିକ କ୍ଷତି ପହଞ୍ଚାଉଥିବା ସେମାନେ ଯୁକ୍ତି ବାଢ଼ିଛନ୍ତି। ବର୍ଷକୁ ଶହେ ବିଲିୟନ ଡଲାର ସହାୟତା ଯଥେଷ୍ଟ ନୁହେଁ ଏବଂ ୨୦୫୦ ସୁଦ୍ଧା ଶୂନ କାର୍ବନ ନିର୍ଗମନ ସମ୍ଭବ ନୁହେଁ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ସେହିପରି ବ୍ରାଜିଲ ମଧ୍ୟ ଆମାଜନ ଜଙ୍ଗଲ ନଷ୍ଟ ରୋକିବା ପାଇଁ ଆର୍ଥିକ ସହାୟତା ମାଗିଛି। ବାର୍ଷିକ ସହାୟତା ପରିମାଣ ୭୫୦ ବିଲିୟନ ଡଲାର ହେବା ଜରୁରୀ ବୋଲି ଦକ୍ଷିଣ ଆଫ୍ରିକା କହିଛି। ବିକାଶଶୀଳ ବିଶ୍ୱ ପାଇଁ ଅତିରିକ୍ତ ଆର୍ଥିକ ସହାୟତା ଉପରେ ଜାତିସଂଘରେ ଥିବା ଆଫ୍ରିକା ସଦସ୍ୟ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।



ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଜାତିସଂଘ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କୋପ୍୨୬ ସମ୍ମିଳନୀ ଆସନ୍ତା ୩୧ରେ ଆରମ୍ଭ ହେବ। ଏହା ପୂର୍ବରୁ କ୍ଲାଏଡୋ ନଦୀକୂଳରେ ପରିବେଶ ଅଭିଯାନ 'ଓସେନ ରେବେଲିୟନ୍'ର ଜଣେ ସଦସ୍ୟ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ବେଶ ଧରି ଅଭିନବ ଶୈଳୀରେ ବିକ୍ଷୋଭ କରୁଛନ୍ତି। ସେ ଏକ ବୋଟ୍‌ରେ ନିଆଁ ଲଗାଉଛନ୍ତି, ଯହିଁରେ ଲେଖାଅଛି 'ତୁମ ପିଲାମାନଙ୍କ ଭବିଷ୍ୟତ'।




# ମାଛ ଧରିବାକୁ ଯାଇ ଚିଲିକାରେ ଫସିଲା ଡଙ୍ଗା

■ ୩ଦିନ ପରେ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର

■ ମୋବାଇଲ ନ ଥିବାରୁ ଯୋଗାଯୋଗ କରିପାରି ନ ଥିଲେ

କୃଷ୍ଣପ୍ରସାଦ,୨୭।୧୦(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କୃଷ୍ଣପ୍ରସାଦସ୍ଥିତ ଚିଲିକାକୁ ଏକ ମତ୍ସ୍ୟଜୀବୀ ପରିବାର ଡଙ୍ଗା ଯୋଗେ ମାଛ ଧରିବାକୁ ଯାଇଥିବାବେଳେ ଦଳରେ ଡଙ୍ଗା ଫସିଯିବାରୁ ଜଳବନ୍ଦୀରେ ଅଟକ ରହିଥିଲେ। ପ୍ରାୟ ୩ଦିନ ପରେ ବୁଧବାର ସ୍ଥାନୀୟ ମତ୍ସ୍ୟଜୀବୀ ସେ ସ୍ଥାନକୁ ଯାଇଥିବାବେଳେ ଡଙ୍ଗା ଫସିଥିବା ଦେଖି ଅଗ୍ନିଶମ ବିଭାଗକୁ ଜଣାଇବା ପରେ ପ୍ରାୟ ୨ଘଣ୍ଟା ପରେ ଉକ୍ତ ମତ୍ସ୍ୟଜୀବୀ ପରିବାରକୁ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଗ୍ରାମର ନଉଡି ଜାଲି ଏବଂ ୨ପୁଅ କବି, ଅଭି। ଉଦ୍ଧାର ପରେ ସେମାନଙ୍କ ଅବସ୍ଥା ଠିକ ଥିବା କହିଛନ୍ତି। ଏଥିପାଇଁ ଅଗ୍ନିଶମ ବାହିନୀ ଏବଂ ଅଞ୍ଚଳବାସୀଙ୍କୁ ସେମାନେ ସାଧୁବାଦ ଜଣାଇଛନ୍ତି।

ଖବର ଅନୁଯାୟୀ, ସୋମବାର ଜାଲି ୨ପୁଅଙ୍କୁ ନେଇ ଚିଲିକାକୁ ମାଛ ଧରିବାକୁ ଆସି କୃଷ୍ଣପ୍ରସାଦର ଏକ ଦଳରେ ଡଙ୍ଗାଟି ଫସିଯାଇଥିଲା। ସେମାନଙ୍କ ନିକଟରେ ମୋବାଇଲ ଫୋନ ନ ଥିବା ଯୋଗୁ କାହା ସହ ଯୋଗାଯୋଗ ହୋଇପାରି ନ ଥିଲେ। ପାଖରେ ଥିବା ଚାଉଳ, ଆଳୁ ଆଦି ପରିବାକୁ ରାନ୍ଧି ଖାଉଥିବା ପ୍ରକାଶ କରିଛନ୍ତି। ବୁଧବାର ଅନ୍ୟ ଏକ ଡଙ୍ଗା ଯାଉଥିବାବେଳେ ସେମାନଙ୍କ ଉପରେ ନଜର ପଡ଼ିଥିଲା। ସେମାନଙ୍କ ସହ ପାଟିକରି କଥା ହେବା ପରେ ମାଲୁଦ ଦମକଳବାହିନୀ ସହ ଯୋଗାଯୋଗ କରିଥିଲେ। ଫାୟାର ଅଫିସର ସୌମେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧିକ ଦଳ ଯୋଗୁ ଦମକଳ ବାହିନୀର କୌଣସି ଯାନବାହାନ ଯିବା ସମ୍ଭବ ନ ଥିଲା। ଶେଷରେ ଦୁଃସାହସିକ ଭାବେ ୨ଟି ବାଉଁଶ ସାହାଯ୍ୟରେ ଫସିଥିବା ଡଙ୍ଗା ନିକଟରେ ପହଞ୍ଚି ନେଇଥିବା ରସିକୁ ବାନ୍ଧିଥିଲେ। ଅଗ୍ନିଶମ ବାହିନୀର ମୁଖ୍ୟ କର୍ମଚାରୀ କଳିଙ୍ଗ ନାୟକ, ବିଜୟ ଦାସ, ବିଶ୍ୱରଞ୍ଜନ ରାଉତ, ବିଷ୍ଣୁପ୍ରସାଦ ଜେନା ପ୍ରମୁଖ ଅକ୍ଳାନ୍ତ ପରିଶ୍ରମ କରି ଡଙ୍ଗାକୁ ଦଉଡିରେ ବାନ୍ଧି କୂଳକୁ ଟାଣି ଆଣିଥିଲେ। ପରେ ସେମାନଙ୍କୁ କୃଷ୍ଣପ୍ରସାଦ ଜେଟି ନିକଟରେ ଛାଡ଼ିଥିଲେ। ତେବେ ଜଳପଥ ପରିବହନ ବିଭାଗର ଭୁଲ ଥିବା ଜନସାଧାରଣ କହିଛନ୍ତି। ଏହାପୂର୍ବରୁ ବାଲୁଗାଁଠାରୁ ପାରିକୁଦଗଡ କୃଷ୍ଣପ୍ରସାଦ ଜେଟିକୁ ପ୍ରତିଦିନ ଜଳପଥ ପରିବହନ କରୁଥିବା ଏକ ଯାତ୍ରୀବାହୀ ଲଞ୍ଚ ସେହି ଦଳ ମଧ୍ୟରେ ଅଟକ ଥିଲା। ପରେ ଅନ୍ୟ ଏକ ଲଞ୍ଚ ବାଲୁଗାଁରୁ ଆସି ଟାଣିନେଇଥିଲା। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେଥିପ୍ରତି କୌଣସି ପଦକ୍ଷେପ ନ ନିଆଯିବାରୁ ପୁନର୍ବାର ସେହି ଦୁର୍ଘଟଣା ଘଟିଲା। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଚିଲିକାରୁ ଦଳ ଉଦ୍ଧାର କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଦଳରେ ଫସି ରହିଥିବା ଡଙ୍ଗାକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରୁଛନ୍ତି।


ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ବିଭୁଦତ୍ତ ବସନ୍ତିଆ ବୁଧବାର ରାଜଭବନଠାରେ ରାଜ୍ୟପାଳଙ୍କୁ ରାଜସ୍ୱ କ୍ଷେତ୍ରର ସିଏଜି ଅଡିଟ୍ ରିପୋର୍ଟ ୨୦୨୦ ପ୍ରଦାନ କରୁଛନ୍ତି। ଏହି ରିପୋର୍ଟ ଆସନ୍ତା ଶୀତ ଅଧିବେଶନରେ ବିଧାନସଭାରେ ଉପସ୍ଥାପନ କରାଯିବ।

## ଶକ୍ତିଶାଳୀ ହେଲା ଭାରତ

# ଅଗ୍ନି-୫ର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୨୭।୧୦

ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତର ବ୍ରହ୍ମାସ୍ତ୍ର କୁହାଯାଉଥିବା ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରାଯାଇଛି। ବୁଧବାର ରାତି ପ୍ରାୟ ୭ଟା ୫୦ ମିନିଟ୍‌ରେ ଡିଆରଡିଓ ପକ୍ଷରୁ ଅବଦୁଲ କଲାମ ଦ୍ୱୀପରୁ ଉତ୍କ୍ଷେପଣ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ୫ରୁ ୮ ହଜାର କି.ମି. ରେଞ୍ଜ ଭିତରେ ଶତ୍ରୁପକ୍ଷକୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏହା ଅଗ୍ନି ସିରିଜ୍‌ର ଶକ୍ତିଶାଳୀ ଭର୍ଶନ। ଘଣ୍ଟାକୁ ପ୍ରାୟ ୩୦ ହଜାର କି.ମି. ବେଗରେ ଗତି କରିପାରୁଥିବା ଏହି କ୍ଷେପଣାସ୍ତ୍ର ୩ ସ୍ତରୀୟ ଇଞ୍ଜିନ ବିଶିଷ୍ଟ। ଏହା ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ଧାରଣ କରିବାର କ୍ଷମତା ରଖିଛି। ଏହି କ୍ଷେପଣାସ୍ତ୍ରର ଓଜନ ୫୦ ହଜାର କି.ଗ୍ରା.। ଏହାର ଚଉଡା ୨ ମିଟର ହୋଇଥିବା ବେଳେ ଉଚ୍ଚତା ୧୭. ୫ ମିଟର। ୨୦୧୬ରେ ମଧ୍ୟ ଏହାର ସଫଳ ପରୀକ୍ଷଣ ହୋଇଥିଲା।



ଅଗ୍ନି-୫ କ୍ଷେପଣାସ୍ତ୍ର।

# ନାବାଳକଙ୍କୁ ୧୦ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୨୭।୧୦(ସ୍ୱ.ପ୍ର.)

୨୦୧୭ ନଭେମ୍ବର ୩୦ରେ କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଘଟିଥିବା ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ୧୭ ବର୍ଷ ବୟସ୍କ ନାବାଳକଙ୍କୁ ବୁଧବାର ସ୍ଥାନୀୟ ଅତିରିକ୍ତ ଜିଲା ଓ ସ୍ପେଶାଲ ଜଜ ଲୋକନାଥ ସାହୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ନାବାଳକ ଜଣକ ଏବେ ରାଉରକେଲା ସ୍ଥିତ ବାଳାଶ୍ରମରେ ରହିବେ ଏବଂ ୨୧ ବର୍ଷ ହେଲା ପରେ ସାଧାରଣ ଜେଲ୍‌କୁ ସ୍ଥାନାନ୍ତରିତ ହେବେ ବୋଲି ଆଦେଶ ହୋଇଥିବା ଏବଂ ଦୁଇଟି ଦଫାରେ ସମାନ ଦଣ୍ଡାଦେଶ କରାଯାଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, ନାବାଳକ ଜଣଙ୍କ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣକ ୮ମାସର ଗର୍ଭବତୀ ହେବାରୁ ପରିବାର ଲୋକ ବଡବିଲ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୧୮୪/୩୦।୧୧।୨୦୧୭) ରୁଜୁ କରି ନାବାଳକଙ୍କୁ ଧରି ବାଳାଶ୍ରମକୁ ପଠାଇଥିଲା। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ କୋର୍ଟ ଆଦେଶ କରିଛନ୍ତି।

# କୋଟିଆର ବିଭିନ୍ନ ଗ୍ରାମଛକରେ ଫଳକ ଲଗାଇଲା ପ୍ରଶାସନ

ପଟ୍ଟାଙ୍ଗୀ,୨୭।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାକୁ ଲାଗିଥିବା କୋଟିଆ ପଞ୍ଚାୟତକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ବିଭିନ୍ନ ସମୟରେ ଉଭୟ ରାଜ୍ୟର ଜିଲା ପ୍ରଶାସନ କୋଟିଆରେ ନିଜ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମଙ୍ଗଳବାର ଆନ୍ଧ୍ରର ସାଲୁର ପ୍ରଶାସନ ପକ୍ଷରୁ ନେରେଡିବଲାସାରେ ଗ୍ରାମସଭା କରାଯାଇଥିବା ବେଳେ ଏହାର ୨୪ ଘଣ୍ଟା ନ ପୂରୁଣୁ ଓଡ଼ିଶାର କୋରାପୁଟ ଜିଲା ଏହାର ଜବାବ ରଖିଛି। ବୁଧବାର କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯିବାପାଇଁ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ନାମଫଳକ ଲଗାଯାଇଛି। କୋଟିଆ ପଞ୍ଚାୟତକୁ ପ୍ରବେଶ କରୁଥିବା ସୀମାନ୍ତ ରାସ୍ତାଗୁଡ଼ିକରେ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହରୁମାଣ୍ଡିଙ୍ଗି, ଫାଟୁସିନେରି, ଡୋଲିଆମ୍ବ, ତଳଗଞ୍ଜେଇପଦର ଓ ନେରେଡିବାଲସା ଗ୍ରାମର ଛକଗୁଡ଼ିକରେ ନାମଫଳକ ଲଗାଯାଇଛି। ପରବର୍ତ୍ତୀ ସମୟରେ ପଞ୍ଚାୟତର ସମସ୍ତ ଗ୍ରାମ ଛକରେ ନାମଫଳକ ଲାଗିବ ବୋଲି ବିଡିଓ ସୌମ୍ୟସାର୍ଥକ ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାଏ, ଏପିଓ ସୌମେନ୍ଦ୍ର ନାୟକ, କନିଷ୍ଠଯନ୍ତ୍ରୀ ଅଜୟରାମ ତରାଇ, ପିଇଓ ନବହନ୍ତାଳ ପ୍ରମୁଖ ସାମିଲ ହୋଇଥିଲେ।



ହରୁମାଣ୍ଡିଙ୍ଗି ଛକରେ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ନାମଫଳକ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବାରିପଦା ଅଫିସ,୨୭।୧୦:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଉରା ଚନ୍ଦାବିଲା ଛକ ନିକଟରେ ବୁଧବାର ରାତିରେ ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ବଡ଼ସାହି ଅଞ୍ଚଳର ଓ ଆହତ ଆରୋହୀଙ୍କ ଘର ବାଙ୍ଗିରିପୋଷି ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି।

# ଆଲୁମିନିୟମ ଶିଳ୍ପରେ କୋଇଲା ସଙ୍କଟ

## ବିପଦରେ ୫ ହଜାରରୁ ଅଧିକ ଏମ୍‌ଏସ୍‌ଏମ୍‌ଇ

ଭୁବନେଶ୍ୱର,୨୭।୧୦

ପ୍ରାଥମିକ ଆଲୁମିନିୟମ ଶିଳ୍ପ ବର୍ତ୍ତମାନ କୋଇଲା ସଙ୍କଟ ଦେଇ ଗତି କରୁଛି। ଏହି ସମସ୍ୟା ଯଦି ଦୂର କରା ନ ଯାଏ ତେବେ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାର ଅଂଶ ଥିବା ୫ ହଜାରରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏସ୍‌ଏମ୍‌ଇ) ବିପୁଳ ପରିମାଣର କ୍ଷତି ସହିବେ ବୋଲି ଇଣ୍ଡିଆନ ଇଣ୍ଡଷ୍ଟ୍ରିଆଲ ଭାଲ୍ୟୁ ଚେନ୍ କାଉନ୍‌ସିଲ (ଆଇଆଇଭିସିସି) ପକ୍ଷରୁ ଆଶଙ୍କା କରାଯାଇଛି।

ବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ଏବଂ ତତ୍ ସମ୍ପର୍କିତ ମାନୁଫାକ୍ଚରିଂ ଶିଳ୍ପର ଯୋଗାଣ ଶୃଙ୍ଖଳରେ ୧ ହଜାର ଏସ୍‌ଏମ୍‌ଇ ଅଂଶ ହୋଇଥିବା ବେଳେ ପ୍ରାୟ ୪ ହଜାର ଏସ୍‌ଏମଇ ଆନୁଷଙ୍ଗିକ ଆଲୁମିନିୟମ ଉତ୍ପାଦନ ଓ ବଣ୍ଟନ କାର୍ଯ୍ୟକଳାପ ସହ ଜଡ଼ିତ ରହିଛନ୍ତି। ଭାରତରେ ଆଲୁମିନିୟମରେ କୌଣସି ବଡ଼ ବଜାର ବିଭ୍ରାଟ ଘଟିଥିଲେ ତାହାର ଉତ୍କଟ ଆର୍ଥିକ ପ୍ରଭାବ ଏହି କ୍ଷୁଦ୍ରସଂସ୍ଥାଗୁଡ଼ିକ ଉପରେ ପଡ଼ିଥାଏ। ଅର୍ଥନୀତିରେ ଦୃଢ଼ ସୁଧାର ହେଉଥିବା ବେଳେ ମହାମାରୀ ପରବର୍ତ୍ତୀ ସମୟରେ ସମଗ୍ର ଶିଳ୍ପରେ ଚାହିଦାରେ ହଠାତ୍ ବୃଦ୍ଧି ହୋଇଛି।

ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ କୋଇଲାର ଅଭାବ ସହିତ ଯୋଗାଣରେ ସମସ୍ୟା ଆଲୁମିନିୟମ ନିର୍ମାଣକୁ ଗୁରୁତର ଭାବେ ପ୍ରଭାବିତ କରିଛି। ପ୍ରସ୍ତାବିତ ୧୫ ଦିନ ତୁଳନାରେ କୋଇଲା ଷ୍ଟକ୍ ମାତ୍ର ୧.୫-୫ ଦିନ ଭଳି ଚିନ୍ତାଜନକ ସ୍ତରକୁ ଖସିଯାଇଥିବାରୁ ଶିଳ୍ପସଂସ୍ଥାଗୁଡ଼ିକ ପରିଚାଳନା ବଜାୟ ରଖିବାକୁ ସଂଘର୍ଷ କରୁଛନ୍ତି। ନିଜର ବ୍ୟାପକ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ଏବଂ କାରଖାନାର କାର୍ଯ୍ୟକୁ ଚାଲୁ ରଖିବା ଲାଗି ଶିଳ୍ପ କୌଣସି ବିକଳ୍ପ ପନ୍ଥା ପାଉନାହାନ୍ତି। ଆଲୁମିନିୟମ ନିର୍ମାଣ ହେଉଛି ଏକ ଅତ୍ୟଧିକ ବିଦ୍ୟୁତ୍ ଶକ୍ତି ଦରକାର କରୁଥିବା କାର୍ଯ୍ୟ ଏବଂ ଏକ ନିରନ୍ତର ଭିତ୍ତିକ ଶିଳ୍ପ ଯାହାକୁ ଆଡ୍ ହକ୍ ଶଟ୍‌ଡାଉନ୍ ଲାଗି ପ୍ରସ୍ତୁତ କରାଯାଇନାହିଁ। ପରିଚାଳନା ଜାରି ରଖିବା ଲାଗି ବିପୁଳ ନିବେଶରେ କାରଖାନା ଭିତରେ ସ୍ଥାପନ କରାଯାଇଥିବା ନିଜସ୍ୱ ପାୱାର ପ୍ଲାଣ୍ଟ ଉପରେ ଏହି ଶିଳ୍ପ ନିର୍ଭରଶୀଳ। ବିଦ୍ୟୁତ୍ ଯୋଗାଣ ଓ ଆଲୁମିନିୟମ ଉତ୍ପାଦନ ଜାରି ରଖିବା ଲାଗି ଏହି ପାୱାର ପ୍ଲାଣ୍ଟଗୁଡ଼ିକୁ ଦ୍ରୁତ ଗତିରେ କୋଇଲା ଯୋଗାଣ ଆବଶ୍ୟକତା ରହିଥିବା ଆଇଆଇଭିସିସି କହିଛି।

# ହାର୍ଡକୋର ମାଓବାଦୀ କମାଣ୍ଡର ହିଡ଼ମା ଅସୁସ୍ଥ

## ଅଜ୍ଞାତ ସ୍ଥାନରେ ହେଉଛି ଚିକିତ୍ସା

ମାଲକାନଗିରି,୨୭।୧୦ (ଡି.ଏନ୍.ଏ.)

ହାର୍ଡକୋର ମାଓବାଦୀ କମାଣ୍ଡର ହିଡ଼ମା ଅସୁସ୍ଥ ହୋଇପଡ଼ିଛନ୍ତି। ଏକ ଅଜ୍ଞାତ ସ୍ଥାନରେ ତାଙ୍କର ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। କେନ୍ଦ୍ରୀୟ ଗୋଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମାଓବାଦୀ କମାଣ୍ଡର ହିଡ଼ମା ଅସୁସ୍ଥ ହୋଇପଡ଼ି ଆନ୍ଧ୍ର ପ୍ରଦେଶ କିମ୍ବା ତେଲଙ୍ଗାନାର କୌଣସି ଅଜ୍ଞାତ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। କିଛିଦିନ ତଳେ ହିଡ଼ମା ମାଓବାଦୀ ସଙ୍ଗଠନର ଜଣେ କେନ୍ଦ୍ରୀୟ ବରିଷ୍ଠ ନେତା ଆର୍.କେ. ଓରଫ ରାମକୃଷ୍ଣଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେତେବେଳେ ସେ ଅସୁସ୍ଥ ଥିଲେ। ଏହା ପରଠାରୁ ହିଡ଼ମାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଦେଖାଦେଇଥିଲା। ୨୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ହିଡ଼ମାଙ୍କ ସମ୍ପର୍କରେ ଏହି ତଥ୍ୟ ମିଳିବା ପରେ ଏହି ଦୁଇ ରାଜ୍ୟରେ ଥିବା ଅନେକ ଡାକ୍ତରଖାନା ଏବଂ ନର୍ସିଂହୋମରେ ତାଙ୍କୁ ଖୋଜାଖୋଜି ଚାଲିଛି। ପୋଲିସ ସହାୟତାରେ ବିଶାଖାପାଟଣା ସୁରକ୍ଷା ଏଜେନ୍ସି, ବିଜୟୱାଡା ଏବଂ ୱାରାଙ୍ଗଲ ସହ ଅନ୍ୟ ଅଞ୍ଚଳରେ ହିଡ଼ମାଙ୍କୁ ଖୋଜା ଜାରି ରହିଛି। ବିଗତ ଦିନରେ ବିଜାପୁରଠାରେ ସିଆର୍‌ପିଏଫ୍ ଏବଂ ଡିଆର୍‌ଜି ଉପରେ ହୋଇଥିବା ଆକ୍ରମଣରେ ହିଡ଼ମା ସମ୍ପୃକ୍ତ ଥିଲେ। ଏହି ଆକ୍ରମଣରେ ୨୩ ଯବାନ ଶହୀଦ ହୋଇଥିଲେ। ହିଡ଼ମା ଏହି ଆକ୍ରମଣ ଯୋଜନା କରିଥିଲେ। ସେ ମଧ୍ୟ ତାଙ୍କ ସାଥୀମାନଙ୍କ ସହିତ ସାମିଲ ହୋଇଥିଲେ।


ହିଡ଼ମା(ଫାଇଲ ଫଟୋ)



**ଆଜି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପାରାଦୀପ ଗସ୍ତ**

ପାରାଦୀପ, (ସ୍ୱ.ପ୍ର.): କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗୁରୁବାର ଦିନିକିଆ ପାରାଦୀପ ଗସ୍ତରେ ଆସୁଛନ୍ତି ବୋଲି ବୁଧବାର ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ବନ୍ଦର ପ୍ରଶାସନ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଗୁରୁବାର ପୂର୍ବାହ୍ନ ୧୦ ରୁ ୧୧ଟା ମଧ୍ୟରେ ବନ୍ଦରର କୋଇଲା ବୋଝେଇ ଖଲାସ ସ୍ଥାନରେ ଯାଞ୍ଚ କରିବେ ବୋଲି ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଦର୍ଶାଯାଇଛି।



## ସଂକ୍ଷେପରେ

### ଶାଶୁଙ୍କୁ ହତ୍ୟା ଉଦ୍ୟମ କରିଥିବା ବୋହୂଙ୍କୁ କୋର୍ଟ ଚାଲାଣ

**ତିର୍ତ୍ତୋଲ, ୨୭।୧୦ (ଡି.ଏନ.ଏ.):** ତିର୍ତ୍ତୋଲ ଥାନା ପୋଲିସ ନିଜ ଶାଶୁଙ୍କୁ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଜଣେ ବୋହୂଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଥାନା ଅଧୀନ ନାଉସିରା (ମୁଣ୍ଡାବସ୍ତି)ର ଦାସାୟଣୀ ନାୟାର(୮୫)ଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ମଙ୍ଗଳବାର ବୋହୂ ପ୍ରଣତୀ ହତ୍ୟା ଉଦ୍ୟମ କରିଥିଲେ। ଦାସାୟାଣୀଙ୍କ ପାଟି ଶୁଣି ବସ୍ତିର ଲୋକମାନେ ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ତାଙ୍କର ବଡ଼ ବୋହୂ ନାରାୟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୬୮/୨୧ରେ ମାମଲା ରୁଜୁ କରିଥିଲା।

### ନ୍ୟାୟ ପାଇଁ ବାରଦୁଆର ହେଉଛନ୍ତି ମହିଳା

**ରଘୁନାଥପୁର, ୨୭।୧୦(ଡି.ଏନ.ଏ.):** ରଘୁନାଥପୁର ଥାନାରେ ରେଢୁଆ ଗାଁର ପ୍ରଭାକର ମହାପାତ୍ରଙ୍କ ସ୍ତ୍ରୀ ପ୍ରିୟଙ୍କା ନ୍ୟାୟ ପାଇଁ ବାରଦୁଆର ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘବର୍ଷ ହେଲା ପ୍ରିୟଙ୍କା ଏକ ଟେଲରିଂ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପ୍ରିୟଙ୍କାଙ୍କ କହିବା କଥା, ତାଙ୍କୁ ଗାଁର ଜଣେ ବ୍ୟକ୍ତି ଗୁଣ୍ଡାମାନଙ୍କୁ ଲଗାଇ ମାର୍‌ପିଟ ସହ ଧମକ ଚମକ ଦେଉଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ୍ ନ ପାଇବାରୁ ସେ ନିଜର ଦୁଃଖ ସମ୍ପର୍କରେ ରାଜ୍ୟପାଳଙ୍କୁ ଲେଖି ଜଣାଇବା ପରେ ପୋଲିସ ତାଙ୍କ ପ୍ରତି ସାମାନ୍ୟ କୋହଳ ହୋଇଥିଲା। ଗତ ୨୪ ତାରିଖରେ ପୁଣି ବ୍ୟକ୍ତି ଜଣକ ଗୁଣ୍ଡାମାନଙ୍କୁ ଲଗାଇ ଧମକ ଦେବା ସହ ସହ ମାର୍‌ପିଟ କରିଥିବା ପ୍ରିୟଙ୍କା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୮/୨୧ରେ ମାମଲା ରୁଜୁ କରିଥିଲା। ଯଦି ତାଙ୍କୁ ନ୍ୟାୟ୍ ନ ମିଳେ ତେବେ ସେ ଥାନା ସମ୍ମୁଖରେ ଅନଶନରେ ବସିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଦେବେନ୍ଦ୍ର ମାହାପାତ୍ରଙ୍କୁ ପଚାରିବାରେ ପ୍ରିୟଙ୍କାଙ୍କର ମଧ କିଛି ଭୁଲ୍ ରହିଛି। ତେବେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ୧୧୦ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି

**ଆଳି, ୨୭।୧୦(ଡି.ଏନ.ଏ.):** ଆଳି ବ୍ଲକର ବିଭିନ୍ନ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତିରେ ୧୧୦ ଜଣଙ୍କୁ ପଦୋନ୍ନତି କରାଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ପ୍ରାଥମିକ ଶିକ୍ଷକଙ୍କ ଏହି ପଦୋନ୍ନତି ୪ଟି ପର୍ଯ୍ୟାୟରେ ହୋଇଛି। ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଯେଉଁ ଶିକ୍ଷୟିତ୍ରୀଶିକ୍ଷକମାନେ ମାଟ୍ରିକ ସିଟି, ଆଇଏ ସିଟି ଯୋଗ୍ୟତା ଥାଇ ଶିକ୍ଷାଦାନ କରି ଆସୁଥିଲେ। ସେମାନଙ୍କୁ କାଟେଗୋରୀ ୧ ଶ୍ରେଣୀରେ ରଖାଯାଇ ପ୍ରଦୋନ୍ନତି ଦିଆଯାଇଛି। ଏହି ପର୍ଯ୍ୟାୟ ଶିକ୍ଷକଙ୍କ ସଂଖ୍ୟା ୩୧। ଯେଉଁ ଗ୍ରାଜୁଏଟ ଶିକ୍ଷକମାନେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ ସେମାନଙ୍କୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗ୍ରାଜୁଏଟ ଶିକ୍ଷକ ଭାବେ ପଦୋନ୍ନତି କରାଯାଇଛି। ସେହିପରି ଯେଉଁ ଶିକ୍ଷକମାନେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିଲେ ସେମାନଙ୍କୁ ଗ୍ରାଜୁଏଟ ଶିକ୍ଷକର ମାନ୍ୟତା ସହ ସେଠାରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ସଂଖ୍ୟା ୬୭। ସେହିପରି ୧୧ ଜଣ ଶିକ୍ଷକଙ୍କୁ V(A) ରୁ V(B)କୁ ପଦୋନ୍ନତି ଦିଆଯାଇ ସେହି ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବ୍ଲକରେ ଥିବା ଶିକ୍ଷକଙ୍କ ମଧ୍ୟରୁ ଜଣେ ମାତ୍ର ଶିକ୍ଷକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି।

### ରାଜନଗରରେ ବିଜେଡିର ବୈଠକ

**ରାଜନଗର, ୨୭।୧୦(ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ବୁଧବାର ୨୯ ପଞ୍ଚାୟତ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କୁ ନେଇ ଅନୁଷ୍ଠିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦେଇଥିଲେ। ରାଜନଗରବାସୀଙ୍କ ଆଶୀର୍ବାଦ ଦଳ ସହ ରହିଛି। ସାଧାରଣ ଲୋକଙ୍କ ସୁଖଦୁଃଖରେ ଭାଗି ହୋଇପାରିଲେ, ଆମେ ନିର୍ବାଚନ ଜିତି ପାରିବା ବୋଲି କହିଥିଲେ। ନଳିତାପାଟିଆଠାରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୦ ତାରିଖ ସୁଦ୍ଧା ଜୋନାଲ କମିଟି ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ସମେତ ନବ ନିଯୁକ୍ତି ପର୍ଯ୍ୟବେକ୍ଷକମାନେ ଯୋଗଦେଇଥିଲେ।

# ମାତୃ, ଶିଶୁମଙ୍ଗଳ ହସ୍ପିଟାଲ ନିର୍ମାଣରେ ବିଳମ୍ବ

**କେନ୍ଦ୍ରାପଡ଼ା ଅଫିସ, ୨୭।୧୦**



- ୨୦୧୮ ଡିସେମ୍ବର କାମ ଶେଷ ଅବଧି ଥିଲା
- ୫-ଟି ସଚିବଙ୍କ ତାଗିଦ କାମ ଦେଲାନାହିଁ
- ଜିଲା ପ୍ରଶାସନ ସମୀକ୍ଷା କରୁ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଥିବା ୨୨୪ ଡାକ୍ତରଙ୍କ ମଧ୍ୟରୁ ୧୩୪ ପଦବୀ ଫାଙ୍କା ଅଛି। ଏଥିସହ ଭିତ୍ତିଭୂମି ସୁଦୃଢ଼ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୧୮ ଡିସେମ୍ବରରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୫ କି.ମି. ଦୂର ଶାମଗୁଡିଆଠାରେ ନିର୍ମାଣାଧୀନ ମାତୃ ଓ ଶିଶୁମଙ୍ଗଳ ହସ୍ପିଟାଲ ପ୍ରକଳ୍ପ ଶେଷ ହୋଇପାରୁନି। ଏପରି କି ଗତ ୨୦୧୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦ୍ରାପଡ଼ା ଗସ୍ତ କରି ୪ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ସମୀକ୍ଷା ହେଉ ନ ଥିବା ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରଶ୍ମିରଞ୍ଜନ ମହାପାତ୍ର କୁହନ୍ତି, କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ବିଭାଗ ଚିକିତ୍ସା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ଏଠାରେ ବିପଦପୂର୍ଣ୍ଣ ଭାବେ ମାଆ ଓ ଶିଶୁଙ୍କ ଚିକିତ୍ସା ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଶାମଗୁଡିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୧୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ବେଳେ ନିର୍ମାଣ ଅବଧି ମାତ୍ର ୨ ବର୍ଷ ଥିଲା। ତେବେ ୨୦୧୮ରେ ଏକ କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭକୁ ଇତିମଧ୍ୟରେ ୫ ବର୍ଷ ବିତିଛି। ଫଳରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଯେଉଁ ଅଧିକ ଗତିଶୀଳ କରିବା ଲକ୍ଷ୍ୟ ଥିଲା, ସେଥିରେ ବିଚ୍ୟୁତି ହୋଇଛି। ବୁଦ୍ଧିଜୀବୀ ତଥା ମହାକାଳପଡା ୟୁଥ କ୍ଲବର କର୍ମକର୍ତ୍ତା ବିଭୂତି ଭୂଷଣ ରାଉତ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ଓ ନବଜାତକଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ବାଧ ହୋଇ ଦଲାଲଙ୍କ ପ୍ରରୋଚନାରେ ଘରୋଇ ଚିକିତ୍ସାଳୟ ଆଡକୁ ରୋଗୀମାନେ ମୁହାଁଉଛନ୍ତି। ସମ୍ପୃକ୍ତ ଘରୋଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ଚିକିତ୍ସା ବଦଳରେ ଆର୍ଥିକ ଶୋଷଣ କରୁଛନ୍ତି। ଏପରି କି ଏହି ଘରୋଇ ଚିକିତ୍ସାଳୟରେ କେତେକ ସମୟରେ ପ୍ରସୂତି ଓ ଶିଶୁଙ୍କ ମୃତ୍ୟୁ ହେଉଥିବା ଗଣମାଧ୍ୟମରେ ଜାଣିବାକୁ ମିଳୁଛି। ଜିଲା ପ୍ରଶାସନ ପକ୍ଷରୁ ଶାମଗୁଡିଆ ଚିକିତ୍ସାଳୟ ନିର୍ମାଣକୁ ନେଇ କୌଣସି ସମୀକ୍ଷା ହେଉ ନ ଥିବାରୁ ପ୍ରକଳ୍ପ ଶେଷ ହେଉନାହିଁ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହିଛନ୍ତି, ପ୍ରକଳ୍ପ ନିର୍ମାଣ ବିଳମ୍ବର କାରଣ ଶ୍ରମିକ ଅଶାନ୍ତି। ଏଥିସହ ଏହାର ଠିକାଦାର ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ ନିର୍ମାଣ କାର୍ଯ୍ୟକୁ ଠିକାରେ ନେଉଛନ୍ତି। ଏକ ସଙ୍ଗରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ଶ୍ରମିକଙ୍କ ଅଭାବ ଥିବାରୁ ସବ୍‌ଲିଜରେ ଠିକା କାର୍ଯ୍ୟ ହେଉଛି। ବିଭିନ୍ନ ସମୟରେ ଶ୍ରମିକଙ୍କୁ ଉପଯୁକ୍ତ ସମୟରେ ପ୍ରାପ୍ୟ ମିଳୁ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଥିବା ଲକ୍ଷ୍ୟ କରାଯାଉଛି। ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଆର୍ଥିକ ବିକାଶ ଦିଗରେ ଅନୁନ୍ନତ। ଆର୍ଥିକ ସ୍ୱାବଲମ୍ବୀ ନ ଥିବା ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲାବାସୀ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ଏହାସତ୍ତ୍ୱେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭର ବିଷୟ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି ଯେ, ଶ୍ରମିକ ଅଶାନ୍ତି ସହ କରୋନା ସଂକ୍ରମଣ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି କରିଥିଲା। ତେବେ ଠିକାସଂସ୍ଥାକୁ ତାଗିଦ୍ ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଗତ ସୋମବାର ଏ ସମ୍ପର୍କରେ ତଦାରଖ ପାଇଁ ସେଠାକୁ ଯାଇଥିଲି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଉପଜିଲାପାଳ ବେହେରା ପ୍ରକାଶ କରିଛନ୍ତି।

## ଥାନା ସମ୍ମୁଖରେ ଭିନ୍ନକ୍ଷମ ଯୁବକଙ୍କ ଆତ୍ମାହୁତି ଉଦ୍ୟମ



**ପାରାଦୀପ/ କୁଜଙ୍ଗ, ୨୭।୧୦(ସ୍ୱ.ପ୍ର./ଡି.ଏନ.ଏ.)**

କୋଠି ଗାଁର ଭିନ୍ନକ୍ଷମ ଯୁବକ ହେମନ୍ତ ପ୍ରଧାନ ବୁଧବାର ପାରାଦୀପ ଲକ୍ ଥାନା ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ହେମନ୍ତଙ୍କୁ କାବୁ କରି ଥାନାରେ ଅଟକ ରଖିଛି। ହେମନ୍ତ ଭିନ୍ନକ୍ଷମ ହୋଇଥିବା ବେଳେ ଗାଁରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଶୌଚାଳୟ ନିର୍ମାଣ କରୁଥିଲେ। ହେଲେ ଗାଁର ତୋଫାନ ଖଣ୍ଡୁଆଳ, ଦେବେନ୍ଦ୍ର ସ୍ୱାଇଁ, କଲ୍ଲୋଳ ସ୍ୱାଇଁ ଓ ବାସୁଦେବ ପ୍ରଧାନ ତାଙ୍କୁ ମାରପିଟ୍ କରିବା ସହ ଶୌଚାଳୟ କରାଇ ଦେଇ ନ ଥିଲେ। ଏ ନେଇ ଥାନାରେ ହେମନ୍ତ ଅଭିଯୋଗ କରିବାରେ ନଂ.୨୬୨/୨୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରି ଧାରା ୪୧ରେ ଥାନାରୁ ଜାମିନ ପ୍ରଦାନ କରିଥିଲେ। ମାତ୍ର ମଙ୍ଗଳବାର ପୁଣି ହେମନ୍ତ ସହ ସେମାନେ ଝଗଡ଼ା କରିବାରୁ ସେ ବୁଧବାର ଥାନା ସମ୍ମୁଖରେ ପହଞ୍ଚି ଆତ୍ମାହୁତି ଉଦ୍ୟମ କରିଥିଲେ। ହେମନ୍ତଙ୍କ ଅଭିଯୋଗ ଅନୁଯାୟୀ ପୋଲିସ୍ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ ନ କରିବାରୁ ସେମାନେ ପୁଣି ଆକ୍ରମଣ କଲେ। ଏ ସମ୍ପର୍କରେ ସବ୍‌ଇନ୍ସପେକ୍ଟର ଜିତୁ ମୋହନ ବେଶ୍ରାଙ୍କୁ ପଚାରିବାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମତେ ଯେଉଁ ଦଫାରେ ୭ ବର୍ଷରୁ କମ୍ ଜେଲ୍ ଦଣ୍ଡ ଥିବ ତାଙ୍କୁ ୪୧ ଧାରାରେ ଛଡ଼ା ଯାଇପାରିବ। ତେଣୁ ଆମେ ଛାଡ଼ିଦେଇଛୁ। ବିଚାର ପ୍ରକ୍ରିୟାରେ ଯାହା ହେବ। ଖବର ଲେଖା ହେବା ବେଳକୁ ପୋଲିସ ହେମନ୍ତଙ୍କୁ ଥାନାରେ ଅଟକ ରଖି ଆତ୍ମାହୁତି ଉଦ୍ୟମର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚରା କରୁଥିବା ସବ୍‌ଇନ୍ସପେକ୍ଟର ବେଶ୍ରା କହିଛନ୍ତି।

## ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ



ପୁନଙ୍ଗ ପଞ୍ଚାୟତର କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗଦେଉଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୨୭।୧୦**

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ ପଞ୍ଚାୟତର ଏକାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ବୁଧବାର ମିଶିଛନ୍ତି। ସେମାନେ ହେଲେ ରାମଚନ୍ଦ୍ର ବାରିକ, ନିରଞ୍ଜନ ସାହୁ, ନିତ୍ୟାନନ୍ଦ ବେହେରା, ବିଚିତ୍ର ସ୍ୱାଇଁ, ତ୍ରିଲୋଚନ ସାହୁ, ଭବାନୀ ଶଙ୍କର ମହାନ୍ତି ଓ ପ୍ରକାଶ କୁମାର ନାୟକ। ଏହି ବ୍ୟକ୍ତିମାନେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ମିଶ୍ରଣ ପର୍ବରେ ବିଜେଡି ବ୍ଲକ ସଭାପତି ମନୋଜ ଭୋଇ, ଜିଲା ଉପସଭାପତି ଦିପ୍ତୀ ରଞ୍ଜନ ଦାସ, ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ସୁଜିତ ଘୋଷ, ବିଶ୍ୱରଞ୍ଜନ ଦାସ, ଦୁର୍ଗାପ୍ରସାଦ ମହାପାତ୍ର, ଭାବଗ୍ରାହୀ ନାୟକ, ରାଜକିଶୋର ଜେନା, ପିୟୁସ ସିହ୍ନା ଓ ଶଶାଙ୍କ ଶେଖର ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ଏସ୍‌ପି ଅଫିସ ଘେରାଉ

- ଅଧକ୍ଷା ମମିତା ମେହେର ହତ୍ୟା ମାମଲା

**ଜଗତ୍‌ସିଂହପୁର ଅଫିସ, ୨୭।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ ଅଧକ୍ଷା ମମତା ମେହେର ଅପହରଣ ଓ ହତ୍ୟା ଘଟଣା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏହି ମାମଲାର ସିବିଆଇ ତଦନ୍ତ ସହ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ବୁଧବାର ଜଗତ୍‌ସିଂହପୁର ଜିଲା ଭାଜପା ଶାଖା ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଭାଜପା ନେତା ଓ କର୍ମୀ ସ୍ଥାନୀୟ ସାରଦା ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ନାରୀଙ୍କୁ ସୁରକ୍ଷା ଦେବାରେ ବିଜେଡି ସରକାର ବିଫଳ ହୋଇଥିବା କହି ନାରାବାଜୀ କରିଥିଲେ। ତେବେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପୋଲିସ ପକ୍ଷରୁ ବ୍ୟାରିକେଟ୍ କରାଯାଇଥିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଭାଜପା ନେତା ଓ କର୍ମୀମାନେ ବ୍ୟାରିକେଟ୍ ଭାଙ୍ଗି ଆଗକୁ ଯିବାକୁ ଚେଷ୍ଟା କଲାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପୋଲିସ କେତେଜଣଙ୍କୁ ଗିରଫ କରି ପରେ ଛାଡି ଦେଇଥିଲା। ଏହାପରେ ସାରଦା ମଣ୍ଡପରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ଆସନ୍ତା ୩୦ ତାରିଖ ଶନିବାର ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଗତ୍‌ସିଂହପୁର ବନ୍ଦ କରାଯିବ ବୋଲି ଦଳର ଜିଲା ସଭାପତି ମହାପାତ୍ର ସୂଚନା ଦେଇଥିଲେ। ସେ କହିଥିଲେ, ଏହିଦିନ କେବଳ ଜରୁରୀ ସେବା ଉପଲବ୍ଧ ହେବ। ଦୋକାନ, ବଜାର ଓ ଗାଡି ଚଳାଚଳ ପାଇଁ ସୁଯୋଗ ଦିଆଯିବନାହିଁ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳ ରାଜ୍ୟ ଅନୁସୂଚିତ ଜାତି ସଭାପତି ବିଭୁ ପ୍ରସାଦ ତରାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଡ. ପ୍ରକାଶ ଦଳାଇ, ପାରାଦୀପ ନେତା ସମ୍ପଦ ସ୍ୱାଇଁ, ତିର୍ତ୍ତୋଲ ନେତା ରାଜ କିଶୋର ବେହେରା, ବାଲିକୁଦାର ଶିବବ୍ରତ ଦାସ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ମୋହିତ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କୃଷି ସେବା ସମବାୟ ସମିତିରେ ଅନିୟମିତତା

**କେନ୍ଦ୍ରାପଡ଼ା ଅଫିସ, ୨୭।୧୦**

ଆଳି ବ୍ଲକ ନୂଆଗାଁ କୃଷି ସମବାୟ ସମିତିର ବିଭିନ୍ନ କ୍ଷେତ୍ରରେ ଅନିୟମିତତା ହୋଇଛି। ଏପରି ଅଭିଯୋଗ ଆଣି ସଭ୍ୟମାନେ ଜିଲାପାଳଙ୍କୁ ତଦନ୍ତ ପାଇଁ ବୁଧବାର ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ସଭ୍ୟ ବିଶ୍ୱକାନ୍ତ ନନ୍ଦ କହିଛନ୍ତି, ଏହି ଅନିୟମିତତା ଦୀର୍ଘ ୪ ବର୍ଷ ହେବ ଚାଲିଛି। ଏଠାରେ ବିଜ୍ଞାପନ ବିନା କର୍ମଚାରୀଙ୍କୁ ନିଯୁକ୍ତି ମିଳୁଛି। କର୍ମଚାରୀମାନେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଦରମା ଆକାରରେ ନେଉଥିବାରୁ ସମିତି ଆର୍ଥିକ ଦୁରବସ୍ଥା ଆଡକୁ ଗତି କରୁଛି। ବାହାର ଲୋକଙ୍କୁ ପର୍ଯ୍ୟାପ୍ତ ଋଣ ଯୋଗାଇ ଦିଆଯାଉଛି। ଏଠାରେ ଥିବା କର୍ମଚାରୀମାନେ ମିଛ ରିପୋର୍ଟ ଜରିଆରେ ଧାନ ବିକ୍ରିରେ ମାହିର। ସାନଗାଁର ଜଣେ ସଭ୍ୟ ଜିତେନ୍ଦ୍ର କୁମାର ମହାନ୍ତିଙ୍କର ଗତ ୨୦୨୦ ଫେବୃୟାରୀ ୧୪ରେ ମୃତ୍ୟୁ ହୋଇଛି। ତେବେ ଏହି ମୃତକ ମହାନ୍ତି ସେହିବର୍ଷ ମାର୍ଚ୍ଚ ୩ରେ ଧାନ ବିକ୍ରି କରିଥିବା ବେଳେ ୧୨ ତାରିଖରେ ବ୍ୟାଙ୍କରୁ ଟଙ୍କା ଉଠାଇଥିବା ଦର୍ଶାଯାଇଛି। ଏଥିସହ ବାହାରୁ କମ୍ ରେଟରେ ଧାନ କିଣି ସମିତି ମାଧ୍ୟମରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଆସୁଛି। ସେହିପରି ସଭ୍ୟ ଚାନ୍ଦା ପାଇଁ ମାତ୍ର ୨୫ ଟଙ୍କା ରସିଦ ଏଠାରେ ଦିଆଯାଉଥିବା ବେଳେ କର୍ମକର୍ତ୍ତାମାନେ ୮୦୦ରୁ ୧୦୦୦ ଟଙ୍କା ନେଉଛନ୍ତି। ଋଣ ଲଗାଣ କ୍ଷେତ୍ରରେ ଏହି ଅନିୟମିତତା ଦେଖାଦେଇଛି। ଋଣ ପାଇଁ ଉତ୍କୋଚ ନେଉଛନ୍ତି। ସଭ୍ୟଙ୍କ ବୀମାରାଶି ହଡପ ହୋଇଛି। ଏପରି କି କିଷାନ କ୍ରେଡିଟ କାର୍ଡ ଅପ୍‌ଡେଟ କରା ନ ଯିବାରୁ ବୀମା ଟଙ୍କା ମିଳୁନାହିଁ ବୋଲି ସଭ୍ୟ ନନ୍ଦ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଭ୍ୟ ଅମର କୁମାର ଜେନା, ଆନନ୍ଦ କୁମାର ଜେନା, ଶଙ୍କର୍ଷଣ ରାଉତ, ରଞ୍ଜିତ କୁମାର ରାଉତଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସାମିଲ ହୋଇଥିଲେ।

## ମମିତା ହତ୍ୟା ମାମଲା: ଭାଜପାର ବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ, ୨୭।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରି କେନ୍ଦ୍ରାପଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜଜାଙ୍ଗସ୍ଥିତ ଏସ୍‌ପି ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏ ସମ୍ପର୍କରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ମମିତା ହତ୍ୟାକାଣ୍ଡରେ ଶାସକ ଦଳର ପ୍ରଚ୍ଛନ୍ନ ହାତ ଅଛି। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ସୂଚନା ଥିବାରୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଆମର ଦାବି ରହିଛି। ତାଙ୍କର ଗିରଫ ଦାବି ସହ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯିବା ଆବଶ୍ୟକ। ଏହି ଦାବି ପୂରଣ ନ ହେଲେ ଆସନ୍ତା ୩୦ରେ ସମଗ୍ର ଜିଲା ୧୨ ଘଣ୍ଟା ପାଇଁ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କ୍ରୀଷ୍ଣପଦ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭରେ ବରିଷ୍ଠ ନେତା ବିଜୟ ପ୍ରଧାନ, ସୁନାକର ବେହେରା, କୃଷ୍ଣଚନ୍ଦ୍ର ପଣ୍ଡା, ଉପିନ ରାଉତ, କଳ୍ପନା ମଲ୍ଲିକ, ଅଭିମନ୍ୟୁ ଗୋଚ୍ଛାୟତ, ନୃସିଂହ ପତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ରାସ୍ତାପାର୍ଶ୍ୱ ଗଛକୁ କାଟି ନେଲେ ଆରଆଇ

**ପଟ୍ଟାମୁଣ୍ଡାଇ, ୨୭।୧୦(ସ୍ୱ.ପ୍ର.)**

ସାମାଜିକ ବନୀକରଣ ଯୋଜନାରେ ଲଗାଯାଇଥିବା ଗଛକୁ ଜଣେ ଆରଆଇ କାଟିନେଇଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ କହିଛନ୍ତି। ଏହାକୁ ସେ ଗୁରୁତର ଭାବେ ନେବା ସହ ଏହାର ତଦନ୍ତ କରାଯିବ ବୋଲି ତହସିଲଦାର ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତହସିଲ ଅଧୀନ ବେଲତଳ-ନରସିଂହପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ନରସିଂହପୁର ପଞ୍ଚାୟତର କୂଳଉପର ରାସ୍ତାପାର୍ଶ୍ୱରେ ସାମାଜିକ ବନୀକରଣ ଯୋଜନାରେ ଆକାଶୀ, ଚାକୁଣ୍ଡା, କୃଷ୍ଣଚୂଡ଼ା, ରାଧାଚୂଡ଼ା ଆଦି ଚାରା ଲଗାଯାଇଥିଲା। ସେଗୁଡ଼ିକ ବଡ଼ ଦ୍ରୁମରେ ପରିଣତ ହୋଇଛି। ତେବେ ଅଇନିପଡା ଆରଆଇ ସେହି ଗଛଗୁଡିକୁ କାଟି କାଠ ମାଫିଆଙ୍କୁ ବିକ୍ରି କରି ଦେଇଥିବା ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳ, ଡିଏଫ୍‌ଓ ରାଜନଗର ଓ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗତ ବାତ୍ୟାରେ ଭାଙ୍ଗି ପଡିଥିବା ଗଛକୁ ବିନା ନିଲାମରେ ସମ୍ପୃକ୍ତ ଆରଆଇ କାଠ ମାଫିଆଙ୍କୁ ବିକ୍ରି କରିଦେଇଥିବା ନେଇ ଗ୍ରାମବାସୀ ସଙ୍ଗୀନ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତହସିଲଦାର ସେଠୀ ଘଟଣାର ଖୋଳତାଡ ଆରମ୍ଭ କରିଥିବାବେଳେ ସମ୍ପୃକ୍ତ ଆରଆଇଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଅବହେଳିତ ଅବସ୍ଥାରେ ପ୍ରଭୁ ଗୋରେଖନାଥ ପୀଠ

**ରଘୁନାଥପୁର, ୨୭।୧୦(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ସାରା ରାଜ୍ୟରେ ବିଭୁତି କ୍ଷେତ୍ର ଭାବେ ଖ୍ୟାତି ଲାଭ କରିଛି। ଦୈନନ୍ଦିନ ରାଜ୍ୟର

**ଅସ୍ଥାୟୀ କମିଟି, ପାରିପାର୍ଶ୍ୱିକ ଉନ୍ନତି ପାଇଁ ଦାବି**

କୋଣ ଅନୁକୋଣରୁ ହଜାର ସଂଖ୍ୟାରେ ଭକ୍ତ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି। ପ୍ରଭୁଙ୍କ ବିଭିନ୍ନ ଆକାଉଣ୍ଟରେ ପ୍ରାୟ ୧୩ କୋଟି ଟଙ୍କା ଗଚ୍ଛିତ ଅଛି। ହେଲେ ଏହି ପୀଠରେ ଆବଶ୍ୟକ ସୁବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ଭକ୍ତ ତଥା ଯାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

୨୦୦୭ରୁ ପୀଠ ଦେବୋତ୍ତର ବିଭାଗ ଅଧୀନକୁ ଯାଇଛି। ଟ୍ରଷ୍ଟବୋର୍ଡ ଅଧୀନରେ ପରିଚାଳନା ଦାୟିତ୍ୱ ନ୍ୟସ୍ତ ରହିଛି। ଦୁଇବର୍ଷ ତଳେ ଟ୍ରଷ୍ଟବୋର୍ଡ କାର୍ଯ୍ୟକଳାପ ଶେଷ ହୋଇଛି। ଅଦ୍ୟାବଧି ନୂତନ ଟ୍ରଷ୍ଟବୋର୍ଡ ଗଠନ ହୋଇପାରିନାହିଁ। କେବଳ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରଭୁଙ୍କ କାର୍ଯ୍ୟ ହେଉଛି। ଟ୍ରଷ୍ଟବୋର୍ଡ ଅଧୀନକୁ ଯିବା ପରେ ପୀଠର ଉନ୍ନତି ହେବ ବୋଲି ଅଞ୍ଚଳବାସୀ ଆଶା ରଖିଥିଲେ।



ଦୀର୍ଘ ୧୫ ବର୍ଷ ମଧ୍ୟରେ ପୀଠରେ ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ; ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ପୀଠର ଉନ୍ନତି ପାଇଁ ଗାଁରେ ବାରମ୍ବାର ବୈଠକ ବସୁଛି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରଭୁଙ୍କ ନୀତିକାନ୍ତିର ସୁବ୍ୟବସ୍ଥା, ରୋଷଶାଳାର ମରାମତି, ଅଫିସ ଗୃହ ନିର୍ମାଣ, ଯାତ୍ରୀ ବିଶ୍ରାମାଗାର, ଆଲୋକୀକରଣ, ଡ୍ରେନେଜ ସମସ୍ୟା, ଭୋଗ ଦୋକାନର ନିର୍ମାଣ, ଦୀର୍ଘଦିନରୁ ପଡି ରହିଥିବା ଗଣେଶ ମୂର୍ତ୍ତି ସ୍ଥାପନ ଆଦି ସମସ୍ୟା ସମ୍ପର୍କରେ ଟ୍ରଷ୍ଟବୋର୍ଡ ଦୃଷ୍ଟି ଦେବାକୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ଦେବୋତ୍ତର ବିଭାଗ ନୀରବଦ୍ରଷ୍ଟା ସାଜିଛି। ଟ୍ରଷ୍ଟବୋର୍ଡ ଗଠନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ କମିଟି ଚୟନ ଓ ପୀଠର ଉନ୍ନତି ସାଧନ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜାଙ୍କ ଜରିଆରେ ଦେବୋତ୍ତର କମିଶନଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ ବିଜୟ ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ୱାର୍ଡ ସଭ୍ୟ ନିରଞ୍ଜନ ଦାସ ଓ ନରେନ୍ଦ୍ର ପାତ୍ର ଅନୁରୋଧ କରିଛନ୍ତି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପରିଜାଙ୍କୁ ପଚାରିବାରେ କୌଣସି ଅଭିଯୋଗ ମୋର ହସ୍ତଗତ ହୋଇନାହିଁ। ପୀଠର ଉନ୍ନତି ପାଇଁ କମିଶନରଙ୍କୁ ଅବଗତ କରାଯାଇଛି। ନିର୍ଦ୍ଦେଶ ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ହାତୀ ଆତଙ୍କ, ବ୍ୟାପକ ଫସଲ ନଷ୍ଟ

**ଡେରାବିଶ, ୨୭।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାର ଏକ ବଣୁଆ ହାତୀ ଆତଙ୍କ ସୃଷ୍ଟି କରିଥିଲା। ସକାଳେ ହାତୀଟି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମ ଦେଇ ହରିଦାସପୁର-ପାରାଦ୍ୱୀପ ରେଳପଥ ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଏକ ମାଲ୍ ବୋଝେଇ ଟ୍ରେନ ଗତି କରିବାରୁ ହାତୀଟି ରେଳପଥରୁ ତଳକୁ ଓହ୍ଲାଇ ନୂଆହାଟ ପାଟରେ ପଶିଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀମାନେ ବାଣଫୁଟାଇ ହାତୀକୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହାତୀଟି ମାଧ୍ୟାହ୍ନରେ ୫୩ନଂ. ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ରାସ୍ତା ଅତିକ୍ରମ କରି ଜନବସତି ଆଡକୁ ମୁହାଁଇଥିଲା। ବନ ବିଭାଗ କର୍ମଚାରୀ ଓ ଡେରାବିଶ ଥାନା ପୋଲିସ ସମେତ ଜନସାଧାରଣଙ୍କ ହୋହାଲ୍ଲା ଯୋଗୁ ହାତୀଟି ପୁନର୍ବାର ନରୁଆ ପାଟ ଭିତରେ ପଶି ଡେରାବିଶ ବଜାର ଅଭିମୁଖେ ଯିବାକୁ ଉଦ୍ୟମ କରିଥିଲା। ପରେ ହାତୀଟି ଗତିପଥ ବଦଳାଇ ପ୍ରଥମେ ବାଲିଆ, ମୁଳଣାପାଟଣା ପାଟରେ ଥିବା ଧାନକ୍ଷେତରେ ପଶି ବାଲିଆ ପଞ୍ଚାୟତ ଅଧୀନ ଓଉଖଣ୍ଡ ଓ ଅରିଓ ପାଟ ଭିତରେ ପ୍ରବେଶ କରିଥିଲା। ସେଠାରେ ହାତୀକୁ ଘଉଡାଇବା ଫଳରେ ଅପରାହ୍ନରେ ହାତୀଟି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନ ବନ୍ତଳା ଓ ରାମରାଙ୍ଗ ଅଞ୍ଚଳକୁ ପ୍ରବେଶ କରିଥିଲା। ହାତୀଟି ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ଖବର ମିଳିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସାମାଜିକ କର୍ମୀ ମହେନ୍ଦ୍ର କୁମାର ସିଂହ ଓ ସାହାଜାହାନ ଖାଁ ଦାବି କରିଛନ୍ତି।



ଧାନ କ୍ଷେତରେ ହାତୀ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷଙ୍କ ପରଲୋକ

**ରାଜନଗର, ୨୭।୧୦(ଡି.ଏନ.ଏ.)**

ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ମହାନ୍ତି(୭୩)ଙ୍କ ପରଲୋକ ହୋଇଯାଇଛି। ୧୯୮୧ରୁ ୧୯୯୪ ଯାଏ ସେ କଲେଜର ଅଧ୍ୟକ୍ଷ ଥିଲେ। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ବୁଧବାର ପରଲୋକ ହୋଇଯାଇଛି। ଏହା ଜଣାପଡିବା ପରେ କଲେଜର ଅଧ୍ୟକ୍ଷ ଅତୁଲ ବଳଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ରେଳ ଧାରଣାରୁ ମିଳିଲା ଯୁବକଙ୍କ ମୃତଦେହ

**ଚଣ୍ଡିଖୋଲ,୨୭।୧୦(ଡି.ଏନ.ଏ.):** ଧାନମଣ୍ଡଳ-ହରିଦାସପୁର ଷ୍ଟେସନ ମଧ୍ୟରେ ଖୋସାଲିପୁର ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ଲୋକେ ଭୋର ସମୟରେ ଉକ୍ତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ତରଫରୁ ରେଲୱେ ପୋଲିସକୁ ସୂଚନା ଦିଆଯାଇଥିଲା। ଫଳରେ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ ଯୁବକ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଜଗଲାପୁର ଗ୍ରାମର କାମଦେବ ପୃଷ୍ଟି (୩୮) ବୋଲି ଜଣାପଡ଼ିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ତେବେ ତାଙ୍କର କିପରି ମୃତ୍ୟୁ ହେଲା ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

### ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବାଲିଚନ୍ଦ୍ରପୁର,୨୭।୧୦(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ପୋଲିସ ବୁଧବାର ଏକ ବାଲି ବୋଝେଇ ଟ୍ରାକ୍ଟରକୁ ମାଣ୍ଡିଆ ଅଞ୍ଚଳରୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚାଳକ ହେଲେ ଅରେଇକଣା ଅଞ୍ଚଳର ଅନିଲ ମଲ୍ଲିକ। ଏନେଇ ଥାନାରେ ଏକ ମାମଲା ନଂ.୩୩୦/୨୧ ରୁଜୁ ହୋଇଛି।

### ୨ ସରପଞ୍ଚ ସ୍ଥାନ ସଂରକ୍ଷଣ ବଦଳିଲା

**ଧର୍ମଶାଳା,୨୭।୧୦(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଧର୍ମଶାଳା ବ୍ଲକ ପକ୍ଷରୁ ୮ ତାରିଖରେ ପ୍ରକାଶ ପାଇଥିବା ଚିଠା ସଂରକ୍ଷଣ ତାଲିକାରେ ୨ ସରପଞ୍ଚ ଆସନ ବଦଳିଛି। ଏହି ବ୍ଲକ ଜାରକା ପଞ୍ଚାୟତ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଏବେ ଏହା ଅସଂରକ୍ଷିତ ରଖାଯାଇଛି। ସେହିପରି ବଡ଼କାଏମା ସରପଞ୍ଚ ପଦବୀ ପୂର୍ବରୁ ଅସଂରକ୍ଷିତ ରହିଥିବା ବେଳେ ଏବେ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବ୍ଲକ ଜିପିଓ ଦିବ୍ୟାକାନ୍ତି ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ବ୍ଲକ ପକ୍ଷରୁ ପଠା ଯାଇଥିବା ୪୩ଟି ପଞ୍ଚାୟତର ସରପଞ୍ଚ ଓ ୪୫ଟି ସମିତିସଭ୍ୟ ପଦବୀ ସଂରକ୍ଷିତ ତାଲିକା ଚୂଡ଼ାନ୍ତ ହୋଇଛି। ସେହିପରି ଏହି ବ୍ଲକର ୧୧ ନଂ . ଜିଲା ପରିଷଦ ଜୋନ ପଛୁଆ ବର୍ଗ, ୧୨ ନଂ. ଜୋନ ଅସଂରକ୍ଷିତ, ୧୩ ନଂ. ଜୋନ ମହିଳା, ୧୪ ନଂ. ଜୋନ ପଛୁଆ ବର୍ଗ ମହିଳା ଓ ୧୫ ନଂ. ଜୋନ ଅସଂରକ୍ଷିତ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ରାଜପଥରେ ଦୁର୍ଘଟଣା, ଜଣେ ମୃତ

**ପାଣିକୋଇଲି,୨୭।୧୦(ଡି.ଏନ.ଏ.):** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଡାଇଭରସନ ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ସ୍କୁଟି ପଛରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳି ପାରିନାହିଁ। ଭଦ୍ରକ ଚରମ୍ପା ଅଞ୍ଚଳର ସମ୍ପୃକ୍ତ ଦୁଇ ବ୍ୟକ୍ତି ପାଣିକୋଇଲିରୁ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇଥିବା ହାଇୱା ଫେରାର ହୋଇଯାଇଛି। ପାଣିକୋଇଲି ପୋଲିସ ମୃତକ ଓ ଗୁରୁତରଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

### ଆଞ୍ଚଳିକ ବୟନ ଶିଳ୍ପ ସମିତି ସ୍ଥାନାନ୍ତର ଉଦ୍ୟମକୁ ବିରୋଧ

**ରସୁଲପୁର,୨୭।୧୦(ଡି.ଏନ.ଏ.):** ଆଞ୍ଚଳିକ ବୟନ ଶିଳ୍ପ ସମିତି ସ୍ଥାନାନ୍ତର ଉଦ୍ୟମକୁ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। କେନ୍ଦ୍ର ସରକାରଙ୍କ ବୟନଶିଳ୍ପ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟାଳୟକୁ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର କରିବାକୁ ମସୁଧା ଚାଲିଛି। ଏନେଇ ବୁଣାକାର ମହାସଂଘ ସଭାପତି ଗୋବର୍ଦ୍ଧନ କାଣିକା ଓ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା ପ୍ରମୁଖ ଏକପତ୍ର ଜରିଆରେ କେନ୍ଦ୍ର ବୟନଶିଳ୍ପ ସଚିବ ୟୁ.ପି.ସିଂହଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ବୁଣାକାର ନେତୃବୃନ୍ଦ କହିଛନ୍ତି, ଓଡ଼ିଶା ବୁଣାକାର ବହୁଳ ରାଜ୍ୟ। ରାଜ୍ୟର ଲକ୍ଷାଧିକ ବୁଣାକାର ହସ୍ତତନ୍ତର ବ୍ରାଣ୍ଡିଂ, ଖଦିର ପ୍ରଚାର ପ୍ରସାର, ରାସାୟନିକ ଉପାଦାନର ପରୀକ୍ଷଣ ଆଦି କାର୍ଯ୍ୟ ଉକ୍ତ ଆଞ୍ଚଳିକ ବୟନଶିଳ୍ପ ସମିତି ଦ୍ୱାରା କରିଥାନ୍ତି। ସମିତକୁ ସ୍ଥାନାନ୍ତର କରାଗଲେ ବୁଣାକାରଙ୍କ ପାଇଁ କ୍ଷତି ହେବ। ଏ ଦିଗରେ କେନ୍ଦ୍ର ସରକାର ପୁର୍ନବିଚାର କରିବାକୁ ସଚିବଙ୍କୁ ପତ୍ର ଜରିଆରେ ଅନୁରୋଧ କରାଯାଇଛି।

# ମାର୍କଣ୍ଡପୁର ପ୍ୟାକ୍ସରେ ଋଣ ଜାଲିଆତି

**ଯାଜପୁର ଅଫିସ,୨୭।୧୦**

ଯାଜପୁର ଜିଲାର ବହୁ ଚର୍ଚ୍ଚିତ ମାର୍କଣ୍ଡପୁର ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ପୁଣି ଏକ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ହୋଇଛି। ଏହି ପ୍ୟାକ୍ସର ସମ୍ପାଦକ ଚାଷୀଙ୍କ ଋଣ ପାସ୍‌ବୁକ୍‌ଗୁଡ଼ିକୁ ବେଆଇନ ଭାବେ ନିଜ ପାଖରେ ରଖି ବେଶେକେଶରେ ଜାଲିଆତି କରିଥିବା ଅଭିଯୋଗ ଉପରେ ଏଭଳି ପଦକ୍ଷେପ ନିଆଯାଇଛି। ଏହି ପ୍ରକ୍ରିୟାରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ରାଜ୍ୟ ସେବା ସମବାୟ ସମିତି(କ୍ରେଡିଟ)ର ଉପନିବନ୍ଧକ ୨୬।୧୦।୨୦୨୧ରେ କଟକ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି(ଡିଆରସିଏସ)ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ବିଭାଗୀୟ ନିର୍ଦ୍ଦେଶାଳୟକୁ ଜଣାଇବାକୁ ଉକ୍ତ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ଗତ ୩ ବର୍ଷ ମଧ୍ୟରେ ଏହି ପାକ୍ସରେ ଏହା ଦ୍ୱିତୀୟ ବଡ ହରିଲୁଟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅଭିଯୋଗ ଅନୁସାରେ ମାର୍କଣ୍ଡପୁର ପାକ୍ସର ଚାଷୀ ଅଜୟ କୁମାର ମୁଦୁଲି ୨୦୦୯ରେ ଖରିଫ ଚାଷ ପାଇଁ ୧୩ ହଜାର ଟଙ୍କା ଋଣ ନେଇଥିଲେ। ସେ ବିଭିନ୍ନ ସମସ୍ୟା କାରଣରୁ ଋଣ ସୁଝି ପାରି ନ ଥିଲେ। ମୂଳ ଟଙ୍କା ସୁଧ ସହ ବଢ଼ି ୧୭,୫୦୦ ଟଙ୍କା ହୋଇଥିଲା। ତେବେ ସମ୍ପାଦକଙ୍କ କହିବା ଅନୁସାରେ ତାଙ୍କୁ ଗତ ୨।୯।୨୦୨୦ରେ ଚାଷୀ ଅଜୟ ସମସ୍ତ ଟଙ୍କା ପରିଶୋଧ କରିଥିଲେ। କିନ୍ତୁ ସମ୍ପାଦକ ଋଣ ପରିଶୋଧର ରସିଦ ନ ଦେଇ ତାଙ୍କ ପାସ୍‌ବୁକ୍(ନଂ.୨୬୫୫୦)ରେ ୩୦।୬।୨୦୧୮ ତାରିଖରେ ମୂଳ ୧୩ ହଜାର ଓ ସୁଧ ବାବଦକୁ ୪୫୦୦ ଟଙ୍କା ଲେଖି ଦେଇଥିଲେ। ଏନେଇ ଚାଷୀ ଅଜୟଙ୍କ ମନରେ ସନ୍ଦେହ ହେବାରୁ ବାରମ୍ବାର ରସିଦ୍ ମାଗିବା ସତ୍ତ୍ୱେ ସମ୍ପାଦକ ଦେଇ ନ ଥିଲେ। ଏହାବାଦ୍ ଉକ୍ତ ପାସ୍‌ବୁକ୍‌ରେ ନୂତନ ଖରିଫ୍ ଋଣ ୨୯।୯।୨୦୨୦ରେ ଉଠାଣ ହୋଇଥିବା ଲିପିବଦ୍ଧ କରିଥିଲେ। ଋଣ ଟଙ୍କା ଉଠାଣ କରିବା ପାଇଁ ଟଙ୍କା ଉଠାଣ ଫର୍ମରେ ଦସ୍ତଖତ ମଧ୍ୟ କରାଇଥିଲେ। କିଛିଦିନ ପରେ ଉଠାଣ ହୋଇଥିବା ଋଣରୁ ଚାଷୀ ଅଜୟଙ୍କୁ ମାତ୍ର ୧୦ ହଜାର ଟଙ୍କା


OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR.
No. XXVII-1 /2019 15424 /Bank-4 / Dated. 26.10.21
To
The Deputy Registrar of Coop. Societies, Cuttack-II Division, Cuttack.
Sub :Illegal retention of loan pass book at Markandpur SCS reg.
Sir,
Enclosed, please find herewith a copy of the representation dated nil of Sri Ajaya Kumar Muduli on the above noted subject.
You are requested to enquire into the contents of the petition and take appropriate action for the redressal of the grievance at your level. Details of the matter including action taken be intimated to this Directorate at the earliest.
Yours faithfully,
Deputy Registrar, Cooperative Societies (Credit)
Memo No. 15425 /Date. 26.10.21
Copy along with copy of the enclosure forwarded to the Asst. Registrar, Cooperative Societies, Jajpur Circle for information and necessary action.
Deputy Registrar, Cooperative Societies (Credit)
Memo No. 15426 /Date. 26.10.21
Copy along with copy of the enclosure forwarded to the Chief Executive, Cuttack CCB Ltd., Cuttack for information and necessary action with a request to take appropriate action.
Deputy Registrar, Cooperative Societies (Credit)
Memo No. 15427 /Date. 26.10.21
Copy forwarded to Sri Ajaya Kumar Muduli, At- Taratotha, PO- Markandpur, Jajpur, Mob- 7978515907 for information.
Deputy Registrar, Cooperative Societies (Credit)

ଦେଇଥିଲେ। ଏନେଇ ସନ୍ଦେହ ହେବାରୁ ସେ ବ୍ୟାଙ୍କ୍‌କୁ ଯାଇ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାମରେ ୨୧,୬୦୦ ଟଙ୍କା ଉଠାଣ ହୋଇଛି। ଏ ସଂକ୍ରାନ୍ତରେ ସେ ସମ୍ପାଦକଙ୍କୁ ପଚାରିବାରୁ ବାକି ଟଙ୍କା ପରିଶୋଧ କରିବି ଏବଂ ଅଡିଟ୍ ସରିଲେ ପୁରୁଣା ରସିଦ୍ ଏବଂ ଋଣ ପାସ୍‌ବୁକ୍ ଫେରସ୍ତ କରିବି ବୋଲି କହିଥିଲେ। କିନ୍ତୁ ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ

**■ ସ୍ୱତନ୍ତ୍ର ଅଡିଟ୍ କରିବାକୁ ଦାବି**

**■ ତଦନ୍ତ ନିର୍ଦ୍ଦେଶ ଦେଲେ ଉପନିବନ୍ଧକ**

ସେ ରସିଦ୍ କିମ୍ବା ପାସ୍‌ବୁକ୍ ଫେରସ୍ତ କରି ନ ଥିଲେ। ବରଂ ଏକ ନୂତନ ପାସ୍‌ବୁକ୍ ଦେଇଥିଲେ, ଯେଉଁଥିରେ ବ୍ୟାଙ୍କ ସୁପରଭାଇଜରଙ୍କ ଦସ୍ତଖତ ନ ଥିଲା। ଉକ୍ତ ପାସ୍‌ବୁକ୍‌ରେ କେବଳ ୧୯।୯।୨୦୨୧ ତାରିଖରେ ୨୧,୬୦୦ ଟଙ୍କା ଋଣ ଉଠାଣ ହୋଇଥିବା ଲିପିବଦ୍ଧ ହୋଇଛି। ପୁରୁଣା ରସିଦ୍‌କୁ ବର୍ତ୍ତମାନ ବ୍ୟବହାର କରାଯାଇ ବକେୟା ଥିବା ଋଣ ଖାତାରେ ପକାଇ ନୂତନ ଋଣ ଦେଇଛନ୍ତି। ପ୍ରତ୍ୟେକ ଋଣୀ ଚାଷୀଙ୍କଠାରୁ ୧୦୦୦ ଟଙ୍କା ଲେଖାଏଁ ମଧ୍ୟ ଅସୁଲି ହୋଇଛି। ଏହାବାଦ୍ ବାପାଙ୍କ ନାମରେ ବକେୟା ଋଣ ଥାଇ ପୁଅ ନାମରେ, ସ୍ୱାମୀଙ୍କ ନାମରେ ଋଣ ବକେୟା ଥାଇ ସ୍ତ୍ରୀଙ୍କ ନାମରେ, ବାପାଙ୍କ ନାମରେ ଋଣ ବକେୟା ଥାଇ ଝିଅଙ୍କ ନାମରେ ଋଣ ପ୍ରଦାନ କରାଯାଇଛି। ଗତ ୨୯।୯।୨୦୨୦ରେ କେତେଜଣ ଚାଷୀଙ୍କ ନୂତନ ଋଣ ମଞ୍ଜୁର କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସଭ୍ୟମାନଙ୍କ ଗୁଣ୍ଠେ ଜମି ନାହିଁ, କେତେଜଣ ସଭ୍ୟଙ୍କ ଘରବାଡି ବନ୍ଧା ରଖି ସମ୍ପାଦକ ବେଆଇନ ଭାବେ ଋଣ ମଞ୍ଜୁର କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏଥିରେ ଏକାଧିକ ଚାଷୀଙ୍କୁ ସାମିଲ କରାଯାଇ ବିପୁଳ ପରିମାଣର ଅର୍ଥ ଆତ୍ମସାତ୍ ହୋଇଛି। ତେଣୁ ଏହାର ସ୍ୱତନ୍ତ୍ର ଅଡିଟ୍ କରାଗଲେ ସମ୍ପାଦକଙ୍କ କଳା କାରନାମାର ପର୍ଦ୍ଦାଫାସ ହୋଇ ପାରିବ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

ମାର୍କଣ୍ଡପୁର ପାକ୍ସରେ ପୂର୍ବରୁ ଏକ ଚାଷୀ ପରିବାରର ୪ ଜଣ ସଦସ୍ୟଙ୍କ ନାମରେ ଧାନ କିଣାରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିଲା। ହାଇକୋର୍ଟରେ ଏନେଇ ମାମଲା ରୁଜୁ ହେବାପରେ ଅଭିଯୋଗର ବିଧିବଦ୍ଧ ତଦନ୍ତ କରାଯାଇ ସଂପୃକ୍ତ ସମ୍ପାଦକ ଏବଂ ଅନ୍ୟ କେତେଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ତେବେ ଋଣ ଜାଲିଆତି ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ଏଆରସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ଆମ୍ବୁଲାନ୍ସ, ଟ୍ରକ୍ ମୁହାଁମୁହିଁ ଧକ୍କା: ୪ ଗୁରୁତର



**ଧର୍ମଶାଳା/ ରସୁଲପୁର,୨୭।୧୦(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ବାରବାଟୀ ନିକଟରେ ବୁଧବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ସହିତ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆମ୍ବୁଲାନ୍ସ ଡ୍ରାଇଭର, ହେଲ୍‌ପର ଏବଂ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁସାରେ, ଏକ ଦଶଚକିଆ ଟ୍ରକ୍(ନଂ.ଏପି-୩୭-ଟିଇ-୪୭୮୮) ଆନ୍ଧ୍ରରୁ ଲେମ୍ବୁ ବୋଝେଇ କରି କୋଲକାତା ଯାଉଥିଲା। ଏହି ସମୟରେ କୁଆଖିଆ ଆଡୁ ଆସୁଥିବା ଏକ ଆମ୍ବୁଲାନ୍ସ ନଂ. (ଟିଏନ-୦୯-ଜି-୦୭୭୭) ସହିତ ଟ୍ରକ୍ ଧକ୍କା ହୋଇଥିଲା। ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସଦଳବଳ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛନ୍ତି। ତେବେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି।

## ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ବରୀ, ୨୭।୧୦(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ବୁଧବାର ପ୍ରତ୍ୟାହୃତ ହୋଇଛି। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁ, ତହସିଲଦାର ମାନସ ରଞ୍ଜନ ଭୋଇ, ଥାନା ଅଧିକାରୀ ଅଜୟ କୁମାର ଜେନା ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ୧୫ ଦିନ ମଧ୍ୟରେ ସବୁ ପ୍ରକଳ୍ପ କାର୍ଯ୍ୟର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅନଶନସ୍ଥଳରେ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବ୍ଲକ୍ ଅଧକ୍ଷା ସୁବାସିନୀ ଶର୍ମା ପହଞ୍ଚି ପ୍ରଶାସନ ଉପରେ ଭରଷା ରଖିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ଅନଶନରୁ ଓହରି ଯାଇଥିଲେ। ତେବେ ପ୍ରଶାସନ ଅଭିଯୋଗ ଗୁଡ଼ିକର ତଦନ୍ତ ନ କଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତକୁ ୨୦୧୭ରୁ୨୦୨୧ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଚତୁର୍ଦ୍ଦଶ ଓ ଚତୁର୍ଥ ଅର୍ଥ କମିଶନରେ ଲକ୍ଷାଧିକ ଟଙ୍କାର ଅନୁଦାନ ଆସିଥିଲା। ହେଲେ ସରପଞ୍ଚ ଓ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଏହାର ହଡ଼ପ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିବା ସହ ତଦନ୍ତ ଦାବିରେ ସୋମବାରଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଜିଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପାଇଁ ପ୍ରତିଶ୍ରୁତି ନ ଦେଲେ ଅନଶନକାରୀ ଆତ୍ମାହୁତି ଦେବେ ବୋଲି ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଥିଲେ।

# ରସୁଲପୁର ପ୍ରେସ୍ ଫୋରମର କର୍ମକର୍ତ୍ତା ନିର୍ବାଚନ

**ରସୁଲପୁର,୨୭।୧୦(ଡି.ଏନ.ଏ.)**

ରସୁଲପୁର ପ୍ରେସ୍ ଫୋରମର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ ସଭାପତି ଭାବେ ବିଶ୍ୱଜ୍ୟୋତି ପତି ଓ ସାଧାରଣ ସମ୍ପାଦକ ଭାବେ ଜଗମୋହନ ରାଉତ ମନୋନୀତ ହୋଇଛନ୍ତି। ଝାଲପଡ଼ା ପଞ୍ଚାୟତ ସାନବାଗସାହି ଗ୍ରାମର ମା’ ଜାଡେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ବିଦାୟୀ ସଭାପତି ଅଞ୍ଜନ ପତି ଅଧ୍ୟକ୍ଷତା କରିଥିଲେ। ବୈଠକର ପ୍ରଥମ ଅଧିବେଶନରେ ଫୋରମର ସାଂଗଠନିକ ଅଗ୍ରଗତିକୁ ନେଇ ସଦସ୍ୟ ଆଲୋଚନା କରିଥିଲେ। କ୍ଲବ କୋଷାଧ୍ୟକ୍ଷ ବାପୁଜୀ ଚରଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାଧାରଣ ସଂପାଦକ ଜଗମୋହନ ରାଉତ ବିବରଣୀପାଠ କରିଥିଲେ। ଫୋରମରେ ୬ ଖବରଦାତା ନୂତନ ସଦସ୍ୟତା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଖବରଦାତା ଦିବ୍ୟଜ୍ୟୋତି ପତି,



୨ ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସିର୍ଦ୍ଧାର୍ଥ ଶେଖର ମହାନ୍ତି, ନିରଞ୍ଜନ ସାହୁ, ଆଶିଷ ବିଶ୍ୱାଳଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲା। ଖବରକାଗଜ ବିତରକ ଅକ୍ଷୟ ଦାସ ଓ ସୁନିଲ ଦାସଙ୍କୁ ଫୋରମ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଝାଲପଡ଼ା ସରପଞ୍ଚ ନିର୍ମଳ ସାମଲ ଅତିଥି ଭାବେ ଯୋଗଦେଇ ୨ ବିତରକଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ଉପ-ସଭାପତି ଭାବେ ଯଜ୍ଞଦତ୍ତ ତ୍ରିପାଠୀ, ବାପୁଜୀ ଚରଣ ଜେନା, ସହ-ସମ୍ପାଦକ ଗୋପୀନାଥ ଦାଶ, ସୁଜାତା ଦାସ, ସଂଗଠନ ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ମିଡିଆ ସଂଯୋଜକ ଭାବରେ ବିଶ୍ୱଜିତ୍ ନାୟକ, ମୁଖ୍ୟ ପରାମର୍ଶଦାତା ରଞ୍ଜିତ ରାଉତ ଓ ଅଞ୍ଜନ ପତି, କାର୍ଯ୍ୟକାରୀ କମିଟିକୁ ପ୍ରକାଶ ସାହୁ, ଦେବଦତ୍ତ ପଟ୍ଟନାୟକ, ସ୍ମୃତିରଞ୍ଜନ ରାଉତ, ସରୋଜ ଦାସ, ମଧୁସ୍ମିତା ଦାଶ, ଧନେଶ୍ୱର ପରିଡାଙ୍କୁ ମନୋନୀତ କରାଯାଇଛି।

# ମ୍ୟାନେଜର ନାହାନ୍ତି, ସେବା ବାଧାପ୍ରାପ୍ତ

**ଦଶରଥପୁର,୨୭।୧୦(ଡି.ଏନ.ଏ.)**

**ମଙ୍ଗଳପୁର ଷ୍ଟେଟ୍ ବ୍ୟାଙ୍କ୍**

୩ମାସ ହେବ ମଙ୍ଗଳପୁର ଷ୍ଟେଟ୍ ବ୍ୟାଙ୍କରେ ମ୍ୟାନେଜର (ଶାଖା ପରିଚାଳକ)ନାହାନ୍ତି। ଫଳରେ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦଶରଥପୁର ବ୍ଲକ୍‌ର ପ୍ରମୁଖ ବ୍ୟବସାୟ ପ୍ରାଣକେନ୍ଦ୍ର କୁହାଯାଉଥିବା ମଙ୍ଗଳପୁର ବଜାରଠାରେ ଥିବା ଏହି ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ଦିଲୀପ କାରୁଆଙ୍କ ଅଗଷ୍ଟରୁ ଅନ୍ୟତ୍ର ବଦଳି ହୋଇଛି। ହେଲେ ତାଙ୍କ ସ୍ଥାନରେ ଏ ପର୍ଯ୍ୟନ୍ତ କେହି ଶାଖାପରିଚାଳକ ଯୋଗ ଦେଇନାହାନ୍ତି। ଯଦ୍ଦ୍ୱାରା ଉପଭୋକ୍ତାଙ୍କ ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଶାଖା ଉପରେ ଯାଜପୁର ଜିଲାର ଦଶରଥପୁର ବ୍ଲକ୍ ସମେତ ମଙ୍ଗଳପୁରକୁ ସଂଯୋଗ କରୁଥିବା ନିକଟବର୍ତ୍ତୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଅନେକ ଉପଭୋକ୍ତା ନିର୍ଭର କରିଥାନ୍ତି। ତେବେ ଶାଖା ପରିଚାଳକଙ୍କ ଅନୁପସ୍ଥିତ ଲାଗି ପେନ୍‌ସନ୍ କାର୍ଯ୍ୟ, ପେନ୍‌ସନ୍ ଲୋନ୍, ଫିକ୍ସଡିପୋଜିଟ୍ ଲୋନ୍, ବ୍ୟବସାୟିକ ଲୋନ୍, ପର୍ସୋନାଲ୍ ଲୋନ୍ ଆଦି ହୋଇ ପାରୁନାହିଁ ବୋଲି ଉପଭୋକ୍ତା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବ୍ୟାଙ୍କ ଆକାଉଣ୍ଟାଣ୍ଟ ସଂଗ୍ରାମ କେଶରୀ କୋଦାଳଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ବ୍ୟାଙ୍କ ଉପରେ ୩ ଜିଲାର ଜନସାଧାରଣ ନିର୍ଭରଶୀଳ। ଏଠାରେ ଉପଭୋକ୍ତାଙ୍କ ଅନେକ ଭିଡ଼ ରହୁଛି। ବ୍ରାଞ୍ଚରେ ଜଣେ ମହିଳା ମ୍ୟାନେଜର ଭାବେ ଯୋଗଦେବାକୁ ଚିଠି ହୋଇଥିଲେ ମଧ୍ୟ ସେ ଏଯାବତ୍ ଯୋଗ ଦେଇନାହାନ୍ତି। ଏସମ୍ପର୍କରେ ମୁଁ ହେଡ୍ ଅଫିସ୍‌କୁ ଅବଗତ କରାଇଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବବୋଲି ହେଡ୍ ଅଫିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ବ୍ରାଞ୍ଚର ଉପଭୋକ୍ତାଙ୍କୁ ଶୀଘ୍ର ସେବା ଯୋଗାଇଦେବାକୁ ମଙ୍ଗଳପୁର ବଜାର ବ୍ୟବସାୟୀ ବିଶ୍ୱଭୂଷଣ ବିଶ୍ୱାଳ, ଆନନ୍ଦ ପୃଷ୍ଟି, ବିରଞ୍ଚି ନାରାୟଣ ବିଶ୍ୱାଳ, ରଞ୍ଜିତ୍ ସାମଲ, ସ୍ଥାନୀୟ ସରପଞ୍ଚ ଆନନ୍ଦ ବାରିକ୍, ଶିଶିର ଧଳ, ସରକାରୀ କର୍ମଚାରୀ ଅଭିମନ୍ୟୁ ମଲ୍ଲିକ ଓ ବିଜ୍ଞାନ ରାୟ ପ୍ରମୁଖ ଦାବି କରିଛନ୍ତି।

# ରାସ୍ତା ଶୋଚନୀୟ, ମରାମତି ଦାବି

**ଧର୍ମଶାଳା,୨୭।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଛି। ସେହି ରାସ୍ତାକୁ ମରାମତି କରାଯାଉ ନ ଥିବା ଯୋଗୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚୋରମୁହାଁ ଗ୍ରାମର ହଳଦିଆପଦା ସାହିରୁ ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ଏହି କେନାଲବନ୍ଧ ରାସ୍ତାକୁ ଜାରକା ଜଳସେଚନ ବିଭାଗ ପକ୍ଷରୁ ପିଚୁ କରାଯାଇଥିଲା। ହେଲେ ଠିକାଦାର ନିମ୍ନମାନର କାମ କରି ବିଲ୍ ଉଠାଇ ନେଇଥିଲେ। କାମ ସରିବାର ୧ ବର୍ଷ ପରେ ରାସ୍ତାରୁ ପିଚୁ ଉଠିବା ସହିତ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲା।



ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଚୋରମୁହାଁ, ବାଲିଗରି, ନରସିଂହପୁର, ବଡମଙ୍ଗଳପୁର ଓ ଭୁବନ ଅଞ୍ଚଳର ଲୋକମାନେ ଯାତାୟତ କରିଥାନ୍ତି। ହେଲେ ଦୀର୍ଘ ୫ ବର୍ଷ ହେଲା ଏହି ରାସ୍ତା ଏଭଳି ଶୋଚନୀୟ ହୋଇପଡିଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନ ଦେବା ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଭାଜପାରେ ମିଶିଲେ ବିଜେଡିର ଶତାଧିକ କର୍ମୀ

**ରସୁଲପୁର,୨୭।୧୦(ଡି.ଏନ.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତର ଶତାଧିକ ଛାମୁଆ ବିଜେଡି କର୍ମୀ ଦଳ ତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତ୍ରୀ ସ୍ମୃତିରେଖା ପହୀଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କର୍ମୀମାନେ ତାଙ୍କ ସହ ସାମିଲ ହୋଇଛନ୍ତି ବୋଲି କୁହାଯାଉଛି। ଓଡ଼ିଶୋ ପଞ୍ଚାୟତ ପ୍ରମୁଖ ରବି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅତିଥି ଭାବେ ରାଜ୍ୟ ଶାଖା ସମ୍ପାଦକ ଶାରଦା ପ୍ରସନ୍ନ ଶତପଥୀ, ଯାଜପୁର ଜିଲା ସଭାପତି ଗୌତମ ରାୟ, ପୂର୍ବତନ ଜିଲା ସଭାପତି ପବିତ୍ର ମୋହନ ଦାଶ ଉପସ୍ଥିତ ରହି ଦଳରେ ସାମିଲ ହୋଇଥିବା ଯୁବକ ଓ ଚାଷୀଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଦଳୀୟକର୍ମୀ ଅତିଥିଙ୍କୁ ମାନପୁର ଛକରୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଦଳ ପକ୍ଷରୁ ସଂଗଠକ ଚନ୍ଦ୍ରମଣି ପଣ୍ଡିତ, ସମିତିସଭ୍ୟ ସାନନ୍ଦ ସ୍ୱାଇଁ, ମନୋଜ ବରାଳ, ପ୍ରାକ୍ତନ ସରପଞ୍ଚ ବନମାଳୀ ରାଉତ ଓ ଭରତ ବେହେରା ଶୋଭାଯାତ୍ରାର ନେତୃତ୍ୱ ନେବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସଂଗଠକ ବିଶ୍ୱନାଥ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ନବକିଶୋର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ ସାହୁ ଧନ୍ୟବାଦ ଦେଇଥିଲେ।

# ଅଙ୍କୁରାପାଳରେ ବିଜେଡିର ମିଶ୍ରଣପର୍ବ

**କଳିଙ୍ଗନଗର,୨୭।୧୦(ଡି.ଏନ.ଏ.)**

ଯାଜପୁର ଜିଲା ଦାନଗଦି ବ୍ଲକ୍ ଚାନ୍ଦିଆ ପଞ୍ଚାୟତ ଅଙ୍କୁରାପାଳଠାରେ ବୁଧବାର ଅୟୋଜିତ ସଭାରେ ଅନ୍ୟ ଦଳର ଶତାଧିକ ସମର୍ଥକ ବିଜେଡିରେ ସାମିଲ ହୋଇଛନ୍ତି। ପଞ୍ଚାୟତ ବିଜେଡି ସଭାପତି ପାଣ୍ଡୁ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ ଯୋଗଦେଇ ଗୋଲାଗାଁ, ବାଇସାହି, ଭିତରମାଣିକା, ବାଲିଗୋଠ, ଅଙ୍କୁରାପାଳ, କଟେରୀ ଗାଁ ଓ ଭାରଡାପଶି ଗ୍ରାମର ଅନ୍ୟ ଦଳର ସମର୍ଥକଙ୍କୁ ବିଜେଡିରେ ସାମିଲ କରିବା ସହ ସ୍ୱାଗତ କରିଥିଲେ । ଦଳକୁ ୱାର୍ଡସ୍ତରରୁ ମଜଭୁତ କରିବାକୁ ବିଧାୟକ ଘଡାଇ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମଳିକ, ସମିତି ସଭ୍ୟ ଗୀତାରାଣୀ ମଲ୍ଲିକ, ପଦ୍ମନାଭ ବେହେରା, ପୂର୍ବତନ ଜିଲା ପରିଷଦ କାଳନ୍ଦୀ ସେଠୀ, ଦାନଗଦି ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅବନ୍ତୀ ସାମଲ, ପଞ୍ଚାୟତ ପ୍ରଭାରୀ ବିପ୍ଳବ ପଣ୍ଡା ଓ ସୁଦାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ମିଶ୍ରଣ ପର୍ବରେ ସୁକିନ୍ଦା ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

# ‘ମାଦକଦ୍ରବ୍ୟ ଏକ ନୀରବ ହତ୍ୟାକାରୀ’

**ଯାଜପୁର ଟାଉନ,୨୭।୧୦(ଡି.ଏନ.ଏ.)**

ନିଶା ବା ମାଦକ ଦ୍ରବ୍ୟ ଏକ ନୀରବ ହତ୍ୟାକାରୀ। ଏହା କବଳରେ ପଡୁଥିବା ବ୍ୟକ୍ତି ଅକାଳ ମୃତ୍ୟୁକୁ ଆମନ୍ତ୍ରଣ କରିଥାନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ଟବାକୋ ନିୟନ୍ତ୍ରଣର ଆଇନ ବ୍ୟବସ୍ଥା ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ଉପରୋକ୍ତ ମତପ୍ରକାଶ ପାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ କର୍ମଶାଳାରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ବିରଞ୍ଚି ନାରାୟଣ ବାରିକ ଅଧକ୍ଷତା କରି କହିଥିଲେ, ସରକାର ମାଦକ ଦ୍ରବ୍ୟର ଅପକାରିତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ତେବେ ଜନ ସାଧାରଣ ଏହାର ଅପକାରିତାକୁ ହୃଦୟଙ୍ଗମ କଲେ ସୁଫଳ ମିଳିପାରିବ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଥିଲେ, ଦିନକୁ ଦିନ ମାଦକ ଦ୍ରବ୍ୟ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସମାଜ ପ୍ରତି କ୍ଷତିକାରକ। ଆଇନରେ



ଟବାକୋ ନିୟନ୍ତ୍ରଣ ଆଇନ ବ୍ୟବସ୍ଥା ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେମଞ୍ଚାସୀନ ଅତିଥି।

ଅନେକ ବ୍ୟବସ୍ଥା ରହିଛି। ଏହାକୁ ପ୍ରତ୍ୟେକ ଅନୁପାଳନ ସହ ମୂଲ୍ୟବାନ ଜୀବନ ରକ୍ଷା କରିବାକୁ ସେ ମତ ଦେଇଥିଲେ। ରାଜ୍ୟ ବିଷୟ ବିଶାରଦ ଭାବେ ଡା. ଗିରିଜା ଶଙ୍କର ମିଶ୍ର ଯୋଗଦେଇ ମାଦକ ଦ୍ରବ୍ୟ ବ୍ୟବହାର, ବିଜ୍ଞାପନ, ପିଲାଙ୍କ ଉପରେ ଏହାର ପ୍ରଭାବ ଇତ୍ୟାଦି ସମ୍ପର୍କରେ ଆଇନରେ ଥିବା ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ଡା. ଅନୁପ ନାଥଶର୍ମା, ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ଶିବାଶିଷ ମହାରଣା, ଡା. ପ୍ରଦୀପ୍ତ ସାହୁ, ଡା. ଦେବରାଜ ହିଂସଡାଲେ, ଏପିଡେମୋଲୋଜିଷ୍ଟ ଡା. ପାର୍ଥସାରଥି ମିଶ୍ର ପ୍ରମୁଖ ଯୋଗଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା କର୍କଟ, ଫୁସ୍‌ଫୁସ୍ ନଷ୍ଟ ଇତ୍ୟାଦି ଦୁରାରୋଗ୍ୟ ବ୍ୟାଧି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ତାପସ ମହାପାତ୍ର, ଶୁଭେନ୍ଦୁ ଭୋଇ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୂଜା ମଣ୍ଡପ ବୁଲି ଦେଖିଲେ ବିଧାୟକ

**ବାଲିଚନ୍ଦ୍ରପୁର,୨୭।୧୦(ସ୍ୱ.ପ୍ର.)**

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବାଲିଚନ୍ଦ୍ରପୁର ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପ ବୁଲି ମା’ଲକ୍ଷ୍ମୀଙ୍କୁ ଦର୍ଶନ କରିଛନ୍ତି। ବାଲିଚନ୍ଦ୍ରପୁର ଅଞ୍ଚଳର ନାନପୁର, ପଟଣା, ମା’ମଲ୍ୟବୁଢୀ ବଜାର, ବ୍ୟାଙ୍କ ରୋଡ଼, ଶ୍ୟାମସୁନ୍ଦର ବଜାର, ଲକ୍ଷ୍ମୀ ବଜାର, କୁଆଁପାଳ ରୋଡ଼, ସରସ୍ୱତୀ ବଜାର, କଲେଜ ରୋଡ଼ ଓ ପତରାଜପୁରଠାରେ ସେ ମା’ଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ବିଧାୟକଙ୍କ ସହ ବାଲିଚନ୍ଦ୍ରପୁର ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ସମିତି ସଭ୍ୟ ଅମୀୟ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଆଡ଼ଭୋକେଟ ପ୍ରତାପ ଚନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରତାପ ସେନାପତି, ଅନନ୍ତ ସିଂହ, ମନୋଜ ପରିଡ଼ା, ଅଭିମନ୍ୟୁ ବଳ, ପିନାକୀ ପ୍ରସାଦ ଜେନା, ଭାବଗ୍ରାହୀ ବିଶ୍ୱାଳ, ଉଗ୍ରେସନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆ ସିନେମା



(ବାମରୁ) ଶୁଭ୍ରାଂଶୁ–ନମ୍ରତା–ଚିନ୍ମୟ

# ଟୋଟାଲ ବାଲୁଙ୍ଗା

ଲଭ୍, ଇମୋଶନ, କମେଡି ଏବଂ ଫ୍ୟାମିଲି ଡ୍ରାମାକୁ ନେଇ ପ୍ରସ୍ତୁତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଟୋଟାଲ ବାଲୁଙ୍ଗା'। କ୍ରିଷ୍ଟା ଫିଲ୍ମସ ବ୍ୟାନରରେ ଏହାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଉକ୍ତ ଫିଲ୍ମର କାହାଣୀ ଗତିଶୀଳ। କଲେଜ ସମୟର ମଜାଦାର ଘଟଣାକୁ ବେଶ୍ ସୁନ୍ଦର ଭାବରେ କାହାଣୀରେ ସ୍ଥାନୀତ କରାଯାଇଛି। ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଟି. ଗଣେଶ। ଏହାପୂର୍ବରୁ ସେ ପ୍ରାୟ ୧୫ଟି ସିନେମାରେ ନିର୍ଦ୍ଦେଶନା ଦେଇସାରିଛନ୍ତି। ସଂଳାପ ରଚନା କରିଛନ୍ତି ଅଜୟ ସାମଲ। ପ୍ରିୟରଞ୍ଜନ ପରିଡା ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିରାଜ ପ୍ରସାଦ। 'ଦ ଏଣ୍ଡ' ଏବଂ 'ହମ୍ କିସିସେ କମ୍ ନେହିଁ'ର ନାୟକ ଶୁଭ୍ରାଂଶୁ ଏବଂ ନବାଗତ ଚିନ୍ମୟ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଖାସ୍ କଥା ହେଲା, ଏଥିରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି 'ଫେରିବି ପୁଣି ମୁଁ ବସୁଧା ଚିରି', 'ଆଖି ଖୋଲିଲେ ତୁ' ଏବଂ 'ମନେ ମନେ ମନ ଖୋଜୁଥିଲା'ର ନାୟିକା ନମ୍ରତା ସିଂଦେଓ।

# ପୋଲିସ୍ ଅବତାର

ଭୂମିକାଟି ଆକ୍ସନ ହେଉ କି କମେଡି, ସେଗୁଡ଼ିକୁ ବେଶ୍ ସୂଚାରୁ ରୂପରେ ତୁଲାଇବା ସହ ବଲିଉଡ୍‌ରେ ନିଜକୁ ଜଣେ ନାମୀ ଅଭିନେତାର ପରିଚୟ ଦେଇସାରିଛନ୍ତି ଅକ୍ଷୟ କୁମାର। ଏବେ ତାଙ୍କୁ ନେଇ ଚର୍ଚ୍ଚା। କାରଣ ସେ ଅଭିନୟ କରିଥିବା ତଥା ରିଲିଜ ଅପେକ୍ଷାରେ ଥିବା ସିନେମା 'ସୂର୍ଯ୍ୟବଂଶୀ'ରେ ତାଙ୍କୁ ଦର୍ଶକ ପୁଣି ଥରେ ପୋଲିସ ଅବତାରରେ ଦେଖିବାକୁ ପାଇବେ। ପୁଣି ଏହି ରୋଲ୍ ତାଙ୍କ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଅନୁମାନ କରାଯାଉଛି। ଏଥିରେ ସେ ଡିସିପି ବୀର ସୂର୍ଯ୍ୟବଂଶୀ ଭୂମିକାରେ ଅଭିନୟ କରିଛନ୍ତି। ଏଭଳି ଏକ ଆକ୍ସନଭିତ୍ତିକ ସିନେମାର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟି। ଏହି ଫିଲ୍ମଟି ଆସନ୍ତା ମାସ ୫ରେ ରିଲିଜ ହେବାକୁ ଯାଉଛି।



ଅକ୍ଷୟ କୁମାର

ଏଥିରେ ଅକ୍ଷୟ କୁମାରଙ୍କ ବ୍ୟତୀତ କ୍ୟାଟ୍ରିନା କୈଫ, ଅଜୟ ଦେବଗନ ଏବଂ ରଣବୀର ସିଂଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ସିନେମାର ନୂଆ ପୋଷ୍ଟର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି।

# ୨୦ ବର୍ଷ ପରେ...



ଅମୀଷା

ଅମୀଷା ପଟେଲଙ୍କ ଖୁସି କହିଲେ ନ ସରେ। କାହିଁକି ନା, ଯେଉଁ କଥା ସେ ଚିନ୍ତା କରୁଥିଲେ ତାହା ପୂରଣ ହୋଇଛି। ଅନିଲ ଶର୍ମାଙ୍କ 'ଗଦ୍ଦର : ଏକ ପ୍ରେମ କଥା'ରେ ସନ୍ନି ଦେଓଲ ଏବଂ ଅମୀଷାଙ୍କୁ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମଟିକୁ ମିଳିଥିଲା ଆଶାତୀତ ସଫଳତା। ଦେଶଭକ୍ତି ଉପରେ ଆଧାରିତ ତଥା ୨୦୦୧ରେ ମୁକ୍ତିଲାଭ କରିଥିବା ଉକ୍ତ ସିନେମାଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଆଉ ଏବେ ୨୦ବର୍ଷ ପରେ ଏହାର ସିକୁଏଲ୍ ନିର୍ମିତ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଗଦ୍ଦର-୨'। ଖାସ୍ କଥା ହେଲା, ଏହି ଫିଲ୍ମରେ ସନ୍ନି-ଅମୀଷାଙ୍କୁ ରିପିଟ୍ କରାଯାଉଛି। ଏପରି ଅଫର ସମ୍ପର୍କରେ ଅମୀଷା କହନ୍ତି, "ଯେତେବେଳେ ମୋତେ ଏ ନେଇ ଜଣାଗଲା ସେତେବେଳେ ମୋ ଖୁସି ବନ୍ଧବାଡ ମାନି ନ ଥିଲା। ସେତେବେଳେ ଏହି ସିନେମାକୁ ଦର୍ଶକ ଗ୍ରହଣ କରିଥିଲେ। ଆଉ ଏବେ ପୁଣି ଥରେ ଏହାର ସିକୁଏଲ ପ୍ରସ୍ତୁତ ହେଉଛି ଆଉ ସେଥିରେ କେବଳ ସନ୍ନି ନୁହନ୍ତି ମୋତେ ମଧ୍ୟ ପୁଣି ଥରେ ଅଭିନୟ କରିବାର ସୁଯୋଗ ମିଳିଛି। ଏହା ନିଶ୍ଚୟ ମୋ ପାଇଁ ଗର୍ବର କଥା।" ଏହି ଫିଲ୍ମଟି ଆସନ୍ତା ବର୍ଷ ରିଲିଜ ହେବ ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି ୬୪ବର୍ଷ ବୟସ୍କ ସନ୍ନି।

# ଅତୀତରୁ

➤ସାଇଲକ୍ଷ୍ମୀ କମ୍ବାଇନ୍ସ, ବ୍ରହ୍ମପୁର ବ୍ୟାନରରେ ନିର୍ମିତ ହୋଇଥିଲା ପୌରାଣିକ ଓଡ଼ିଆ ସିନେମା 'ସୀତା ଲବକୁଶ'। କେ. ନାରାୟଣ ରାଓଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ଭି.। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଚକ୍ରପାଣି, ରୋଜାରମଣି ଏବଂ ଜଗନ୍ନାଥ ଦାସଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

➤ଛାୟାବାଣୀ ପ୍ରତିଷ୍ଠାନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଅକ୍ଷି ତୃତୀୟା'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି, ଦୀପା ସାହୁ ଏବଂ ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର।



ଉତ୍ତମ

➤ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'କିଏ ଜିତେ କିଏ ହାରେ'ର ପ୍ରଯୋଜନା କରିଥିଲେ ଶଶାଙ୍କ ଶେଖର ମିଶ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଅକ୍ଷୟ ମହାନ୍ତି। ଉତ୍ତମ ମହାନ୍ତି, ରୂପଲେଖା ଏବଂ ସୁଜାତା ଆନନ୍ଦ ପ୍ରମୁଖ କଳାକାର ଏହି ଫିଲ୍ମରେ ଅଭିନୟ କରିଥିଲେ।

# ଏ ମନ ଖୋଜୁଥାଏ...

କଥାରେ ଅଛି 'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା'। ରିତେଶ ଦେଶମୁଖଙ୍କୁ ନାୟକ ଭାବରେ ବ୍ରେକ୍ ମିଳିଥିଲା 'ତୁଝେ ମେରି କସମ୍'ରେ। ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟ କରିଥିବା ସିନେମାଗୁଡିକ ତାଙ୍କ କ୍ୟାରିୟରକୁ ସିନା ଆଗକୁ ନେଇଥିଲା, ହେଲେ ନାୟକ ଦୌଡରେ ବେଶ୍ ପଛରେ ପଡିଯାଇଥିଲେ ରିତେଶ। ଏବେ ସେ ଖୁବ୍‌ଶୀଘ୍ର ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି। ରଜତ ଆରୋରାଙ୍କ ରଚିତ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଥିବା ଏହି ୱେବ୍ ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି ଶଶାଙ୍କ ଘୋଷ। ଏଥିରେ ନାୟିକା ଭୂମିକାରେ ଅଭିନୟ କରିବେ ତମନ୍ନା ଭାଟିଆ। ଏ ନେଇ ରିତେଶ କହନ୍ତି, 'ଏହି ୱେବ୍ ସିରିଜ୍‌ର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। କରୋନା ସମୟରେ ଡିଜିଟାଲ ଫର୍ମାଟର ଚାହିଦା ପୂର୍ବାପେକ୍ଷା ବଢ଼ିଛି ବୋଲି କହିବି। ପ୍ରଥମ ଥର ପାଇଁ ମୁଁ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛି। ଏହାବ୍ୟତୀତ ଏକ ନୂଆ ସିନେମା ମୋ ହାତରେ ରହିଛି, ଯାହାର ଟାଇଟଲ ହେଉଛି 'ଭିସଫୁଟ୍'। ଏଥିରେ ମୋ ବ୍ୟତୀତ ଫରଦୀନ ଖାଁ ମଧ୍ୟ ଅଭିନୟ କରିବେ।' ତେବେ ଡିଜିଟାଲ ଫର୍ମାଟରେ ରିତେଶ କେତେ ବାଜିମାତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ରିତେଶ ଦେଶମୁଖ

# 'ବାଗୀ' କଥା ମନେପଡୁଛି

ଟାଇଗର ଶ୍ରଫଙ୍କ ଅଭିନୀତ 'ବାଗୀ'କୁ ଏବେ ମଧ ମନେ ପକାଉଛନ୍ତି ଦିଶା ପଟାନି। ହେଲେ କାରଣ କ'ଣ ? ଏହି ଫିଲ୍ମରେ ତ ସେ ଅଭିନୟ କରି ନ ଥିଲେ। ତେବେ ସେହି ଚିତ୍ରକୁ ମନେ ପକାଇଲେ ଉଦାସ ହୋଇଯାଉଛନ୍ତି ଦିଶା। କଥା କ'ଣ କି ଯେତେବେଳେ ଏହି ଫିଲ୍ମର କାଷ୍ଟିଂ ଚାଲିଥିଲା, ସେତେବେଳେ ପ୍ରଥମେ ଏହାର ନାୟିକା ଭୂମିକାରେ ଅଭିନୟ କରିବା ଲାଗି ଦିଶାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ପରେ ଚକ ଏମିତି ବୁଲିଗଲା ଯେ ଦେଖିଲା ବେଳକୁ ଶ୍ରଦ୍ଧା କପୁରଙ୍କୁ ଏହି ରୋଲ୍ ପାଇଁ ସାଇନ୍ କରାଯାଇଛି। "ସେତେବେଳେ 'ବାଗୀ' ଫିଲ୍ମର ପ୍ରଯୋଜକ ମୋତେ ଏଥିରେ ଅଭିନୟ କରିବାକୁ ଅଫର ଦେଇଥିଲେ। ସେହି ସମୟରେ ମୁଁ ମିସ୍ ଇଣ୍ଡିଆ ଇନ୍ଦୋର'ରେ ରନର୍ସ ଅପ୍ ହୋଇଥିଲି ଏବଂ କେତୋଟି ବିଜ୍ଞାପନ ପାଇଁ କାମ କରିସାରିଥିଲି। ହେଲେ ଦେଖିଲା ବେଳକୁ କାଷ୍ଟିଂରୁ ମୋ ନାମକୁ ବାଦ୍ ଦିଆଯାଇଛି ଏବଂ ଏଥିପାଇଁ ଶ୍ରଦ୍ଧାଙ୍କୁ ସାଇନ୍ କରାଯାଇଛି। ଅବଶ୍ୟ ସେତେବେଳେ ତାହାକୁ ମୁଁ ଗୁରୁତ୍ୱ ଦେଇ ନ ଥିଲି। ହେଲେ ଯଦି ମୋତେ ସେହି ସୁଯୋଗ ମିଳିଥାଆନ୍ତା ତେବେ ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହୋଇପାରିଥାଆନ୍ତା ବୋଲି କହନ୍ତି ଦିଶା।" ଲକ୍ଷ୍ନୌସ୍ଥିତ ଆମିଟି ୟୁନିଭର୍ସିଟିରୁ ଦିଶା କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ମନ ପସନ୍ଦୀୟ ଫିଲ୍ମଟି ହେଲା 'ବର୍ଫି'। ଅବସର ମିଳିଲେ ସେ ମନ ପସନ୍ଦର ଖାଦ୍ୟ ଖାଆନ୍ତି ଏବଂ ଡ୍ୟାନ୍ସ ପ୍ରାକ୍ଟିସ କରନ୍ତି। ତାଙ୍କର ବେଷ୍ଟ ଫ୍ରେଣ୍ଡ ହେଉଛନ୍ତି ନୋରା ଫତେହି।



ଦିଶା

# ବାୟୋପିକ୍ ନିଶାରେ ତାପସୀ



ତେଲୁଗୁ ହେଉ କି ତାମିଲ ଫିଲ୍ମରେ ତାପସୀ ପାନ୍ନୁ ଜଣେ ପରିଚିତା ଅଭିନେତ୍ରୀ। ୟା ଭିତରେ ସେ ଅନେକ ମନ ପସନ୍ଦର ସିନେମାରେ ଅଭିନୟ କରିସାରିଲେଣି। ଏବେ ତାଙ୍କୁ ନେଇ ଟଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ସେ ଏବେ ଖୋଜାଖୋଜିରେ ବ୍ୟସ୍ତ ଅଛନ୍ତି। କେହି କେହି ହୁଏତ ଭାବୁଥିବେ ଯେ, ସେ ବୋଧହୁଏ ନୂଆ ଘର ଖୋଜୁଛନ୍ତି। ଅସଲ କଥା ସେଇଆ ନୁହେଁ। ତାପସୀ ଏବେ ଭଲ ବାୟୋପିକ୍ ସନ୍ଧାନରେ ଅଛନ୍ତି। ନିକଟରେ ସେ ଅଭିନୟ କରିଥିବା ବାୟୋପିକ୍ 'ରଶ୍ମୀ ରକେଟ୍' ହିଟ୍ ହେବା ପରେ ତାଙ୍କୁ ଏଭଳି ସିନେମାରେ ଅଭିନୟ କରିବା ନିଶା ଘାରିଛି। ଏ ସମ୍ପର୍କରେ ସେ କହନ୍ତି, 'ଯାହା କହନ୍ତୁ ନା କାହିଁକି, ବାୟୋପିକ୍‌ରେ ଅଭିନୟ କରିବାର ମଜା ନିଆରା। ଏଥିରେ ଜଣେ ବ୍ୟକ୍ତିର ସଂଘର୍ଷମୟ ଜୀବନୀ ପ୍ରତିଫଳିତ ହୋଇଥାଏ। ତେଣୁ ଏବେ ମୁଁ ଭଲ ଭଲ ବାୟୋପିକ୍ ସନ୍ଧାନରେ ଅଛି। ସେପରି କାହାଣୀ ମିଳିଲେ ତାହାକୁ କିପରି ଚଳଚ୍ଚିତ୍ରର ରୂପ ଦିଆଯାଇପାରିବ ସେ ନେଇ ଚେଷ୍ଟା କରିବି।' ତେବେ ଏପରି ମିଶନରେ ତାପସୀ କେତେ ସକସେସ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ମନକୁ ଛୁଇଁଲାଭଳି ସିନେମା ହେଉ



"ବର୍ତ୍ତମାନ କରୋନା କେତେକାଂଶରେ ନିୟନ୍ତ୍ରିତ ହୋଇଛି ସିନା ହେଲେ ଏହା ଦ୍ୱାରା ଆକ୍ରାନ୍ତ ଓଡ଼ିଆ ସିନେମା ଶିଳ୍ପ ଅବସ୍ଥା ନ କହିବା ଭଲ। ସିନେମାଟିଏ ରିଲିଜ ହେଉଛି, ହେଲେ ପ୍ରେକ୍ଷାଳୟରେ ଦର୍ଶକଙ୍କ ସଂଖ୍ୟା ଦେଖିଲେ ତାହା ପ୍ରଯୋଜକମାନଙ୍କୁ ନିଶ୍ଚୟ ନିରାଶ କରୁଛି। ଏହାର କାରଣ ଖୋଜି ବସିଲେ ଅନେକ କଥା ପ୍ରସଙ୍ଗ ହେବ।"

ନୂଆବର୍ଷ, ରଜ ଓ ପୂଜା ବଜାରରେ ଓଡ଼ିଆ ସିନେମାକୁ ଶୁଭମୁକ୍ତି କରି ପ୍ରଯୋଜକମାନେ ଅର୍ଥ କିଛି ପାଇବା ଆଶାରେ ଥାଆନ୍ତି। କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ଧରି ଓଡ଼ିଆ ସିନେମା ଶିଳ୍ପ ବେଶ୍ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟ ଭିତରେ ବଡ଼ ପରଦା ପାଇଁ ସିନେମା ପ୍ରସ୍ତୁତ କରିବା ଧାରା କେତେକାଂଶରେ କମି ଯାଇଛି। କେବଳ ଟେଲିଭିଜନ ନେଟୱର୍କ ସଂସ୍ଥାମାନେ ସ୍ୱଳ୍ପ ବଜେଟ୍ ଭିତରେ କେତେଗୁଡ଼ିଏ ସିନେମା ନିର୍ମାଣ କରିଛନ୍ତି। ଗତ ୨-୩ ମାସ ଭିତରେ ଓଡ଼ିଆ ସିନେମା ପୁଣି ଥରେ ଚଳଚଞ୍ଚଳ ହେବାର ଅନୁଭୂତ ହେଉଛି। ଓଡ଼ିଆ ଚିତ୍ରରେ ଅଭିନୟ କରି ନାଁ କମେଇ ସାରିଛନ୍ତି ଅନେକ କଳାକାର। ଏବେ ନୂଆ କଳାକାରମାନଙ୍କୁ ଅଧିକ ସୁଯୋଗ ଦିଆଗଲେ ସେମାନେ ଏହାକୁ ନିଜର କ୍ୟାରିୟର ଭାବରେ ଗ୍ରହଣ କରିପାରନ୍ତେ। ଉପଯୁକ୍ତ ଯୋଜନା ମୁତାବକ ସିନେମାଟିଏ ନିର୍ମାଣ କଲେ ଆମ ଓଡ଼ିଆ ଚଳଚ୍ଚିତ୍ର ପୁଣି ଥରେ ଦର୍ଶକାଦୃତ ହୋଇପାରିବ।

ଚଳିତବର୍ଷ ଦୁର୍ଗାପୂଜା ଅବସରରେ 'ମନେ ମନେ ମନ ଖୋଜୁଥିଲା', 'ଷଷ୍ଟରୁ ନଷ୍ଟ', 'ଅରୁନ୍ଧତୀ', 'ମନ ମୋ ନେଇଗଲୁରେ' ଏବଂ 'ଗାଁର ନାଁ ଗାଲୁଆପୁର' ଆଦି ଚଳଚ୍ଚିତ୍ରଗୁଡ଼ିକ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇଥିଲା। ଅତୀତରେ ପ୍ରେକ୍ଷାଳୟ ମାଲିକମାନେ ପୂଜା ବଜାର ପାଇଁ ପ୍ରଯୋଜକମାନଙ୍କୁ ଅଗ୍ରୀମ ଅର୍ଥ ସହାୟତା ଆକାରରେ ଦେଉଥିଲେ। ଏବେ କରୋନା ପରେ ମନୋରଞ୍ଜନ ଦୁନିଆର ମେରୁଦଣ୍ଡ ସତେଯେମିତି ଦୋହଲି ଯାଇଛି। ଅନେକ ପରିବାରର ଆର୍ଥିକ ସ୍ଥିତି ଏଥିଯୋଗୁ ପ୍ରଭାବିତ ହୋଇଛି। ତେଣୁ ପ୍ରେକ୍ଷାଳୟକୁ ଯାଇ ସିନେମା ଦେଖିବାର ମାନସିକତା ଅନେକ ଦର୍ଶକଙ୍କଠାରେ ଦେଖିବାକୁ ମିଳୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ କୋଭିଡ୍ ପରେ ଅନେକ ପ୍ରେକ୍ଷାଳୟର ଅବସ୍ଥା ନ କହିଲେ ଭଲ। କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ପ୍ରେକ୍ଷାଳୟ ଖୋଲିଛି ସିନା, ହେଲେ ସିନେମା ଦେଖିବାକୁ ଅନେକ ଦର୍ଶକ ଆଗ୍ରହ ପ୍ରକାଶ ପରୁନାହାନ୍ତି। କେତେକ ପ୍ରେକ୍ଷାଳୟ ଏବେ ବନ୍ଦ ହୋଇଗଲାଣି ତ କେତେକ ପ୍ରେକ୍ଷାଳୟକୁ ମଲ୍ କିମ୍ବା ବିବାହ ମଣ୍ଡପ ଆକାରରେ ଦେଖିବାକୁ ମଳୁଛି।

ବର୍ତ୍ତମାନ କରୋନା କେତେକାଂଶରେ ନିୟନ୍ତ୍ରିତ ହୋଇଛି ସିନା ହେଲେ ଏହାଦ୍ୱାରା ଆକ୍ରାନ୍ତ ଓଡ଼ିଆ ସିନେମା ଶିଳ୍ପ ଅବସ୍ଥା ନ କହିବା ଭଲ। ସିନେମାଟିଏ ରିଲିଜ ହେଉଛି, ହେଲେ ପ୍ରେକ୍ଷାଳୟରେ ଦର୍ଶକଙ୍କ ସଂଖ୍ୟା ଦେଖିଲେ ତାହା ପ୍ରଯୋଜକମାନଙ୍କୁ ନିଶ୍ଚୟ ନିରାଶ କରୁଛି। ଏହାର କାରଣ ଖୋଜି ବସିଲେ ଅନେକ କଥା ପ୍ରସଙ୍ଗ ହେବ। ତେବେ ଦର୍ଶକଙ୍କ ମନ ମୁତାବକ ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରିବା ହେଉଛି ବଡ଼ କଥା। ଭଲ କାହାଣୀ, ଠିକ୍ କଳାକାର ଚୟନ, ମନକୁ ଛୁଇଁଲା ଭଳି ସଙ୍ଗୀତକୁ ନେଇ ସିନେମାଟିଏ ନିର୍ମାଣ କଲେ ତାହା ପୁଣି ଥରେ ଦର୍ଶକଙ୍କୁ ପ୍ରେକ୍ଷାଳୟ ଯିବାକୁ ପ୍ରେରଣା ଯୋଗାଇବ।

–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୮/୨୦୨୧ | Bhubaneswar, Thursday, October 28/ 2021


# ଯୁବଗୋଷ୍ଠୀ ପାଇଁ କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ: ମୁଖ୍ୟମନ୍ତ୍ରୀ



ଫୁଟବଲ ଫର୍ ସ୍କୁଲ୍ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

## କିସ୍‌ରେ ଫିଫା ଫୁଟବଲ ଫର ସ୍କୁଲ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୭।୧୦ (କ୍ରୀଡ଼ା ପ୍ରତିନିଧି):** ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି' ଫୁଟବଲ ଆସୋସିଏଶନ (ଫିଫା) ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ମିଳିତ ସହଯୋଗରେ ବୁଧବାର ଫୁଟବଲ ଫର୍ ସ୍କୁଲ୍ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଫିଫା ସହଯୋଗରେ ପ୍ରଥମଥର ଲାଗି ଭାରତରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ''କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ ହିଁ ଯୁବଗୋଷ୍ଠୀ ପାଇଁ ବିନିଯୋଗ। ଯୁବକଙ୍କ କ୍ଷେତ୍ରରେ ବିନିଯୋଗ ହେଉଛି ଭବିଷ୍ୟତ ପାଇଁ ବିନିଯୋଗ। ଶିକ୍ଷା ବ୍ୟବସ୍ଥାରେ ଫୁଟବଲକୁ ଅନ୍ତର୍ଭୁକ୍ତ କରିବା ଫଳରେ ତୃଣମୂଳସ୍ତରରେ ଛାତ୍ରୀଛାତ୍ରଙ୍କ ପାଇଁ ଫୁଟବଲ୍ ପ୍ରତି ଆଗ୍ରହ ବୃଦ୍ଧି ପାଇବ'' ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗତ ଦୁଇ ଦଶନ୍ଧି ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପାଇଁ ପ୍ରୟାସ କରି ଆସିଥିବା କିଟ୍ ଓ କିସ୍‌ର ଭୂୟସୀ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। କରୋନା ନିୟମ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଇଜରଲାଣ୍ଡ ସାଂସଦ ଡ. ନିକ୍ ଗୁଗର୍, ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଭର୍ଚୁଆଲରେ ଯୋଗ ଦେଇଥିବା ବେଳେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିଫା ଫାଉଣ୍ଡେଶନ୍ କାର୍ଯ୍ୟନିର୍ବାହୀ ଅଧିକାରୀ ୟୁରୀ ଜୋରକେଫ୍, ଫିଫା ଫୁଟବଲ ଫର ସ୍କୁଲର ପ୍ରକଳ୍ପ ମୁଖ୍ୟ ଆଲେକଜାଣ୍ଡର ଗ୍ରସ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା, ଅଲ୍ ଇଣ୍ଡିଆ ଫୁଟବଲ ଫେଡ଼େରେଶନ୍ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ଓ ସମ୍ପାଦକ ଆଶୀର୍ବାଦ ବେହେରା, ଫିଫା ପଦାଧିକାରୀ ଆଲେକଜାଣ୍ଡର ହୁଇଟେ, ପରାମର୍ଶଦାତା ଆଲବର୍ଟୋ ଗାକୋମିନି ଓ ଆଣ୍ଟୋନିଓ ବୁଏନାନୋ ପ୍ରମୁଖ ଯୋଗଦେଇଥିଲେ।

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ବ୍ୟାପକ ଭାବେ ପ୍ରୋତ୍ସାହନ ଯୋଗାଇ ଦେଇ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି ବୋଲି ନିକ୍ ଗୁଗର୍ କହିଥିଲେ। କ୍ରୀଡ଼ା କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଅଚ୍ୟୁତ ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଥିବାରୁ ଆଜି କିଟ୍ ଓ କିସ୍‌ର ଆଥଲେଟ୍ ଭାରତକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଗୌରବ ଆଣିଦେଉଛନ୍ତି। ଭାରତରେ ଫିଫାର ଏଭଳି ପ୍ରୟାସ ପ୍ରଥମ ବୋଲି ଡ. ଗୁଗର୍ କହିଥିଲେ। କ୍ରୀଡ଼ାକୁ ପ୍ରୋତ୍ସାହନ କ୍ଷେତ୍ରରେ ବୈପ୍ଳବିକ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫିଫା ସଭାପତି ଇନ୍‌ଫାଣ୍ଟିନୋ ଅଭିନନ୍ଦନ ଜଣାଇଥିଲେ। ଭାରତରେ ଫୁଟବଲ୍ ଫର ସ୍କୁଲ୍ ଉଦ୍‌ଘାଟିତ ହେଉଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଫୁଟବଲ ଫର୍ ସ୍କୁଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ ଯାହା ଫୁଟବଲ୍ ଓ ଶିକ୍ଷାକୁ ଏକାଠି କରିଥାଏ। ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଜୀବନ କୌଶଳ ଶିଖିବାରେ ଆଗ୍ରହ ସୃଷ୍ଟି କରିବ ବୋଲି ସେ କହିଥିଲେ।

ଅଚ୍ୟୁତ ସ୍ୱାଗତ ଭାଷଣ ଦେଇଥିଲେ। ଫିଫା ସଭାପତିଙ୍କ ଏହି ବୈପ୍ଳବିକ ପ୍ରୟାସ ଭାରତରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟବଲ ପ୍ରତି ଆଗ୍ରହ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କିଟ୍ ଓ କିସ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଗତ୨୫ ତାରିଖରୁ ଫିଫା ପକ୍ଷରୁ ଟ୍ରେନିଂ ଫର୍ ଟ୍ରେନର କାର୍ଯ୍ୟକ୍ରମ କିସ୍ ପରିସରରେ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏବଂ କିଟ୍ ଓ କିସ୍‌ର ୧୦୦ଜଣ ଫୁଟବଲ୍ ଖେଳାଳି ଯୋଗ ଦେଇଛନ୍ତି।

# ଇଂଲଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ

**ଆବୁଧାବି, ୨୭।୧୦**

ଚଳିତ ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ସୁପର-୧୨ର ଗ୍ରୁପ୍-୧ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ବାଂଲାଦେଶକୁ ସହଜରେ ପରାସ୍ତ କରିଛି। ୩୫ଟି ବଲ ବାକି ଥାଇ ଇଂଲଣ୍ଡ ୮ ଉଇକେଟରେ ବାଂଲାଦେଶକୁ ହରାଇବା ସହ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ଇଂଲଣ୍ଡ ସେମିଫାଇନାଲ ଖେଳିବାକୁ ତା'ର ଅଭିଯାନକୁ ଆହୁରି ଦୃଢ କରିଛି। ଅନ୍ୟପଟେ ସୁପର-୧୨ରେ ବାଂଲାଦେଶ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରି ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଏହା ପୂର୍ବରୁ ଇଂଲଣ୍ଡ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଅନ୍ୟପଟେ ବାଂଲାଦେଶ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ୫ ଉଇକେଟରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଦୁଇଟି ମ୍ୟାଚ୍ ଖେଳି ୨ ବିଜୟ ସହ ୪ ପଏଣ୍ଟ ହାସଲ କରି ଗ୍ରୁପ୍ ୧ ପଏଣ୍ଟ ତାଲିକାର ଶୀର୍ଷରେ ରହିଥିବା ବେଳେ ବାଂଲାଦେଶ ବିନା କୌଣସି ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ଜାସନ ରୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଜାଏଦ କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ଓପନର ଜାସନ ରୟଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୧୪.୧ ଓଭରରେ ୨ ଉଇକେଟ ହରାଇ ୧୨୬ ରନକରି ବିଜୟୀ ହୋଇଥିଲା। ୧୨୫ ରନ ଛୋଟିଆ ଟାର୍ଗେଟର ପିଛା କରି ଇଂଲଣ୍ଡ ଅତି ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଜାସନ ୩୮ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ୬୧ ରନ ସଂଗ୍ରହ କରି ଶୋରିଫୁଲ ଇସ୍‌ଲାମଙ୍କ ବଲ୍‌ରେ ନାସୁମ ଅହମଦଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ତଥା ଉଇକେଟକିପର ଜୋସ ବଟଲର ୧୮ ରନ କରି ନାସୁମ ଅହମ୍ମଦଙ୍କ ବଲ୍‌ରେ ମହମ୍ମଦ ନଇମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦାଉିଦ ମଲନ ୨୫ ବଲରୁ ୩ ଚୌକା ସହ ୨୮ ଓ ଜନି ବେୟାରଷ୍ଟୋ ୮ ରନକରି ଅପରାଜିତ ରହିଥିଲେ। ଦ୍ୱିତୀୟ ଉଇକେଟରେ ମଲନ ଓ ଜାସନ ୪୮ ବଲରୁ ୭୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ବାଂଲାଦେଶର ଶୋରିଫୁଲ ଇସ୍‌ଲାମ ଓ ନାସୁମ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିୟମିତ ଅନ୍ତରରେ ଉଇକେଟମାନ ହରାଇଥିଲା। ମୁସ୍‌ଫିକର ରହିମ ସର୍ବାଧିକ ୨୯ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଦଳ ତରଫରୁ ଅଧିନାୟକ ମହମୁଦୁଲ୍ଲା ୧୯, ନୁରୁଲ ହାସନ ୧୬, ମାହେଦି ହାସନ



ଜାସନ ରୟ

୧୧ ରନକରି ଆଉଟ ହୋଇଥିବା ବେଳେ ନାସୁମ ଅହମ୍ମଦ ୯ ବଲରୁ ୧ ଚୌକା ଓ ୨ ଛକା ସହ ୧୯ ରନକରି ଅପରାଜିତ ରହିଥିଲେ। ଓପନର ଲିଟନ ଦାସ ୯, ମହମ୍ମଦ ନଇମ ୫, ଶକିବ ଅଲ ହାସନ ୪ ରନକରି ଆଉଟ ହେବା ପରେ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ସେହିପରି ଅଫିଫ୍ ହୋସେନ ୫ ରନ କରି ଆଉଟ ହୋଇଥିବା ବେଳେ ମୁସ୍ତାଫିଜୁର ରହମାନ ଖାତା ଖୋଲି ପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ଟିମାଲ ମିଲ୍ସ ୩, ମୋଇନ ଅଲି ଓ ଲିୟମ ଲିଭିଂଷ୍ଟୋନ ୨ଟି ଲେଖାଏ, କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୨୪/୯ (ମୁସ୍‌ଫିକର ରହିମ- ୨୯, ମହମୁଦୁଲ୍ଲା- ୧୯, ନୁରୁଲ ହାସନ- ୧୬, ନାସୁମ ଅହମ୍ମଦ- ୧୯*, ମାହେଦି ହାସନ- ୧୧, ଟିମାଲ ମିଲ୍ସ- ୩/୨୭, ମୋଇନ ଅଲି- ୨/୧୮, ଲିୟମ ଲିଭିଂଷ୍ଟୋନ- ୨/୧୫)। ଇଂଲଣ୍ଡ ୧୪.୧ ଓଭରରେ ୧୨୬/୨ (ଜାସନ ରୟ- ୬୧*, ଦାଉିଦ ମଲନ- ୨୮*, ଜୋସ ବଟଲର- ୧୮, ଶୋରିଫୁଲ ଇସ୍‌ଲାମ- ୧/୨୬, ନାସୁମ ଅହମ୍ମଦ- ୧/୨୬)।

# ଭାରତୀୟଙ୍କ ବିଜୟଧାରା ଜାରି

## ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

**ବେଲଗ୍ରେଡ, ୨୭।୧୦**

ସର୍ବିୟା ରାଜଧାନୀ ବେଲଗ୍ରେଡରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରଙ୍କ ବିଜୟଧାର ଜାରି ରହିଛି। ଭାରତର ୭ଜଣ ବକ୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଆଇବିଏ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିଥିବା ନିଶାନ୍ତ ଦେବ ୭୧ କେ.ଜି. ବର୍ଗରେ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେ ହଙ୍ଗେରୀର ଲାସଲୋ କୋଜାକଙ୍କୁ ବୁଧବାର ୫-୦ରେ ହରାଇ ସପ୍ତମ ପ୍ରତିଯୋଗୀ ଭାବେ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ନିଶାନ୍ତ ଏବେ ମରିସସ୍‌ର ମେରଭେନ କ୍ଲେୟାରଙ୍କୁ ଭେଟିବେ। କ୍ଲେୟାର ପ୍ରଥମ ରାଉଣ୍ଡରେ ବାଇ ପାଇଥିଲେ। ସେହିପରି ସୁମିତ (୭୫ କେ.ଜି.) ଓ ନରେନ୍ଦର ବେରୱାଲ (+ ୯୨ କେ.ଜି.) ଗତ ରାତିରେ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

ସୁମିତ ଜାମାଇକାର ଡାମନ ଓ'ନିଲଙ୍କୁ ୫-୦ରେ ହରାଇଥିବା ବେଳେ ନରେନ୍ଦର ପୋଲାଣ୍ଡର ଓସକାର ସାପାରିୟାନଙ୍କୁ ୪-୧ରେ ହରାଇଛନ୍ତି। ସେହିପରି ଏସିଆନ ପଦକ ବିଜେତା ଶିବ ଥାପା (୬୩.୫ କେ.ଜି.) ଓ ଦୀପକ ବୋହରି (୫୧ କେ.ଜି.) ମଧ୍ୟ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ପୂର୍ବରୁ ୬୦ କେ.ଜି.ରେ ବରିନ୍ଦର ସିଂ, ୪୮ କେ.ଜି.ରେ ଗୋବିନ୍ଦ ଶାହାଣୀ, ୮୬ କେ.ଜି. ବର୍ଗରେ ଲକ୍ଷ୍ୟ ଚହର ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ୧୦୦ଟି ଦେଶରୁ ୬୦୦ରୁ ଊର୍ଦ୍ଧ୍ୱ ବକ୍ସର ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଏକ ଲକ୍ଷ ଆମେରିକୀୟ ଡଲାର, ରୌପ୍ୟ ବିଜେତାଙ୍କୁ ୫୦ ହଜାର ଆମେରିକୀୟ ଡଲାର ଓ ବ୍ରୋଞ୍ଜ ବିଜେତାଙ୍କୁ ୨୫,୦୦୦ ଡଲାର ପୁରସ୍କାର ପ୍ରଦାନ କରାଯିବ। ଇଭେଣ୍ଟର ମୋଟ ପୁରସ୍କାର ରାଶି ୨.୬ ମିଲିୟନ ଆମେରିକୀୟ ଡଲାର ରଖାଯାଇଛି। ପ୍ରଥମଥର ପାଇଁ ଏହି ଇଭେଣ୍ଟରେ ଲୋଭନୀୟ ପୁରସ୍କାର ରାଶି ପ୍ରଦାନ କରାଯିବ।

# ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍: କୋହଲି, ରାହୁଲ ଖସିଲେ

**ଦୁବାଇ,୨୭।୧୦**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାରକା ଓପନର ଲୋକେଶ ରାହୁଲ ତଳକୁ ଖସିଛନ୍ତି। ଚଳିତ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ମଧ୍ୟ ବ୍ୟାଟିଂ ତାଲିକାରେ କୋହଲି ଗୋଟିଏ ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ରାହୁଲ ଦୁଇଟି ସ୍ଥାନ ତଳକୁ ଖସି ଅଷ୍ଟମ ସ୍ଥାନରେ ରହିଛନ୍ତି।

ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ କୋହଲି ୭୨୫ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ସେ ୪୯ଟି ବଲର ସମ୍ମୁଖୀନ ହୋଇ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସେହିପରି ୬୮୪ ରେଟିଂ ପଏଣ୍ଟ ହାସଲ କରିଥିବା ରାହୁଲ ମାତ୍ର ୩ ରନ ସଂଗ୍ରହ କରି



ଲୋକେଶ ରାହୁଲ ଓ ବରାଟ କୋହଲି।

ଆଉଟ ହୋଇଥିଲେ। ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଜବାବରେ ୧୩ଟି ବଲ ବାକି ରଖି ପାକିସ୍ତାନ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପାକିସ୍ତାନ ଓପନର ମହମ୍ମଦ ରିଜୱାନ ୩ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେ ଭାରତ ବିପକ୍ଷରେ ୭୯ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୩୩ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରାମ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଯଥାକ୍ରମେ ୪୦ ଓ ୫୧ ରନକରି ୮ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡର ଦାଉିଦ ମଲନ ୮୩୧ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ଓ ପାକିସ୍ତାନ ଅଧିନାୟକ ବାବର ଆଜମ ୮୨୦ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି।

ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୯ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଂଲାଦେଶ ଓପନର ମହମ୍ମଦ ନଇମ୍ ୧୧ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ନାମ୍ବିଆ ଅଧିନାୟକ ଗେହାର୍ଡ ଏରାସମସ ଯୁଗ୍ମ ଭାବେ ୩୭ତମ ସ୍ଥାନରେ ରହିଛନ୍ତି।

ବୋଲିଂ ତାଲିକାରେ ଶ୍ରେଷ୍ଠ ୯ଟି ସ୍ଥାନରେ ସ୍ଲୋ ବୋଲରମାନେ ରହିଛନ୍ତି।

# ସ୍କଟଲାଣ୍ଡକୁ ହରାଇଲା ନାମ୍ବିଆ

**ଆବୁଧାବି, ୨୭।୧୦**

ଟି୨୦ ବିଶ୍ୱକପର ବୁଧବାର ଅନୁଷ୍ଠିତ ଗ୍ରୁପ-୨ ମ୍ୟାଚରେ ନାମ୍ବିଆ ୪ ଉଇକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ସ୍କଟଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୧୦୯ ରନ କରିଥିଲା। ନାମ୍ବିଆ ୧୯.୧ ଓଭରରେ ୬ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ନେଇଥିଲା। ଜେ. ସ୍ମିଟ୍ ୨୩ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୨ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଓପନର କ୍ରେଗ୍ ୱିଲିୟମ୍ସ ୨୩ ରନ କରିଥିଲେ। ସ୍କଟଲାଣ୍ଡ ବୋଲରଙ୍କ ମଧ୍ୟରେ ମାଇକେଲ ଲିଆସ୍କ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ବିଶ୍ୱକପର ସୁପର-୧୨ରେ ପ୍ରଥମ ମ୍ୟାଚ ଖେଳି ବିଜୟୀ ହୋଇଛି ନାମ୍ବିଆ। ଅନ୍ୟପକ୍ଷରେ ସ୍କଟଲାଣ୍ଡ ଖେଳିଥିବା ୨ଟି ଯାକ ମ୍ୟାଚ ହାରି ଯାଇଛି।

ଟସ୍ ଜିତି ନାମ୍ବିଆ ପ୍ରଥମେ ସ୍କଟଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସ୍କଟଲାଣ୍ଡ ଖାତା ଖୋଲିବା ପୂର୍ବରୁ ପ୍ରଥମ ଉଇକେଟ ହରାଇଥିବାବେଳେ ମାତ୍ର ୨ ରନରେ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜର୍ଜ ମୁନ୍‌ସେ, କାଲୁମ ମ୍ୟାକ୍‌ଲୋଡ ଓ ଅଧିନାୟକ ରିଚି ବେରିଂଟନ ଡକ୍(୦)ରେ ଆଉଟ ହୋଇଥିବାବେଳେ କ୍ରେଗ୍ ୱାଲେସ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ୧୮ ରନରେ ଦଳର ୪ର୍ଥ ଉଇକେଟ ପଡ଼ିଥିଲା। ଶେଷ ଭାଗରେ ମାଇକେଲ ଲିସକ ୨୭ ବଲ୍‌ରୁ ୪୪(୪ ଚୌକା, ୨ ଛକା) ଓ କ୍ରିସ୍ ଗ୍ରେଭ୍ସ ୨୫ ରନ କରିବାରୁ ଦଳ ୧୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଥିଲା। ନାମ୍ବିଆ ପକ୍ଷରୁ ରୁବେନ ଟ୍ରମ୍ପେଲମାନ ୧୭ ରନରେ ୩ଟି, ଜାନ ଫ୍ରାଏଲିଙ୍କ ୧୦ ରନରେ ୨ଟି ଏବଂ ଜେ. ସ୍ମିଟ୍ ଓ ଡେଭିଡ ୱିଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୨୦ ଓଭରରେ ୧୦୯/୮(ମାଇକେଲ ଲିସକ- ୪୪, ରୁବେନ ଟ୍ରମ୍ପେଲମାନ- ୩/୧୭, ଜାନ ଫ୍ରାଏଲିଙ୍କ- ୨/୧୦,ଜେ. ସ୍ମିଟ୍-୧/୨୦, ଡେଭିଡ ୱିଜ-୧/୨୨)। ନାମ୍ବିଆ ୧୯.୧ ଓଭରରେ ୧୧୫/୬(ଜେ. ସ୍ମିଟ- ୩୨*, କ୍ରେଗ୍ ୱିଲିୟମ୍ସ-୨୩, ମାଇକେଲ ଲିଆସ୍କ-୨/୧୨, ବ୍ରାଡ୍ ହ୍ୱିଲ-୧/୧୪, ସାଫ୍ୟାନ ଶରିଫ-୧/୨୧, କ୍ରିସ ଗ୍ରେଭ୍ସ- ୧/୨୨, ମାର୍କ ୱାଟ-୧/୨୨)।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଭଞ୍ଜନଗର,(ଡି.ଏନ.ଏ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଲୁଣିଝୋଲା ଠାରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୁଣିଝୋଲାର ଲକ୍ଷ୍ମୀନାରାୟଣ ଗୌଡ଼ । ନଂ. ୨୭୪/୨୧ରେ ଏକ ମାମଲା ରୁଜୁକରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି । ଲକ୍ଷ୍ମୀନାରାୟଣ ସକାଳେ ଗ୍ରାମ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିବାରୁ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଲକ୍ଷ୍ମୀନାରାୟଣଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ ।

# ଗଞ୍ଜାମରେ କାର୍ଯ୍ୟକାରୀ ହେବ ମୋ ହସ୍ପିଟାଲ ମୋ ଗର୍ବ

ଛତ୍ରପୁର,୨୭।୧୦(ଡି.ଏନଏ )

## ଡରାଉଛି ଡେଙ୍ଗୁ

### ଲାର୍ଭା ମୂଳପୋଛ ପାଇଁ ବ୍ୟାପକ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲାରେ ଯେଉଁଠି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦେଖାଯାଉଛି ସେହି ଅଞ୍ଚଳରେ ଜନପ୍ରତିନିଧି, ଗୋଷ୍ଠୀ, ଗ୍ରାମ୍ୟ ଲୋକଙ୍କୁ ସମ୍ପୃକ୍ତ କରାଇ ସଚେତନତା ଓ ଡେଙ୍ଗୁ ଲାର୍ଭା ସୃଷ୍ଟି ହେଉଥିବା ସାଧନର ମୂଳପୋଛ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏକ ଆଭାସୀ ବୈଠକରେ ଜିଲା ସ୍ୱାସ୍ଥ୍ୟ ସମିତିର ଆଲୋଚନା ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି କଥା କହିଥିଲେ। ଜିଲାର ଅନେକ ଅଞ୍ଚଳରେ ଡେଙ୍ଗୁ ବଢୁଥିବା ଖବର ଆସୁଛି । ତେଣୁ ଡେଙ୍ଗୁର ବିଲୋପ ଲାଗି ସଚେତନତା, ସଫେଇ, ନମୁନା ସଂଗ୍ରହ ଏବଂ ଚିକିତ୍ସାକୁ ବ୍ୟାପକ କରିବା ନେଇ ମତ ପ୍ରକାଶ ପାଇଛିକ। ପ୍ରତି ଶୁକ୍ରବାର ଅନୁଷ୍ଠିତ ହେଉଥିବା ଡ୍ରାଏ ଡେ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ କୁହାଯାଇଛି। ସର୍ବାଧିକ ୧୫୬୯ ଜଣଙ୍କଠାରେ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସେଥିରୁ ସୋମବାର ସୁଦ୍ଧା ମୋଟ ୧୯୮ ଜଣଙ୍କଠାରେ ଡେଙ୍ଗୁ ରୋଗ ଚିହ୍ନଟ ହୋଇଥିବା ତଥ୍ୟରୁ ପ୍ରକାଶ ପାଇଛି। ଚିକିଟି ବ୍ଲକ ସୁମାଣ୍ଡିରେ ୧୭ ଏବଂ ମୁନିସିପେଣ୍ଟର ବି. ଆର୍ଯ୍ୟପଲ୍ଲୀରେ ୨୯ ଜଣଙ୍କଠାରେ ଡେଙ୍ଗୁ ଚିହ୍ନଟ ହୋଇ ଚିକିତ୍ସା କରାଯାଉଛି। ସେଚ୍ଛାସେବୀ, ଜନ ପ୍ରତିନିଧି, ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ଅନ୍ତର୍ଭୁକ୍ତ କରି ସଚେତନତା ଏବଂ ସଫେଇକୁ ବ୍ୟାପକ ସହିତ ରାତି ସମୟରେ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଉମା ଶଙ୍କର ମିଶ୍ର ଅବଗତ କରାଇଥିଲେ। ଜିଲାରେ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ପରି ମୋ ହସ୍ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ କରାଯିବା ନେଇ ଜିଲାପାଳ ଘୋଷଣା କରିଥିଲେ। ଜିଲାରେ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରାଯିବ। ଯେଉଁ ଚିକିତ୍ସାଳୟରେ ଭିତ୍ତିଭୂମି ନାହିଁ ତାର ନିର୍ମାଣ କରାଯିବ। ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କର ଯେପରି କୌଣସି ଅସୁବିଧା ହେବ ନାହିଁ ସେ ଦିଗରେ ଅଧିକ ଧ୍ୟାନ ଦିଆଯିବ । କାୟାକଳ୍ପ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଜିଲାପାଳ ଜଣାଇଥିଲେ ।

# ମଦ୍ୟପାନ କରି ଗାଡ଼ି ଚଳାଇଲେ କାର୍ଯ୍ୟାନୁଷ୍ଠାନ

## ସଡ଼କ ସୁରକ୍ଷା କମିଟି ବୈଠକ



ବୈଠକରେ ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି,୨୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା ଅଧ୍ୟକ୍ଷତା କରି ଜିଲାରେ ପରିବହନ ନିୟମ କଡାକଡି କରିବା ଓ ସଡ଼କ ଦୁର୍ଘଟଣା ଯେପରି ହ୍ରାସ ପାଇବ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଦ୍ୟପାନ କରି ଗାଡି ଚଳାଇଲେ ଚାଳକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା ହୋଇଥିଲା। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ପରିବହନ ପରିବହନ ଅଧିକାରୀ ତଥା ଉପଜିଲାପାଳ ଦିଲୀପ କୁମାର ମହାରଣା ଏବଂ ପୋଲିସ ପକ୍ଷରୁ ମିଳତ ଭାବେ ହେଲମେଟ ଯାଞ୍ଚ କରାଯାଇ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଯାଞ୍ଚ ଯୋଗୁ ରୋଗୀ ବିଳମ୍ବରେ ମେଡିକାଲ ପହଞ୍ଚିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରକି ୩ ବର୍ଷରୁ ଉର୍ଦ୍ଧ୍ୱ ବିତିଥିଲେ ମଧ୍ୟ ପାରଳାଖେମୁଣ୍ଡି ମୁଖ୍ୟ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ ଉଠାଇଥିଲେ। ଆଗକୁ ସହର ମଧ୍ୟରେ ଯେପରି ଏଭଳି ଯାଞ୍ଚ କରାଯିବ ନାହିଁ ଓ ମୁଖ୍ୟ ରାସ୍ତା କାମ ଅତିଶୀଘ୍ର ସାରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାରେ ଗାଇ, କୁକୁର, ଘୁଷୁରି ରାସ୍ତା ଅବରୋଧ କରୁଛନ୍ତି। ଏହାର ସମାଧାନ ସହ ପାର୍କିଙ୍ଗ ସ୍ଥାନ ନିରୁପଣ କରି ଅଟୋ ରଖିବାକୁ ପୌରପରିଷଦ ସ୍ଥାନ ଚିହ୍ନଟ କରିବା ନେଇ କହିଥିଲେ। ରାସ୍ତା ନିକଟ ପରିବା ଦୋକାନୀଙ୍କୁ ଥଇଥାନ ବ୍ୟବସ୍ଥା କରିବାକୁ ପୌର ପରିଷଦ ଅଧିକାରୀଙ୍କୁ ତାଗିଦ କରିଥିଲେ ଅତିରିକ୍ତ ଜିଲାପାଳ। ବୈଠକରେ ଏସ୍‌ପି ଜୟରାମ ଶତପଥୀ, ଉପଜିଲାପାଳ ଦିଲୀପ କୁମାର ମହାରଣା, ଗୁରାଣ୍ଡି ଥାନା ଅଧିକାରୀ ମମତା ପଣ୍ଡା, କାଶୀନଗର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ରାୟଗଡ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜିଲୁଣ୍ଡି ହାଇସ୍କୁଲ ପରିଚାଳନା କମିଟି ଗଠିତ

ଭଞ୍ଜନଗର,୨୭।୧୦(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଜିଲୁଣ୍ଡି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ ହୋଇଛି । ଏଥିରେ ସଭାପତି ଭାବେ ମନୋଜ କୁମାର କର, ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ସଭ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ସେଠୀ, ଖଦାଳ ପ୍ରଧାନ, ରଙ୍କନିଧି ଗୌଡ଼, ରୀତା ମଲିକ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଶିବରାମ ପ୍ରଧାନ, ରାମ ନାରାୟଣ ତ୍ରିପାଠୀ, ସଭ୍ୟା ଭାବେ କୁନି ପାତ୍ର, ରଶ୍ମିତା ପଟ୍ଟନାୟକ ଓ କୁନି ପ୍ରଧାନ ମନୋନୀତ ହୋଇଛନ୍ତି । ଏହା ପୂର୍ବରୁ ଅଭିଭାବକ ଏବଂ ଶିକ୍ଷକ ସଂଘ ବୈଠକ ହୋଇଥିଲା। ଏଥିରେ ସରପଞ୍ଚ ପ୍ରତିନିଧି ସଞ୍ଜୟ ପ୍ରଧାନ ଏବଂ ସମିତିସଭ୍ୟ ପ୍ରତିନିଧି ରଞ୍ଜିତ କୁମାର ଆରୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ରାଘବ ନାୟକ କମିଟିର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।


ଉପସ୍ଥିତ ଅତିଥି ।

# ଜିଲାପାଳଙ୍କ ହାଇସ୍କୁଲ ରୂପାନ୍ତରୀଣ କାର୍ଯ୍ୟ ସମୀକ୍ଷା


ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ।

ବେଗୁନିଆପଡ଼ା,୨୭।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ବେଗୁନିଆପଡ଼ା ବ୍ଲକ ଗସ୍ତରେ ଆସି ସ୍ଥାନୀୟ ସ୍କୁଲ ପରିଦର୍ଶନ କରିଥିଲେ। ହାଇସ୍କୁଲ ୫-ଟି ରୂପାନ୍ତରିତ କାର୍ଯ୍ୟର ସମୀକ୍ଷା କରି ଏହି ବ୍ଲକର ଅଙ୍ଗାରଗାଁ ହାଇସ୍କୁଲ, ପାଇକପଡା ବଟେଶ୍ୱର ହାଇସ୍କୁଲ, ରାଜପୁର ଓଡିଶା ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ୫-ଟି ସ୍କୁଲ ରୂପାନ୍ତରିତ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହି ସମୟରେ ଆଦର୍ଶ ବିଦ୍ୟାଳୟରେ କିଛି ସମୟ ପାଇଁ କ୍ଲାସ ରୁମରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଛନ୍ତି। ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିବା ସହ ବରିଡା ସ୍ଥିତ ଅମରେଶ୍ୱର ମନ୍ଦିରର ପୋଖରୀ ସୌନ୍ଦର୍ଯ୍ୟକରଣ ଏବଂ ପାର୍କ ପରିଦର୍ଶନ କରିଥିଲେ। ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୮୩ ହାଇସ୍କୁଲର ରୂପାନ୍ତରିତ ହୋଇ ଶୀଘ୍ର ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ବେଦବର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ସହକାରୀ ଯନ୍ତ୍ରୀ ଶାଳା ସଙ୍ଗୀତା ଟୁଡୁ, ପ୍ରଦୀପ କୁମାର ପରିଡ଼ା, ବିଇଓ କମଳକାନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ନାଁରେ ଆଦିବାସୀଙ୍କୁ ଠକେଇ ଅଭିଯୋଗ

ରାୟଗଡ଼(ଗଜପତି),୨୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକରେ ଆଦିବାସୀ ଯୁବତୀ ଓ ଯୁବକଙ୍କୁ ଚାକିରି ଦେବା ନାଁରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ପାରଳାଖେମୁଣ୍ଡିରେ ଏକ ସଂସ୍ଥା ଜାତୀୟ ଗ୍ରାମ୍ୟ ଜୀବିକା ମିଶନ (ଏନଆରଏଲଏମ) ପ୍ରୋଜେକ୍ଟ ଜରିଆରେ ଦୁଇ ମାସ ହେବ ଜିଲାରେ କାର୍ଯ୍ୟ କରି ଆସୁଥିବା ବେଳେ ମଙ୍ଗଳବାର ରାୟଗଡ଼ ବ୍ଲକ ସଦର ମହକୁମାଠାରେ ଏକ ଅଫିସ ଖୋଲିଛି। ସେଠାରେ ବ୍ଲକର ବେକାର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମାସିକ ୧୦ ହାଜର ଟଙ୍କା ଦରମା ଦିଆଯିବ ବୋଲି ପ୍ରଲୋଭନ ଦେଖାଇ ସେମାନଙ୍କୁ ୮୦ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଉକ୍ତ କମ୍ପାନୀ ଅଧିକାରୀଙ୍କୁ ପଚାରିବାରୁ ସେମାନେ ମନା କରିଥିବା ବେଳେ ଠକାମୀର ଶିକାର ହୋଇ ସେଠାରେ ଟ୍ରେନିଂ ନେଉଥିବା ଯୁବତୀ ଯୁବକମାନେ ଅଧିକାରୀଙ୍କ ସମ୍ମୁଖରେ ହିଁ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିଥିଲେ। ଏ ବାବଦରେ ସେମାନେ ୪୦ ରୁ ୫୦ ହଜାର ଟଙ୍କା ଦେଇଥିବା ବେଳେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ଦିଆଯାଇଥିବା କହିଥିଲେ ଓ ଏଭଳି ବ୍ଲକରେ ୩୦ ଜଣ ଯୁବତୀ ଯୁବକ ଶୋଷଣ ହୋଇଥିବା ଜଣାପଡ଼ୁଛି। ଏ ନେଇ ବ୍ଲକ ଦାୟିତ୍ୱରେ ଥିବା ଅଧିକାରୀ କୈଳାଶ କାର୍ଯୀଙ୍କ ସହ ଯୋଗାଯୋଗ କରିବାରୁ ଟେବୁଲ, ଚେୟାର, କମ୍ପ୍ୟୁଟର ଆଦି ପାଇଁ ଟଙ୍କା ମଗାଯାଉଛି ବୋଲି କହିଥିଲେ। ଜିଲା ଦାୟିତ୍ୱରେ ଥିବା ଏମ୍‌ଡି ସୁବାସ ଚନ୍ଦ୍ର ରାଉଳଙ୍କୁ ପଚାରିବାରୁ ଯେଉଁ ପିଲା କାମ କରିବେ ସେଠାରେ ଅଫିସ ଖୋଲିବା ପାଇଁ ବିଭିନ୍ନ ଜିନିଷ ଦରକାର ପଡୁଛି। ପ୍ରଥମେ ଇନ୍‌ଭେଷ୍ଟମେଣ୍ଟ ନକଲେ କିଛି ହେଉଛି କି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଦୁର୍ନୀତି, ନେଟ୍‌ୱର୍କ ସମସ୍ୟାକୁ ନେଇ ହୋହଲ୍ଲା

ଫୁଲବାଣୀ ଅଫିସ, ୨୭।୧୦


ବୈଠକରେ ଉପସ୍ଥିତ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ ଏବଂ ପିଡି ଡିଆରଡିଏ ।

## ଜିଲା ପରିଷଦ ବୈଠକ

କନ୍ଧମାଳ ଜିଲା ପରିଷଦ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଜିଲା ପରିଷଦ ସଭ୍ୟମାନେ କହିଥିଲେ। କେବଳ ରାଇକିଆ ବ୍ଲକର ମାଣିକେଶ୍ୱରୀ ପଞ୍ଚାୟତରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଜଣେ ସଭ୍ୟ କହିଥିଲେ । ଯନ୍ତ୍ରୀ, ଜିଆରଏସ୍ ଏବଂ ଅନ୍ୟ ଅଧିକାରୀ ମିଶି ମନ ଇଚ୍ଛା କାର୍ଯ୍ୟ କରୁଥିବାରୁ ସରକାରଙ୍କ ଯୋଜନା ବାଟବଣା ହେଉଛି ବୋଲି ଯୁକ୍ତି ବାଢ଼ିବା ସହ ଏହାର ତଦନ୍ତ ଦାବି କରିଥିଲେ। ଚଳିତଥର ପ୍ରଥମ କରି ନେଟୱର୍କ ସମସ୍ୟାକୁ ନେଇ ହୋହଲ୍ଲା ହୋଇଥିଲା । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏହାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଥିଲା । କାରଣ ନେଟୱର୍କ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ବାରମ୍ବାର ଚେତାବନୀ ଦିଆଯାଉଥିବାରୁ ଅଗ୍ରାଧିକାର ଭିତ୍ତିରେ ଏହା ଉପରେ ଆଲୋଚନା ହୋଇଥିଲା । ବିଏସ୍‌ଏନ୍‌ଏଲ ନେଟୱର୍କ ଟାୱାର ବସିବା ଲାଗି ଯେଉଁ ସରଞ୍ଜାମ ଆବଶ୍ୟକ ତାହା ଭାରତ ସରକାର ଯୋଗାଇ ଦେଉ ନ ଥିବା ଦର୍ଶାଇ ଅଧିକାରୀ ଜଣକ ନିରୂପାୟ ବୋଲି କହିଥିଲେ । ହେଲେ ଲୋକେ ଚାହିଁଲେ ବିଏସ୍‌ଏନ୍‌ଏଲ୍ ଫାଇବର ନେଇ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ପରେ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା।

୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୧୨ଟି ବ୍ଲକରେ ୧୨୯ ପ୍ରକଳ୍ପ ନିର୍ମାଣ ଲାଗି ୯୪,୮୪,୦୦୦ଟଙ୍କା ଖର୍ଚ୍ଚ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରେ ଥିବା ପାନୀୟ ଜଳ ସମସ୍ୟା, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟକେନ୍ଦ୍ରରେ ଅନବରତ ପାନୀୟ ଜଳ ଯୋଗାଣ, ସରକାରୀ ବିଦ୍ୟାଳୟରେ ପାନୀୟ ଜଳ ଆଦି ସମସ୍ୟା ଦୂରୀକରଣ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ୩ କୋଟି ୮୨ଲକ୍ଷ ୬୦ହଜାର ଅନୁଦାନ ଅର୍ଥରାଶି ଅନୁମୋଦିତ ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆଜି ସୁଦ୍ଧା ୧, ୮୧, ୭୧୪ ପରିବାରକୁ ଜବ୍ କାର୍ଡ ଦିଆଯାଇଛି। ସେହିପରି ଗତ ୫ ବର୍ଷରେ ଜିଲାର ମୋଟ ୨୭,୦୫୩ ହିତାଧିକାରୀଙ୍କୁ ବିଜୁ ପକ୍କାଘର, ପ୍ରଧାନ ମନ୍ତ୍ରୀ ଆବାସ, ନିର୍ମାଣ ଶ୍ରମିକ ପକ୍କାଘର ଇତ୍ୟାଦି ଯୋଗାଇ ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଜଳଛାୟା, ମତ୍ସ୍ୟ, ବିଦ୍ୟୁତ, ଗ୍ରାମ୍ୟ ନିର୍ମାଣ ବିଭାଜନ, ରାସ୍ତା ଓ କୋଠାବାଡ଼ି ବିଭାଗ, କ୍ଷୁଦ୍ର ଜଳସେଚନ ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ସାରତୀ ମଲ୍ଲିକ, ଜିଲାପାଳ ଡା.ବୃନ୍ଦା ଡି, ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ପାତ୍ରପୁର,୨୭।୧୦(ଡି.ଏନ.ଏ.): ଜରଡ଼ା ଥାନା ଜୟନ୍ତୀପୁର ଗ୍ରାମରେ ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଟୁନା ଗୌଡଙ୍କ ପୁଅ କୁରାମଣି ଗୌଡ। ସେ କିଛି ବର୍ଷ ହେଲା ଆନ୍ଧ୍ରର ଅନଗୋଲୁ ସହରରେ ଦାଦନ ଭାବେ କାମ କରୁଥିବା ବେଳେ ସୋମବାର ରାତିରେ ସାଙ୍ଗ ଘରକୁ ଯାଇ ଫେରିବା ବେଳେ କୌଣସି କାରଣରୁ ଦୁର୍ଘଟଣା ହୋଇ ମୃତ୍ୟୁ ହୋଇଥିଲା। ଖବର ପାଇ ମଙ୍ଗଳବାର ପରିବାର ପହଞ୍ଚିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିବା ଜଣାପଡିଛି ।

### ବାର୍‌ହା ଆକ୍ରମଣରେ ୪ ଗୁରୁତର

ଗୋପାଳପୁର,୨୭।୧୦(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ଶାସନପଦର ଛେଳିଆ ଗ୍ରାମରେ ବୁଧବାର ବାର୍‌ହା ଆକ୍ରମଣରେ ଜଣେ ମହିଳା ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାଇବ ନାଏକ, ମହିଳା ଉମା ବେହେରା ଓ ଅଜିତ ନାହାକ ଓ ପୁରିୟା ବେହେରା। ଶାସନପଦର ଗ୍ରାମର ସାଏବ ଜମିରେ ପାଣି ମଡ଼ାଇ ଘରକୁ ଫେରୁଥିବା ବେଳେ ଏକ ବାରହା ତାଙ୍କୁ କାମୁଡ଼ି ଥିଲା। କିଛି ସମୟ ପରେ ସେହି ଗ୍ରାମର ଉମା ମାଛ ବିକ୍ରି କରୁଥିବା ବେଳେ ଓ ଅଜିତ ପୋଖରୀରୁ ଗାଧୋଇ ଫେରୁଥିବା ବେଳେ ବାରହା ଆକ୍ରମଣର ଶିକାର ହୋଇଛନ୍ତି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରଥିଲେ। ମାଙ୍କଡ଼ ଓ ବାରହା ଦୌରାତ୍ମ୍ୟରୁ ଗ୍ରାମବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ବନ ବିଭାଗ ଏହାର ପ୍ରତିକାର ନକଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଡିଏଫଓ ଅମ୍ଳାନ ନାଏକଙ୍କୁ ପଚାରିବାରୁ ଆହତଙ୍କ ପାଇଁ ୫ ହଜାର ସହାୟତା ରାଶି ରହିଛି। ବାର୍‌ହା ଓ ମାଙ୍କଡ଼ଙ୍କୁ ଖୁବଶୀଘ୍ର ଟ୍ରାଙ୍କୁଲାଇଜ କରାଯିବ ବୋଲି କହିଛନ୍ତି।

### ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ଡୁଡା ପିଡି

ଆସିକା,୨୭।୧୦(ଡି.ଏନ୍.ଏ.): ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର (ଡୁଡା) ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ସଚ୍ଚିଦାନନ୍ଦ ନାୟକ ମଙ୍ଗଳବାର ଆସିକା ଏନ୍‌ଏସି ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ପିଡି ସୁନାମ୍ବସାହିସ୍ଥିତ ଆଦର୍ଶ ଶ୍ମଶାନ, ତାଲୁକା ରୋଡ ଓ ହାଟପଦା ସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଓ ବାବନପୁରଠାରେ ନିର୍ମିତ ସେପ୍ଟିଟ୍ରିଟମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଥିଲେ । ଏଥିସହିତ ଅନ୍ୟ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେବା ସହ ସହରର ପରିମଳ ବ୍ୟବସ୍ଥା ପ୍ରତି ବିଶେଷ ଧାନ ଦେବା, ଟିକସ ଆଦାୟକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡିଙ୍କ ପରିଦର୍ଶନ ବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀ ସିଂ, ପରିମଳ ବିଶେଷଜ୍ଞ ଦୀପ୍ତିମୟୀ ସାହୁ, ସୁମନ୍ତ ସେନାପତି ପ୍ରମୁଖ ସାମିଲ ଥିଲେ ।

### କାର୍ତ୍ତିକେଶ୍ୱର ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା,୨୭।୧୦(ଡି.ଏନ.ଏ.):ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ କେନାଲ ସାହି ଯୁବ ଗୋଷ୍ଠୀ ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ ହୋଇଛି। ସାହିର ପୂଜା ମଣ୍ଡପ ନିକଟରେ ଉକ୍ତ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟ ଯଥା ରୀତିନୀତି ପ୍ରକାରେ ପୁରୋହିତ ଦିପକ କୁମାର ଦାଶଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। କର୍ତ୍ତା ରୂପେ ପ୍ରବୀର ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମନୋଜ କୁମାର ଦାସ, ପ୍ରଦୀପ ପରିଡ଼ା, ପ୍ରଶାନ୍ତ ପରିଡ଼ା, ସନ୍ତୋଷ ମୁଳି, ପବିତ୍ର ସାହୁ, କାହ୍ନୁ ସାହୁ, ବଂଶୀଧର ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ପ୍ରିୟବ୍ରତ ଭୋଳ ସହଯୋଗ କରିଥିଲେ।

### ଅନ୍‌ସ୍ଲୋ ହାଇସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ

ଛତ୍ରପୁର,୨୭।୧୦(ଡି.ଏନ୍.ଏ.): ଛତ୍ରପୁର ଅନସ୍ଲୋ ହାଇସ୍କୁଲ ପରିସରରେ ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସିଆରସି ରିତା ରଥ, ଛତ୍ରପୁର ଏନଏସିର ପରିମଳ ନିରୀକ୍ଷକ ଗୌରହରି ପଣ୍ଡା, ପରିଚାଳନା କମିଟିର ସଭାପତି ଦିଲୀପ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ନିମନ୍ତେ ନୂତନ କମିଟି ଗଠନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅଭିଭାବକମାନେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷକ ବାଉରି ବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଜଗଦୀଶ ପଲାଇ ବୈଠକ ସମ୍ପର୍କରେ କହିଥିଲେ। ଶିକ୍ଷୟିତ୍ରୀ ଅମୃତା ପାଣିଗ୍ରାହୀ, ମୁଖ୍ୟ କିରାଣୀ ସରୋଜ ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୨ ଜିଲା ଅଧିକାରୀଙ୍କ ସ୍ମାର୍ଟ କ୍ଲାସ୍ ପରିଦର୍ଶନ

ଶେରଗଡ,୨୭।୧୦(ଡି.ଏନ.ଏ.)

ବଲାଙ୍ଗିର, ନବରଙ୍ଗପୁର ଜିଲା ପ୍ରଶାସନିକ ଅଧିକାରୀମାନେ ବୁଧବାର ଗଞ୍ଜାମ ଜିଲା ଗସ୍ତ କରି ଶେରଗଡ଼ର ୨ ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବଲାଙ୍ଗିର ଜିଲାର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶେରଗଡ ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ୯ ସ୍ମାର୍ଟକ୍ଲାସ ବୁଲି ଦେଖିଛନ୍ତି। ବଲାଙ୍ଗିର ଟିମ ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକ ପସନ୍ନ କୁମାର ସାହୁ ସ୍ୱାଗତ କରିଥିଲେ। ସେହିପରି ନବରଙ୍ଗପୁର ଜିଲା ପିଡି ରତ୍ନାକର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପିଓଲ ବାଳକ ଉଚ୍ଚ ବିଦ୍ୟାଳୟ ବୁଲି ସ୍ମାର୍ଟକ୍ଲାସ ଦେଖିଥିଲେ।

## ଉପଜିଲାପାଳଙ୍କ ତହସିଲ କାର୍ଯ୍ୟ ସମୀକ୍ଷା

ଶେରଗଡ଼,୨୭।୧୦(ଡି.ଏନ.ଏ.)

ଶେରଗଡ଼ ତହସିଲକୁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଗସ୍ତ କରିବା ସହ ବାର୍ଷିକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ପହଞ୍ଚି ୯ ରାଜସ୍ୱ ସର୍କଲର ଆୟ ବ୍ୟୟ ହିସାବ ଦେଖିବା ସହ ପୁରଣା ରେକର୍ଡ ଯାଞ୍ଚ କରିଛନ୍ତି। ପ୍ରତ୍ୟେକ ରାଜସ୍ୱ ସର୍କିଲ ବାଲି ଚୋରାଚାଲାଣ, ବେଆଇନ ଧରପଗଡ଼ କରି ରାଜସ୍ୱ ଯେପରି ବୃଦ୍ଧି ହେବ ସେଥିପ୍ରତି ନଜର ଦେବାକୁ ରାଜସ୍ୱ ନୀରିକ୍ଷିକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମୀକ୍ଷା ସମୟରେ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ କୁମାର ନାହାକ, ପି ପଞ୍ଚମାଙ୍କ ସମେତ ସମସ୍ତ ରାଜସ୍ୱ ନୀରିକ୍ଷିକମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧରାକୋଟ,୨୭।୧୦(ଡି.ଏନ୍.ଏ.)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଶାସନ ଗ୍ରାମର ଲଡୁ କିଶୋର ରାଉଳ (୭୭)ଙ୍କ ପୋଖରୀରେ ବୁଡ଼ି ବୁଧବାର ମୃତ୍ୟୁ ଘଟିଛି। କିଶୋର ଗ୍ରାମର ର୍‍ୟାକି ବନ୍ଧକୁ ଅପରାହ୍ନରେ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ଏହି ସମ୍ପର୍କରେ ଧରାକୋଟ ତହସିଲଦାର, ଦମକଳବାହିନୀ ଓ ବଡବଡ ଥାନାକୁ ଖବର ଦିଆଯାଇ ଥିବା ଗ୍ରାମବାସୀ କହିଛନ୍ତି।

## ୧୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଦାରିଙ୍ଗବାଡ଼ି,୨୭।୧୦(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଏକ ବାଇକରେ ଗଞ୍ଜେଇ ଚୋରାଚାଲଣ ବେଳେ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ର ସଞ୍ଜୟ ନାୟକ ଏବଂ କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ମହାସିଂ ଗ୍ରାମର ସିରେନ ଦିଗାଳ। ସେମାନଙ୍କଠାରୁ ୧୫ କେଜି ୫ଶହ ଗ୍ରାମ ଗଞ୍ଜେଇ ସହ ବାଇକ ଜବତ କରାଯାଇଛି। ମଙ୍ଗଳବାର ଦାରିଙ୍ଗବାଡ଼ି ପୋଲିସ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଡବେରୀ ନିକଟରେ ସନ୍ଦେହରେ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା।

## ଟଙ୍କା ଲୁଟ ଘଟଣା, ୫ ଗିରଫ

ଆସିକା,୨୭।୧୦(ଡି.ଏନ୍.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ ଡି. ସିଙ୍ଗିପୁର ନିକଟରେ ଗତ ଶୁକ୍ରବାର ସନ୍ଧ୍ୟାରେ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟଙ୍କୁ ଛୁରୀ ଦେଖାଇ ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିଲେ । ଏହି ଘଟଣାରେ ପୋଲିସ ମଙ୍ଗଳବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଡି. ସିଙ୍ଗିପୁର ଗ୍ରାମର ଦିଲୀପ ସେଠୀ, ମଗୁଲୁ ସେଠୀ, ହିଞ୍ଜିଳି ଥାନା ଖରିଡା ଗ୍ରାମର ମଗୁଲୁ ପ୍ରଧାନ, ମଗୁଲୁ ସ୍ୱାଇଁ ଏବଂ ନିଲୁ ବିଷୋୟୀ। ଅଭିଯୁକ୍ତମାନଙ୍କ ନିକଟରୁ ୪୮,୨୦୦ ଟଙ୍କା, ଗୋଟିଏ ବାଇକ, ଗୋଟିଏ ଛୁରୀ, ୫ଟି ମୋବାଇଲ ଫୋନ୍ ଓ ଫଟୋ ପରିଚୟପତ୍ର, ଏଟିଏମ କାର୍ଡ ଏବଂ ରସିଦ ବହି ଜବତ କରିଛି। ଗାଙ୍ଗପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଥାନା ଅଧିକାରୀ ଧିରେଶ କୁମାର ଦାସ ଏହି ସୂଚନା ଦେଇଛନ୍ତି। ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଏଜେଣ୍ଟ ଟୁଟୁ ବେହେରା ଜମା ଟଙ୍କା ସଂଗ୍ରହ କରି ସୋରଡା ଫେରୁଥିବା ବେଳେ ଡି. ସିଙ୍ଗିପୁର ଓ ପାଟପୁର ଗ୍ରାମ ମଧ୍ୟରେ ଅଭିଯୁକ୍ତମାନେ ବାଇକରେ ପିଛା କରି ତାଙ୍କୁ ଠେଲିଦେଇଥିଲେ । ପରେ ଛୁରୀ ଦେଖାଇ ଟଙ୍କା ଲୁଟି ନେଇ ଥିଲେ । ଏ ନେଇ ନଂ.୪୭୨/୨୧ରେ ମାମଲା ରୁଜୁ କରାଯାଇଥିଲା ।

## ସଂକ୍ଷେପରେ

### ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଜେଲ

ନୟାଗଡ଼ ଅଫିସ,୨୭।୧୦: ଆଇନଜୀବିଙ୍କୁ ଆକ୍ରମଣ ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ଗୋଲଗୋଲା ଉପରସାହିର ପୂର୍ଣ୍ଣ ନାହାକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ପୂର୍ଣ୍ଣଙ୍କୁ ନୟାଗଡ଼ ଜେଲ ଯିବାକୁ ପଡିଛି । ପ୍ରାପ୍ତ ସୂଚନା ଅନୁସାରେ ଖୁଣ୍ଟୁବନ୍ଧ ଗାଁର ଆଇନଜିବୀ ଦ୍ୱୟ ଅଜୟ ମହାନ୍ତି ଓ ପୁଅ ଅମରେନ୍ଦ୍ରଙ୍କୁ ୨୦୨୦ ମାର୍ଚ୍ଚ ୧୭ରେ ଆକ୍ରମଣ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୬/୨୦) ରୁଜୁ ହୋଇଥିଲା ।

### ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ

**ଶିଶୁଙ୍କୁ ଦିଆଯାଉଛି ପଚା ଅଣ୍ଡା**

ନୟାଗଡ଼ ଅଫିସ,୨୭।୧୦:ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଗୁଣଣ୍ଠୁଣୀ ପଞ୍ଚାୟତର ୧ ଓ ୨ ନଂ ୱାର୍ଡର ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଶିଶୁମାନଙ୍କୁ ପଚା ଅଣ୍ଡା ଦିଆଯାଉଛି। ପ୍ରତିବାଦ କଲେ ସେହି ଅଣ୍ଡାକୁ ବଦଳା ଯାଉନାହିଁ । ଏନେଇ କେତେକ ପରିବାର ପକ୍ଷରୁ ଅଣ୍ଡାଗୁଡିକୁ ଭାଙ୍ଗି ସୋସିଆଲ ମିଡ଼ିଆରେ ପଚା ଅଣ୍ଡା ବଣ୍ଟନର ପ୍ରତିବାଦ କରାଯାଇଛି । ପଚା ଅଣ୍ଡା କି ପ୍ରକାରର ପୁଷ୍ଟି ସାଧନ କରିବ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି । ତେବେ ଏନେଇ ଅଙ୍ଗନୱାଡ଼ି କର୍ମୀ କିଛି ନ କହି ଚୁପ ରହିଛନ୍ତି ।

### ବିଶ୍ୱ ବ୍ୟବସାୟିକ ଚିକିତ୍ସା ଦିବସ

ନୟାଗଡ଼ ଅଫିସ,୨୭।୧୦: ବିଶ୍ୱ ବ୍ୟବସାୟିକ ଚିକିତ୍ସା ଦିବସ ଅବସରରେ ଇଟାମାଟି ଶିକ୍ଷା ଓ ମହାବିଦ୍ୟାଳୟ ପରିସରରେ ଏକ ମାଗଣା ପୁନର୍ବାସ ଶିବିର ଅନୁଷ୍ଠିତ ହୋଇଯାଇଛି । ଇଟାମାଟି ଗ୍ରାମପଞ୍ଚାୟତ, ସର୍ବଭାରତୀୟ ମାନବିକ ଅଧିକାର ସଂଘ ଏବଂ ପ୍ରିୟଦିନୀ ରିହାବ କେୟାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୨ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରାମର୍ଶ ଦିଆଯିବା ସହ ମାଗଣା ଚିକିତ୍ସା କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ସୋନାଲିକା ମନ୍ତନ ପ୍ରିୟଦିନୀ ରିହାବ କେୟାରର ନିର୍ଦ୍ଦେଶକ ଡ. ପ୍ରୀତମ ମହାପାତ୍ର, ସମ୍ପାଦକ ପବିତ୍ର ମୋହନ ସାହୁ ଏବଂ ମହାବିଦ୍ୟାଳୟର ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ, ଶରତ କୁମାର ସାହୁ, ଆଶିଷ କୁମାର ଅଗ୍ରୱାଲ, କିଶୋର ନାୟକ, ଶ୍ରବଣ କୁମାର ରାମ, ଭାଗୀରଥି ବାଇ, ସାମାଜିକ କର୍ମୀ ଦାମୋଦର ସାହୁ, ‘ଅହିରା’ର ରାଜ୍ୟ ସମ୍ପାଦକ ଜୟନ୍ତ କୁମାର ପରିଡା ଏବଂ ବାଗ୍ମୀ ବିଶ୍ୱାଳ ଶିବିରରେ ଯୋଗ ଦେଇ ଆୟୋଜକ ଏବଂ ପୀଡ଼ିତମାନଙ୍କୁ ଉତ୍ସାହିତ କରିଥିଲେ ।

### ହାଇସ୍କୁଲ କିରାଣିଙ୍କ ଆତ୍ମହତ୍ୟା

କବିସୂର୍ଯ୍ୟନଗର,୨୭।୧୦(ଡି.ଏନ.ଏ.):କବିସୂର୍ଯ୍ୟନଗର ଥାନା ପଥରା ଗ୍ରାମ ଖଟେଇ କଲୋନୀରେ ରହୁଥିବା ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲର କିରାଣି ରାଜେନ୍ଦ୍ର ପଟ୍ଟନାୟକ ମଙ୍ଗଳବାର ସ୍କୁଲରୁ ଫେରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି। ନିଜ ଘରେ ସେ ଫ୍ୟାନରେ ରଶି ଲଗାଇ ଝୁଲିପଡ଼ିଥିବା ସନ୍ଦେହ କରାଯାଉଛି। ସନ୍ଧ୍ୟାରେ ତାଙ୍କ ରୋଷୟା ପରିବାର ଲୋକଙ୍କୁ ଏହା ଜଣାଇଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। କବିସୂର୍ଯ୍ୟନଗର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି।

### ଆମ ପୋଲିସ ସମିତିର ସଚେତନତା

ଛତ୍ରପୁର,୨୭।୧୦(ଡି.ଏନ୍.ଏ.): ଛତ୍ରପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ବିପୁଲିଙ୍ଗି ପଞ୍ଚାୟତ କରାତଳି ଗ୍ରାମସ୍ଥିତ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିପୁଲିଙ୍ଗି ସରପଞ୍ଚ ଟି.ନରସିଂହ ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ବୋଲି ଅନୁମାନ କରୁଛନ୍ତି, ସେମାନଙ୍କ ବିଷୟରେ ଓ ଗ୍ରାମରେ ଅନ୍ୟ ଅସମାଜିକ କାର୍ଯ୍ୟରେ ଜଡିତ ରହୁଥିବା ବ୍ୟକ୍ତିଙ୍କ ବିଷୟରେ ପୋଲିସକୁ ସୂଚନା ଦେବା ପାଇଁ କୁହାଯାଇଛି। ଏଥିସହ ମହିଳାମାନଙ୍କ ସୁରକ୍ଷା, ଘରୋଇ ହିଂସା ରୋକିବା, କୋଭିଡ୍ ନିୟମ ମାନିବା ପାଇଁ ଉପସ୍ଥିତ ଗ୍ରାମବାସୀଙ୍କୁ ଥାନାଧିକାରୀ ପରାମର୍ଶ ଦେଇଥିଲେ।

# ବଢୁଛି ଲାଞ୍ଚ ନେବାର ଲାଳସା

- ଶପଥପାଠ ରୋକିପାରୁନି ଦୁର୍ନୀତି
- ଗିରଫ, ନିଲମ୍ବନ ପରେ ବି ଆସୁନି ପରିବର୍ତ୍ତନ

ନୟାଗଡ଼ ଅଫିସ,୨୭।୧୦

ଲାଞ୍ଚ ପାଇଁ ବହୁ ସରକାରୀ କର୍ମଚାରୀ ଓ ଅଧିକାରୀ ଗିରଫ ହୋଇ ଜେଲ ଯାଉଛନ୍ତି। ଅଧିକାଂଶ ଚାକିରିରୁ ନିଲମ୍ବିତ ହେଉଛନ୍ତି । ତଥାପି ଏହି ଦୁର୍ନୀତିକୁ ରୋକା ଯାଇପାରି ନାହିଁ । ଦୁର୍ନୀତି ନିବାରଣ ଦିବସରେ ଶପଥପାଠ ପରେ ବି ଲାଞ୍ଚର ଲାଳସା କମୁନାହିଁ । ବରଂ ତାର ପ୍ରଭାବ ବଢ଼ିଚାଲିଛି । ଲାଞ୍ଚ ନ ଦେଲେ ଫାଇଲ୍ ଘୁଞ୍ଚୁନାହିଁ । ଥାନା ଓ ଫାଣ୍ଡିକୁ ଗଲେ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି ।

୨୦୨୦ ଡିସେମ୍ବର ୩୦ରେ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶରଣକୁଳ ଥାନା ଏଏସ୍ଆଇ ସଂଯୁକ୍ତା ମହାପାତ୍ର ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଥିଲେ। ସେହିପରି ୨୦୨୧ ଜାନୁୟାରୀ ୧୩ରେ ଜବତ ଟ୍ରାକ୍ଟର ରିଲିଜ୍ ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବାଣିଗୋଛା ଥାନା ଏଏସ୍ଆଇ ଲଳିତ କୁମାର ବେହେରା ଗିରଫ ହୋଇଥିଲେ। ୧୫ ଦିନ ଭିତରେ ନୟାଗଡ଼ ପୋଲିସ ଜିଲାର ଦୁଇ ଥାନାର ୨ ଏଏସ୍ଆଇ ଜେଲ ଯିବା ଘଟଣା ପୋଲିସର ଅସଲ ମୁଖାକୁ ପଦାରେ ପକାଇଥିଲା । ଧାନକିଣା ଦୁର୍ନୀତି ଓ ଚାଷୀଙ୍କ ନାମ ପଞ୍ଜୀକରଣ ଜାଲିଆତିରେ ୮ଜଣ ସମବାୟ ସମ୍ପାଦକ ନିଲମ୍ବିତ ହେଲେଣି। ଏହା ପରେ ବି ଏପରି ଘଟଣା ବଢ଼ି ଚାଲିଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଜିଲା ସାରା ଚାଲିଛି। ଏଥିରେ ବହୁ କୋଟି ଟଙ୍କା ଆତ୍ମସାତ୍ ହେଉଥିବା ଅଭିଯୋଗ ରହିଛି। ଭାପୁର ବ୍ଲକ ଏହାର ଉଦାହରଣ। ଏହି ବ୍ଲକର ଭଗବାନପୁର ପଞ୍ଚାୟତ ଲୁଣିଆଗୁଡିରେ ସାଇମନ୍ଦିର ଉନ୍ନତୀକରଣ ପାଇଁ ଚଣ୍ଡିମୁଣ୍ଡିଆ ଉପରେ ଜଳବିଭାଜିକା ତରଫରୁ ୨୦୧୮-୧୯ ଆର୍ଥିକ ବର୍ଷରେ ପୋଖରୀଖନନ ହୋଇଥିଲା। ତେବେ ଜଳବିଭାଜିକାର ପୋଖରୀକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଫଲ୍ସ ବିଲ୍ କରାଯାଇ ୬ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଦୁର୍ନୀତିକୁ ଚାପି ଦିଆଯାଇଥିଲା । ପୁଣି ବାଇଗୁଣିଆ ପଞ୍ଚାୟତ ନୂଆପଲ୍ଲୀର ଲକ୍ଷ୍ମୀସାଗର ପୋଖରୀ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୯ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସ୍ଥାନୀୟ ଲୋକ କାମ ବନ୍ଦ କରିଥିବାବେଳେ ଏହି ପୋଖରୀ ନାଁରେ ୯ ଲକ୍ଷ ୧୧ ହଜାର ୭୩୦ ଟଙ୍କା ଫଲ୍ସ ବିଲ୍ କରାଯାଇ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ରହିଛି। ବଡ଼ସରା ପଞ୍ଚାୟତ ଗୋପାଳପ୍ରସାଦ ଗାଁର ପ୍ରାୟ ୮୫୦ ମିଟର ରାସ୍ତାକୁ ୩ଟି ଆର୍ଥିକବର୍ଷରେ ନାଁ ବଦଳାଇ ୨୧ ଥର ବିଲ୍ କରାଯାଇ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ନୀତି ଘଟଣା ଶୀତଳଭଣ୍ଡାରରେ ରହିଛି। ଖଇରି ନାଳରେ ପୋଖରୀ ଓ ବାଲିବନ୍ଧ କରି ୨୦୨୦-୨୧ ଆର୍ଥିକ ବର୍ଷରେ ୯ ଲକ୍ଷ ୮୨ ହଜାର ଟଙ୍କା ଆତ୍ମସାତ୍ କରାଯାଇଛି। ସେପଟେ ପିସି ନ ଦେବାରୁ ଖଣ୍ଡପଡ଼ା ବ୍ଲକ ବଳଭଦ୍ରପ୍ରସାଦ ପଞ୍ଚାୟତ କନ୍ଧପଥରାପଲ୍ଲୀ ଗାଁରେ ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ ହୋଇ ପଡିରହିଛି। ତେବେ ଜଣେ ସହକାରୀ ଯନ୍ତ୍ରୀ ୪ ହଜାର ଟଙ୍କା ପିସି ମାଗିବା ଘଟଣାର ଅଡିଓ ଭାଇରାଲ ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଥିଲା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ ନ ଦେଲେ କାର୍ଯ୍ୟାଦେଶ ମିଳୁନାହିଁ ବୋଲି ଅଭିଯୋଗ ଉଠିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ପାଇଁ ହାତଗୁଞ୍ଜା ମଗାଯାଉଛି। ଗୋଡ଼ିପଡ଼ା ଖଇରପଟିର ଜଣେ ମହିଳାଙ୍କୁ ଗର୍ଭାଶୟ ଅପସାରଣ ପାଇଁ ୧୬ ହଜାର ଲାଞ୍ଚ ମଗାଗଲା। ନ ଦେବାରୁ ଚିକିତ୍ସାଳୟରୁ ତାଙ୍କୁ ବିଦା କରିଦିଆଗଲା। ପୁଣି ଆଶୀର୍ବାଦ ଯୋଜନାରେ ନାମ ସାମିଲ ପାଇଁ ୧ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି। ଏହିପରି ଜିଲାର ବିଭିନ୍ନ ଅଫିସକୁ ଦୁର୍ନୀତି ରାକ୍ଷସମାନେ ଘେରି ରହିଛନ୍ତି। ଜିଲାର ବିଭିନ୍ନ ଦୁର୍ନୀତି ଉପରେ ଜିଲାପାଳ ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଦୁର୍ନୀତି ଓ ଅନିୟମିତତାର ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେମାନେ ସଫେଇ ଦେଉଛନ୍ତି ।

### ଫାଙ୍କା ଗୁଳି ଚାଳନାକୁ ନେଇ ଉତ୍ତେଜନା

**ଗ୍ରାମବାସୀଙ୍କ ମାଡ଼ରେ ଅପରାଧି ଗୁରୁତର**

ନୟାଗଡ଼ ଅଫିସ,୨୭।୧୦

ନୟାଗଡ଼ ଜିଲା ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଗାଁରେ ଜଣେ ମହିଳାଙ୍କୁ ଗାଳିଗୁଲଜ ଓ ମାରପିଟ୍ ନେଇ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ସୃଷ୍ଟି ହୋଇଛି। ଏହାର କିଛି ସମୟ ପରେ ସଂପୃକ୍ତ ଯୁବକ ଫାଙ୍କା ଗୁଳିଚାଳନା କରି ଗାଁ ଲୋକଙ୍କୁ ଭୟଭୀତ କରିଥିଲେ । ଗାଁଲୋକ ନ ଡରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ମାରପିଟ୍ କରି ପୋଲିସ ଜିମା ଦେଇଥିଲେ। ସଂପୃକ୍ତ ଯୁବକଙ୍କର ନାଁ ବିକାଶ ବେହେରା(୪୦)। ଘର ମଧଖଣ୍ଡ ଗାଁରେ । ତାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଛି । ଦଶପଲ୍ଲା ଅଞ୍ଚଳର ଜଣେ ଗ୍ରାମସେବକଙ୍କୁ ଗୁଳି କରାଯାଇଥିବା ଅଭିଯୋଗ ରହିଛି । ସେହିପରି ବିକାଶ ଫୁଲବାଣୀର ଜଣେ ଡାକ୍ତରଙ୍କୁ ଅପହରଣ କରି ଗୁଳି କରିଥିବା ଅନୁରୂପ ଅଭିଯୋଗ ରହିଛି । ପୋଲିସ ବିକାଶଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି ।




ସମୂହ ସାଦଖିଆ ଉତ୍ସବରେ ଯୋଗଦେଇଥିବା ମହିଳାମାନେ।

## ସମୂହ ସାଦଖିଆ ଉତ୍ସବ ପାଳିତ

ନୟାଗଡ଼ ଅଫିସ,୨୭।୧୦

ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତ ମୁଲ୍ଲାପୁର ଗାଁରେ ଗର୍ଭବତୀ ମହିଳାମାନଙ୍କ ନିମନ୍ତେ ସମୂହ ସାଦଖିଆ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମର ଶତାଧିକ ଗର୍ଭବତୀ ମହିଳା ଯୋଗଦେଇଥିଲେ । ସରପଞ୍ଚ ମଞ୍ଜୁଲତା ବେହେରାଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ସିଡିପିଓ ଲକ୍ଷ୍ମୀ ଦାସ ମୁଖ୍ୟଅତିଥି ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଆଞ୍ଚଳ ପାତ୍ର, ଅଙ୍ଗନୱାଡ଼ି ଓ ଆଶା କର୍ମୀ ଉପସ୍ଥିତ ଥିଲେ । ନୟାଗଡ଼ ଜିଲାରେ ଏହି ସମୂହ ସାଦଖିଆ ଉତ୍ସବ ପ୍ରଥମ ଥର ପାଳିତ ହୋଇଥିବା ସିଡିପିଓ କହିଛନ୍ତି । ଗର୍ଭବତୀ ମହିଳାଙ୍କୁ ସୁଷମ ଓ ପୁଷ୍ଟିକର ଖାଦ୍ୟ ଦେବା ସହ ଗର୍ଭସ୍ଥ ଶିଶୁକୁ କିପରି ସୁରକ୍ଷା ଦିଆଯାଇପାରିବ ସେ ବିଷୟରେ ମଧ ମହିଳାମାନଙ୍କୁ ଏହି ଅବସରରେ ସଚେତନ କରାଯାଇଛି ।

## ନାବାଳିକା ଗର୍ଭବତୀ, ଯୁବକ ଗିରଫ

ଫୁଲବାଣୀ ଅଫିସ, ୨୭।୧୦

ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଜଣେ ନାବାଳିକା(୧୨)ଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଗର୍ଭବତୀ କରବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରାମପ୍ରସାଦ କହଁର(୨୨) ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣଙ୍କ ସହ ରାମପ୍ରସାଦ ପ୍ରେମ ସମ୍ପର୍କ ରଖିଥିଲେ। କିଛିଦିନ ପରେ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । କିଛି ମାସ ପରେ ପରିବାର ଲୋକେ ସନ୍ଦେହ କରି ଝିଅକୁ ପଚାରିବାରୁ ସେ ସବୁ କଥା କହିଥିଲେ । ଏ ନେଇ ନାବାଳିକାଙ୍କ ବାପା ଗତ ୯ ତାରିଖରେ ଥାନାରେ ଏତଲା ଦେଇଥିଲେ । ସେବେଠୁ ରାମପ୍ରସାଦ ଫେରାର ହୋଇଯାଇଥିଲେ । ବୁଧବାର ସେ ଫୁଲବାଣୀ ସହରରେ ବୁଲୁଥିବା ଖବର ମିଳିବା ପରେ ଗୋଚ୍ଛପଡା ପୋଲିସ ତାଙ୍କୁ କାବୁ କରିଥିଲା । ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ବାଳାଶ୍ରମରେ ରଖାଯାଇଛି । ନଂ.୮୮/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

## ବନ୍ଦ ରହିଲା ଜଳ ଯୋଗାଣ

**୩୩ ଦିନରେ ପହଞ୍ଚିଲା କର୍ମଚାରୀଙ୍କ ଆନ୍ଦୋଳନ**

ନୂଆଗାଁ ୨୭।୧୦ (ଡି.ଏନ.ଏ)

ବିଭିନ୍ନ ଦାବି ନେଇ ଏସ୍ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ଆନ୍ଦୋଳନ ଚଳାଇଥିବା ବେଳେ ତାହା ବୁଧବାର ୩୩ ଦିନରେ ପହଞ୍ଚିଛି । ଆନ୍ଦୋଳନକୁ ତୀବ୍ର କରିବାକୁ ଯାଇ କର୍ମଚାରୀମାନେ ବୁଧବାରଠାରୁ ଅନେକ ସ୍ଥାନରେ ଜଳ ଯୋଗାଣ ବନ୍ଦ କରିଛନ୍ତି। ଫଳରେ ପାଣି ପାଇଁ ଜନସାଧାରଣ ହନ୍ତସନ୍ତ ହୋଇଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ଓଡିଶା ଏସ୍ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ୭ ଦଫା ନେଇ ସଚିବାଳୟ ଆଗରେ ଧାରଣା ଦେବା ସହ ପ୍ରତି ବ୍ଲକର ବିଡ଼ିଓମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଆନ୍ଦୋଳନକୁ ୩୩ ଦିନ ପୁରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନକୁ ତୀବ୍ର କରିବାକୁ ଜଳ ଯୋଗାଣ ବନ୍ଦ କରିବା ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ଯାଏ ଜଳ ଯୋଗାଣ ବନ୍ଦ ରହିବ ବୋଲି ନୂଆଗାଁ ବ୍ଲକ ସଂଘ ସଭାପତି ଅଖିଳ କୁମାର ବରାଡ ସୂଚନା ଦେଇଛନ୍ତି।



ପାଣି ପାଇଁ ଲୋକମାନେ ଅପେକ୍ଷା କରିଛନ୍ତି ।

### ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ

ଛତ୍ରପୁର,୨୭।୧୦(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତସ୍ତରୀୟ ବୈଠକ ଗୋଲାପଲ୍ଲୀ ଗ୍ରାମ ମା’ ଭଗବତୀ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏହି ପ୍ରାଥମିକ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ସରପଞ୍ଚ ଧବଳେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ । ଏଥିରେ ନିର୍ବାଚନ ପରିଚାଳନା କମିଟି ଗଠନ କରାଯିବା ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା । ପଞ୍ଚାୟତ ସାଂଗଠନିକ ସଭାପତି କେ ଜଗନ୍ନାଥ ପାତ୍ର, ପଞ୍ଚାୟତ ବିଜେଡି ସଭାପତି ବୁଲୁ ସୁବୁଦ୍ଧି, ଯୁବନେତା ବି.ଲିଙ୍ଗରାଜ ପାତ୍ରଙ୍କ ସମେତ ୱାର୍ଡମେମ୍ବର ଏବଂ ନେତାମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ସମିତି ସଭ୍ୟ ଭାଗିରଥି ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ଶ୍ରୀଚୈତନ୍ୟଙ୍କ ମନ୍ଦିର ପ୍ରତିଷ୍ଠା

ଆସିକା,୨୭।୧୦ (ଡି.ଏନ୍.ଏ.)

ଆସିକା ଏନଏସି ରଥଦାଣ୍ଡ ସାହିସ୍ଥିତ ବାଲାଜୀ ମନ୍ଦିର ବେଢାରେ ବୁଧବାର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଓ ଠାକୁରଙ୍କ ସିଂହାସନ ଆରୋହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଷ୍ଣବୀୟ ଶାସ୍ତ୍ର ଅନୁସାରେ ମନ୍ଦିର ପ୍ରତିଷ୍ଠା ପୂଜା ନୀତି ସମ୍ପନ୍ନ ହୋଇଥିଲା । ସୁରେନ୍ଦ୍ର ନାଥ ସାହୁ କର୍ତ୍ତା ଭାବେ ରହିଥିଲା ବେଳେ ବିଶିଷ୍ଟ କର୍ମକାଣ୍ଡ ବିଶାରଦ ରାମଚନ୍ଦ୍ର ଶତପଥୀ ପୂଜାନିତୀ ସମ୍ପନ୍ନ କରିଥିଲେ । ଲାଲାଗୋର୍ଜିସ୍ଥିତ ନାମ ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଦେବରାଜ ପାତ୍ର, ଉପେନ୍ଦ୍ର ମହାନ୍ତି, ସୀମାଞ୍ଚଳ ସାହୁ, ମୁନା ବିଷୋୟୀ, ବାବୁ ଆଚାରୀ, ଗୋପାଳ କୃଷ୍ଣ ପଣ୍ଡା, ପ୍ରଦୀପ କୁମାର ପାତ୍ର ପରିଚାଳନା କରିଥିଲେ ।

### ଭାଜପାରେ ମିଶିଲେ ଶତାଧିକ କର୍ମୀ

କାଶୀନଗର,୨୭।୧୦ (ଡି.ଏନ.ଏ.)

କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତ ଉପାଗୁଡ଼ାର ୨୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ ଉକ୍ତ ଗ୍ରାମବାସୀ ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ତିରୁପତି ପାଣିଗ୍ରାହୀଙ୍କ ସମର୍ଥକ ଥିଲେ। ମିଶ୍ରଣ ପର୍ବରେ ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀ ଓ ସମିତିସଭ୍ୟ ଡି.ରାଜେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




ବୈଠକରେ ଚାଇଲଡ ଲାଇନ ଟିମ୍

**ଚାଇଲଡ୍ ଲାଇନ ଓ ଗଣମାଧ୍ୟମ ସମନ୍ୱୟ ବୈଠକ**

ନୂଆଗାଁ,୨୭।୧୦ (ଡି.ଏନ.ଏ.)

ନୟାଗଡ଼ ଜିଲା ଚାଇଲଡ୍ ଲାଇନ ପକ୍ଷରୁ ବୁଧବାର ନୂଆଗାଁ ଡାକ ବଙ୍ଗଳାଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି। ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ସଫଳତା ଆଣିବାକୁ ସରକାର ଚେଷ୍ଟା କରିଛନ୍ତି। ଫଳରେ ପୂର୍ବାପେକ୍ଷା ବାଲ୍ୟ ବିବାହ ହ୍ରାସ ପାଇଛି । ତଥାପି ଅନେକ ସ୍ଥାନରେ ବାଲ୍ୟ ବିବାହ ହେଉଥିବା ନଜରକୁ ଆସୁଥିଲେ ମଧ୍ୟ ତାହାକୁ ରୋକିବାରେ ନିଜକୁ ଅସହାୟ ମଣୁଥିବା କହିଛନ୍ତି ଚାଇଲଡ ଲାଇନର କର୍ମକର୍ତ୍ତା ଚନ୍ଦ୍ର ଶେଖର ବେହେରା । ତେଣୁ ଜନ ସଚେତନତା ସୃଷ୍ଟି କରିବା, ଶିଶୁ ସୁରକ୍ଷା ଆଇନକୁ ସଫଳ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ସହ ଚାଇଲଡ୍ ଲାଇନର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ସଂଯୋଜିକା ରାଜସ୍ମିତା କର କହିଛନ୍ତି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଅଳକା ପାହାଡ ସିଂ , ଟିମ ମେମ୍ବର ସଞ୍ଜୟ କୁମାର ସାହୁଙ୍କ ସମେତ ଗଣ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# କୁନି ବୟସରେ ପରିବାର ଚିନ୍ତା

- ମୁରୁଜ ବିକି ଘର ଚଳାଉଛନ୍ତି ୨ ଭାଇ
- ନିଜସ୍ୱ ଜମି ନାହିଁ, ମା’ବାପା ଅସୁସ୍ଥ
- ପାଠ ପଢ଼ା ଖର୍ଚ୍ଚ ଉଠାଇବାକୁ ଜୀବନ ସଂଗ୍ରାମ

ଖଣ୍ଡପଡ଼ା,୨୭।୧୦ (ସ୍ୱ.ପ୍ର.)

ଧର୍ମର ମାସ କାର୍ତ୍ତିକ । ଘରର ମହିଳାମାନେ ଭୋରରୁ କାର୍ତ୍ତିକ ସ୍ନାନ ସାରି ତୁଳସୀ ଚଉରା ମୂଳେ ରଙ୍ଗବେରଙ୍ଗର ମୁରୁଜ ପକାଇଥାନ୍ତି । ଆଉ କିଏ ଝୋଟି ପକାଇବାକୁ ଭୁଲି ନ ଥାନ୍ତି । ସକାଳୁ ଚାଲେ ରାଇ ଦାମୋଦର ପୂଜା । କାର୍ତ୍ତିକ ମାହାତ୍ମ୍ୟ ପାଠ ବି ହୁଏ । ଏହାକୁ ଦୃଷ୍ଟିର ରଖି କଟକ ଜିଲା ନରସିଂହପୁର ବ୍ଲକ ଗଣଗଣା ପଞ୍ଚାୟତ ଅଧୀନ ବାରବାଟୀ ଗ୍ରାମର ୭ମ ଓ ୮ମ ଶ୍ରେଣୀରେ ପାଠ ପଢୁଥିବା ୨ଭାଇ ସୁଶୀଲ ମଲ୍ଲିକ(୧୪) ଓ ରାହୁଲ ମଲ୍ଲିକ(୧୨) ୨ଟି ସାଇକେଲରେ ୧୮ରୁ ୨୦ କିଲୋମିଟର ଅତିକ୍ରମ କରି କଣ୍ଟିଲୋର ବିଭିନ୍ନ ସାହିରେ ମୁରୁଜ ବିକ୍ରି କରୁଛନ୍ତି । ସେମାନଙ୍କ ସାଇକେଲ କ୍ୟାରିୟରରେ ବନ୍ଧା ହୋଇଛି ଛୋଟ କାଠପେଟି । ସେଥିରେ ରହିଛି ପ୍ୟାକେଟ ହୋଇଥିବା ବିଭିନ୍ନ ରଙ୍ଗର ମୁରୁଜ । ‘ପଞ୍ଚ ମୁରୁଜ ନିଅ’ ବୋଲି ଡାକି ଡାକି ସେମାନେ ରଙ୍ଗ କରାଯାଇଥିବା ପଥରଗୁଣ୍ଡ ବିକ୍ରି କରୁଛନ୍ତି । ମହିଳାମାନେ ବି ଖୁବ୍ ଆଦରରେ ପିଲାଦ୍ୱୟଙ୍କଠାରୁ ମୁରୁଜ କିଣୁଛନ୍ତି । ଅଧିକାଂଶ ମହିଳା ଘରେ ମୁରୁଜ ରଖିଥିଲେ ବି ଏହି ଦୁଇଭାଇଙ୍କଠାରୁ ମୁରୁଜ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି।

ତୁମେମାନେ କେଉଁଠୁ ଆସିଛ ? ଏଇ ଛୋଟ ବୟସରେ ପାଠ ନ ପଢି ଏପରି ବେପାର କାହିଁକି କରୁଛ ବୋଲି ସେମାନଙ୍କୁ ପ୍ରଶ୍ନ କରିବାରୁ ସୁଶୀଲ ଓ ରାହୁଲ କୁହନ୍ତି, ଆମ ମା’ବାପା ଅସୁସ୍ଥ। ତଥାପି ସେମାନେ ଅନ୍ୟ ଘରେ ବହୁ କଷ୍ଟରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ହେଲେ ସେଥିରେ ଆମର ପାଠପଢ଼ା ଖର୍ଚ୍ଚ ତୁଲାଇବା ଅସମ୍ଭବ ହୋଇପଡିଛି। ଆମେ ୨ ଭାଇ ୭ମ ଓ ୮ମ ଶ୍ରେଣୀରେ ପଢୁଛୁ । କୋଭିଡ୍ ଯୋଗୁ ସ୍କୁଲ ବନ୍ଦ ରହିଥିଲା । ସୋମବାରଠାରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି । ସେଥିପାଇଁ ସକାଳୁ ଆମେ ମୁରୁଜ ବିକ୍ରି କରିବାକୁ ଚାଲି ଆସୁଛୁ । ମୁଁ ଆଉ ୨ ଘଣ୍ଟା ମୁରୁଜ ବିକି ଘରକୁ ଫେରି ସ୍କୁଲକୁ ଯିବି । ପରେ ସାନଭାଇ ରାହୁଲ ମୁରୁଜ ବିକି ଘରକୁ ଫେରିବ ବୋଲି ସୁଶୀଲ କହିଥିଲେ। ଆମର କୌଣସି ଜମିବାଡ଼ି ନାହିଁ । ସରକାରୀ ସହାୟତା ଆମ ପାଇଁ ସ୍ୱପ୍ନ । କେବଳ ରାଶନ କାର୍ଡ ବ୍ୟତୀତ ଆବାସ ଯୋଜନାରେ ଘର ଖଣ୍ଡେ ମଧ ମିଳି ପାରିଲା ନାହିଁ । ଭାତ ପାଇଁ ସିନା ଚାଉଳ ମିଳି ଯାଉଛି, ହେଲେ ପନିପରିବା ସହ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ଘରେ ଟଙ୍କା ନାହିଁ। ଏପରି କି ଆମ ପାଠପଢ଼ା ଖର୍ଚ୍ଚ ପାଇଁ ଆମେ ୨ ଭାଇ ଏପରି ମୁରୁଜ ବିକ୍ରି କରୁଛୁ ବୋଲି ସୁଶୀଲ କହିଛନ୍ତି । କାର୍ତ୍ତିକ ମାସରେ ମୁରୁଜ ବିକିଲେ ଦିନକୁ ଶହେ ଦୁଇ ଶହ ଟଙ୍କା ଲାଭ ମିଳୁଛି । ଅଧିକାଂଶ ଗାଁରେ ମା’ମାନେ ଆମକୁ ଖାଇବାକୁ ଦେଉଛନ୍ତି ବୋଲି ରାହୁଲ କହିଛନ୍ତି। ପରିବାର ପ୍ରତିପୋଷଣ ସହିତ ପାଠ ପଢ଼ା ପାଇଁ ଏହି ଦୁଇ ଭାଇଙ୍କ ଜୀବନ ସଂଗ୍ରାମ ଦେଖି ବହୁ ଲୋକ ସେମାନଙ୍କୁ ପ୍ରଶଂସା କରିଛନ୍ତି ।



ମୁରୁଜ ବିକ୍ରି କରୁଥିବା ରାହୁଲ ।